# ଧରିତ୍ରୀ DHARITRI

ରାୟଗଡ଼ା, ବୁଧବାର, ଜାନୁୟାରୀ ୯ /୨୦୧୯ (୧୬ ପୃଷ୍ଠା+ ସାହିତ୍ୟାୟନ) Rayagada, Wednesday, January 9 / 2019 ★

୮ମ ଭାଗ ୩୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-





## ଆଲର୍ଜି (Allergy) ନିରୂପଣ ପରୀକ୍ଷା କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ପଟିଆ, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ଖଣ୍ଡଗିରି, ଭୁବନେଶ୍ୱର, ନବରଙ୍ଗପୁର, କୋରାପୁଟ, ନୟାଗଡ଼, ଗଜପତି, ରାୟଗଡ଼ା, ଭବାନୀପାଟଣାଠାରେ 11 ଓ 12 ଜାନୁୟାରୀ ଦିନ ଅଧାରୁ ବି କମ୍ ଦରରେ କରାନ୍ତୁ

NABL ACCREDITED

MC-2666
Jerath Path Labs & Allergy Testing Centre, Jalandhar

## ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ | ଶୀଘ୍ର ଚିହ୍ନଟ ଦ୍ୱାରା ଚିକିତ୍ସା ସମ୍ଭବ

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂ ସେଣ୍ଟରର କଲେକ୍ସନ୍ ସେଣ୍ଟର କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ପଟିଆ, ଗଜପତି, ଖଣ୍ଡଗିରି, ଭୁବନେଶ୍ୱର, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଭବାନୀପାଟଣାରେ 11 ଓ 12 ଜାନୁୟାରୀ ଦିନ ସକାଳ ୨ରୁ ଅପରାହ୍ନ 5 ଘଟିକା ପର୍ଯ୍ୟନ୍ତ (complete Allergy Test - Food, Skin, Inhalant) ଆଲର୍ଜି ପରୀକ୍ଷା ଅଧାରୁ କମ୍ ରେଟ୍‌ରେ କରାଯିବ। ଆଲର୍ଜି ଏକ ଏପରି ରୋଗ, ଯାହାକୁ ଶୀଘ୍ର ଚିହ୍ନଟ କରାଗଲେ ତାହାର ଚିକିତ୍ସା ସମ୍ଭବ ହୋଇଥାଏ।

ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି, କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି । ସେ ସୂଚନା ଦେଇଛନ୍ତି ଯେ ଏହି ଟେଷ୍ଟ୍ ଏକ ବିଶେଷ ଧରଣର ମେଶିନ୍ ଦ୍ୱାରା ହୋଇଥାଏ, ଯାହାକି ତାଙ୍କ ଲ୍ୟାବ୍‌ରେ ସ୍ଥାପିତ ଅଟେ ।


ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି ।

**ଡା.ହରପ୍ରୀତ ଥିଣ୍ଡ (ଏମ୍.ଡି.)** – ଆଲର୍ଜି ରୋଗ ହିଁ ଏମିତି, ଯାହା ରୋଗ ଭଳି ଲାଗେନାହିଁ, କିନ୍ତୁ ଥରେ ଲାଗିଗଲେ ହଇରାଣ କରିଦେଇଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରର ନିଜସ୍ୱ କ୍ଷମତା ରହିଥାଏ ଏବଂ ସେହି ଅନୁଯାୟୀ ସେ ବାହ୍ୟ ବସ୍ତୁଗୁଡ଼ିକ ପ୍ରତି ତାଳମେଳ ରକ୍ଷା କରିପାରିଥାଏ, କିନ୍ତୁ ଏପରି କେତେକ ତତ୍ତ୍ୱ ଅଛି ଯାହା ସହିତ ଶରୀର ତାଳମେଳ ରକ୍ଷା କରିପାରି ନ ଥାଏ । ଏପରି ତତ୍ତ୍ୱଗୁଡ଼ିକୁ ଆଲର୍ଜେଟ୍ କୁହନ୍ତି, ଯାହା ଆଲର୍ଜିର କାରଣରେ ପରିଣତ ହୋଇଥାଏ । ଯଦି ଆପଣଙ୍କୁ ସୁଗନ୍ଧ ପସନ୍ଦ ନୁହେଁ ତେବେ ଆପଣଙ୍କୁ ଫୁଲରୁ ମଧ୍ୟ ଆଲର୍ଜି ହୋଇପାରେ । ଧୂଳିମାଟି ପସନ୍ଦ ନାହିଁ ତ ଧୂଳିମାଟି ବି ଆପଣଙ୍କ ଆଲର୍ଜିର କାରଣ ହୋଇଯାଇପାରେ। ଏପରିକି ଆପଣଙ୍କ ପୋଷାଜନ୍ତୁ ମଧ୍ୟ ଆପଣଙ୍କୁ ଆଲର୍ଜିର କଷ୍ଟ ଦେଇପାରେ । କିନ୍ତୁ ଠିକ୍ ସମୟରେ ଏହା ଚିହ୍ନଟ ହୋଇଗଲେ ଆପଣ ଏଥିରୁ ଉପଶମ ପାଇପାରିବେ।

**ଡା.ଅନୁପ କୁମାର ମହାଲିକ (ଏମ୍.ଡି.)** – ଆଲର୍ଜି ଚିହ୍ନଟ ଠିକ୍ ସମୟରେ ହୋଇଗଲେ ଏହାର ଚିକିତ୍ସା ସମ୍ଭବ। ସେ କୁହନ୍ତି ଯେ ଏବେ ତ ଏହାକୁ ଚିହ୍ନଟ କରିବା ବହୁତ ସରଳ ହୋଇଯାଇଛି । କେବଳ ଏକ ବ୍ଲଡ୍ ଟେଷ୍ଟରୁ ଜଣାପଡ଼ିଯାଏ ଯେ ଆଲର୍ଜିରେ ପୀଡ଼ିତ ବ୍ୟକ୍ତିଙ୍କୁ କେଉଁ କାରଣରୁ ଆଲର୍ଜି ରହିଛି । ଏହା ଜଣାପଡ଼ିବା ପରେ ଚିକିତ୍ସା ବହୁତ ସହଜ ହୋଇଯାଇଥାଏ । ଏହି ଚିକିତ୍ସା ଅଧୀନରେ ପୀଡ଼ିତ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଔଷଧ ଖାଇବାକୁ ପଡ଼ିଥାଏ, ଯାହାଦ୍ୱାରା ତାଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ ହୁଏ ଏବଂ ରୋଗୀଙ୍କ ଆଲର୍ଜି ସମସ୍ୟା ମଧ୍ୟ ଠିକ୍ ହୋଇଯାଏ ।

**ଡା.ରାମଚନ୍ଦ୍ର ଅଗ୍ରୱାଲ (ଏମ୍.ଡି.)** – ଆଲର୍ଜି ରୋଗୀ ଆଦୌ ଖାମଖିଆଲ ମନୋଭାବ ପ୍ରଦର୍ଶନ କରିବା ଉଚିତ ନୁହେଁ । ଏହା ଅତିରିକ୍ତ ହେୟାର୍ ଡାଏରୁ ମଧ୍ୟ ଆଲର୍ଜି ହୋଇଥାଏ । ଋତୁକାଳୀନ ଆଲର୍ଜି ମଧ୍ୟ ଅନେକ ବ୍ୟକ୍ତିଙ୍କୁ କୌଣସି ନିର୍ଦ୍ଦିଷ୍ଟ ଋତୁରେ ହଇରାଣ କରିପାରେ । ସେ କହିଛନ୍ତି କି ଯଦି ଆପଣଙ୍କୁ କୌଣସି ଆଲର୍ଜି ରହିଛି ତେବେ ତାହାର କାରଣ ଜାଣିବାର ଚେଷ୍ଟା ନିଶ୍ଚୟ କରନ୍ତୁ ତଥା ଯଥାଶୀଘ୍ର ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ ଯାହାଦ୍ୱାରା ଚିକିତ୍ସା କରାଯାଇ ଏଥିରୁ ମୁକ୍ତିଲାଭ କରାଯାଇପାରିବ।

### ଆଲର୍ଜି କ'ଣ ଆସନ୍ତୁ ଜାଣିବା

ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ ସେ ମହିଳା ହୁଅନ୍ତୁ କି ପୁରୁଷ, ପ୍ରକୃତିର ବାହ୍ୟ ତତ୍ତ୍ୱଗୁଡ଼ିକୁ ସହନ କରିବାର ବିଶେଷ କ୍ଷମତା ରହିଥାଏ । ତଥାପି ଅନେକ ଥର ଯେବେ ମନୁଷ୍ୟ ଶରୀର ଉପରେ ଦୁଷ୍ପ୍ରଭାବ ପକାଉଥିବା ଏପରି ତତ୍ତ୍ୱଗୁଡ଼ିକ ଶରୀର ମଧ୍ୟକୁ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି, ସେତେବେଳେ ଶରୀରର ଆଭ୍ୟନ୍ତରୀଣ ତତ୍ତ୍ୱ ଚଳଚଞ୍ଚଳ ହୋଇ ସେହି ପ୍ରତିକୂଳ ତତ୍ତ୍ୱଗୁଡ଼ିକର ଶରୀର ଉପରେ ପ୍ରଭାବ ପକାଇବାର ଚେଷ୍ଟାକୁ ପ୍ରତିରୋଧ କରିଥାନ୍ତି । ଏହି ପ୍ରକ୍ରିୟା ଆଲର୍ଜି ଉତ୍ପତ୍ତିର କାରଣ ହୋଇଥାଏ।

### ଆଲର୍ଜିର ଲକ୍ଷଣ

*ଶରୀରରେ କୁଣ୍ଡିଆ *ଚର୍ମ ନାଲି ପଡ଼ିବା *ନାଲି ଦାନା ଦେଖାଦେବା
*ଶରୀରର ଦାନା ଥିବା ଜାଗା ଫୁଲିଯିବା।
*ଆଲର୍ଜି ହେବା କାରଣରୁ 'ଏକ୍‌ଜିମା' ନାମକ ରୋଗ ମଧ୍ୟ ହୋଇଯାଇଥାଏ, ଯାହା କାରଣରୁ ଜୋର୍‌ରେ କୁଣ୍ଡେଇ ହେବା ତଥା ସେହି ଜାଗାରୁ ପାଣି ବାହାରିବା ସମସ୍ୟା ଦେଖାଦେଇଥାଏ।
*ଆଲର୍ଜି କାରଣରୁ କେତେକ ବ୍ୟକ୍ତିଙ୍କୁ ଆଜ୍‌ମା ନାମକ ରୋଗ ହୋଇଯାଏ । ଏହି ସ୍ଥିତିରେ ରୋଗୀଙ୍କୁ ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ, ଫୁସ୍‌ଫୁସ୍ ଫୁଲିଯାଏ ଓ ଜ୍ୱଳନ ହୋଇଥାଏ । *ଛିଙ୍କ ଆସିବା, ନାକ ବନ୍ଦ ହେବା, ଥଣ୍ଡା ଲାଗି ରହିବା ।
*ଗଳାରେ ପ୍ରବଳ ଜ୍ୱଳନ ଏବଂ ପୀଡ଼ା ହେବା *ପେଟ ଯନ୍ତ୍ରଣା ହେବା
*ଚେହେରା, ଓଠ ଓ ଆଖି ଫୁଲିବା। *ବାନ୍ତି ଲାଗିବା ଏବଂ ଡାଇରିଆ
*ଖାଇବା ସମୟରେ କଷ୍ଟ ହେବା





## ଏକ୍ସଟ୍ରା Discount ECHS/ ESI/ CGHS କାର୍ଡଧାରକ ଏବଂ ଓଡ଼ିଶା ସରକାରଙ୍କ କର୍ମଚାରୀଙ୍କ ପାଇଁ

### ଆଲର୍ଜି ହେବାର କାରଣଗୁଡ଼ିକ କ'ଣ

ଆଲର୍ଜି ଆମର ଦୈନିକ ଜୀବନରେ ଭ୍ରମଣ କରିବା ସମୟରେ ଆମର ପାରିପାର୍ଶ୍ୱିକ ପରିବେଶ/ପର୍ଯ୍ୟାବରଣର ଅନେକ କାରଣରୁ ହୋଇପାରେ ଯେପରିକି ଉଦ୍ଭିଦ, ବୃକ୍ଷ, ଧୂଳି, ମାଟି, ପୋଷାଜନ୍ତୁ, ଔଷଧ ଏବଂ ଖାଇବା ପିଇବା ସାମଗ୍ରୀ ଇତ୍ୟାଦି।

1. ଗୋଟିଏ ପରିବାରର ବିଭିନ୍ନ ସଦସ୍ୟ, ମହିଳା, ପୁରୁଷ, ଶିଶୁ କିମ୍ବା ବୃଦ୍ଧଙ୍କୁ ବିଭିନ୍ନ ବସ୍ତୁ କାରଣରୁ ଆଲର୍ଜି ହୋଇପାରେ ।
2. କେତେକ ବ୍ୟକ୍ତି ଫୁଲ ସଂସ୍ପର୍ଶରେ ଆସିଲେ ଆଲର୍ଜିରେ ପୀଡ଼ିତ ହୋଇପାରନ୍ତି।
3. କ୍ଷୀର, ଦହି, ମାଂସ, ମାଛ ସେବନ କଲେ ମଧ୍ୟ ଆଲର୍ଜି ହୋଇପାରେ।
4. ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରୟୋଗ ଦ୍ୱାରା ମଧ୍ୟ ଆଲର୍ଜି ହୋଇପାରେ।

ଅନେକ ପ୍ରକାରର ଆଲର୍ଜିର ଚିକିତ୍ସା ଔଷଧରୁ ହୋଇପାରେ । ରକ୍ତ ପରୀକ୍ଷା କରିବା ଦ୍ୱାରା ଆଲର୍ଜି କେଉଁ ଧରଣର ଅଟେ, ଏହା ଜଣାପଡ଼ିଯାଏ ଏବଂ ସେହି ଅନୁରୂପ ଔଷଧ ଦିଆଯାଇ ଆଲର୍ଜିର ଚିକିତ୍ସା ସମ୍ଭବ ହୁଏ।

### ରକ୍ତ ପରୀକ୍ଷାରୁ ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

ଆଲର୍ଜି ଏପରି ଏକ ରୋଗ ଯାହାର କାରଣ ସାଧାରଣତଃ ବୁଝାପଡ଼େ ନାହିଁ କିନ୍ତୁ ଏପରି କେତେକ ଲକ୍ଷଣ ରହିଥାଏ ଯାହା ଏହା ସୂଚାଇଦିଏ କି ଆପଣ ଆଲର୍ଜିଗ୍ରସ୍ତ ଅଟନ୍ତି। କେବଳ ଗୋଟିଏ ରକ୍ତପରୀକ୍ଷା ଆପଣଙ୍କ ସମସ୍ୟାର ସମାଧାନ କରିପାରିବ।

### ଆସନ୍ତୁ ଜାଣିବା କିପରି ପାଇବେ ଆଲର୍ଜିରୁ ଉପଶମ

ଉଦାହରଣସ୍ୱରୂପ, କୌଣସି କର୍ମଜୀବୀ ବ୍ୟକ୍ତି ନିଜ ଘରେ ସମ୍ପୂର୍ଣ୍ଣ ଠିକ୍ ରହିଥାନ୍ତି କିନ୍ତୁ ପ୍ରତିଦିନ ସେ ଯେବେ ନିଜ କାର୍ଯ୍ୟାଳୟରେ ପହଞ୍ଚନ୍ତି ତା'ପରେ ହଠାତ୍ ତାଙ୍କୁ ଛିଙ୍କ ଆରମ୍ଭ ହୋଇଯାଇଥାଏ, ଏପରି ସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ତ ହଇରାଣ ହୁଅନ୍ତି ହିଁ, କିନ୍ତୁ ଏହି କାରଣରୁ ତାଙ୍କ ସହକର୍ମୀମାନେ ପ୍ରଭାବିତ ହୋଇଥାନ୍ତି । ଏପରି ସ୍ଥିତି ସେହି ବ୍ୟକ୍ତିଙ୍କଠାରେ ହୀନମନ୍ୟତା ସୃଷ୍ଟି କରିଥାଏ । ନିଜର ଏହି ରୋଗକୁ ନେଇ ସେ ଅସହାୟ ଅନୁଭବ କରନ୍ତି, ତା' ସହିତ ସହକର୍ମୀମାନଙ୍କୁ ତାଙ୍କୁ ତାଚ୍ଛଲ୍ୟ କରିବାର ବାହାନା ମଧ୍ୟ ମିଳିଯାଇଥାଏ । ଏପରି ବ୍ୟକ୍ତିଙ୍କୁ ଉକ୍ତ ସ୍ଥିତିରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ନିଜର ରକ୍ତ ଯାଞ୍ଚ କରାଇନେବା ଉଚିତ ଯାହାଦ୍ୱାରା ତାଙ୍କ ଆଲର୍ଜିର କାରଣ ଜଣାପଡ଼ିଯିବ ଏବଂ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରିବ।

ସେହିଭଳି ଏପରି କୌଣସି ବ୍ୟକ୍ତି ଯିଏ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ଏବଂ ଅଳ୍ପଟିକେ ଚଲାବୁଲା କଲେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି ତେବେ ତାଙ୍କୁ ଅନ୍ୟାନ୍ୟ ପରୀକ୍ଷା ସହିତ ନିଜର ଆଲର୍ଜି ମଧ୍ୟ ଟେଷ୍ଟ କରାଇନେବା ଆବଶ୍ୟକ, ଯାହାକି ନିପୁଣ ଡାକ୍ତରଙ୍କ ଦ୍ୱାରା କେବଳ ଗୋଟିଏ ରକ୍ତପରୀକ୍ଷା ପରେ ହିଁ ସହଜରେ ଜଣାପଡ଼ିଯାଇଥାଏ । କାରଣ ଜଣାପଡ଼ିଗଲେ କେତେକ ଔଷଧ ସହାୟତାରେ ସ୍ୱାସ୍ଥ୍ୟରେ ସୁଧାର ଅଣାଯାଇପାରିବ।



ସ୍ୱାସ୍ଥ୍ୟ ଯତ୍ନରେ ଅଗ୍ରଣୀ ପୁରସ୍କାର ଦ୍ୱାରା
ଡା. ପ୍ରଶାନ୍ତ ଜେରଥଙ୍କୁ ସମ୍ମାନିତ କରିବା ଅବସରରେ
**ଶ୍ରୀ ଜେ.ପି. ନଡ୍ଡା**
(କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ)

**EUROBlotOne**



ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ୍
(EUROBlotOne) ଦ୍ୱାରା ପରୀକ୍ଷା କରାଯାଇଥାଏ

Jerath Path Labs & Allergy Testing Centre

**HEAD OFFICE : MUMBAI - Akruti Trade Center, A Wing, 5th Floor, MIDC, Andheri East.**

**CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar**

### ପରୀକ୍ଷା କରାଇବା ପାଇଁ ଯୋଗାଯୋଗ କରନ୍ତୁ

| | | |
|---|---|---|
| BHUBANESWAR | 94394-00019 | Pradhan path Lab, 351 Sahid Nagar, Opp. Indusind Bank |
| BHUBANESWAR | 9438431752, 7008831212 | Omm Diagnostic, Plot No.49 , Near South Gate Of Capital Hospital, Unit-6 |
| PATIYA | 9438355305, 9438802163 | Mamata Clinic & Lab, Patia Station Rd. Backside of HP Petrol Pump |
| CUTTACK | 99375-18098, 79786-11650 | Udaya Lab, Biju Patnayak Chowk Nursinghpur Plaza, Shop No. 16, Tulsipur |
| CUTTACK | 94372-27051, 70089-81993 | Deepak Diagnostics, Naya chowk, Madhupatna |
| CUTTACK | 98612-36899, 06712301199 | DOCTORS DIAGNOSTIC, KATHAGOLA CHHAK MANGLABAG |
| CUTTACK | 7504994225, 8270938497 | Trakendcare Lab, Kathagola, Mangalabad, Near Utkal Hospital |
| BHAWANIPATNA | 94371-88556 | Malaya Pathology, Nr. S.B.I Main Branch |
| BHAWANIPATNA | 94372-93631 | Shree Om Pathology, Old Bus stand, OSRTC Complex |
| NABRANGPUR | 94395-78237 | Jagannath Pathology, Dwarika Nagar 1st line Chamuriaguda |
| NABRANGPUR | 80935-51942 | Lions M.J.M Diagnostic, Panjia Street |
| KORAPUT | 96580-18910 | Subhashree Pathology Clinic, SLN Medical College & Hospital Road, Nr. Central School |
| RAYAGADA | 94373-38953 | Banadurga Pathology, Old Bus Stand |
| PURI | 94390-46037, 0675-2220244 | Nidan 'a' Patholab, Balagandi Square, Grand Road, Puri |
| JAGATSINGHPUR | 94396-15720, 78734-32849 | Medi Spot Lab, Nr. Ram Mandir, Medical Road |
| KEONJHAR | 94373-79591 | Srimaa Patho Clinic, Opp. Head Quarter Hospital |
| KENDRAPARA | 94374-73435, 99378-96343 | Sai Arogyam Diagnostics Centre, Medical Road |
| JAJPUR | 93384-66911, 99388-48749 | Laxmi Diagnostic Ganesh Bazar, Nr. Govt. Hoapital Jajpur Road |
| JAJPUR | 94385-10546, 78946-61952 | Om Sai Diagnostic Centre, Kanheipur (sarmistha memorial lane), Jajpur Road, |
| KHANDAGIRI | 93371-03408 | Sivananda Health Care Unit, 141 Chidananda Vihar |
| KHANDAGIRI | 98610-35754 | IPSA Clinic & Lab, Plot No. 678, Jagamara Road, |
| NAYAGARH | 94370-23208 | Sai Patholab Nayagarh, Back Side Of Police Field |
| GAJAPATI | 90405-07796, 73779-47065 | Ottet Telemedicine, DHH Paralakhemundi, Gajapati |

**HELPLINE NO. : 62831-99635, 62831-94640, 94656-08045**



ସିବିଆଇ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ସନ୍ତୁଳିତ ରାୟ କେନ୍ଦ୍ର ସରକାରଙ୍କ ପାଇଁ ଆଦୌ ଝଟକା ନୁହେଁ। ରାୟ ପଢ଼ିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ।

-ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ

## ଭାଜପା ନେତାଙ୍କୁ ଟ୍ରେନରେ ହତ୍ୟା



**ଅହମଦାବାଦ,୮।୧(ପି.ଟି.):** ଗୁଜରାଟର ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ଜୟନ୍ତୀ ଭାନୁଶାଲି ସୋମବାର ବିଳମ୍ବିତ ରାତିରେ ଟ୍ରେନରେ ଯାତ୍ରା କରୁଥିବାବେଳେ କେହି ଅଜଣା ଦୁର୍ବୃତ୍ତ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଭାନୁଶାଲି (୫୩) ଭୁଜ୍ ସହରରୁ ଭୁଜ୍-ଦାଦର ଏକ୍ସପ୍ରେସ ଟ୍ରେନ ଯୋଗେ ଅହମଦାବାଦ ଫେରୁଥିବାବେଳେ ରାତି ପାଖାପାଖି ୨ଟା ବେଳେ ଗୁଳିକାଣ୍ଡ ଘଟିଥିଲା। ତାଙ୍କ ଦେହରେ ଦୁଇଟି ଗୁଳି ବାଜିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଗୁଳିକାଣ୍ଡର କାରଣ ଜଣାପଡିନାହିଁ। ଜଣେ ମହିଳା ବଳାତ୍କାର ଅଭିଯୋଗ ଆଣିବା ପରେ ଭାନୁଶାଲି ଗତବର୍ଷ ଜୁଲାଇରେ ଗୁଜରାଟ ଭାଜପା ଉପାଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ପରେ ମହିଳା ଜଣଙ୍କ ଅଭିଯୋଗ ପ୍ରତ୍ୟାହାର କରିନେବାରୁ ଗୁଜରାଟ ହାଇକୋର୍ଟ ମାମଲାକୁ ଖାରଜ କରିଦେଇଥିଲେ। ଭାନୁଶାଲି ୨୦୦୭ରୁ ୨୦୧୨ କୁଚ୍ ଜିଲାର ଅବଦାସା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଥିଲେ।

## ଟ୍ରେନ ଦୁର୍ଘଟଣା : ୩ ମୃତ, ୩ଶହ ଆହତ

**ଜୋହାନ୍ସବର୍ଗ,୮।୧(ପି.ଟି.):** ଦକ୍ଷିଣ ଆଫ୍ରିକାର ବ୍ୟସ୍ତବହୁଳ ସହର ପ୍ରିଟୋରିଆରେ ମଙ୍ଗଳବାର ସକାଳେ ଭୟାବହ ଟ୍ରେନ ଦୁର୍ଘଟଣା ଘଟିଛି। ଦୁଇ ଯାତ୍ରୀବାହୀ ଟ୍ରେନ ଧକ୍କାରେ ୩ଶହ ଆହତ ହୋଇଛନ୍ତି। ଦୁର୍ଘଟଣାସ୍ଥଳରୁ ୩ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଆହତମାନଙ୍କ ମଧ୍ୟରେ ୮୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କାକୁ ଦୃଷ୍ଟିରେ ରଖି ଜରୁରିକାଳୀନ ସେବା ଓ ତତ୍ସନିତ ପ୍ରସ୍ତୁତି ଅଭିଯାନ ଜୋରଦାର ହୋଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରେନଦ୍ୱୟ ରେଳଧାରଣାରୁ ଲାଇନଚ୍ୟୁତ୍ ହୋଇ ଓଲଟି ପଡ଼ିଥିବାବେଳେ ଉଦ୍ଧାର କାର୍ଯ୍ୟକୁ ବଳବତ୍ତର ରଖାଯାଇଛି। ଦକ୍ଷିଣ ଆଫ୍ରିକାରେ ପୂର୍ବରୁ ମଧ୍ୟ ଟ୍ରେନ୍ ଦୁର୍ଘଟଣା ଘଟିଛି। ବର୍ଷେ ତଳେ ଦକ୍ଷିଣାଞ୍ଚଳ ସହର ପୋର୍ଟ ଏଲିଜାବେଥ୍‌ଠାରେ ୧୯ ମୃତ ଓ ୨୫୪ ଆହତ ହୋଇଥିଲାବେଳେ ୨୦୧୬-୧୭ରେ ୪୯୫ ଯାତ୍ରୀ ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

## ଭାରତ ସୀମାରେ ଚାଇନା ସୈନ୍ୟଙ୍କୁ ହାଓ୍ୱିଜର କମାଣ

**ବେଜିଂ,୮।୧(ପି.ଟି.):** ଭାରତ ସୀମାବର୍ତ୍ତୀ ତିବ୍ବତରେ ମୁତୟନ ଚାଇନା ସୈନ୍ୟଙ୍କ ଆକ୍ରମଣ ସାମର୍ଥ୍ୟ ବୃଦ୍ଧି ଲାଗି ନିକଟରେ ହାଲୁକା ଯୁଦ୍ଧଟ୍ୟାଙ୍କ ଯୋଗାଇ ଦିଆଯାଇଥିବାବେଳେ ଏବେ ମୋବାଇଲ ହାଓ୍ୱିଜର କମାଣ ଯୋଗାଇ ଦିଆଯାଇଛି। ତିବ୍ବତ ସ୍ୱୟଂଶାସିତ ଅଞ୍ଚଳରେ ଅବସ୍ଥାପିତ ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ)ର ଉଚ୍ଚ ପାର୍ବତ୍ୟାଞ୍ଚଳରେ ସୀମା ସୁରକ୍ଷାରେ ଉନ୍ନତି ଲାଗି ଆକ୍ରମଣ କ୍ଷମତା ବଢ଼ାଇବା ଲକ୍ଷ୍ୟରେ ହାଓ୍ୱିଜର କମାଣ ସଜ୍ଜିତ ଯାନ ଯୋଗାଇ ଦିଆଯାଇଥିବା ଗ୍ଲୋବାଲ ଟାଇମ୍ସ ରିପୋର୍ଟରେ କୁହାଯାଇଛି। ଜଣେ ସାମରିକ ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ ହାଓ୍ୱିଜରରେ ୫୨ କାଲିବର ତୋପ ରହିଛି, ଯାହାର ଶୁଟିଂ ରେଞ୍ଜ ୫୦ କିଲୋମିଟରରୁ ଅଧିକ। ଏଥିରୁ ଲେଜର ଓ ସାଟେଲାଇଟ-ଗାଇଡେଡ୍ ଗୋଳାବର୍ଷଣ କରାଯାଇଥାଏ।

ଇତିହାସର ଆଇନାରେ

## ଜାନୁୟାରୀ ୯ର ପ୍ରମୁଖ ଘଟଣା

୨୦୧୧ ଜାନୁୟାରୀ ୯ରେ ଇରାନ୍‌ର ଏୟାର ଫ୍ଲାଇଟ୍-୨୭୭ ଦେଶର ଉତ୍ତରପଶ୍ଚିମ ଭାଗ ଓରୁମିୟେ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଏଥିରେ ଥିବା ୧୦୦ ଯାତ୍ରୀଙ୍କ ମଧ୍ୟରୁ ୭୭ ଲୋକଙ୍କ ମୃତ୍ୟୁ ଘଟିଥିଲା। ବୋଇଂ ୭୨୭-୨୮୬ ଏଡିଭି ନାମକ ଏହି ଯାତ୍ରିବାହୀ ବିମାନ ତେହେରାନ୍‌ସ୍ଥିତ ମେହେରାବାଦ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟରୁ ଲକ୍ଷ୍ୟସ୍ଥଳ ଉର୍ମିଆ ଅଭିମୁଖେ ଯାତ୍ରା କରୁଥିଲା। ପାଗ କୁହୁଡିଆ ଥିବାରୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଥିଲା।

୧୯୪୫ ଜାନୁୟାରୀ ୯ରେ ଷଷ୍ଠ ଆମେରିକୀୟ ସ୍ଥଳସେନା ପକ୍ଷରୁ ଲିଙ୍ଗାୟେନ୍ ଗଲ୍ଫ ଉପରେ ଆକ୍ରମଣ ହୋଇଥିଲା। ଆମେରିକାର ଷଷ୍ଠ ସ୍ଥଳସେନାର ମୁଖ୍ୟ କାର୍ଯ୍ୟାଳୟ ଫୋର୍ଟ ସାମ୍ ହ୍ୟୁଷ୍ଟନ୍‌ରେ ରହିଛି।

## ■ ବର୍ମାଙ୍କୁ ପଦ ଫେରାଇ ପକ୍ଷଚ୍ଛେଦନ

# ସ୍ୱାଧୀନ ରହୁ ସିବିଆଇ

**ନୂଆଦିଲ୍ଲୀ,୮।୧(ପି.ଟି.)**

ଦେଶର ସର୍ବାଧିକ ଭରସାଯୋଗ୍ୟ ତଦନ୍ତକାରୀ ସଂସ୍ଥା ହେଉଛି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)। ଏହାର ନିର୍ଦ୍ଦେଶକଙ୍କୁ 'ସ୍ୱାଧୀନତା ଓ ଅଖଣ୍ଡତାର ଆଦର୍ଶ' ହେବାକୁ ପଡ଼ିବ। ସିବିଆଇର ସ୍ୱାଧୀନତାକୁ ସମସ୍ତ ପ୍ରକାର ନିୟନ୍ତ୍ରଣ ଓ ହସ୍ତକ୍ଷେପରୁ ମୁକ୍ତ ହେଲେ ହିଁ ଏହା ସୁନିଶ୍ଚିତ କରାଯାଇପାରିବ। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ନିଜ ପଦରେ ପୁନଃ ଅବସ୍ଥାପିତ କରି ମଙ୍ଗଳବାର ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି ସୁପ୍ରିମକୋର୍ଟ। କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ସିବିଆଇ ନିର୍ଦ୍ଦେଶକ



ଆଲୋକ ବର୍ମାଙ୍କ ସବୁ କ୍ଷମତା ଛଡ଼ାଇନେଇ ତାଙ୍କୁ ବାଧ୍ୟତାମୂଳକ ଭାବେ ଛୁଟିରେ ପଠାଇଦେଇଥିଲେ, ଯାହାକୁ ସର୍ବୋଚ୍ଚ ଅଦାଲତ ନାପସନ୍ଦ କରିଛନ୍ତି। ସିବିଆଇ ମୁଖ୍ୟଙ୍କ କାର୍ଯ୍ୟାଳୟର ସ୍ୱାୟତ୍ତତା ବଜାୟ ରଖିବା ପାଇଁ ଏହାକୁ ବାହ୍ୟ ହସ୍ତକ୍ଷେପରୁ ମୁକ୍ତ କରିବା ଉପରେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଗୁରୁତ୍ୱ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ବିବର୍ତ୍ତନର ଦୀର୍ଘ ଇତିହାସ ସୂଚାଏ ଯେ, ତଦନ୍ତକାରୀ ସଂସ୍ଥାରେ ହସ୍ତକ୍ଷେପ ସିବିଆଇକୁ ଭୟ ଓ ଅନୁଗ୍ରହ ଆଡ଼କୁ ଟାଣିନେବାର ଆଶଙ୍କା ସୃଷ୍ଟିକରେ। ସିବିଆଇକୁ ବାହ୍ୟ ହସ୍ତକ୍ଷେପରୁ ମୁକ୍ତ ରଖାଗଲେ ଯାଇ ଏହା ପ୍ରଭାବିତ ନ ହୋଇ ସାଧାରଣ ସ୍ୱାର୍ଥ ପାଇଁ ଉଚିତ ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରିପାରିବ। ଦିଲ୍ଲୀ ସ୍ୱତନ୍ତ୍ର ପୋଲିସ ପ୍ରତିଷ୍ଠା (ଡିଏସ୍‌ପିଇ) ଆଇନର ଧାରା ୪ଖ(୨)ର ଅବତାରଣା କରି ଖଣ୍ଡପୀଠ କହିଛନ୍ତି, ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କମିଟିର ପୂର୍ବ ସହମତି ବିନା ବଦଳି କରାଯାଇ ପାରିବ ନାହିଁ ବୋଲି ଅଦାଲତ ୪୪ ପୃଷ୍ଠାର ରାୟରେ ସ୍ପଷ୍ଟ କରିଛନ୍ତି। ଏହାସହ ଗତବର୍ଷ ଅକ୍ଟୋବର ୨୩ ମଧ୍ୟରାତ୍ରିରେ ସିଭିସି ଓ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମାକୁ ଅଦାଲତ ଖାରଜ କରିଦେଇଛନ୍ତି। ହେଲେ ବର୍ମା ନିଜ କାର୍ଯ୍ୟକାଳ ମଧ୍ୟରେ କୌଣସି ବଡ଼ ଧରଣର ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ସ୍ପଷ୍ଟ କରିବା ସହ ତାଙ୍କର ପକ୍ଷଚ୍ଛେଦନ କରିଦେଇଛନ୍ତି ସୁପ୍ରିମକୋର୍ଟ। କାରଣ ଜାନୁୟାରୀ ୩୧ରେ ବର୍ମାଙ୍କ ଦୁଇବର୍ଷିଆ କାର୍ଯ୍ୟକାଳ ଶେଷ ହେବା ପରେ ସେ ଅବସର ନେବେ।

## 'ରାଫାଲ ତଦନ୍ତରୁ ବର୍ତ୍ତିପାରିବେନି ମୋଦି'

**ନୂଆଦିଲ୍ଲୀ,୮।୧(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଫାଲ ତଦନ୍ତରୁ କେହି ରକ୍ଷା କରିପାରିବେ ନାହିଁ। ମୋଦି ଜନସାଧାରଣଙ୍କ ୩୦,୦୦୦ କୋଟି ଟଙ୍କା ନେଇ ତାଙ୍କ ବନ୍ଧୁ ଅନିଲ ଅମ୍ବାନୀଙ୍କୁ ଦେଇଛନ୍ତି। ଏହି ବିଷୟ ବିନା କୌଣସି ସନ୍ଦେହର ଛାୟାରେ ସାରା ଦେଶ ଜାଣିବ। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ସୁପ୍ରିମକୋର୍ଟ ପୁନଃ



ଅବସ୍ଥାପିତ କରିବା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏଭଳି ଭାଷାରେ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ସ୍ୱାଗତ କରି ରାହୁଲ କହିଛନ୍ତି, ବର୍ମା ରାଫାଲ ଯୁଦ୍ଧବିମାନ ଚୁକ୍ତିରେ ହୋଇଥିବା ଦୁର୍ନୀତିର ତଦନ୍ତ ଆରମ୍ଭ କରିବାକୁ ଯାଉଥିବାବେଳେ କେନ୍ଦ୍ର ସରକାର ତାଙ୍କୁ ଏଥିରୁ ବିଚ୍ୟୁତ କରିଥିଲେ। ଏବେ ବର୍ମାଙ୍କୁ କିଛି ମାତ୍ରାରେ ନ୍ୟାୟ ମିଳିଛି। ମୋଦି ଉକ୍ତ ତଦନ୍ତରୁ ଆଉ ପଳାୟନ କରିପାରିବେ ନାହିଁ ବୋଲି ପାର୍ଲାମେଣ୍ଟ ବାହାରେ ରାହୁଲ କହିଛନ୍ତି।

## 'ଇସ୍ତଫା ଦିଅନ୍ତୁ ପ୍ରଧାନମନ୍ତ୍ରୀ'



ସୁପ୍ରିମକୋର୍ଟ ଆଲୋକ ବର୍ମାଙ୍କୁ ସିବିଆଇ ନିର୍ଦ୍ଦେଶକ ପଦରେ ପୁନଃ ଅବସ୍ଥାପିତ କରିଛନ୍ତି। ପ୍ରଧାନମନ୍ତ୍ରୀ ଓ ତାଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଦୋଷୀ ବୋଲି ଅଦାଲତଙ୍କ ରାୟରୁ ସ୍ପଷ୍ଟ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପାଇଁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ। ସ୍ୱାଧୀନ ଭାରତରେ କୌଣସି ସରକାର ଏଭଳି ଭାବେ ସଂସ୍ଥାଗୁଡ଼ିକୁ ହତ୍ୟା କରିବାକୁ ଉଦ୍ୟମ କରି ନ ଥିଲେ।

**-ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ**



ଶୀର୍ଷ ଅଦାଲତଙ୍କ ରାୟ ମୋଦି ସରକାର ଏବଂ କେନ୍ଦ୍ରୀୟ ଭିଜିଲାନ୍ସ କମିଶନରଙ୍କ ଗାଲରେ ଏକ ଶକ୍ତ ଚାପୁଡ଼ା। ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କୁ ବଞ୍ଚାଇବା ଲାଗି ଉଭୟେ ହସ୍ତକ୍ଷେପ କରିଥିଲେ। ଏଥିପାଇଁ ଉଭୟଙ୍କୁ ଦାୟୀ କରାଯିବା ଉଚିତ। କେନ୍ଦ୍ର ଆଲୋକ ବର୍ମାଙ୍କୁ ଯେତିକି ଦିନ ଛୁଟିରେ ପଠାଇଥିଲା, ତାଙ୍କର କାର୍ଯ୍ୟକାଳ ସେତିକି ଦିନ ବୃଦ୍ଧି କରାଯାଉ।

**-ଏସ୍. ସୁଧାକର ରେଡ୍ଡୀ, ସିପିଆଇ ସାଧାରଣ ସମ୍ପାଦକ**




କେନ୍ଦ୍ର ସରକାର ଲୋକଙ୍କ ଉପରେ ଚାପ ପକାଇବା ପାଇଁ ଏଭଳି ସଂସ୍ଥାଗୁଡ଼ିକୁ ବ୍ୟବହାର କରୁଛନ୍ତି। ଆସନ୍ତାକାଲି ଆଉ କେହି ଏପରି କଲେ ଗଣତନ୍ତ୍ରର ଅବସ୍ଥା କ'ଣ ହେବ? ସୁପ୍ରିମକୋର୍ଟଙ୍କ ରାୟ କେନ୍ଦ୍ର ପାଇଁ ଏକ ଶିକ୍ଷା।

**-ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା**



ପ୍ରଧାନମନ୍ତ୍ରୀ ଦେଶର ସଂସ୍ଥାଗୁଡ଼ିକୁ ଓ ଗଣତନ୍ତ୍ରକୁ ଧ୍ୱଂସ କରିଦେଲେଣି। ତାଙ୍କ ଆଡକୁ ପ୍ରତ୍ୟକ୍ଷ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ରାଫାଲ ଦୁର୍ନୀତିର ତଦନ୍ତକୁ ବନ୍ଦ କରିବା ଲାଗି ସିବିଆଇ ନିର୍ଦ୍ଦେଶକଙ୍କୁ ରାତିଅଧିଆ ପଦରୁ ହଟାଇ ଦିଆଯାଇ ନ ଥିଲା କି?

**-ଅରବିନ୍ଦ କେଜ୍‌ରିଓ୍ୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



ଆଲୋକ ବର୍ମାଙ୍କ ବିଜୟ ହୋଇଛି। କିନ୍ତୁ ନିଷ୍ପତ୍ତି ନେବାର କ୍ଷମତା ତାଙ୍କଠାରୁ କାଢ଼ି ନିଆଯିବା ଆଶ୍ଚର୍ଯ୍ୟଜନକ।

**-ପ୍ରଶାନ୍ତ ଭୂଷଣ, ବରିଷ୍ଠ ଆଇନଜୀବୀ**



ଅଦାଲତଙ୍କ ରାୟ ସଂସ୍ଥାଗତ ସ୍ୱାଧୀନତା ପ୍ରତି ଲୋକଙ୍କ ପୁନଃ ଆସ୍ଥା ସ୍ଥାପିତ କରିଛି। ଏହା କେନ୍ଦ୍ର ସରକାରଙ୍କ ପରାଜୟ।

**-ମେହବୁବା ମୁଫ୍‌ତି, ପିଡିପି ଅଧ୍ୟକ୍ଷା**

## ନାଗରିକତ୍ୱ ସଂଶୋଧନ ବିଲ୍‌କୁ ଲୋକ ସଭାର ମଞ୍ଜୁରୀ

**ନୂଆଦିଲ୍ଲୀ,୮।୧(ପି.ଟି.)**

ବାଂଲାଦେଶ, ପାକିସ୍ତାନ ଏବଂ ଆଫଗାନିସ୍ତାନରୁ ଆସିଥିବା ଅଣ ମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ସରକାର ଆଣିଥିବା ବିଲ୍ ମଙ୍ଗଳବାର ଲୋକ ସଭାରେ ଗୃହୀତ ହୋଇଛି। ବିଲ୍‌କୁ କଂଗ୍ରେସ, ବାମଦଳ ସମେତ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିରୋଧ କରାଯାଇଥିଲା। ଉତ୍ତରପୂର୍ବାଞ୍ଚଳର ଅଧିକାଂଶ ଦଳ ଏପରିକି ଭାଜପା ସହଯୋଗୀ ମଧ୍ୟ ନାଗରିକତ୍ୱ (ସଂଶୋଧନ) ବିଲ୍, ୨୦୧୯ ସମ୍ବିଧାନର ମୂଳ ଆଭିମୁଖ୍ୟର ପରିପନ୍ଥୀ ଦର୍ଶାଇ ଦୃଢ଼ବିରୋଧ କରିଥିଲେ। ବିଲ୍‌କୁ ପୁଣି ଥରେ ସଂସଦୀୟ କମିଟିକୁ ପଠାଇବା ପାଇଁ କଂଗ୍ରେସ ଓ ଟିଏମ୍‌ସି ପକ୍ଷରୁ ଦାବି କରାଯାଇଥିଲା। ସରକାର ସେମାନଙ୍କ ଦାବିକୁ ଅଗ୍ରାହ୍ୟ କରିଦେବା ପରେ ଉଭୟ ଦଳର ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିରୋଧ କରି ଭାଜପାର ଆଞ୍ଚଳିକ ସହଯୋଗୀ ଆସାମ ଗଣପରିଷଦ (ଏଜିପି) ସୋମବାର ସମ୍ପର୍କ ଛିନ୍ନ କରିଥିଲା।

ବିଲ୍ ଆଗତ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ କହିଥିଲେ, ଏହା ସାମ୍ବିଧାନିକ ବ୍ୟବସ୍ଥା ବିରୋଧୀ ନୁହେଁ ଏବଂ ଉପରୋକ୍ତ ତିନି ପଡୋଶୀ ଦେଶର ପ୍ରପୀଡ଼ିତ ସଂଖ୍ୟାଲଘୁଙ୍କ ଲାଗି ସହାୟକ ହେବ। ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ଯେଉଁ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନର ହିନ୍ଦୁ, ଜୈନ, ଖ୍ରୀଷ୍ଟିୟାନ, ଶିଖ୍, ବୌଦ୍ଧ ଧର୍ମାବଲମ୍ବୀ ଏବଂ ପାର୍ସୀ ଭାରତରେ ୧୨ ବର୍ଷ ପରିବର୍ତ୍ତେ ଅନ୍ୟୁନ ୬ ବର୍ଷ ରହିଥିବେ, ସେମାନଙ୍କ ପାଖରେ ଆବଶ୍ୟକ କାଗଜପତ୍ର ଥାଉ କି ନ ଥାଉ ଭାରତୀୟ ନାଗରିକତ୍ୱ ମିଳିପାରିବ।

ଏହି ବିଲ୍‌କୁ ଆସାମ ଏବଂ ଉତ୍ତରପୂର୍ବାଞ୍ଚଳରେ ଦୃଢ଼ବିରୋଧ କରାଯାଇଛି। ମଙ୍ଗଳବାର ଉପରୋକ୍ତ ରାଜ୍ୟରେ ବନ୍ଦ ପାଳନ କରାଯାଇଥିଲା। ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲଙ୍କ ବାସଭବନ ଘେରିବାକୁ ବିକ୍ଷୋଭକାରୀ ଉଦ୍ୟମ କରିବାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଆସାମର କେତେକ ସ୍ଥାନରେ ବନ୍ଦ ହିଂସାତ୍ମକ ରୂପ ନେଇଥିଲା। ଡିବ୍ରୁଗଡରେ ଭାଜପା କାର୍ଯ୍ୟାଳୟ ଭଙ୍ଗାରୁଜା ଲାଗି ଆନ୍ଦୋଳନକାରୀ ଉଦ୍ୟମ କରିବାରୁ ସେମାନଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲାଠିଚାର୍ଜ କରିବା ସହ ରବର ବୁଲେଟ୍ ଫାୟାରିଂ କରିଥିଲା। ବନ୍ଦ ପାଳନ ଯୋଗୁ ଆସାମ ଓ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଥିଲା।

## ବିକ୍ରମ ମିସ୍ରି ଚାଇନାରେ ଭାରତର ରାଷ୍ଟ୍ରଦୂତ

**ବେଜିଂ,୮।୧(ପି.ଟି.)**

ଚାଇନାରେ ଭାରତର ରାଷ୍ଟ୍ରଦୂତ ଭାବେ ବିକ୍ରମ ମିସ୍ରି ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଚାଇନାର ଉଚ୍ଚସ୍ତରୀୟ କର୍ତ୍ତୃପକ୍ଷଙ୍କୁ ଭେଟିଛନ୍ତି। ଏଥିସହ ସେ ତାଙ୍କ ବିଶ୍ୱସନୀୟତାର ପ୍ରମାଣପତ୍ର ବେଜିଂସ୍ଥିତ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟରେ ପ୍ରୋଟକଲ ଉପମହାନିର୍ଦ୍ଦେଶକ ହୋଙ୍ଗ୍ ଲିଙ୍କୁ ହସ୍ତାନ୍ତର କରିଛନ୍ତି।



## ସାମ୍ବିଧାନିକ ପୀଠରେ ହେବ ଅଯୋଧ୍ୟା ଶୁଣାଣି

**ନୂଆଦିଲ୍ଲୀ,୮।୧(ପି.ଟି.)**

ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ଲାଗି ସୁପ୍ରିମକୋର୍ଟ ମଙ୍ଗଳବାର ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଗଠନ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଖଣ୍ଡପୀଠରେ ଜଷ୍ଟିସ ଏସ.ଏ. ବୋବଡେ, ଏନ.ଭି. ରମାନା, ୟୁ.ୟୁ. ଲଳିତ ଏବଂ ଡି.ଓ୍ୱାଇ.ଚନ୍ଦ୍ରଚୂଡ଼ ରହିଛନ୍ତି। ଆସନ୍ତା ୧୦ ତାରିଖ ପୂର୍ବାହ୍ନ ସାଢ଼େ



୧୦ଟାରେ ଉକ୍ତ ଖଣ୍ଡପୀଠ ମାମଲାର ଶୁଣାଣି କରିବେ। ଅଯୋଧ୍ୟା ଜମି ବିବାଦ ମାମଲାରେ ଆଲ୍ଲାହାବାଦ ହାଇକୋର୍ଟ ୨୦୧୦ରେ ଦେଇଥିବା ରାୟକୁ ବିରୋଧ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ ଦାଏର ହୋଇଥିଲା। ଆଲ୍ଲାହାବାଦ ହାଇକୋର୍ଟ ୨.୭୭ ଏକର ବିବାଦୀୟ ଜମିକୁ ସୁନ୍ନୀ ଓ୍ୱାକଫ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଥିଲେ। ଅକ୍ଟୋବର ୨୯ରେ ସୁପ୍ରିମକୋର୍ଟ ମାମଲାର ଶୁଣାଣି ଜାନୁୟାରୀ ପ୍ରଥମ ସପ୍ତାହରେ ହେବ ବୋଲି କହିଥିଲେ। ଗତ ୪ ତାରିଖରେ ସର୍ବୋଚ୍ଚ ଅଦାଲତ ଉପଯୁକ୍ତ ଖଣ୍ଡପୀଠରେ ୧୦ରେ ମାମଲାର ଶୁଣାଣି ଲାଗି ସମୟ ଧାର୍ଯ୍ୟ କରିଥିଲେ।


ଫୁର୍‌ସତ

## ମଲାଲାଙ୍କ ନୂଆ ପୁସ୍ତକ 'ଆମେ ବିସ୍ଥାପିତ'

**ନୂଆଦିଲ୍ଲୀ:** ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ତଥା ପାକିସ୍ତାନୀ ସାମାଜିକ କର୍ମୀ ମଲାଲା ୟୁସଫ୍‌ଜାଇଙ୍କ ନୂଆ ପୁସ୍ତକ ବୁଧବାର ରିଲିଜ ହେଉଛି। ସେ ବିଶ୍ୱର ବିଭିନ୍ନ ଶରଣାର୍ଥୀ ଶିବିର ପରିଦର୍ଶନ କରି ବିଶେଷକରି ବାଳିକା ଓ ମହିଳା ଶରଣାର୍ଥୀଙ୍କ ସହ ଭାବବିନିମୟ କରି ଯେଉଁ ଅନୁଭୂତି ହାସଲ କରିଛନ୍ତି ତାହା ଏହି ପୁସ୍ତକରେ ବର୍ଣ୍ଣିତ ହୋଇଛି। ଉକ୍ତ ପୁସ୍ତକର ନାମ 'ଉଇ ଆର୍ ଡିସ୍‌ପ୍ଲେସ୍‌ଡ' (ଆମେ ବିସ୍ଥାପିତ) ରଖାଯାଇଛି। ବୁଧବାର ଭାରତରେ ଏହି ପୁସ୍ତକ ବହୁଳ ଭାବରେ ବିକ୍ରିହେବା ଆଶା କରାଯାଉଛି।




ପ୍ରଥମକରି ସେ ନିଜେ ଜଣେ ବିସ୍ଥାପିତ ବ୍ୟକ୍ତି। ପାକିସ୍ତାନର ଏହି ତରୁଣୀ ସ୍କୁଲରେ ପାଠ ପଢୁଥିବା ସମୟରେ ବାଳିକା ଶିକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟିକରିବାରୁ ଆକ୍ରମଣର ଶିକାର ହୋଇଥିଲେ। ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ମଲାଲାଙ୍କୁ ନିଜ ଦେଶରୁ ବିସ୍ଥାପିତ ହେବାକୁ ପଡ଼ିଥିଲା। ବର୍ତ୍ତମାନ ଅନ୍ତର୍ଜାତୀୟ ସାମାଜିକ କର୍ମୀ ପାଲଟି ଯାଇଥିବାରୁ ସେ ବିଶ୍ୱର ଯେ କୌଣସି ସ୍ଥାନକୁ ଯାଇପାରୁଛନ୍ତି। କିନ୍ତୁ ତାଙ୍କର ପ୍ରିୟ ଜନ୍ମଭୂମିକୁ ସେ ମୁକ୍ତଭାବରେ ଯାଇପାରୁନାହାନ୍ତି। ମଲାଲା ବିଭିନ୍ନ ଶରଣାର୍ଥୀ ଶିବିରରେ ଅନେକ ବାଳିକାଙ୍କୁ ଭେଟିଛନ୍ତି, ଯେଉଁମାନେ ନିଜର ଦେଶ, ସମ୍ପ୍ରଦାୟ ଏବଂ ଆତ୍ମୀୟସ୍ୱଜନଙ୍କୁ ହରାଇ ଦୁନିଆରେ ଏକା ଏକା ଜୀବନ ବଞ୍ଚୁଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।


**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୧.୭ |
| ଚାନ୍ଦବାଲି | ୨୬.୩ | ୧୩.୨ |
| କଟକ | ୨୮.୨ | ୧୧.୨ |
| ପାରାଦ୍ୱୀପ | ୨୭.୦ | ୧୫.୦ |
| ଭୁବନେଶ୍ୱର | ୩୦.୦ | ୧୩.୦ |
| ଗୋପାଳପୁର | ୨୮.୯ | ୧୫.୩ |
| ପୁରୀ | ୨୮.୬ | ୧୬.୨ |
| ଅନୁଗୋଳ | ୨୫.୭ | ୧୦.୪ |
| ବାରିପଦା | ୨୬.୫ | ୧୨.୫ |
| ଝାରସୁଗୁଡ଼ା | ୨୫.୭ | ୧୨.୭ |
| କେନ୍ଦୁଝର | ୨୪.୯ | ୯.୮ |
| ସମ୍ବଲପୁର | ୨୫.୮ | ୧୨.୪ |
| ସୁନ୍ଦରଗଡ଼ | --- | ୯.୦ |
| ହୀରାକୁଦ | ୨୫.୪ | ୧୩.୯ |
| ତାଳଚେର | ୨୯.୬ | ୯.୮ |
| ଭବାନୀପାଟଣା | ୨୬.୨ | ୧୩.୦ |
| ବଲାଙ୍ଗୀର | ୨୭.୬ | ୧୦.୦ |
| କୋରାପୁଟ | ୨୪.୬ | ୧୦.୪ |
| ଫୁଲବାଣୀ | --- | ୯.୮ |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୦.୦ | ୧୫.୫ |
| ସୋନପୁର | ୨୭.୮ | ୧୦.୪ |
| ଦାରିଙ୍ଗିବାଡ଼ି | --- | ୧୦.୯ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## 'ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର' ବିରୋଧରେ ପିଆଇଏଲ୍

**ନୂଆଦିଲ୍ଲୀ:** 'ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର'ର ଟ୍ରେଲର ରିଲିଜକୁ ନିଷିଦ୍ଧ କରିବା ନିମନ୍ତେ ଦିଲ୍ଲୀ ହାଇକୋର୍ଟରେ ମଙ୍ଗଳବାର ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଉକ୍ତ ଫିଲ୍ମ ପ୍ରଧାନମନ୍ତ୍ରୀ ଭଳି ଏକ ସାମ୍ବିଧାନିକ ପଦ ଓ ମର୍ଯ୍ୟାଦାର ଅବମାନନା କରୁଥିବା ଆବେଦନରେ ଦର୍ଶାଯାଇଛି। ଏହାର କାହାଣୀ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପୂର୍ବତନ ମିଡିଆ ଆଡଭାଇଜର ସଞ୍ଜୟ ବାରୁଙ୍କ ଦ୍ୱାରା ଲିଖିତ ପୁସ୍ତକ ଉପରେ ଆଧାରିତ। ଉକ୍ତ ପୁସ୍ତକର ଟାଇଟଲ୍ ମଧ୍ୟ ସମାନ ରଖାଯାଇଛି। ଅଭିନେତା ଅନୁପମ ଖେର ଏବଂ ଅକ୍ଷୟ ଖାନ୍ନା ଯଥାକ୍ରମେ ମନମୋହନ ସିଂ ଏବଂ ସଞ୍ଜୟ ବାରୁ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଦିଲ୍ଲୀର ଫେଶନ ଡିଜାଇନର ପୂଜା ମହାଜନ ତାଙ୍କ ଓକିଲ ଅରୁଣ ମୈତ୍ରୀଙ୍କ ଜରିଆରେ ଏହି ଜନସ୍ୱାର୍ଥ ସମ୍ବଳିତ ମାମଲା ଦାଏର କରିଛନ୍ତି। ପ୍ରଧାନମନ୍ତ୍ରୀ ଭଳି ଏକ ସାମ୍ବିଧାନିକ ପଦବୀର ଭାବମୂର୍ତ୍ତି କ୍ଷୁଣ୍ଣ ହେବା ସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହି ପଦବୀର ଦୁର୍ନାମ ହେଉଥିବା ପୂଜା ତାଙ୍କ ଆବେଦନରେ ଅଭିଯୋଗ କରିଛନ୍ତି।



ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ଜାନୁୟାରୀ ୯ /୨୦୧୯ | Rayagada, Wednesday, January 9 / 2019 | ପୃଷ୍ଠା-୧



## ସୂର୍ଯ୍ୟକାନ୍ତଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

ବିକାଶ ଗ୍ରାଉଣ୍ଡରେ ଚାଲିଥିବା ଗୋଆ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଅର୍ଦ୍ଧଶତକ ହାସଲ ସହ ୫ ଉଇକେଟ ସଫଳତା ପାଇଛନ୍ତି ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ। ୧୨

୧୧

## ନିଲେକାନି ହେଲେ ଆର୍‌ବିଆଇ କମିଟି ଅଧକ୍ଷ

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଗଠିତ ୫ ଜଣିଆ କମିଟିରେ ଇନଫୋସିସ୍ ସହ ପ୍ରତିଷ୍ଠାତା ନନ୍ଦନ ନିଲେକାନିଙ୍କୁ ଅଧକ୍ଷ ଭାବେ ନିଯୁକ୍ତ କରାଯାଇଛି।



### ସଂକ୍ଷେପରେ

ସାଧାରଣ ବର୍ଗ ଗରିବଙ୍କ ଲାଗି ୧୦% ସ୍ଥାନ ସଂରକ୍ଷଣ

## ସମ୍ବିଧାନ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୮।୧(ପି.ଟି.)

ସାଧାରଣ ବର୍ଗର ଗରିବଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି ସରକାର ଆଣିଥିବା ସମ୍ବିଧାନ ସଂଶୋଧନ ବିଲ୍ ମଙ୍ଗଳବାର ଲୋକ ସଭାରେ ଗୃହୀତ ହୋଇଛି। ୩୨୩ ସଦସ୍ୟ ବିଲ୍‌କୁ ସମର୍ଥନ କରିଥିବାବେଳେ ମାତ୍ର ୩ ଜଣ ବିରୋଧରେ ଭୋଟ ଦେଇଥିବା ବାଚସ୍ପତି ସୁମିତ୍ରା ମହାଜନ କହିଛନ୍ତି। ଏହି ବିଲ୍ ଆଲୋଚନାରେ ପାଖାପାଖି ୩୦ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ବୁଧବାର ବିଲ୍‌କୁ ରାଜ୍ୟ ସଭାରେ ଆଗତ କରାଯିବ।

ଭାଜପା ନେତାମାନେ ଏହି ବିଲ୍‌କୁ 'ମାଷ୍ଟରଷ୍ଟ୍ରୋକ୍' ଏବଂ ଗେମ୍ ଚେଞ୍ଜର କହିଥିବାବେଳେ ଅଧିକାଂଶ ବିରୋଧୀ ଦଳ ବିଲ୍‌କୁ ସମର୍ଥନ କରିଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ବିଲ୍ ଅଣାଯିବାକୁ ନେଇ ବିରୋଧୀ ଦଳ ସମାଲୋଚନା କରିଥିଲେ। ବିଲ୍ ଆଣିବାରେ ବିଳମ୍ବ ହୋଇଥିବା କଥାକୁ ସ୍ୱୀକାର କରି ସାମାଜିକ ନ୍ୟାୟ ମନ୍ତ୍ରୀ ଥାୱର ଚାନ୍ଦ ଗେହଲଟ କହିଥିଲେ, ସରକାରଙ୍କ ନୀତି ଓ ଉଦ୍ଦେଶ୍ୟ ଭଲ । ଏହି ସଂଶୋଧନ ଦ୍ୱାରା ସବୁ ଧର୍ମର ଗରିବ ଲୋକେ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ। ସମ୍ବିଧାନ ସଂଶୋଧନ ବିଲ୍ ଆଲୋଚନା ଆରମ୍ଭ କରି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ, କଂଗ୍ରେସ ସମେତ ସମସ୍ତ ରାଜନୈତିକ ଦଳ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ଏଭଳି ପଦକ୍ଷେପକୁ ସମର୍ଥନ କରିଥିବାରୁ ଏହା ସେମାନଙ୍କ ପ୍ରତିବଦ୍ଧତାର ଅସଲ ପରୀକ୍ଷା ହେବ । ସୁପ୍ରିମକୋର୍ଟ ମୋଟ ସ୍ଥାନ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ ବୋଲି ଧାର୍ଯ୍ୟ କରିଥିବାରୁ ସରକାରଙ୍କ ଏହି ନିଷ୍ପତ୍ତି ତାହାର ଉଲ୍ଲଂଘନ ବୋଲି ବିଭିନ୍ନ ଦଳ ଉଠାଇଥିବା ପ୍ରଶ୍ନକୁ ଖଣ୍ଡନ କରି ଜେଟ୍‌ଲୀ କହିଥିଲେ, ☞ପୃଷ୍ଠା-୨

## ଧାନର ଏମ୍‌ଏସ୍‌ପି ବୃଦ୍ଧି ଦାବି କଲା ବିଜୁ କୃଷକ ଜନତା ଦଳ

# ନୂଆଦିଲ୍ଲୀରେ ଶକ୍ତି ପ୍ରଦର୍ଶନ




କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ଧାନର ଏମ୍‌ଏସ୍‌ପି ଅପର୍ଯ୍ୟାପ୍ତ ଦର୍ଶାଇ ନୂଆଦିଲ୍ଲୀ ଧାଇଁଛି ରାଜ୍ୟରେ ସରକାରରେ ଥିବା ବିଜେଡି। ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକ ଦିଲ୍ଲୀ ଦରବାରରେ କେନ୍ଦ୍ରରେ ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରି କାଠଗଡାରେ ଛିଡ଼ା କରାଇଛନ୍ତି। କେନ୍ଦ୍ର ସରକାର ଚାଷୀ ବିରୋଧୀ । ତେଣୁ କୃଷକଙ୍କ ସମସ୍ୟାଗୁଡିକର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେଉନାହାନ୍ତି ବୋଲି ନବୀନ ମୋଦି ସରକାର ଉପରେ ବର୍ଷିଛନ୍ତି।

- କେନ୍ଦ୍ର ସରକାର ଚାଷୀ ବିରୋଧୀ: ନବୀନ
- ଉଠିଲା ଆର୍ଥିକ ସ୍ୱାୟତ୍ତତା ପ୍ରସଙ୍ଗ
- ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର, ୮ ।୧(ବ୍ୟୁରୋ)

ଧାନର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)କୁ ୨୯୩୦ ଟଙ୍କାକୁ ବୃଦ୍ଧି କରାଯାଉ। ଏହି ଦାବିରେ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ନୂଆଦିଲ୍ଲୀରେ ଶକ୍ତି ପ୍ରଦର୍ଶନ କରାଯାଇଛି। ଏମ୍‌ଏସ୍‌ପି ଲାଗୁ ନ ହେବା ପ୍ରସଙ୍ଗରେ କେନ୍ଦ୍ର ସମ୍ପୂର୍ଣ୍ଣଭାବେ ଦାୟୀ। ତେଣୁ ଓଡ଼ିଆ ଚାଷୀଙ୍କ କଲ୍ୟାଣ ପାଇଁ କେନ୍ଦ୍ର ତୁରନ୍ତ ଏମ୍‌ଏସ୍‌ପି ବୃଦ୍ଧି କରୁ । ବିଜୁ କୃଷକ ଜନତା ଦଳ ପକ୍ଷରୁ ମଙ୍ଗଳବାର ନୂଆଦିଲ୍ଲୀଠାରେ ଆୟୋଜିତ କୃଷକ ଅଧିକାର ସମାବେଶରେ ଯୋଗଦେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ନୂଆଦିଲ୍ଲୀସ୍ଥିତ ତାଲକୋଟ୍ରା ଷ୍ଟାଡିୟମରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ କେନ୍ଦ୍ର ଉପରେ ବର୍ଷିଛନ୍ତି। ଏଥିସହିତ ବିକ୍ଷୋଭ ପ୍ରଦର୍ଶନ ପରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସନ୍ଧ୍ୟାରେ ରାଷ୍ଟ୍ରପତି ଭବନ ଯାଇ ଦାବି ସମ୍ପର୍କରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏମ୍‌ଏସ୍‌ପି ବୃଦ୍ଧି ନେଇ ଓଡ଼ିଶା ବିଧାନସଭାରେ ଗୃହୀତ ପ୍ରସ୍ତାବକୁ କେନ୍ଦ୍ରର ଅବହେଳା, ଉକ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀ ସମୟ ନ ଦେବା ଏବଂ ସ୍ୱାମୀନାଥନ୍ କମିଟର ସୁପାରିସ ଲାଗୁ କରା ନ ଯିବାକୁ ମୁଖ୍ୟମନ୍ତ୍ରୀ ସମାଲୋଚନା କରିଛନ୍ତି। ନିର୍ବାଚନ ପୂର୍ବରୁ ଚାଷ ସମ୍ପର୍କିତ ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଭାଜପା ☞ପୃଷ୍ଠା-୧୦



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ନେତୃବୃନ୍ଦ ।

## ଟ୍ରକ୍ ତଳେ ଚାପି ହୋଇ ୨ ମୃତ



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ମୁନିଗୁଡ଼ା,୮।୧(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ହନୁମାନ ବଜାରର ମୁଖ୍ୟ ରାସ୍ତାରେ ଏକ ମାଲ ବୋଝେଇ ଟ୍ରକ ଚକ ତଳେ ଚାପି ହୋଇ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଦ୍ୱୟ ହେଲେ ଏହି ବ୍ଲକ ଅନ୍ତର୍ଗତ ଭାଲିଆପଦର ଗ୍ରାମର ଥିବିର ପଲକିଆ(୨୫) ଓ ନରେନ୍ଦ୍ର ହିଆଲ(୨୬)। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ମୃତ ପରିବାରଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବାରୁ ପୋଲିସ ଓ ଯବାନ ମୁତୟନ କରାଯାଇଛି । ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ଦେବାଶିଷ ଗୌଡ଼ ଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସଡ଼ିପିଓ ଚନ୍ଦ୍ରଶେଖର ହୋତା ପଇଁତରା ମାରୁଥିବା ଦେଖାଦେଇଛି। ଟ୍ରକଟି ବିଶାଖାପାଟଣାରୁ ମାଲବୋଝେଇ ହୋଇ ଛତିଶଗଡ଼ ଯାଉଥିଲା ବୋଲି ଜଣାଯାଇଛି ।

## ୨ ଦିନିଆ ଧର୍ମଘଟ

# ଜନଜୀବନ ପ୍ରଭାବିତ

- ଦୋକାନ ବଜାର, ଯାନବାହନ, ଶିକ୍ଷାନୁଷ୍ଠାନ ବନ୍ଦ
- ହୀନସ୍ତା ହେଲେ ଯାତ୍ରୀ
- କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ, ବ୍ୟାଙ୍କ, ରେଳଷ୍ଟେଶନ ସମ୍ମୁଖରେ ପିକେଟିଂ
- ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ସଂଗଠନ ସାମିଲ

ଭୁବନେଶ୍ୱର,୮।୧(ବ୍ୟୁରୋ)

କେନ୍ଦ୍ରର ଏନଡିଏ ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରି ୧୦ରୁ ଊର୍ଦ୍ଧ୍ୱ ଟ୍ରେଡ୍ ୟୁନିୟନ ପକ୍ଷରୁ ଦେଶବ୍ୟାପୀ ୨ ଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ଧର୍ମଘଟର ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଛି। ଟ୍ରେଡ ୟୁନିୟନ ସଂଗଠନ ଏବଂ ବାମପନ୍ଥୀ ଦଳଗୁଡ଼ିକର କର୍ମକର୍ତ୍ତାମାନେ ସକାଳ ୭ଟାରୁ ରାଜ୍ୟ ସାରା ଧର୍ମଘଟରେ ସାମିଲ ହୋଇଥିଲେ। ବନ୍ଦ ବେଳେ ଦୁଇଚକିଆ ଓ କାଁ ଭାଁ ୪ ଚିକିଆ ଯାନକୁ ଛାଡ଼ି ଦେଲେ ଅନ୍ୟ କୌଣସି ଯାନବାହନ ରାସ୍ତାରେ ଚଳାଚଳ କରୁ ନ ଥିଲା। ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ, ବନ୍ଦ ରହିଥିଲା। କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, କେନ୍ଦ୍ରୀୟ ଉଦ୍ୟୋଗ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ରେଳଷ୍ଟେଶନ ଆଦି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କେନ୍ଦ୍ର ସରକାରଙ୍କ ନୀତିକୁ କଡ଼ା ☞ପୃଷ୍ଠା-୧୦




ଭୁବନେଶ୍ୱର ଷ୍ଟେଶନରେ ରେଳରୋକୋ ।



ଭୁବନେଶ୍ୱର ଏଜି ଛକ ନିକଟରେ ଏକଗାଡ଼ିକୁ ବିକ୍ଷୋଭକାରୀ ଅଟକାଉଛନ୍ତି।

## ୨୯ ଜିଲାରେ ସ୍କୁଲ, କଲେଜ ବନ୍ଦ

- କଳାହାଣ୍ଡିରେ ଖୋଲା ରହିବ

ଭୁବନେଶ୍ୱର, ୮ ।୧(ବ୍ୟୁରୋ)

କେନ୍ଦ୍ରୀୟ ଶ୍ରମିକ ସଂଗଠନର ଦୁଇଦିନିଆ ଭାରତ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ମଙ୍ଗଳବାର ରାଜ୍ୟର ସମସ୍ତ ସ୍କୁଲ, କଲେଜ ବନ୍ଦ ରହିଥିଲା। ଏ ନେଇ ସୋମବାର ସରକାର ଛୁଟି ଘୋଷଣା କରିଥିଲେ। କିନ୍ତୁ ବୁଧବାର ଛୁଟି ରହିବ କି ନାହିଁ ଜନସାଧାରଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଥିବାବେଳେ ଏ ସମ୍ପର୍କରେ ଜିଲାପାଳମାନେ ନିଷ୍ପତ୍ତି ନେବେ ବୋଲି ମଙ୍ଗଳବାର ସନ୍ଧ୍ୟାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା। ପ୍ରଥମ ଦିନର ପ୍ରଭାବ ଓ ସ୍ଥିତିକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ବିଭାଗ ପକ୍ଷରୁ କୁହାଯାଇଥିଲା। ଏହି ନିର୍ଦ୍ଦେଶ ପାଇବା ପରେ ରାଜ୍ୟର ଅଧିକାଂଶ ଜିଲାରେ ଜିଲାପାଳମାନେ ସ୍କୁଲ, କଲେଜକୁ ଛୁଟି ଘୋଷଣା କରିଛନ୍ତି। ୨୯ ଜିଲାରେ ସ୍କୁଲ ଓ କଲେଜ ଛୁଟି ରହିଥିବା ବେଳେ ☞ପୃଷ୍ଠା-୨

## ସିବିଆଇ ବିବାଦରେ କେନ୍ଦ୍ରକୁ ସୁପ୍ରିମକୋର୍ଟ ଝଟକା

# ଆଲୋକ ବର୍ମା ପୁନଃ ଅବସ୍ଥାପିତ

ନୂଆଦିଲ୍ଲୀ,୮।୧(ପି.ଟି.)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ କେନ୍ଦ୍ରର ମନମାନି ଚାଲିବ ନାହିଁ। ଏହାକୁ ନେଇ ସରକାର ଏକତରଫା କୌଣସି ବଡ଼ ନିଷ୍ପତ୍ତି ନେଇପାରିବେ ନାହିଁ। ସୁପ୍ରିମକୋର୍ଟ ମଙ୍ଗଳବାର ଏହା ସ୍ପଷ୍ଟ କରିବା ସହ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ☞ପୃଷ୍ଠା-୧୦




ଆଲୋକ ବର୍ମା

- ସରକାରଙ୍କ ଅକ୍ଟୋବର ୨୩ ନିର୍ଦ୍ଦେଶ ଖାରଜ
- ପଦକୁ ଫେରିଲେ ବର୍ମା, ହେଲେ ନେଇପାରିବେନି ବଡ଼ ନିଷ୍ପତ୍ତି
- ସିବିଆଇ ନିର୍ଦ୍ଦେଶକଙ୍କ ଉପରେ ସପ୍ତାହେ ମଧ୍ୟରେ ଉଚ୍ଚକ୍ଷମତାସମ୍ପନ୍ନ କମିଟି ବିଚାର କରିବ






ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ହସ୍ତକ୍ଷେପ କାଳ

### ଆଜିର ମନ୍ତବ୍ୟ

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଫାଲ ତଦନ୍ତରୁ କେହି ରକ୍ଷାକରି ପାରିବେ ନାହିଁ।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧକ୍ଷ

### କିଛି ତଥ୍ୟ

ଡିସେମ୍ବର ୨୧ ବେଳକୁ ବ୍ୟାଙ୍କଗୁଡ଼ିକର ଜମା ଅଭିବୃଦ୍ଧି ୯.୨୨% ବଢି ୧୧୮.୧୮ ଲକ୍ଷ କୋଟି ଟଙ୍କା ଛୁଇଁଛି। -ଆର୍‌ବିଆଇ

NECC NATIONAL EGG CO-ORDINATION COMMITTEE 08.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 69 | 118 | 128 |
| DKL | 71 | 120 | 130 |
| BDK | 72 | 122 | 132 |
| BLS | 74 | 124 | 134 |
| ANG | 74 | 124 | 134 |

*Conditions Apply
Eggs Retail Price- 56/-Dozen
Issued in the Interest of Consumers

## ପୋଟେରୁ ଜଳସେଚନ ବିଭାଗ

# ଫିଟୁଛି ଟେଣ୍ଡର ଫିକ୍ସିଂ ଗୁମର

ମାଲକାନଗିରି,୮।୧(ଡି.ଏନ.ଏ.)

ମାଲକାନଗିରି ଜିଲାର ପୋଟେରୁ ଜଳସେଚନ ବିଭାଗରେ ଟେଣ୍ଡର ଫିକ୍ସିଂ ମାମଲା ପଦାକୁ ଆସିବା ପରେ ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଟେଣ୍ଡର ଫିକ୍ସିଂ ସମ୍ପର୍କରେ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଠିକାଦାରମାନେ ପ୍ରଥମେ ଜିଲାପାଳ ମନୀଷ ଅଗ୍ରୱାଲ ଅଭିଯୋଗ କରିଥିଲେ। ପରେ ଓରକେଲ୍ ଥାନାରେ ଏଫଆଇଆର ଦେଇଥିଲେ। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜଳସେଚନ ବିଭାଗର ଏକ ଉଚ୍ଚସ୍ତରୀୟ ତଦନ୍ତକାରୀ ଟିମ୍ ମଙ୍ଗଳବାର ମାଲକାନଗିରିରେ ପହଞ୍ଚିଛନ୍ତି। ଟିମ୍‌ରେ ସର୍ବୋଚ୍ଚ ଯନ୍ତ୍ରୀ କେ.ଜି. ବେହେରା ଏବଂ ମୁଖ୍ୟଯନ୍ତ୍ରୀ ସୁରେନ୍ଦ୍ର ସାହୁ ଅଛନ୍ତି। ସେମାନେ ମାଲକାନଗିରିରେ ପହଞ୍ଚି ସେଠାରୁ ବାଲିମେଳା ଯାଇ ଏହାର ଖୋଳତାଡ ଆରମ୍ଭ କରିଛନ୍ତି।

ଖବର ଅନୁଯାୟୀ ଗତ ୨୪।୧୧। ୨୦୧୮ରେ ପୋଟେରୁ ଜଳସେଚନ ବିଭାଗ ପକ୍ଷରୁ ଏକ ଟେଣ୍ଡର ପ୍ରକାଶ ପାଇଥିଲା। ଏହାର ନମ୍ବର ସିସିଇ, ପି.ଆଇ.ପି - ୦୧/୨୦୧୮-୧୯ ଥିଲା। ଟେଣ୍ଡରରେ ତମସା ମୁଖ୍ୟ କେନାଲର ୧୩ କିମିରୁ ୩୧ କିମି ପର୍ଯ୍ୟନ୍ତ କେନାଲ ହୁଡା ରାସ୍ତା ନିର୍ମାଣ ଲାଗି ୨୪୧.୩୦ କୋଟି ଏବଂ ସତୀଗୁଡା ବାମ କେନାଲ ୧.୬୦ କିମିରୁ ୨୫.୫୫୦ କିମି ପାଇଁ ୧୫୩.୬୭ କୋଟି ଓ ଡାହାଣ କେନାଲର ୮.୫୦ କିମିରୁ ୨୯ କିମି ପର୍ଯ୍ୟନ୍ତ ☞ପୃଷ୍ଠା-୧୦

## ଭୁବନେଶ୍ୱରରୁ ପହଞ୍ଚିଲେ ସର୍ବୋଚ୍ଚ ଯନ୍ତ୍ରୀ,ମୁଖ୍ୟଯନ୍ତ୍ରୀ




ଭୁବନେଶ୍ୱରରୁ ଯାଇଥିବା ଟିମ୍ କାଗଜପତ୍ର ଯାଞ୍ଚ କରୁଛନ୍ତି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ସିଦ୍ଧି
ପରିବାରବର୍ଗ



ଲିବୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।






**BRIDE WANTED**

Wanted Brahmin homely bride for 1980 born 5'9" Diploma Engineer Brahmin boy. Contact: 8917628852, 6370737397. D-64767

Brahmin boy 1988 B.Tech MBA (IIM, Bangalore) Engineer Bangalore. 9439901263. D-58027

**GROOM WANTED**

Divorcee bride Engineer 35, Clerk 38, Business 41 (caste-no-bar). 7873374269. D-65437

Brahmin girl M.F.Sc., 1989, 5'2", Agriculture Officer, Parents: service holder, Sangaam: 9338224867, 9439291250. D-64682

Now Matrimonial ads. only on Wednesday & Sunday
Book 1 Get 1 FREE

## classified










**SALE**

ଭୁବନେଶ୍ୱରରୁ ପିପିଲି ମଧ୍ୟରେ ଗୁଡିଆପୋଖରୀ ନିକଟରେ NH-203 ଠାରୁ 300 mtr. ଦୂରତାରେ 1500 sqft. plot (5 nos.) available for immediate sale. 9437114429, 9438651443. D-65320

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

Book 3BHK duplex house at Jagamara, Bhubaneswar having land area 1260 sqft. and 1900 sqft. construction area, price-77 lakh. 9078151122. D-65293

Schedule caste & General conversion plot sale IIT Argul Railway Station 4000 sqft. 8,00,000/-. 8249086912. D-65322

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30'ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପାଚେରିସହ ପିଚୁରୋଡ୍‌କୁ ଲାଗି sqft. 480/-, ଜଟଣୀଗେଟ୍‌ରୁ 1km. ଦୂରତାରେ 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65319

Plot sale near AIIMS Hospital Bhubaneswar with 30'road. 8456850883. D-65311

ଭୁବନେଶ୍ୱର Khordha NHରୁ 100' ଦୂରତାରେ BDA plot 400/-ରେ ମିଳୁଅଛି। 9090963952. D-65328

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Godown available near Infocity, Bhubaneswar. 2000 sqft. single hall. 8763802787. D-63895

BMC AC Keshari Mall Shop No. B-32 (SBA/LBA 411/355 sqft.) Unit-2, adjacent to Market Building, Bhubaneswar will be given on rent from 13th January 2019. Interested persons may please contact: 9337122436. D-58028

Roshin ayurvedic massage club fully relaxed by smart lady home service facility available. 9937637219. D-64678

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ମନେ ପଡ଼ନ୍ତି

**ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ**



**ସ୍ୱର୍ଗତ ବିଷ୍ଣୁଚରଣ ବେହେରା**
**ଅବସରପ୍ରାପ୍ତ ଶିକ୍ଷକ**
ସୋଲପାଟ, ପାରିପଦା- ନିଜାମ୍‌ପୁର, ମଙ୍ଗଳପୁର, ଯାଜପୁର
ଆବିର୍ଭାବ: ୦୨।୦୨।୧୯୪୫
ତିରୋଧାନ: ୧୦।୦୧।୨୦୧୮
ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: **ପୁଅ- ବୋହୂ: ମଣ୍ଟୁ, ଟିଟୁ, ରିଲି, ମମ, ଭାଇ-ଭାଉଜ, ଭାଇବୋହୂ, ସମସ୍ତ ପୁତୁରା-ପୁତୁରାବୋହୂ, ସମୂହ ନାତି-ନାତୁଣୀ, ଝିଅ-ଜ୍ୱାଇଁ ତଥା ଆତ୍ମୀୟସ୍ୱଜନ, ବନ୍ଧୁ ଓ ବେହେରା ପରିବାରବର୍ଗ।** ଧ-୧୦୪୫୪

**ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ**



**ସ୍ୱର୍ଗତା ଶଶୀକଳା ବେହେରା**
ସୋଲପାଟ, ପାରିପଦା- ନିଜାମ୍‌ପୁର, ମଙ୍ଗଳପୁର, ଯାଜପୁର
ଆବିର୍ଭାବ: ୧୦।୧୦।୧୯୫୨
ତିରୋଧାନ: ୧୩।୧୨।୨୦୧୭
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ କାମନା କରୁଛୁ। ଶୋକସନ୍ତପ୍ତ: ପୁଅ-ବୋହୂ: ମଣ୍ଟୁ-ରିଲି, ଟିଟୁ-ମମ, ଝିଅ-ଜ୍ୱାଇଁ: ମିନୁ-ଶଶିକାନ୍ତ, ଲିନା-ସୁରେନ୍ଦ୍ର, ଅସୀମା-ମନୋଜ, ଯା-ଦିଅର, ସମସ୍ତ ପୁତୁରା ଓ ପୁତୁରାବୋହୂମାନେ, ସମସ୍ତ ନାତି-ନାତୁଣୀ, ଝିଅ-ଜ୍ୱାଇଁ ତଥା ଆତ୍ମୀୟସ୍ୱଜନ, ବନ୍ଧୁ ଓ ବେହେରା ପରିବାରବର୍ଗ। ଧ-୧୦୪୫୫

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



**✓ ବିନୋଦିନୀ ସେନାପତି**
ବାପୁଜୀନଗର, ଭୁବନେଶ୍ୱର
ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶିବ ପ୍ରସାଦ, ଶ୍ୱେତା, ସିଦ୍ଧାର୍ଥ**
ଧ-୧୦୪୧୪

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଲାଲସାହେବ ବିଭାସ ଚନ୍ଦ୍ର ଭଞ୍ଜଦେଓ**
ବାରିପଦା, ମୟୂରଭଞ୍ଜ
ଆବିର୍ଭାବ: ୩୦।୦୧।୧୯୪୬
ତିରୋଧାନ: ୩୦।୧୨।୨୦୧୮
ବିଭାସ ଦାଦା ଆପଣ ଆମମାନଙ୍କୁ ଏକା କରି ଚାଲିଗଲେ। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳତା ଓ ସାଧୁତା ସବୁବେଳେ ଆମ ଚଲାପଥରେ ସହାୟକ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା' କିଚକେଶ୍ୱରୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ। ଧ-୧୦୪୬୧



**ଜନ୍ମଦିନ ଶୁଭେଚ୍ଛା**



(ସିଦ୍ଧି)

**ସିଦ୍ଧି ପ୍ରିୟଦର୍ଶିନୀ ଦାଶ**
**କେନ୍ଦୁପାଲି, ଗୋଡଭଗା, ବରଗଡ଼,**
**ବର୍ତ୍ତମାନ ଠିକଣା: ଡ଼କରା, ଧମା, ସମ୍ବଲପୁର**
ମାଁ ବହଲମୁଡ଼ିଏନ୍, ଦୁର୍ଗାଦେବୀ ଏବଂ ବଡଲୋକଙ୍କର ଆଶୀର୍ବାଦ ସଦାସର୍ବଦା ରହିଥାଉ। ତୋର ଚଲାପଥ ସଦାସର୍ବଦା ପୁଷ୍ପମଣ୍ଡିତ ହେଉଥାଉଁ ଏତିକି ଭଗବାନଙ୍କଠାରେ ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ଦାଦା, ମାମା, ବାପା, ମା, ବାବୁବାପା, ବୀରେନ ପିଉସା, ମିନିଝିଅ, ପ୍ରଶାନ୍ତ ପିଉସା, ବେବି ଝିଅ, ଶୁଭମଦାଦା, ଆକାଂକ୍ଷା ନାନି, ଆଲିଶା ନାନି, ଆରିୟନ୍ତ ଦାଦା, ସ୍ନେହର ସିଦ୍ଧୁ ଭାଇ ଓ ଦାଶ ପରିବାରବର୍ଗ।
ଧ-୧୦୪୬୦


### ପବନ ଭର୍ତ୍ତିବେଳେ ଟ୍ରାକ୍ଟର ଟ୍ରଲି ଚକ ଫାଟିଲା

# ବିଦ୍ୟୁତ ତାରରେ ଲାଗି ଚାଳକ ଜୀବନ୍ତ ଦଗ୍ଧ

ସବ୍‌ଡେଗା, ୮।୧ (ଡି.ଏନ୍.ଏ.)- ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକର ରାଶିପତ୍ରା ଗାଁରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ଟ୍ରାକ୍ଟର ଟ୍ରଲି ଚକରେ ପବନ ଭର୍ତ୍ତି କରୁଥିବାବେଳେ ପ୍ରଚଣ୍ଡ ଶବ୍ଦ ସହ ଟାୟାର ଫାଟିଯାଇଥିଲା। ଏହାର ପ୍ରଭାବରେ ପବନ ଭର୍ତ୍ତି କରୁଥିବା ଟ୍ରାକ୍ଟର ଡ୍ରାଇଭର ୨୦ ଫୁଟ ଉଚ୍ଚକୁ ଛିଟିକି ପଡିଥିଲେ। ଉପରେ ଥିବା ବିଦ୍ୟୁତ୍ ତାର ଉପରେ ପଡି ପୋଡ଼ିଯାଇ ମୃତ୍ୟୁବରଣ କରିଥିଲେ। ମୃତକ ହେଲେ ସବ୍‌ଡ଼େଗା ବ୍ଲକର ଜାଇସର ପଞ୍ଚାୟତ ଗଇଲୋ ଗ୍ରାମର ନିରୁ ପଟ୍ଟା (୪୫)। ପାଖରେ ବସିଥିବା ଜାହିର ଅଲ୍ଲିଙ୍କର ୧୨ ବର୍ଷୀୟ ପୁଅ ମଧ୍ୟ ୧୦ଫୁଟ ଉଚ୍ଚକୁ ଛିଟିକି ପଡି ଏକ ଘରର ଛାତ ଉପରେ ପଡିଥିଲେ। ତାଙ୍କର ଗୋଡ଼ହାତ ଭାଙ୍ଗିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ରାକେଶ ରୋଶନ୍‌ଙ୍କୁ କ୍ୟାନ୍‌ସର

ମୁମ୍ବାଇ



ଅଭିନେତା ତଥା ଫିଲ୍ମ ନିର୍ମାତା ରାକେଶ ରୋଶନ୍ (୬୯)ଙ୍କଠାରେ କ୍ୟାନ୍ସର ଲକ୍ଷଣ ପ୍ରକାଶ ପାଇଛି। ତାଙ୍କଠାରେ ସ୍କ୍ୱାମସ୍ ସେଲ୍ କାର୍ସିନୋମା ନାମକ ଏକ ପ୍ରକାର କ୍ୟାନ୍‌ସର(ଗଳାକର୍କଟ)ର ପ୍ରାଥମିକ ଲକ୍ଷଣ ପ୍ରକାଶ ପାଇଥିବା ତାଙ୍କ ଅଭିନେତା ପୁତ୍ର ହ୍ରିତିକ୍ ରୋଶନ୍ ସୂଚନା ଦେଇଛନ୍ତି। ହ୍ରିତିକ ତାଙ୍କ ପିତା ରାକେଶଙ୍କ ପାର୍ଶ୍ୱରେ ଛିଡାହୋଇଥିବାର ଫଟୋ ଇନଷ୍ଟାଗ୍ରାମ୍‌ରେ ହୋଇଛି। ସେ ଖୁବ୍ ଦୃଢ଼ମନା ମଣିଷ। ଏପରିକି ମଙ୍ଗଳବାର ଅସ୍ତ୍ରୋପଚାର ଦିନ ମଧ୍ୟ ସେ ଜିମ୍ ଯାଇଥିବା ହ୍ରିତିକ ପ୍ରକାଶ କରିଥିଲେ। ଅସ୍ତ୍ରୋପଚାର ପାଇଁ ଯିବାବେଳେ ସେ ଖୁବ୍ ଉତ୍ସାହିତ ଥିବା ଦେଖାଯାଉଥିଲେ। ତାଙ୍କ ଭଳି ଜଣେ ଦୃଢ଼ମନା ବ୍ୟକ୍ତି ତାଙ୍କ ପରିବାର ପାଇଁ ଆଶୀର୍ବାଦ ବୋଲି ହ୍ରିତିକ ଫଟୋ ତଳେ ଉଲ୍ଲେଖ କରିଛନ୍ତି। ଏହି ଫଟୋ ଭାଇରାଲ ହେବା ପରେ ଅଭିଷେକ ବଚ୍ଚନ, ସଞ୍ଜୟ କପୁର, ଅଲିମ ହାକିମ, ଦର୍ଶନ କୁମାର, ନନ୍ଦୀଶ ସାନ୍ଧୁ, ଦବୁ ରତ୍‌ନାନି ଏବଂ ବିଶାଲ ଦଦ୍‌ଲାନି ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାକେଶଙ୍କ ଆଶୁ ଆରୋଗ୍ୟ କାମନା କରି ଶୁଭେଚ୍ଛା ଜଣାଇଛନ୍ତି। ଅଭିନୟକୁ ଛାଡ଼ିଦେଲେ ରାକେଶ ରୋଶନ କେତେକ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ସେହିସବୁ ଫିଲ୍ମ ମଧ୍ୟରେ 'କିଷନ କହ୍ନେୟା', 'କରନ୍ ଅର୍ଜୁନ', 'କହୋ ନା... ପ୍ୟାର ହୈ', 'କୋଇ... ମିଲ୍ ଗୟା' ଏବଂ ସୁପର ହିରୋ 'କ୍ରିଶ' ଫିଲ୍ମ ସିରିଜ ଅନ୍ୟତମ।

# ରାଉରକେଲାରେ ବିମାନବନ୍ଦର

## ଡିଜିସିଏ ପକ୍ଷରୁ ମିଳିଲା ଲାଇସେନ୍ସ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଓଡ଼ିଶାର ଇସ୍ପାତ ନଗରୀରେ ରାଜ୍ୟର ତୃତୀୟ ବିମାନବନ୍ଦର ପ୍ରତିଷ୍ଠା ହେବ। ଏଥିପାଇଁ କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ(ଡିଜିସିଏ) ପକ୍ଷରୁ ସବୁଜ ସଙ୍କେତ ମିଳିସାରିଛି। ରାଉରକେଲାରେ ବିମାନ ବନ୍ଦର ନିର୍ମାଣ ଲାଗି ଡିଜିସିଏ ଲାଇସେନ୍ସ ଦେଇସାରିଛି। ଏ ନେଇ ସୋମବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି।

ଟୁଇଟ୍‌ରେ ଉଲ୍ଲେଖ ରହିଛି ଯେ, ରାଉରକେଲାରେ ଓଡ଼ିଶାର ତୃତୀୟ ବିମାନବନ୍ଦର ପ୍ରତିଷ୍ଠା ପାଇଁ ଡିଜିସିଏ ଗତ ୭ତାରିଖରେ ଲାଇସେନ୍ସ ପ୍ରଦାନ କରିଛି। ରାଉରକେଲା ହେଉଛି ଓଡ଼ିଶାର ଶିଳ୍ପ ରାଜଧାନୀ। ବିମାନବନ୍ଦର ପ୍ରତିଷ୍ଠା ହେବା ଦ୍ୱାରା ଷ୍ଟିଲ୍‌ସିଟି ଦେଶର ଅନ୍ୟଭାଗ ସହିତ ଯୋଡ଼ିହେବାର ସୁଯୋଗ ସୃଷ୍ଟି ହେବ ବୋଲି ଟୁଇଟ୍ କରାଯାଇଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପରେ ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ରାଜ୍ୟର ଦ୍ୱିତୀୟ ବିମାନ ବନ୍ଦର ଭାବେ ନିର୍ମାଣ ହୋଇଥିଲା। ଗତ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦ୍‌ଘାଟନ କରିଥିଲେ। ଏୟାର ଓଡ଼ିଶା ଏହି ବିମାବନନ୍ଦରରୁ ବିମାନ ଉଡ଼ାଣ ଆରମ୍ଭ କରିଥିଲା। କିନ୍ତୁ ବିଭିନ୍ନ ସମସ୍ୟା ପରେ ଏୟାର ଓଡ଼ିଶା ପକ୍ଷରୁ ବିମାନ ସେବା ବନ୍ଦ କରିଦିଆଯାଇଛି। ଏଠାରେ ପୁନଃ ବିମାନ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆ ବିମାନ ମଧ୍ୟରୁ ଏକ ବିମାନକୁ ଭାୟା ଝାରସୁଗୁଡ଼ା ଦେଇ ଯିବା ପାଇଁ ଏଏଆଇ(ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ)କୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହା ଭିତରେ ରାଜ୍ୟର ଆଉ ଏକ ନୂତନ ବିମାନବନ୍ଦର ପ୍ରତିଷ୍ଠା ପାଇଁ ଡିଜିସିଏ ପକ୍ଷରୁ ଲାଇସେନ୍ସ ମିଳିବା ପରେ ରାଜ୍ୟବାସୀ ବିଶେଷକରି ରାଉରକେଲାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ସୂଚନାଯୋଗ୍ୟ, ପୂର୍ବରୁ ରାଉରକେଲା ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ସମ୍ପର୍କରେ ଡିଜିସିଏ ପକ୍ଷରୁ ସମୀକ୍ଷା ହୋଇଥିଲା ଏବଂ ବିମାନ ଉଡ଼ାଣ ପାଇଁ 'ଉଡ଼େ ଦେଶ୍ କା ଆମ୍ ନାଗରିକ(ଉଡ଼ାନ୍)' ଯୋଜନାରେ ଏହି ବିମାନବନ୍ଦର ପ୍ରସ୍ତୁତ ଅଛି ବୋଲି ଘୋଷଣା କରାଯାଇଥିଲା। ଓଡ଼ିଶାରେ ଆଉ ୩ଟି ନୂତନ ବିମାନବନ୍ଦର ହେବ ବୋଲି ଗତବର୍ଷ ସେପ୍ଟେମ୍ବରରେ ଏଏଆଇ ପକ୍ଷରୁ ଘୋଷଣା କରାଯାଇଥିଲା। ସେଗୁଡ଼ିକ ହେଲା ଜୟପୁର, ରାଉରକେଲା ଓ କଳାହାଣ୍ଡିର ଉତ୍କେଲା। ଏହି ୩ଟି ବିମାନବନ୍ଦରର ଭିତ୍ତିଭୂମି ବିକାଶ ପାଇଁ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ସୂଚନା ମିଳିଛି।

# ରାଷ୍ଟ୍ରପତିଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା ବୃଦ୍ଧି କରାଯିବା ଦାବି ନେଇ ନୂଆଦିଲ୍ଲୀରେ ମଙ୍ଗଳବାର ବିଜେଡି ପକ୍ଷରୁ କୃଷକ ଅଧିକାର ସମାବେଶ କରାଯାଇଛି। ସମାବେଶ ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ରାଷ୍ଟ୍ରପତି ଭବନ ଯାଇ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସାକ୍ଷାତ କରିଛନ୍ତି। ଏଥିସହିତ ସେମାନେ ଏମ୍‌ଏସ୍‌ପି ବୃଦ୍ଧି କରିବା ପ୍ରସଙ୍ଗରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ଏମ୍‌ଏସ୍‌ପି ବୃଦ୍ଧି ପ୍ରସଙ୍ଗ ସହ ଓଡ଼ିଶାର ବିଭିନ୍ନ ଅର୍ଥନୈତିକ ଓ ସାମାଜିକ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରାଯାଇଛି।

କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୧୭୫୦ଟଙ୍କା ରହିଛି। ପୂର୍ବରୁ ଏହି ମୂଲ୍ୟକୁ ୨୯୩୦କୁ ବୃଦ୍ଧି କରିବା ପାଇଁ ଓଡ଼ିଶା ବିଧାନସଭାରେ ସର୍ବସମ୍ମତକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିବା ବିଷୟ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ସିଏସିପି ସୁପାରିସ, କାଳିଆ ଯୋଜନା, ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏନ୍‌ଡିଏ ପ୍ରତିଶ୍ରୁତି ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଲ୍ଲେଖ କରାଯାଇଛି। ଏହା ପରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚାଷୀର ଆୟ ବୃଦ୍ଧି କରିବା ପାଇଁ ଏମ୍‌ଏସ୍‌ପି ୨୯୩୦ ଟଙ୍କା ହେବା ଆବଶ୍ୟକ। ତେଣୁ କେନ୍ଦ୍ର ନିଜ ପ୍ରତିଶ୍ରୁତି ମୁତାବକ ସ୍ୱାମୀନାଥନ କମିଟି ସୁପାରିସକୁ କାର୍ଯ୍ୟକାରୀ କରୁ। ଏମ୍‌ଏସ୍‌ପି ବୃଦ୍ଧି ନେଇ ରାଜ୍ୟ ଓ ଦଳର ଆନ୍ଦୋଳନ ଜାରି ରହିବ। ରାଷ୍ଟ୍ରପତିଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜୁ କୃଷକ ଜନତା ଦଳର ସଭାପତି ପ୍ରସନ୍ନ ଆଚାର୍ଯ୍ୟ, ମହାସଚିବ ପ୍ରତାପ ଜେନା, ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ, ସଂସଦୀୟ ଦଳ ମୁଖ୍ୟ ସଚେତକ ତଥାଗତ ସତପଥୀ ପ୍ରମୁଖ ଥିଲେ। ସେହିପରି ଏମ୍‌ପି ରବୀନ୍ଦ୍ର ଜେନା, ଏନ. ଭାସ୍କରରାଓ, ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଦେବୀପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଅରୁଣ ସାହୁ ଏବଂ ପୁରସ୍କାରପ୍ରାପ୍ତ ୨ ଚାଷୀ ସ୍ନିଗ୍ଧା ପଟେଲ ଓ ରମଣୀରଞ୍ଜନ ପ୍ରଧାନ ମଧ୍ୟ ରାଷ୍ଟ୍ରପତି ଭବନକୁ ଯାଇଥିଲେ।

ପ୍ରଥମ ପୃଷ୍ଠାରୁ...

### ୨୯ ଜିଲାରେ ସ୍କୁଲ...

କଳାହାଣ୍ଡି ଜିଲାରେ ଶିକ୍ଷାନୁଷ୍ଠାନ ଖୋଲାରହିବ। ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିବା ଜିଲାଗୁଡ଼ିକ ହେଲା ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, ସମ୍ବଲପୁର, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, ଗଜପତି, କୋରାପୁଟ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ସୁନ୍ଦରଗଡ଼, ଢେଙ୍କାନାଳ, ବରଗଡ଼, ନୂଆପଡ଼ା, କେନ୍ଦୁଝର, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା ଏବଂ ସୁବର୍ଣ୍ଣପୁର।

### ସମ୍ବିଧାନ ସଂଶୋଧନ ବିଲ୍ ...

ଉକ୍ତ ସୀମା କେବଳ ଜାତିଭିତ୍ତିକ କୋଟା ପାଇଁ ଉଦ୍ଦିଷ୍ଟ। ସରକାର ଆଣିଥିବା ବିଲ୍ ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ହୋଇଥିବାରୁ ଏକ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ଧାର୍ଯ୍ୟ ସୀମା ଲାଗୁ ହେବ ନାହିଁ। ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ ସ୍ଥାନ ସଂରକ୍ଷଣ ନିମନ୍ତେ ସମ୍ବିଧାନରେ ସଂଶୋଧନ ଆବଶ୍ୟକ ପଡୁଛି। ସେଥିପାଇଁ ସରକାର ସମ୍ବିଧାନ (୧୨୪ତମ ସଂଶୋଧନ) ବିଲ୍, ୨୦୧୯ ଆଣିଛନ୍ତି। ପୂର୍ବରୁ କୋଟା ସୁବିଧା ଲାଗି କେବଳ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ପଛୁଆକୁ ମାନଦଣ୍ଡ ଭାବେ ଗ୍ରହଣ କରାଯାଇଥିଲା। କଂଗ୍ରେସ ଇସ୍ତାହାରରେ ଏଭଳି କୋଟା ସମ୍ପର୍କରେ ଉଲ୍ଲେଖ କରିଥିବାରୁ ଏହା ଏବେ ବିରୋଧୀ ଦଳ ଲାଗି ପରୀକ୍ଷା ବୋଲି ଜେଟ୍‌ଲୀ କହିଥିଲେ। ଭାଜପା ମଧ୍ୟ ଏହାର ଇସ୍ତାହାରରେ ଆର୍ଥିକ ଦୁର୍ବଳଙ୍କ ଲାଗି ସ୍ଥାନ ସଂରକ୍ଷଣକୁ ସମର୍ଥନ କରିଥିଲା ଏବଂ ଏହାକୁ ଲାଗୁ କରିବା ଦିଗରେ କାର୍ଯ୍ୟ କରୁଛି। ସମ୍ବିଧାନ ପ୍ରଣେତାମାନେ ସ୍ଥିତି ଓ ସୁଯୋଗର ସମାନତା ସମ୍ପର୍କରେ କହିଥିବା ଅର୍ଥମନ୍ତ୍ରୀ ଉଲ୍ଲେଖ କରିଥିଲେ। ଯଦି ବିରୋଧୀ ଦଳ ବିଲ୍‌କୁ ସମର୍ଥନ କରୁଛନ୍ତି ତେବେ ଖୋଲା ହୃଦୟରେ କରିବା ଉଚିତ, ଅନିଚ୍ଛାକୃତ ଭାବେ ନୁହେଁ ବୋଲି ଜେଟ୍‌ଲୀ କହିଥିଲେ। ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ରାଜ୍ୟ ବିଧାନସଭାଗୁଡିକର ଅନୁମୋଦନ ଆବଶ୍ୟକ ନାହିଁ ବୋଲି ସେ କହିଥିଲେ। ଏହା କାର୍ଯ୍ୟକାରୀ ହେଲେ ଦେଶରେ ପ୍ରଥମ ଅର୍ଥନୈତିକ ସ୍ଥାନ ସଂରକ୍ଷଣ ହେବ। ସୋମବାର କେନ୍ଦ୍ର କ୍ୟାବିନେଟ ସାଧାରଣ ବର୍ଗର ଆର୍ଥିକ ଦୁର୍ବଳଙ୍କ ଲାଗି ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜିର ଚନ୍ଦ୍ର ରାଶ୍ୟାଧିପ ମଙ୍ଗଳଙ୍କ ନକ୍ଷତ୍ରରେ ଥିବାରୁ କର୍ମକ୍ଷେତ୍ରରେ ତତ୍ପରତାର ସହ ସଫଳତା ହାସଲ କରିବାରେ ସମର୍ଥ ହେବେ। ପାପଯୁକ୍ତ ଚତୁର୍ଥାଧିପତି ହେତୁ ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ, ଛୋଟ ଦୋକାନରୁ ସେତେଟା ଭଲ ଫଳ ମିଳି ନ ପାରେ। ପାରିବାରିକ ସ୍ତରରେ ମଧ୍ୟ ବୁଝାମଣା ଠିକ୍ ରହିବ ନାହିଁ।

**ବୃଷ**



ପାପଗ୍ରହ ଯୁକ୍ତ ଧନସ୍ଥାନ ଆର୍ଥିକ ସ୍ଥିତିକୁ ଦୁର୍ବଳ କରିବ। ଅବଶ୍ୟ ଶୁକ୍ରଙ୍କ ରାଶି ଅବଲୋକନ ଦୈହିକ ଦୁର୍ବଳତାକୁ ଦୂର କରିବାରେ ସାହାଯ୍ୟ କରିବ। ଆତ୍ମୀୟମାନଙ୍କ ସହ ଯୋଗରୁ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସହକର୍ମୀଙ୍କ ଜରିଆରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମିଥୁନ**



ବନ୍ଧୁବର୍ଗଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କରଜକରି ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିବାକୁ ବାଧ୍ୟ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ ଉପରିସ୍ଥଙ୍କ କଟୁ ସମାଲୋଚନା ଶୁଣିବାକୁ ପଡିବ। ବ୍ୟବସାୟରେ ନୂତନ ପଦକ୍ଷେପ ଗ୍ରହଣ କରିବା ସକାଶେ ମନ ବଳାଇବେ।

**କର୍କଟ**



ରବିଙ୍କ ପ୍ରଭାବରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ନିକଟ ସମ୍ପର୍କୀୟମାନଙ୍କ ସହଯୋଗ ଲାଭକରି ଅଟକି ରହିଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିପାରନ୍ତି। ମାଲିମକଦ୍ଦମାରେ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ କୌଣସି ସମସ୍ୟା ଉପୁଜିପାରେ। ପ୍ରକାଶନ, ଚୁକ୍ତିପତ୍ର, ପ୍ରଶାସନ, ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ସିଂହ**



ଗୁରୁ ଓ ଶୁକ୍ର ପରିବାର ସ୍ଥାନରେ ଲୋକସମ୍ପର୍କ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଅସମର୍ଥିତ ସୂତ୍ରରୁ କୌଣସି ଖବର ଶୁଣି କିମ୍ବା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବାଣିଜ୍ୟ,ବ୍ୟବସାୟ, ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ସହ ମାନମନାନ୍ତର ଦେଖା ଦେଇପାରେ। ମିତ୍ର କେହି ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଛଳନା କରି ଦୂରେଇ ଯାଇପାରନ୍ତି।

**କନ୍ୟା**



ଧର୍ମଭାବ ପ୍ରତି ଗ୍ରହମାନଙ୍କ ଦୃଷ୍ଟି କୌଣସି ନୂତନ କର୍ମାରମ୍ଭ ସକାଶେ ମାନସିକତା ସୃଷ୍ଟି କରିବ,ସାହିତ୍ୟ, ସାମ୍ବାଦିକତା,ଗବେଷଣା,ବ୍ୟବସାୟ,ଚୁକ୍ତିପତ୍ର,ସଭା ସମିତି, ଆଲୋଚନା କ୍ଷେତ୍ରରେ ସଫଳତା ପାଇବେ। ପାଖ,ପଡ଼ୋଶୀଙ୍କ ସହ ସୁସମ୍ପର୍କ ରଖିବା ପାଇଁ ଚେଷ୍ଟିତ ହେବେ। ଆଜିର ଯାତ୍ରା,ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ କ୍ଷୀଣ ଆଶା ରହିଛି।

**ତୁଳା**



ଆଜିର ଗ୍ରହଯୋଗ ପ୍ରଭାବରେ ଯାହାକୁ ଯାହା କହିବେ ତାହା କଦାପି ନିଷ୍ଫଳ ହେବନାହିଁ। କିନ୍ତୁ ତୃତୀୟସ୍ଥ ପାପଗ୍ରହ ଜନିତ କୌଣସି କାମରେ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସାମ୍ବାଦିକତା, ସଭାସମିତିରେ ସୁନାମ ମିଳିବ। ଅଫିସ୍ କାମରୁ ଫାଇଲ କିମ୍ବା ଅର୍ଥ ସମ୍ପର୍କୀୟ କୌଣସି ଅଭିଯୋଗ ଆସିପାରେ।

**ବିଛା**



ବୃହସ୍ପତିଙ୍କ ଶୁଭଦୃଷ୍ଟିଜନିତ ସମ୍ପର୍କ ଦୃଢୀଭୂତ ହେବା ସହ ଲକ୍ଷ୍ୟପୂରଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ। କିନ୍ତୁ ଭିତରେ ଭିତରେ ଈର୍ଷା କରୁଥିବା କୌଣସି ନିଜ ପରିସରର ବ୍ୟକ୍ତିଙ୍କ ସହ ସମ୍ପର୍କ ହ୍ରାସ ହେବ। ଆପଣ ସାଧାରଣ ପ୍ରଶଂସାରେ ଯେତିକି ଉତ୍‌ଫୁଲ୍ଲିତ ହେବେ ଠିକ୍‌ଏ ମାତ୍ର ସମାଲୋଚନାରେ ତଦନୁପାତରେ ବ୍ୟତିବ୍ୟସ୍ତ ହୋଇପାରନ୍ତି।

**ଧନୁ**



ପାପଗ୍ରହମାନେ ରାଶିରେ ଅବସ୍ଥାନ କରିବିବାଦୀୟ ଚିନ୍ତାଧାରା ଉତ୍ପନ୍ନ କରିପାରନ୍ତି। ଚନ୍ଦ୍ର ଓ କେତୁଙ୍କ ସ୍ଥିତିଜନିତ ବନ୍ଧୁମାନେ ପରୋକ୍ଷ ଭାବରେ ବିରୁଦ୍ଧାଚରଣ କରିବେ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କିନ୍ତୁ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହାକି ଆପଣଙ୍କ କାମଗୁଡ଼ିକ ସୁବିଧାରେ ହେବାକୁ ସାହାଯ୍ୟ କରିବ।

**ମକର**



ରାଶିରେ ଚନ୍ଦ୍ର ମନ୍ଦଗ୍ରହ ଶନିକ୍ଷେତ୍ରସ୍ଥ କାରଣରୁ ପ୍ରତ୍ୟେକ କାର୍ଯ୍ୟ ଓ ଚିନ୍ତାଧାରା ଶିଥିଳ ରହିବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ସାହିତ୍ୟ, ସଙ୍ଗୀତ, ଶିଳ୍ପ, ବ୍ୟବସାୟ,ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ।

**କୁମ୍ଭ**



କୌଣସି ଦାୟିତ୍ୱପୂର୍ଣ୍ଣ କାମଟି ଧିମେଇ ଯିବାରୁ ମାନସିକ ସ୍ତରରେ ଚିନ୍ତିତ ରହିପାରନ୍ତି। ବ୍ୟବସାୟିକ ସଫଳତା ଅବଶ୍ୟ ମିଳିବ କିନ୍ତୁ ଋଣ ପରିଶୋଧଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରା, ବାଣିଜ୍ୟ, ପରିବହନରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକର ସାମନା କରିବାକୁ ପଡ଼ିପାରେ। ତଥାପି ରାଜନୀତି, ଆନୁଷ୍ଠାନିକ ପାଇଁ ଦିନଟି ମନ୍ଦ ହେବନି।

**ମୀନ**



ଧନ ଭାଗ୍ୟାଧିପତି ରାଶିରେ ରହିଥିବାରୁ ଅର୍ଥ ସହ ବିଶିଷ୍ଟବ୍ୟକ୍ତି ସାନ୍ନିଧ କିମ୍ବା ଅନୁକମ୍ପା ଲାଭ କରିପାରିବେ। ଧର୍ମକାର୍ଯ୍ୟ, ସନ୍ତାନଙ୍କ ଉଚ୍ଚଶିକ୍ଷା, ନୂତନ କର୍ମାରମ୍ଭ ଓ ଯୋଜନା ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ମାଲିମକଦ୍ଦମା, ରାଜନୀତି, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଅସ୍ଥିରତା ପରିଲକ୍ଷିତ ହୋଇପାରେ।

ଆଜି ପୌଷ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ବୁଧବାର, ଜାନୁୟାରୀ ୯ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ୧।୫୭ମି. ଗତେ, କୁମ୍ଭ ଚନ୍ଦ୍ର, କର୍କଟ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରବାସୀଭାରତୀୟ ଦିବସ, ଶରଣଂ ଦିବା ଘ୭।୪୭ମି. ଗତେ, ଘ୯।୦୯ମି. ମଧ୍ୟେ ଘ୨।୩୮ମି. ଗତେ, ଘ୪।୦୦ମି. ମଧ୍ୟେ.ଅମୃତବେଳା। ସକାଳ ଘ୭।୪୭ମି. ମଧ୍ୟେ, ଘ୧୦।୩୦ମି. ଗତେ, ଘ୧୧।୫୦ମି. ମଧ୍ୟେ ଘ୪।୦୦ମି. ଗତେ, ଘ୫।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୫୪ମି. ଗତେ ଘ୧।୧୫ମି. ମଧ୍ୟେ ରାହୁ କାଳ।




# ଜେଇଇ ମେନ୍: ପରୀକ୍ଷା ଦେଲେ ୩୯ ହଜାର ଛାତ୍ରୀଛାତ୍ର

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଟ୍ରେଡ୍ ୟୁନିୟନର ଧର୍ମଘଟ ସତ୍ତ୍ୱେ ମଙ୍ଗଳବାର ଜେଇଇ ମେନ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସମେତ ରାଜ୍ୟର ୯ଟି ସହରରେ ପରୀକ୍ଷା ହୋଇଥିଲା। ସାରା ଦେଶରେ ୯ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଓଡ଼ିଶାରୁ ପ୍ରାୟ ୩୯ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ମଙ୍ଗଳବାର ପ୍ରଥମ ଦିନରେ ବି.ଆର୍କ ଓ ବି.ପ୍ଲାନିଂ ପାଇଁ ପରୀକ୍ଷା ହୋଇଥିଲା। ସକାଳ ସାଢ଼େ ୯ଟାରୁ ଅପରାହ୍ନ ସାଢ଼େ୧୨ଟା ପର୍ଯ୍ୟନ୍ତ ପ୍ରଥମ ସିଟିଂ ଓ ଅପରାହ୍ନ ସାଢ଼େ ୨ଟାରୁ ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଟିଂ ପରୀକ୍ଷା ଚାଲିଥିଲା। ବୁଧବାରଠାରୁ ୧୨ତାରିଖ ପର୍ଯ୍ୟନ୍ତ ବି.ଟେକ୍ ପାଇଁ ପରୀକ୍ଷା ହେବ। ଚଳିତ ବର୍ଷ ପ୍ରଥମଥର ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ପରୀକ୍ଷା ପରିଚାଳନା କରୁଛି। ତେବେ ଭାରତ ବନ୍ଦ ଯୋଗୁ ପରୀକ୍ଷା କେନ୍ଦ୍ରକୁ ଆସୁଥିବା ପରୀକ୍ଷାର୍ଥୀମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିବା ଦେଖାଯାଇଥିଲା।






# ଗଣତନ୍ତ୍ର ଦିବସ ପରେଡ୍‌ରୁ ବାଦ୍ ପଡ଼ିଲା ଓଡ଼ିଶା

## ■ ଦେଖିବାକୁ ମିଳିବନି ଓଡ଼ିଶାର ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର,୮।୧(ବ୍ୟୁରୋ)

ଏଥର ଗଣତନ୍ତ୍ର ଦିବସ ପରେଡ୍‌ରେ ଭାଗନେବନି ଓଡ଼ିଶା। ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ପରେଡ୍‌ରେ ଚଳିତବର୍ଷ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ଦେଖିବାକୁ ମିଳିବନି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ବିଶେଷଜ୍ଞ କମିଟିକୁ ପ୍ରଜ୍ଞାପନ ମେଢ଼ ଡିଜାଇନ୍ ସମ୍ପର୍କିତ ଯେଉଁ ପ୍ରସ୍ତାବ ଦିଆଯାଇଥିଲା, ତାହାକୁ ଅନୁମୋଦନ ମିଳି ନ ଥିବାରୁ ଓଡ଼ିଶାକୁ ନିରାଶ ହେବାକୁ ପଡ଼ିବ।

ଜାନୁୟାରୀ ୨୬ରେ ଦିଲ୍ଲୀ ରାଜପଥରେ ହେବାକୁ ଥିବା ଜାତୀୟସ୍ତରୀୟ ଗଣତନ୍ତ୍ର ଦିବସ ପରେଡ୍‌ରେ ଏଥର ୧୪ ରାଜ୍ୟର ପ୍ରଜ୍ଞାପନ ମେଢ଼ ଦେଖିବାକୁ ମିଳିବ। ଚଳିତବର୍ଷ ୩୨ ରାଜ୍ୟରୁ ଆସିଥିବା ପ୍ରସ୍ତାବ ମଧ୍ୟରୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ବିଶେଷଜ୍ଞ କମିଟି ୧୪ ରାଜ୍ୟର ପ୍ରସ୍ତାବକୁ ଅନୁମୋଦନ ଦେଇଛି, ଯାହା ମଧ୍ୟରେ ଲଗାତର ଦ୍ୱିତୀୟ ଥର ପାଇଁ ଓଡ଼ିଶାର ନାମ ନାହିଁ। ଏହାବ୍ୟତୀତ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ହିମାଚଳ ପ୍ରଦେଶ, ଆସାମ, କେରଳର ପ୍ରଜ୍ଞାପନ ମେଢ଼କୁ ମଧ୍ୟ ଚୟନ କରାଯାଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ଚଳିତବର୍ଷ ଗଣତନ୍ତ୍ର ଦିବସ ପରେଡ୍ ପାଇଁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ 'ଗାନ୍ଧୀ କନେକ୍ଟ' ଥିମ୍‌ରେ ପ୍ରଜ୍ଞାପନ ମେଢ଼ ଡିଜାଇନ୍ ପଠାଇବାକୁ ରାଜ୍ୟଗୁଡ଼ିକୁ କହିଥିଲା। ଏହାକୁ ଆଧାର କରି ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କେନ୍ଦ୍ର କମିଟିକୁ ମୋଟ ୫ଟି ପ୍ରସ୍ତାବ ଦିଆଯାଇଥିଲା। ଓଡ଼ିଶା ଯେଉଁ ୫ଟି ଡିଜାଇନ୍ ପଠାଇଥିଲା, ସେଥିରେ ଗାନ୍ଧୀଙ୍କ ଜୀବନୀକୁ ଗୁରୁତ୍ୱ ଦିଆଯାଇଥିଲା। ହେଲେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ଗଠିତ ବିଶେଷଜ୍ଞ କମିଟିର ପ୍ରଥମ ବୈଠକରେ ଓଡ଼ିଶାର ପ୍ରସ୍ତାବଗୁଡ଼ିକ ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି ପ୍ରସ୍ତାବକୁ ଅନୁମୋଦନ ଦିଆଯାଇନାହିଁ, ଯେଉଁଥିପାଇଁ ଓଡ଼ିଶା ଏହି ପରେଡ୍‌ରୁ ବାଦ୍ ପଡ଼ିଛି। ୨୦୧୮ରେ ଓଡ଼ିଶା 'ବ୍ରହ୍ମପୁର ଠାକୁରାଣୀ ଯାତ୍ରା' ସମ୍ପର୍କିତ ପ୍ରଜ୍ଞାପନ ମେଢ଼ ଡିଜାଇନ୍ ଦେଇଥିବା ବେଳେ ଶେଷ ମୁହୂର୍ତ୍ତରେ ଏହାକୁ ବାଦ୍ ଦିଆଯାଇଥିଲା।

## ■ ମହାମେଣ୍ଟ ପ୍ରସଙ୍ଗ

# ନିଷ୍ପତ୍ତି ପାଇଁ ଆହୁରି ସମୟ ଆବଶ୍ୟକ: ନବୀନ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ସାଧାରଣ ନିର୍ବାଚନକୁ ପ୍ରାୟ ୪ ମାସରୁ କମ୍ ସମୟ ରହିଛି। ଦେଶରେ ପ୍ରଭାବଶାଳୀ ଆଞ୍ଚଳିକ ଦଳ ମଧ୍ୟରୁ ବିଜେଡି ଅନ୍ୟତମ। ହେଲେ ୨୦୦୯ରୁ ବିଜେଡି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଛାଡି ସାରିଛି। ସେହିପରି କଂଗ୍ରେସ ନେତୃତ୍ୱାଧୀନ ଉପା ଠାରୁ ମଧ୍ୟ ଦୂରତା ରକ୍ଷା କରିଛି। ତେଣୁ ଆଗାମୀ ଦିନରେ ବିଜେଡି କି ରଣନୀତି ଗ୍ରହଣ କରୁଛି, ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି। ଏହିକ୍ରମରେ ଭାଜପା ବିରୋଧରେ ଦେଶରେ ମହାମେଣ୍ଟ ମୁଣ୍ଡ ଟେକିଲାଣି। ହେଲେ ଏଥିରେ ବିଜେଡିର ଯୋଗଦାନ ନେଇ ଏବେ ମଧ୍ୟ କିଛି ସ୍ପଷ୍ଟ ହୋଇନାହିଁ। ବିଜେଡି ସମଦୂରତ୍ୱ ନୀତି ବଜାୟ ରଖି ନିଜ କାର୍ଡ ଏଯାବତ୍ ଖୋଲିନାହିଁ। ଏହି ସମୟରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ମହାମେଣ୍ଟରେ ଯୋଗଦେବେ କି ନାହିଁ, ସେ ପ୍ରସଙ୍ଗରେ ବିଚାରବିମର୍ଶ ପାଇଁ ଅଧିକ ସମୟ ଦରକାର। ତେଣୁ ପୂର୍ବପରି ସମଦୂରତ୍ୱ ଜାରି ରହିବ।

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା କରିବା ପାଇଁ ବିଜେଡି ପକ୍ଷରୁ ମଙ୍ଗଳବାର କୃଷକ ଅଧିକାର ସମାବେଶ କରାଯାଇଥିଲା। ଏଥିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ। ଏହି ସମୟରେ ଜାତୀୟ ଗଣମାଧ୍ୟମ ପ୍ରତିନିଧିମାନେ ଆଗାମୀ ସାଧାରଣ ନିର୍ବାଚନ ନେଇ ବିଜେଡି ଆଭିମୁଖ୍ୟ ସମ୍ପର୍କରେ ଜାଣିବା ପାଇଁ ନବୀନଙ୍କୁ ପ୍ରଶ୍ନ କରିଥିଲେ। ଯାହାର ଉତ୍ତରରେ ସେ ଅଧିକ ସମୟ ଆବଶ୍ୟକ ସମ୍ପର୍କରେ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ନେଇ ଜାତୀୟ ରାଜନୀତିରେ ନାନା ଚର୍ଚ୍ଚା ଜୋର ଧରିଛି।

# ମହିଳା ସଂରକ୍ଷଣ: ରାହୁଲଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

ଭୁବନେଶ୍ୱର, ୮।୧(ବ୍ୟୁରୋ)

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହି ପ୍ରସଙ୍ଗରେ ମଙ୍ଗଳବାର ବିଜେଡି ପ୍ରତିନିଧି ଦଳ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଭେଟିଛନ୍ତି। ଉକ୍ତ ପ୍ରତିନିଧି ଦଳରେ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ, ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଏବଂ ପୁରୀ ଏମ୍‌ପି ପିନାକୀ ମିଶ୍ର ରହିଥିଲେ। ରାହୁଲଙ୍କୁ ଭେଟିବା ପରେ ତଥାଗତ ସତପଥୀ କହିଛନ୍ତି ଯେ, ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନୀତିଗତ ସମର୍ଥନ ଲୋଡି ଲେଖାଯାଇଥିବା ପତ୍ର କଂଗ୍ରେସ ଅଧ୍ୟକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ମହିଳା ସଂରକ୍ଷଣ ପ୍ରସଙ୍ଗରେ ତାଙ୍କ ସହ ଆଲୋଚନା ମଧ୍ୟ ହୋଇଛି। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ କଂଗ୍ରେସ ଶାସିତ ରାଜ୍ୟ ବିଧାନସଭାଗୁଡିକରେ ପ୍ରସ୍ତାବ ଗୃହୀତ ପାଇଁ ପଦକ୍ଷେପ ନେଇଥିଲେ। ସେ କଂଗ୍ରେସ ମୁଖ୍ୟମନ୍ତ୍ରୀମାନଙ୍କୁ ଚିଠି ମଧ୍ୟ ଲେଖିଥିଲେ। ଏଥିପାଇଁ ତାଙ୍କୁ ଧନ୍ୟବାଦ ଦିଆଯାଇଥିବା ତଥାଗତ କହିଛନ୍ତି।

**ଅଭିନେତ୍ରୀ ନିକିତା ମୃତ୍ୟୁ ଘଟଣା**

# ଜେଲ ଗଲେ ସ୍ୱାମୀ, ହାଜର ହେଲେନି ଶାଶୁ, ଶ୍ୱଶୁର

କଟକ ଅଫିସ, ୮।୧

ଅଭିନେତ୍ରୀ ନିକିତା ଓରଫ ଲକ୍ଷ୍ମୀପ୍ରିୟା ବେହେରା ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଲିପନ ସାହୁ ମଙ୍ଗଳବାର ଜେଲ ଯାଇଛନ୍ତି। ଲିପନଙ୍କୁ ସୋମବାର ପୋଲିସ ଗିରଫ କରିଥିଲା। ଆଇପିସି ଦଫା ୩୦୨, ୧୦୨, ୧୨୦(ବି) ଓ ୪୯୮ (ଏ) ତାଙ୍କୁ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ବିଶ୍ୱଜିତ ବରାଳ କହିଛନ୍ତି। ଅନ୍ୟପକ୍ଷରେ ନିକିତାଙ୍କ ଶାଶୁ କୁନ୍ତଳା ସାହୁ ଓ ଶ୍ୱଶୁର ଲିଙ୍ଗରାଜଙ୍କୁ ପଚରାଉଚରା ନିମନ୍ତେ ପୋଲିସ ଡକାଇଥିଲା। ହେଲେ ସେମାନେ ପୋଲିସ ନିକଟରେ ହାଜର ହୋଇନାହାନ୍ତି। ବୁଧବାର ଉଭୟଙ୍କୁ ଅଣାଯିବାକୁ ବ୍ୟବସ୍ଥା କରାଯିବ ବୋଲି ଡିସିପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି।

ଲିପନ ଗିରଫ ହେବା ପରେ ମଙ୍ଗଳବାର ପ୍ରଥମଥର ପାଇଁ ଲିପନଙ୍କ ଭଉଣୀ ଅର୍ଥାତ୍ ନିକିତାଙ୍କ ନଣନ୍ଦ ସୋନମ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ନିକିତା ବହୁତ ବଦରାଗୀ। କୌଣସି କଥା ସେ ଏତେ ସହଜରେ ଗ୍ରହଣ ନ କରି ଅନେକ ସମୟରେ ଆମ ପରିବାର ଲୋକଙ୍କ ସହ ଯୁକ୍ତିତର୍କ କରନ୍ତି। ମୋ ଭାଇ ଲିପନ ଭାଉଜଙ୍କୁ ମାରିଛନ୍ତି ବୋଲି ମୁଁ କାହିଁ ବିଶ୍ୱାସ କରିପାରୁନାହିଁ। ମୃତା ନିକିତାଙ୍କ ବାପା ସନାତନ କହିଛନ୍ତି, ଆଇନ ଆଖିରେ ଲିପନ କେବଳ ଦୋଷୀ। ହେଲେ ମୋ ନଜରରେ ସେ ହତ୍ୟାକାରୀ। କିନ୍ତୁ ଏହି ଘଟଣାରେ ଲିପନଙ୍କ ମା' ଓ ବାପା ହେଉଛନ୍ତି ସବୁରି ମୂଳ। ପୋଲିସ ତଦନ୍ତ ଉପରେ ମୋର ଆସ୍ଥା ରହିଛି। ଆଗକୁ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଗିରଫ ହେବେ ବୋଲି ସନାତନ କହିଛନ୍ତି।


ଲିପନଙ୍କୁ ଜେଲକୁ ନିଆଯାଉଛି।

ସୂଚନାଯୋଗ୍ୟ, ନିକିତା ମହାନଦୀ ବିହାରସ୍ଥିତ ବାପ ଘରେ ଥିବାବେଳେ ଗତ ୪ ତାରିଖ ଶନିବାର ରାତିରେ ତାଙ୍କୁ ସ୍ୱାମୀ ଲିପନ ଛାତରୁ ଠେଲି ଦେଇଥିଲେ। ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୫ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ୬ ତାରିଖରେ ବାପା ସନାତନ ଚାଉଳିଆଗଞ୍ଜ ଥାନାରେ ମଧ୍ୟ ନିକିତାଙ୍କ ମୃତ୍ୟୁ ପାଇଁ ସ୍ୱାମୀ ଲିପନଙ୍କ ସମେତ ଶାଶୁ କୁନ୍ତଳା ଓ ଶ୍ୱଶୁର ଲିଙ୍ଗରାଜଙ୍କ ନାଁରେ ଅଭିଯୋଗ କରିଥିଲେ। ଆଇଆଇସି ଅଜୟ ଦାସଙ୍କ କହିବାନୁଯାୟୀ, ଲିପନ ହେଉଛନ୍ତି ବାପା ମା'ଙ୍କର ଗୋଟିଏ ପୁଅ। ଶାଶୁ ଓ ଶ୍ୱଶୁର ଚାହୁଁଥିଲେ ନିକିତା ଘରର ବୋହୂ ହୋଇ ଚଳନ୍ତୁ। ଠିକ୍ ସମୟରେ ଘରକୁ ଆସନ୍ତୁ। ସମସ୍ତ ରୋଜଗାର ଆମକୁ ଦିଅନ୍ତୁ। ଯେହେତୁ ନିକିତା ଗ୍ଲାମର ଦୁନିଆ ସହିତ ଜଡ଼ିତ ଥିଲେ ତାଙ୍କ ପକ୍ଷରେ ଏସବୁ ସମ୍ଭବ ହୋଇ ନ ଥିଲା। ଏହାକୁ ନେଇ ପରିବାରରେ ଅଶାନ୍ତି ଉପୁଜିଥିଲା। ପରିଣାମ ଶେଷରେ ଏଭଳି ଭୟଙ୍କର ରୂପ ନେଇଥିଲା।

# ଭାଜପା କୃଷକ ମୋର୍ଚ୍ଚାର ସଚିବାଳୟ ଘେରାଉ ଉଦ୍ୟମ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ସବୁ ଦଳ ବର୍ତ୍ତମାନ ଚାଷୀ ସମସ୍ୟାକୁ ନେଇ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି। ଚାଷୀ ପ୍ରସଙ୍ଗରେ ଦିଲ୍ଲୀରେ ବିଜେଡି ନିଜର ଦମ୍ ଦେଖାଇବାକୁ ପ୍ରୟାସ କରିଥିବା ବେଳେ ଭାଜପା ରାଜଧାନୀରେ ସମାନ ଉଦ୍ୟମ କରିଛି। ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସଚିବାଳୟ ଘେରାଉ କରିବାକୁ ଉଦ୍ୟମ କରାଯାଇଛି। ରାଜ୍ୟରେ ମଣ୍ଡି ନ ଖୋଲିବା, କେନ୍ଦ୍ର ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ନ କିଣାଯିବା, ସୁଧ ମୁକ୍ତ ଋଣ ଚାଷୀମାନଙ୍କୁ ଯୋଗାଇଦେବା, କୃଷିଋଣ ଛାଡ଼ କରିବା, ଜମିକୁ ଜଳସେଚନ ଯୋଗାଇଦେବା ଆଦି ବିଭିନ୍ନ ପ୍ରସଙ୍ଗରେ ଭାଜପା ରାସ୍ତାକୁ ଓହ୍ଲାଇଥିଲା। ପୂର୍ବାହ୍ନ ୧୦ଟା ସମୟରେ ବିଭିନ୍ନ ଜିଲାରୁ ଆସିଥିବା କୃଷକ ମୋର୍ଚ୍ଚା ସଦସ୍ୟମାନେ ଦଳୀୟ କାର୍ଯ୍ୟାଳୟଠାରୁ ସଚିବାଳୟ ଅଭିମୁଖେ ବାହାରିଥିଲେ। ଚାଷୀମାନଙ୍କ ଭିନ୍ନ ଭିନ୍ନ ଚରିତ୍ରର ଅଭିନୟ କରି ରାସ୍ତାରେ ନାଟକ ମଧ୍ୟ କରାଯାଇଥିଲା। ରାଜ୍ୟରେ ଚାଷୀମାନେ କିପରି ଶୋଷଣର ଶିକାର ହେଉଛନ୍ତି ତା'ର ମଧ୍ୟ ନକଲ ନାଟକ ମାଧ୍ୟମରେ କରିଥିଲେ। ଏପରିକି କିଛି ମୋର୍ଚ୍ଚା ସଦସ୍ୟ ଧାନବସ୍ତା, ଲଙ୍ଗଳ, ଶଗଡ଼ ଆଦି ଧରି ରାଜଧାନୀରେ ପହଞ୍ଚିଥିଲେ। ଏହିପରି ଭାବେ ଶତାଧିକ ଚାଷୀ ରାଜଧାନୀଠାରେ ଏକତ୍ରିତ ହୋଇ ସଚିବାଳୟ ଅଭିମୁଖେ ଯାଇଥିଲେ।


ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସଚିବାଳୟ ଘେରାଉ କରିବାକୁ ଉଦ୍ୟମ

ଭାଜପାର ଏହି ଶୋଭାଯାତ୍ରା କେଶରୀ ଟକିଜ୍ ନିକଟରେ ପହଞ୍ଚିବାପରେ ସେଠାରେ ପୋଲିସ୍ ରାସ୍ତା ଅବରୋଧ କରି ସେମାନଙ୍କୁ ଅଟକାଇଥିଲା। ଏହିସମୟରେ ପୋଲିସ ଏବଂ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ପ୍ରବଳ ଧସ୍ତାଧସ୍ତି ହୋଇଥିଲା। ଏହାପରେ ଚାଷୀମାନେ ସେଠାରେ ରାସ୍ତା ଉପରେ ଧାନ ଗଡାଇ ପ୍ରତିବାଦ କରିଥିଲେ। କିଛି ସମୟ ପରେ କୃଷକ ମୋର୍ଚ୍ଚା ସଦସ୍ୟମାନଙ୍କୁ ପୋଲିସ

**■ଶଗଡ଼, ଲଙ୍ଗଳ ଧରି ପ୍ରତିବାଦ**
**■ପୋଲିସ ସହ ଧସ୍ତାଧସ୍ତି**

ସେଠାରୁ ଉଠାଇ ନେଇ ରିଜର୍ଭ ଭିତରେ ଅଟକ ରଖିଥିଲା। ୨ଘଣ୍ଟା ପାଖାପାଖି ପୋଲିସ୍ ସେମାନଙ୍କୁ ଅଟକ ରଖିବାପରେ ଛାଡି ଦେଇଥିବା ଜଣାପଡିଛି। ଏହାପରେ ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଭାଜପା କୃଷକ ମୋର୍ଚ୍ଚାର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଭାଜପାର ଏହି ଚାଷ ସମାବେଶ ପାଇଁ ଦିନକ ଆଗରୁ ପଶ୍ଚିମ ଓ ଉତ୍ତର ଓଡ଼ିଶାର ଶତାଧିକ ଚାଷୀ ଭୁବନେଶ୍ୱରଠାରେ ପହଞ୍ଚିଥିଲେ। ଏ ନେଇ ସମୀର ମହାନ୍ତି କହିଛନ୍ତି ଯେ, କୃଷକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ କୃଷି ଋଣ ଛାଡ, ବ୍ୟାପକ ସଂଖ୍ୟାରେ ମଣ୍ଡି ଖୋଲାଯିବା, ଧାନ ମଣ୍ଡିରେ ପ୍ରତି କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ପ୍ରଦାନ ଏବଂ ରାଜ୍ୟ ସରକାର ଶହେ ଟଙ୍କାର ବୋନସ ଦେବା ଦରକାର । ରାଜ୍ୟ ସରକାର କିଛି ଦାୟିତ୍ୱ ନ ନେଇ କେବଳ ସମାଲୋଚନା କଲେ ରାଜ୍ୟରେ ଚାଷୀର ଉନ୍ନତି ହେବ ନାହିଁ ବୋଲି ସମୀର କହିଛନ୍ତି।


**WAREHOUSING OPEN SPACE AVAILABLE**

Warehousing open space (uncovered) with compound wall measuring appx. 30000 sq. ft. available on N.H. 5, Rudrapur, Pahala, Bhubaneswar. Ideally suitable or storage of telecom equipment, heavy machinery etc. Interested party may contact

**Mr. R.K. Barik: 9861084873**


# କୋଟିଆ ଗାଁ ଅନୁଧ୍ୟାନ କଲେ ଜିଲାପାଳ

ପଟ୍ଟାଙ୍ଗି,୮।୧(ଡି.ଏନ୍.ଏ.)

କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମଙ୍ଗଳବାର ବିବାଦୀୟ କୋଟିଆ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମହିପାଣି ଗ୍ରାମ ଛାଡ଼ି ଆନ୍ଧ୍ର ରାଜ୍ୟ ଅଧୀନସ୍ଥ ଲାନ୍ଦା ଗ୍ରାମରେ ବସବାସ କରୁଥିବା ୧୫ ପରିବାର ଜିଲାପାଳଙ୍କୁ ଭେଟି 'ଆମେ ପୁଣି ଆମ ନିଜ ଗାଁକୁ ଫେରିବା ପାଇଁ ଇଚ୍ଛୁକ, ଆମକୁ ସହଯୋଗ କରନ୍ତୁ' ବୋଲି ଲିଖିତ ଅନୁରୋଧ କରିଛନ୍ତି। ସେହିପରି ମାଡକାର, ଡୋଲିଆମ୍ବ, ହରମାଣ୍ଡାଙ୍ଗି, କଣାଦୋରା, ସଲପଗୁଡ଼, ଫାଟୁସିନେରି ଓ ଫଗୁଣସିନେରି ୭ଟି ଗ୍ରାମରେ ଆସନ୍ତା ମାସରୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯିବ। ଫଗୁଣସିନେରି ଗ୍ରାମରେ ନିୟମିତ ଶିକ୍ଷକ ଆସୁ ନଥିବା ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ମାଡକାରରୁ ଫଗୁଣସିନେରିକୁ କିପରି ଯାତାୟାତ କରିହେବ, ସେନେଇ ୩ ମାସ ମଧ୍ୟରେ ପଦକ୍ଷେପ ନିଆଯାଇ ରାସ୍ତା ନିର୍ମାଣ କରାଯିବ ବୋଲି ଜିଲାପାଳ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଡୋଲିଆମ୍ବ, ସଲପଗୁଡ଼ା ଓ ଫଗୁଣସିନେରିର ୨୭ ଜଣଙ୍କୁ କମ୍ବଳ ବାଣ୍ଟିଥିଲେ ଜିଲାପାଳ। ଚାଉଳ କାର୍ଡ଼ ପାଇଁ ୧୨ ଜଣଙ୍କ ନାମ ପଞ୍ଜିକରଣ କରାଯାଇଥିବା ବେଳେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ୪୩ ଜଣଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଏହି ଅବସରରେ ଉପଜିଲାପାଳ ତଥା କୋଟିଆ ପଞ୍ଚାୟତ ନୋଡାଲ ଅଧିକାରୀ ଲଳିତ କଅଁର, ଆରଡି ନିର୍ବାହୀ ଯନ୍ତ୍ରୀ ଅରୁଣ ପଟ୍ଟନାୟକ, ବିଡିଓ କରୁଣାକର ପ୍ରଧାନ, ତହସିଲଦାର ଡ. ଅରୁଣ ଖଣ୍ଡା, ଏବିଡିଓ ପଦ୍ମନାଭ ତ୍ରିପାଠୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।


**ଗୋଲ୍‌ଡେନ୍ ଫରେଷ୍ଟ୍‌ସ (ଇଣ୍ଡିଆ) ଲିମିଟେଡ୍**

**ନିବେଶକମାନଙ୍କ ପାଇଁ ନୋଟିସ**

୧. କମିଟି–ଜିଏଫ୍‌ଆଇଏଲ୍‌ଙ୍କ ନିକଟରେ ଶେଷ ତାରିଖ (ଜିଏଫ୍‌ଆଇଏଲ୍ ପାଇଁ ଅଗଷ୍ଟ ୧୦, ୨୦୦୬ ଏବଂ ଜିପିଏଲ୍ ପାଇଁ ଜାନୁୟାରୀ ୨୧, ୨୦୧୩) ସୁଦ୍ଧା ନିଜର ଦାବିକୁ ପଞ୍ଜୀକୃତ କରିବାରେ ଅକ୍ଷମ ହୋଇଥିବା ନିବେଶକମାନେ ଏବେ ସେମାନଙ୍କର ଦାବିକୁ କମିଟି–ଜିଏଫ୍‌ଆଇଏଲ୍ ଠିକଣାରେ ଡାକ ଯୋଗେ ଦାଏର କରିପାରନ୍ତି:
(i) ଦାବିକର୍ତ୍ତାମାନେ ଜମାର ମୂଳ/ନୋଟାରାଇଜ୍‌ଡ ପ୍ରତିଲିପି ଏବଂ ବର୍ତ୍ତମାନ ବ୍ୟାଙ୍କ ଖାତାର ଏକ ରଦ୍ଦ ହୋଇଥିବା ଚେକ୍‌ର ପ୍ରତିଲିପି ସଂଲଗ୍ନ କରିବା ଆବଶ୍ୟକ।
(ii) ଦାବି ଫର୍ମର ପ୍ରୋଫର୍ମା ଏବଂ ନିୟମ ଓ ସର୍ତ୍ତାବଳୀ www.goldenforestcommittee.comରେ ଦେଖାଯାଇପାରିବ।
(iii) ପୁନଃପୌନିକ ଜମା ମାମଲାରେ, ଦାବିକର୍ତ୍ତାମାନେ କେବଳ ପ୍ରଥମ ଏବଂ ଶେଷ କିସ୍ତି ରସିଦ୍ ଦାଖଲ କରିବା ଆବଶ୍ୟକ।

୨. କମିଟି ନିକଟରେ ନିଜର ଦାବି ଫାଇଲ୍ କରିଥିବା ନିବେଶକମାନଙ୍କ ହିତ ପାଇଁ, ବ୍ୟାଙ୍କ ବିବରଣୀ ଅପ୍‌ଲୋଡିଂ ଲାଗି ୱେବ୍ ପୋର୍ଟାଲ୍ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଖୋଲା ରହିବା ଜାରି ରହିବ।
ହେଲେ, ୱେବ୍ ପୋର୍ଟାଲ୍‌ରେ ଇତିମଧ୍ୟରେ ନିଜର ବିବରଣୀ ଅପ୍‌ଲୋଡ୍ କରିସାରିଥିବା ଦାବିକର୍ତ୍ତାମାନଙ୍କୁ ପୁନର୍ବାର ସେମାନଙ୍କ ବିବରଣୀ ଦାଏର କରିବାକୁ ପଡ଼ିବ ନାହିଁ।

କମିଟି - ଜିଏଫ୍‌ଆଇଏଲ୍
ଭିପିଓ ଝାରମାରୀ, ଅମ୍ବାଲା-ଚଣ୍ଡିଗଡ଼ ଜାତୀୟ ରାଜପଥ-୨୨,
୦୯/୦୧/୨୦୧୯ ତହସିଲ ଡେରା ବସ୍ସି, ଜିଲ୍ଲା ଏସ୍‌ଏଏସ୍ ନଗର (ମୋହାଲି)-୧୪୦୫୦୧
ଇ-ମେଲ: committee_gfil@rediffmail.com





ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେ କୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ।

-ଶ୍ରୀଅରବିନ୍ଦ

# ହସ୍ତକ୍ଷେପ କାଳ

କେନ୍ଦ୍ର ସରକାରଙ୍କ ପକ୍ଷରୁ ଛୁଟିରେ ଯିବାକୁ ଦିଆଯାଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ଜାନୁୟାରୀ ୮ରେ ସୁପ୍ରିମକୋର୍ଟ ପୁନଃ ଅବସ୍ଥାପିତ କରିଛନ୍ତି। ଚୟନ କମିଟି ସହ ବିଚାରବିମର୍ଶ ନ କରି ସରକାର ତତ୍କ୍ଷଣାତ୍ ଏଭଳି ନିଷ୍ପତ୍ତି ନେବା ଉପରେ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଚୟନ କମିଟି ବର୍ମାଙ୍କ ସମ୍ପର୍କରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବ ବୋଲି ଅଦାଲତ କହିଛନ୍ତି। ଇତିମଧ୍ୟରେ ବର୍ମା କୌଣସି ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି। ଏହି ଦୃଷ୍ଟିରୁ ବିଚାର କଲେ ସୁପ୍ରିମ୍‌କୋର୍ଟଙ୍କ ରାୟ କେନ୍ଦ୍ର ପାଇଁ ଝଟକା ହୋଇଥିଲେ ମଧ ବର୍ମାଙ୍କ ସମ୍ପୂର୍ଣ୍ଣ ବିଜୟ ହୋଇଛି ବୋଲି କୁହାଯାଇପାରିବ ନାହିଁ। କାରଣ ଆଉ ୨୨ ଦିନ ପରେ ସିବିଆଇ ନିର୍ଦ୍ଦେଶକ ପଦରୁ ସେ ଅବସର ନେବେ। ଏଠାରେ ସୂଚନାଯୋଗ୍ୟ ଯେ, ସିବିଆଇ ନିର୍ଦ୍ଦେଶକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ଦେଖାଦେବା ପରେ ୨୦୧୮ ଅକ୍ଟୋବର ୨୩ରେ ସରକାର ଉଭୟଙ୍କୁ ଦାୟିତ୍ୱମୁକ୍ତ କରି ଛୁଟିରେ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଲୋକ ବର୍ମାଙ୍କ ସ୍ଥାନରେ ଏମ୍. ନାଗେଶ୍ୱର ରାଓଙ୍କୁ ଅନ୍ତରୀଣ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିଲା। ଏବେ ଶୀର୍ଷ ଅଦାଲତଙ୍କ ରାୟ କେନ୍ଦ୍ର ସରକାରଙ୍କୁ ଅଡୁଆରେ ପକାଇଛି।

ସିବିଆଇର ନମ୍ବର ୧ ଓ ୨ କୁହାଯାଉଥିବା ଅଧିକାରୀଙ୍କ ମଧ୍ୟରେ କ୍ଷମତା ଯୁଦ୍ଧ ସଂସ୍ଥାକୁ ନିନ୍ଦିତ କରିଛି। ଦୁର୍ନୀତିରେ ସମ୍ପୃକ୍ତ ରହିଥିବା କହି ସେମାନେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ ଲଗାଇଥିଲେ। ସେତେବେଳେ ଆଲୋଚନା ହୋଇଥିଲା ଯେ, ରାକେଶ ଓ ଆଲୋକ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଥିବା ପ୍ରଭାବଶାଳୀ ଦୁଇ ଶୀର୍ଷ ଅଧିକାରୀ ଗୋଷ୍ଠୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ପିଏମ୍‌ଓ ଅଧିକାରୀଙ୍କ ହସ୍ତକ୍ଷେପ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଉଛି। ଅର୍ଥାତ୍ ସିବିଆଇକୁ ପିଏମ୍‌ଓର କେଉଁ ଗୋଷ୍ଠୀ ନିୟନ୍ତ୍ରଣ କରୁଛି, ତାହା ସୁନିଶ୍ଚିତ କରାଯିବା ଦିଗରେ ଏଭଳି ପ୍ରୟାସ ଚାଲିଛି ବୋଲି ଚର୍ଚ୍ଚା ହୋଇଥିଲା। ଏବେ ସୁପ୍ରିମ୍‌କୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରିଛନ୍ତି। ବର୍ମା ରାଫାଲ ଦୁର୍ନୀତିର ତଦନ୍ତ କରୁଥିବା ବେଳେ କେନ୍ଦ୍ର ସରକାର ପ୍ରତିଶୋଧପରାୟଣ ହୋଇ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଥିଲେ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ସଦ୍ୟ ନିର୍ଦ୍ଦେଶ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଫାଲ ତଦନ୍ତରୁ କେହି ବଞ୍ଚାଇପାରିବେ ନାହିଁ ବୋଲି ସେ କହିଛନ୍ତି। ସେହିପରି ସୁପ୍ରିମ୍‌କୋର୍ଟଙ୍କ ରାୟ କେନ୍ଦ୍ର ପାଇଁ ଏକ ଉଚିତ ଶିକ୍ଷା ବୋଲି ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଅନ୍ୟପକ୍ଷରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଅଦାଲତଙ୍କ ରାୟକୁ ଏକ ସନ୍ତୁଳିତ ଆଭିମୁଖ୍ୟ ଭାବେ ଅଭିହିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଇଛି ଯେ, କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଭଳି ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ବାସ୍ତବତା ହେଲା ସିବିଆଇ ନିର୍ଦ୍ଦେଶକ ବର୍ମା ୨୦୧୭ ଫେବୃୟାରୀ ୧ରେ ଦାୟିତ୍ୱ ଗ୍ରହଣ କରିଥିଲେ। ୨ ବର୍ଷ ପାଇଁ ସେ ପଦବୀରେ ରହିବା ଧାର୍ଯ୍ୟ କରାଯାଇଥିଲା। ନିୟମ ଅନୁଯାୟୀ ସିବିଆଇ ନିର୍ଦ୍ଦେଶକଙ୍କୁ ଛୁଟିରେ ଯିବା ଲାଗି ସିଭିସି ନିର୍ଦ୍ଦେଶ ଦେଇପାରିବେ ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ସରକାରଙ୍କ ହସ୍ତକ୍ଷେପ ଯୋଗୁ ଏକ ପ୍ରମୁଖ ତଦନ୍ତକାରୀ ସଂସ୍ଥା ତା'ର ବିଶ୍ୱସନୀୟତା ହରାଉଛି।

ଏଇ କିଛିବର୍ଷ ହେବ ଦେଖାଯାଉଛି, ସ୍ୱାଧୀନ ଓ ସ୍ୱତନ୍ତ୍ର ସଂସ୍ଥାଗୁଡ଼ିକ ରାଜନୈତିକ ହସ୍ତକ୍ଷେପ ଯୋଗୁ ଅଡୁଆରେ ପଡ଼ିଛନ୍ତି। ସରକାରଙ୍କୁ ସୁହାଇଲା ଭଳି ନିଷ୍ପତ୍ତି ନେଇ ନ ପାରିଲେ ସେଗୁଡ଼ିକ ଉପରେ ଅଙ୍କୁଶ ଲଗାଯାଉଛି। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ଙ୍କ କାର୍ଯ୍ୟଶୈଳୀ ନେଇ ଅନେକ ପ୍ରଶ୍ନବାଚୀ ଉଠିଛି। ତେଣୁ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଲାଗି ସୁଯୋଗ ଦିଆଯିବା ଆବଶ୍ୟକ। ବିଶେଷକରି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଓ ସିବିଆଇ ଭଳି ତଦନ୍ତ ସଂସ୍ଥା ବାହ୍ୟ ହସ୍ତକ୍ଷେପରୁ ଯେତେ ମୁକ୍ତ ରହିବେ, ତାହା ଗଣତନ୍ତ୍ର ପାଇଁ ସେତେ ଶୁଭଙ୍କର।

## ଚିରନ୍ତନୀ

ତେଜଇ ନବୀନ ଯେବେ ଆଜି ସେହି
ପରମ୍ପରା ପଥ
ଦିଅ ତାକୁ ଆଶୀର୍ବାଦ ହେଉ ଧନ୍ୟ
ହେଉ ସତ୍ୟବ୍ରତ।

(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# କେତେ ସତ, କେତେ ମିଛ



ଡ. ସନ୍ତୋଷ କୁମାର ମହାପାତ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ରାଜନୈତିକ ଜୀବନର ସବୁଠୁ ବଡ଼ ଚ୍ୟାଲେଞ୍ଜ ୨୦୧୯ ସାଧାରଣ ନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଛନ୍ତି। ବିଶେଷକରି କଂଗ୍ରେସ ବା ସମ୍ଭାବିତ ମହାମେଣ୍ଟ ତାଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ନିକଟରେ ୫ଟି ରାଜ୍ୟ ବିଶେଷକରି ହିନ୍ଦୀଭାଷୀ ରାଜ୍ୟରେ ଭାଜପା ବିପର୍ଯ୍ୟୟର ସମ୍ମୁଖୀନ ହେବା, ଦଳ ମଧ୍ୟରେ କମ୍ପନ ସୃଷ୍ଟି କରିଛି। ୨୦୧୪ ପରି ସଫଳତା ୨୦୧୯ରେ ମିଳିବ ନାହିଁ ବୋଲି ଭାଜପା ନେତୃତ୍ୱ ହୃଦୟଙ୍ଗମ କଲେଣି। ଏଣୁ ସେମାନେ କଳେବଳେକୌଶଳେ କ୍ଷମତାକୁ ବଜାୟ ରଖିବା ପାଇଁ ପ୍ରୟାସ ଚଳାଇଛନ୍ତି। ଏହି ଅବସରରେ ନରେନ୍ଦ୍ର ମୋଦି ପରୋକ୍ଷରେ ନୂତନ ବର୍ଷରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ବଦଳରେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ନୂଆବର୍ଷର ସନ୍ଧ୍ୟାରେ ଦୀର୍ଘ ୯୫ ମିନିଟ୍ ଧରି ଖବର ସରବରାହ ସଂସ୍ଥା ଏଏନ୍‌ଆଇକୁ ସାକ୍ଷାତ୍‌କାର ଦେଇ ଆତ୍ମପ୍ରଶସ୍ତି ଗାନ ସହ ବିରୋଧୀଙ୍କୁ ନିନ୍ଦା କରିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ପ୍ରଦର୍ଶିତ ଏହି ସାକ୍ଷାତ୍‌କାର ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ଥିଲା, ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କୁ ସୁହାଇଲା ପରି ପ୍ରଶ୍ନ କରାଯାଇଥିଲା। ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯଥା ରାମମନ୍ଦିର ନିର୍ମାଣ, ବିମୁଦ୍ରୀକରଣ, ଉର୍ଜିତ ପଟେଲଙ୍କ ଇସ୍ତଫା, ଜିଏସ୍‌ଟି, କଂଗ୍ରେସର କାର୍ଯ୍ୟକଳାପ, ସାବରିମାଲା ପରମ୍ପରା, ରଣଛାଡ, ତିନି ତଲାକ, ଲିଙ୍ଗ ସମାନତା ଉପରେ ନିଜ ମତ ରଖିଥିଲେ। କିନ୍ତୁ ପ୍ରଶ୍ନ ଏପରିଭାବେ ପଚରାଯାଇଥିଲା ଏବଂ ଉତ୍ତର ସେ ଏପରି ଭାବରେ ରଖିଥିଲେ ଯେ ନିତିଦିନିଆ ଘଟଣା ଉପରେ ଜ୍ଞାନ ନ ଥିବା ଜଣେ ବ୍ୟକ୍ତି ଭାବିବ ଯେ ଏ ସରକାର ଅମଳରେ ସବୁ ଠିକ୍ ଚାଲିଛି। ଦ୍ରୁତ ପ୍ରଗତି ଓ ଅଭିବୃଦ୍ଧି ଘଟୁଛି। କିନ୍ତୁ ବାସ୍ତବରେ ଏହା ଓଲଟା। ଯଦି ଜଣେ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତ୍‌କାରକୁ ଠିକ୍‌ଭାବେ ସମୀକ୍ଷା କରିବ ସେ ଏହି ସିଦ୍ଧାନ୍ତରେ ଉପନୀତ ହେବ ଯେ ପ୍ରଧାନମନ୍ତ୍ରୀ ଅଧା ସତ ଅଧା ମିଛ କହି ଲୋକଙ୍କୁ ନିଜ ଓ ନିଜ ଦଳ ସପକ୍ଷରେ ନେବା ପାଇଁ ପ୍ରୟାସ କରିଛନ୍ତି।

ପ୍ରଧାନମନ୍ତ୍ରୀ ନିଜକୁ ସାଧାରଣ ଜନତାଙ୍କ ଭଲପାଇବା ଓ ଆଶୀର୍ବାଦର ଇସ୍ତାହାର ଭାବେ ଅଭିହିତ କରିବା ସହିତ ଆଗାମୀ ଦିନରେ କଂଗ୍ରେସ ନେତୃତ୍ୱରେ ବିଭିନ୍ନ ଦଳକୁ ନେଇ ଯେଉଁ ମହାମେଣ୍ଟ ହେବାକୁ ଯାଉଛି ତାହା ସାଧାରଣ ଜନତାଙ୍କ ଆଶା, ଭରସା ପୂରଣ କରିପାରିବ ନାହିଁ ବୋଲି କହିଥିଲେ। ନିଜକୁ ଲୋକଙ୍କ ପ୍ରତୀକ ଭାବେ କହି ଆଗାମୀ ନିର୍ବାଚନରେ ଜନତା ବନାମ ମହାମେଣ୍ଟ ଲଢ଼େଇ ଦେଖିବାକୁ ମିଳିବ ବୋଲି କହିଥିଲେ। ଅତ୍ୟନ୍ତ କ୍ରୂର ସତ୍ୟ ହେଉଛି ବର୍ତ୍ତମାନର ରାଜନୀତିରେ କୌଣସି ନୈତିକତା, ଆଦର୍ଶବାଦ, ମାନବିକତା ଓ ମୂଲ୍ୟବୋଧ ଦେଖିବାକୁ ମିଳୁନାହିଁ। କଳେବଳେକୌଶଳେ କ୍ଷମତା ଅକ୍ତିଆର କରିବା ବିଭିନ୍ନ ରାଜନେତା ଓ ଦଳର ଲକ୍ଷ୍ୟ ହୋଇଛି। ଏଣୁ ଭାଜପା ହେଉ ବା ମହାମେଣ୍ଟ କେହି ଜନସାଧାରଣଙ୍କ ଆସ୍ଥାଭାଜନ ହେବେ ନାହିଁ। କିନ୍ତୁ ମେଣ୍ଟ ଗଠନ କରି ନିର୍ବାଚନ ଲଢ଼ିବା ଓ ମିଳିତ ସରକାର ଗଢ଼ିବା ଗଣତନ୍ତ୍ରର ଏକ ଅଂଶ। ଏହାକୁ ପ୍ରଧାନମନ୍ତ୍ରୀ ବିରୋଧ କରିବା ଅଗଣତାନ୍ତ୍ରିକ। ପୁନଶ୍ଚ ବର୍ତ୍ତମାନର ଭାଜପା ପୂର୍ବରୁ ଭାରତୀୟ ଜନସଂଘ ଥିଲା। ଏହା ଅନ୍ୟ ବିରୋଧୀ ଦଳଙ୍କ ସହିତ ମିଶି ଇନ୍ଦିରା ଗାନ୍ଧୀଙ୍କ କଂଗ୍ରେସ ବିରୋଧରେ ଲଢ଼ିଥିଲା ଏବଂ କଂଗ୍ରେସକୁ କ୍ଷମତାଚ୍ୟୁତ କରିଥିଲା। ୧୯୭୭ରେ ଯେଉଁ ଜନତା ଦଳ ସରକାର କରିଥିଲା, ତାହା ଏକ ମିଳିତ ସରକାର ଥିଲା, ଯେଉଁଥିରେ ଭାରତୀୟ ଜନସଂଘ ଏକ ଅଂଶୀଦାର ଦଳ ଥିଲା। ପରେ ଜନତା ପାର୍ଟିର ବିଲୟ ପରେ ୧୯୮୦ରେ ଭାରତୀୟ ଜନସଂଘ ଭାଜପା ନାମରେ ନୂଆ ଅବତାରରେ ଆବିର୍ଭୂତ ହୋଇଥିଲା। ପୁନଶ୍ଚ ଗୋଟିଏ ଦଳ ଶାସନ କଲେ ଏହା ବେଶି ଏକଚ୍ଛତ୍ରବାଦୀ ହେବାର ସମ୍ଭାବନା ଥାଏ। ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ୱାଇ.ଭି. ରେଡ୍ଡୀଙ୍କ କହିବା ଅନୁଯାୟୀ ମିଳିତ ସରକାର ସମୟରେ ଆର୍ଥିକ ଅଭିବୃଦ୍ଧି ଭଲ ହୋଇଛି। ବିଶେଷକରି ଉପା-୧ ସରକାର ଅମଳରେ ଆର୍ଥିକ ଅଭିବୃଦ୍ଧି, ଆଭ୍ୟନ୍ତରୀଣ ସଞ୍ଚୟ, ନିବେଶ ହାର ଅନ୍ୟ ସବୁ ସରକାର ତୁଳନାରେ ଅଧିକ ହୋଇଛି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଲୋକମାନେ ସବୁ ଦେଖୁଛନ୍ତି। ଯଦି ଏହା ସତ୍ୟ ତେବେ ତାଙ୍କ ସରକାର ପ୍ରଚାରରେ କାହିଁକି ଏତେ ଖର୍ଚ୍ଚ କରୁଛି? ୨୦୧୪-୧୫ରୁ ୨୦୧୭-୧୮ ମଧ୍ୟରେ ତାଙ୍କ ସରକାର ଗଣମାଧ୍ୟମରେ ୪୮୮୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ପ୍ରଧାନମନ୍ତ୍ରୀ ସ୍ୱୟଂ ଦଳୀୟ ସଭାପତି ପରି ବିଭିନ୍ନ ସଭାସମିତି ରାଲିରେ ଦଳ ସପକ୍ଷରେ ଏବଂ କଂଗ୍ରେସ ତଥା ବିରୋଧୀ ଦଳ ବିରୋଧରେ ପ୍ରଚାର କରିଛନ୍ତି। ବିମୁଦ୍ରୀକରଣ ସମ୍ପର୍କରେ ମତଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିମୁଦ୍ରୀକରଣ ଏକ ଝଟ୍‌କା ନ ଥିଲା। ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ଏହା ଜରୁରୀ ଥିଲା। ବାସ୍ତବରେ ବିମୁଦ୍ରୀକରଣ ଏକ ରାଜନୈତିକ ପଦକ୍ଷେପ ଥିଲା। ନରେନ୍ଦ୍ର ମୋଦି ନିଜକୁ କଳାଧନ ଓ ଦୁର୍ନୀତି ବିରୋଧୀ ଭାବେ ପ୍ରତିପାଦନ କରି ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଜିତିବା ପାଇଁ ବିମୁଦ୍ରୀକରଣ ପଦକ୍ଷେପ ନେଇଥିଲେ। ଅନେକ ବିଶିଷ୍ଟ ଅର୍ଥନୀତିଜ୍ଞ ଏପରିକି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଏହାକୁ ଏକ କ୍ରୂର ପଦକ୍ଷେପ ବୋଲି କହିଛନ୍ତି। ଏହାଦ୍ୱାରା କୌଣସି କଳାଧନ ଉଦ୍ଧାର ହେଲା ନାହିଁ ବରଂ କଳାଟଙ୍କାର ଅଧିକାରୀ ତାଙ୍କ କଳାଟଙ୍କାକୁ ଧଳା କରିପାରିଲେ। ଯେଉଁ ଲକ୍ଷ୍ୟ ନେଇ ବିମୁଦ୍ରୀକରଣ କରାଯାଇଥିଲା ତାହାର ଗୋଟିଏ ବି ପୂରଣ ହୋଇନାହିଁ। ବରଂ ଲୋକମାନେ ହଇରାଣ ହୋଇଛନ୍ତି ଏବଂ ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇଛି। ପ୍ରଧାନମନ୍ତ୍ରୀ ମଧ ଜିଏସ୍‌ଟି ସପକ୍ଷରେ କହିଛନ୍ତି। କିନ୍ତୁ ପ୍ରଶ୍ନକର୍ତ୍ତା ତାଙ୍କୁ ପଚାରିଲେ ନାହିଁ ଯେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲାବେଳେ କାହିଁକି ଜିଏସ୍‌ଟିକୁ ବିରୋଧ କରୁଥିଲେ। ଜିଏସ୍‌ଟି ଏକ ପରୋକ୍ଷ ଟିକସ ସଂସ୍କାର। ଏହାର ଆବଶ୍ୟକତା ଥିଲା। କିନ୍ତୁ ଏହା ଯେପରି ତରବରିଆ ଭାବେ କାର୍ଯ୍ୟକାରୀ କରାଗଲା ତାହାଦ୍ୱାରା ଅର୍ଥନୀତିରେ କ୍ଷତି ହୋଇଛି। ବ୍ୟବସାୟୀ ହଇରାଣ ହୋଇଛନ୍ତି। ଅର୍ଥନୈତିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହୋଇଛି। ଭାରତରେ ପ୍ରଚଳିତ ଜିଏସ୍‌ଟି ଏକ ଜଟିଳ ପ୍ରକ୍ରିୟା ବୋଲି ବିଶ୍ୱବ୍ୟାଙ୍କ ମତ ଦେଇଛି। ଜିଏସ୍‌ଟି ଯୋଗୁ ଦରଦାମ୍ ହ୍ରାସ ପାଇବ, ଟିକସ ଫାଙ୍କି ରୋକାଯାଇପାରିବ ଏବଂ ଅଧିକ ରାଜସ୍ୱ ଆଦାୟ ହେବ ବୋଲି ଯାହା କୁହାଯାଇଥିଲା ତାହା ପୂରଣ ହୋଇପାରି ନାହିଁ। ଚଳିତ ଆର୍ଥିକବର୍ଷ ଏପ୍ରିଲରୁ ଅକ୍ଟୋବର ୨୦୧୮ ମଧ୍ୟରେ ୩୮,୮୯୬ କୋଟି ଟଙ୍କାର ଜିଏସ୍‌ଟି ଟିକସ ଫାଙ୍କି ଘଟିଛି। ଗତ ନଭେମ୍ବର ଓ ଡିସେମ୍ବରରେ ଧାର୍ଯ୍ୟଲକ୍ଷ୍ୟଠାରୁ କମ୍ ଜିଏସ୍‌ଟି ଆଦାୟ ହୋଇଛି। ସେହିପରି ଭାଜପା-ଶାସିତ ରାଜ୍ୟ କୃଷିଋଣ ଛାଡ କଲାବେଳେ ମୋଦି ବିରୋଧ କରୁ ନ ଥିଲେ। କିନ୍ତୁ କଂଗ୍ରେସ କଲା ବେଳକୁ ବିରୋଧ କରୁଛନ୍ତି।

ନରେନ୍ଦ୍ର ମୋଦି ପରୋକ୍ଷରେ କଂଗ୍ରେସ ତଥା ଅନ୍ୟ ବିରୋଧୀ ଦଳକୁ ଦୁର୍ନୀତିଗ୍ରସ୍ତ କହିଲାବେଳେ ନିଜକୁ ସ୍ୱଚ୍ଛ ବୋଲି କହିଛନ୍ତି। ଯଦି ଏହା ସତ କିପରି ବିଭିନ୍ନ ସଭାସମିତି, ରାଲିରେ ତାଙ୍କ ଦଳ ପକ୍ଷରୁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏସବୁ କିଏ ଦେଉଛି? ୨୦୧୭-୧୮ରେ ଭାଜପାର ଦଳୀୟ ପାଣ୍ଠିକୁ ୧୦୦୦ କୋଟି ଟଙ୍କା ଆସିଛି। ଯେଉଁମାନେ ଦେଇଛନ୍ତି ସେମାନେ କ'ଣ କିଛି ସୁବିଧା ନ ପାଇ ଦେଇଛନ୍ତି? ବର୍ତ୍ତମାନ ଦୁର୍ନୀତି ଅନ୍ତରଙ୍ଗ ପୁଞ୍ଜିବାଦ ବା କ୍ରୋନି କ୍ୟାପିଟାଲିଜମ୍‌ର ରୂପ ନେଇଛି। କରପ୍ସନ ପର୍‌ସିପସନ୍ ଇଣ୍ଡେକ୍ସରେ ଭାରତର ଅବନତି ଘଟିଛି। ଅର୍ଥାତ୍ ଦୁର୍ନୀତି ବୃଦ୍ଧି ପାଇଛି। ନରେନ୍ଦ୍ର ମୋଦି କହିଛନ୍ତି ଯେ, ଯେଉଁମାନେ ଦେଶର ସମ୍ପଦ ଲୁଟ୍‌କରି ଦେଶ ଛାଡିପଳାଇଛନ୍ତି ସେମାନଙ୍କୁ ପୁଣି ଦେଶକୁ ଅଣାଯିବ। ସେମାନଙ୍କଠାରୁ କଡ଼ାଗଣ୍ଡା ଆଦାୟ କରାଯିବ। କିନ୍ତୁ ବିଜୟ ମାଲ୍ୟା ଦେଶ ଛାଡ଼ିବା ପୂର୍ବରୁ ସିବିଆଇ ତରଫରୁ ଯେଉଁ ଡିଟେନ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା ତାହାକୁ ଇନ୍‌ଫର୍ମକୁ କାହିଁକି ପରିବର୍ତ୍ତନ କରାଗଲା? ଏହି ପ୍ରଶ୍ନ ପ୍ରଧାନମନ୍ତ୍ରୀଙ୍କୁ ପଚାରିବାର ଥିଲା। ରିଜର୍ଭ ବ୍ୟାଙ୍କର ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୧୭-୧୮ରେ ବ୍ୟାଙ୍କଗୁଡ଼ିକରେ ହୋଇଥିବା ଠକାମିର ପରିମାଣ ୪୧,୨୦୦ କୋଟି ଟଙ୍କା, ଯାହା ୨୦୧୪-୧୫ଠାରୁ ୧୧୨% ଅଧିକ।

ଉର୍ଜିତ ପଟେଲଙ୍କ ଇସ୍ତଫା ଉପରେ ମତଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେ ଇସ୍ତଫା ଦେବା ପାଇଁ ୬ ବା ୭ ମାସ ତଳୁ କହି ଆସୁଥିଲେ। କିନ୍ତୁ ଏ କଥା ଉର୍ଜିତ ପଟେଲ ଇସ୍ତଫା ଦେବା ସମୟରେ ପ୍ରଧାନମନ୍ତ୍ରୀ କାହିଁକି କହିଲେ ନାହିଁ? କୌଣସି ବ୍ୟକ୍ତି ସେପରି ଅଯଥା ଚାପର ବଶବର୍ତ୍ତୀ ନ ହେଲେ ରିଜର୍ଭ ବ୍ୟାଙ୍କର ଗଭର୍ନର ପଦରୁ ଇସ୍ତଫା ଦେବାକୁ ଚାହିଁବ ନାହିଁ। ନିକଟରେ ରିଜର୍ଭ ବ୍ୟାଙ୍କର ଗଚ୍ଛିତ ପାଣ୍ଠି ବା ରିଜର୍ଭରୁ ସରକାରଙ୍କୁ କିଛି ଅଂଶ ଦେବାକୁ ନେଇ ରିଜର୍ଭବ୍ୟାଙ୍କ ଉପରେ ସରକାରଙ୍କ ତରଫରୁ ଚାପ ଥିଲା, ଯାହା ତାଙ୍କ ଇସ୍ତଫାର କାରଣ। କେବଳ ଉର୍ଜିତ ପଟେଲ ନୁହନ୍ତି, ନୀତି ଆୟୋଗର ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆ, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ୍ ଇସ୍ତଫା ଦେଇଛନ୍ତି। ସିବିଆଇ ଭଳି ସଂସ୍ଥାର ମୁଖ୍ୟ ଆଲୋକ ବର୍ମାଙ୍କୁ ତାଙ୍କ କାର୍ଯ୍ୟକାଳ ପୂର୍ବରୁ ବାହାର କରିଦିଆଯାଇଛି। ଏପରିକି ବିଭିନ୍ନ ତଥ୍ୟ ପ୍ରଦାନ କରୁଥିବା ସିଏସ୍‌ଓ କାର୍ଯ୍ୟକଳାପରେ ହସ୍ତକ୍ଷେପ କରାଯାଉଛି। ଏହାର ଅର୍ଥ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଓ ନିୟାମକ ସଂସ୍ଥାର କାର୍ଯ୍ୟକଳାପରେ ସରକାର ଅଯଥାରେ ହସ୍ତକ୍ଷେପ କରୁଛନ୍ତି। ପୁନଶ୍ଚ ସାବରିମାଲା ମନ୍ଦିରରେ ମହିଳାମାନଙ୍କ ପ୍ରବେଶକୁ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିଭିନ୍ନ ମନ୍ଦିରରେ ବିଭିନ୍ନ ପ୍ରଥା ରହିଛି। ଭାଜପା ସୁପ୍ରିମ୍‌କୋର୍ଟଙ୍କ ରାୟ ବିରୋଧରେ ଯାଇ ମନ୍ଦିରରେ ମହିଳା ପ୍ରବେଶକୁ ବିରୋଧ କରିବାକୁ ପ୍ରଧାନମନ୍ତ୍ରୀ ସମାଲୋଚନା କରିନାହାନ୍ତି। ସେ କୁସଂସ୍କାରକୁ ବିରୋଧ କରିବାକୁ ଅନିଚ୍ଛୁକ। ଏପରିକି ରାମମନ୍ଦିର ପ୍ରସଙ୍ଗରେ କଂଗ୍ରେସକୁ ସମାଲୋଚନା କରିବାକୁ ପଛେଇ ନାହାନ୍ତି। ପ୍ରଧାନମନ୍ତ୍ରୀ ପ୍ରତ୍ୟେକ କଥାରେ ବିକାଶ କଥା କହିଛନ୍ତି। କିନ୍ତୁ ବିକାଶ ହୋଇଛି ଧନିକ ଶ୍ରେଣୀର। ୨୦୧୭ରେ ଯେତିକି ସମ୍ପଦ ସୃଷ୍ଟି ହୋଇଥିଲା ତାହାର ୭୩% ଯାଇଛି ୧% ଧନିକଙ୍କ ପାଖକୁ। ଅପରପକ୍ଷେ ବିକାଶ ସୂଚାଉଥିବା ବିଭିନ୍ନ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତ ପୂର୍ବପରି ନିମ୍ନରେ ରହିଛି। କେତେକ କ୍ଷେତ୍ରରେ ଅବନତି ମଧ ଘଟିଛି। ଏହିସବୁ ପ୍ରଶ୍ନ ସାମ୍ବାଦିକ ପ୍ରଧାନମନ୍ତ୍ରୀଙ୍କୁ ପଚାରିବାର ଥିଲା।

# ନମସ୍କାର ଓ ଆଶୀର୍ବାଦ



ଅଲେଖ ଚନ୍ଦ୍ର ମିଶ୍ର

ନମସ୍କାର ଓ ଆଶୀର୍ବାଦ ଏ ଦୁଇଟି ଆପେକ୍ଷିକ ଶବ୍ଦ। ଦ୍ୱିତୀୟଟି ପ୍ରଥମର ଅନୁଚର। ନମଃ, ନମସ୍ତେ, ନମସ୍କାର, ଜୁହାର, ଓଳଗି, ଦଣ୍ଡବତ, ପ୍ରଣାମ ଓ ଅଭିବାଦନ- ଏ ସମସ୍ତ ଏକ ପର୍ଯ୍ୟାୟବାଚୀ ଶବ୍ଦ। ଏପରି ସମ୍ବେଦନଶୀଳ ଯେ ଏହାର ଉଚ୍ଚାରଣ କର୍ତ୍ତା ଏବଂ ଗ୍ରହୀତା ଉଭୟଙ୍କୁ ଆପ୍ୟାୟିତ କରେ। ଏଥିରେ ସାନବଡ଼, ଉଚ୍ଚନୀଚର ଭେଦଭାବ ରହିବା ଉଚିତ ନୁହେଁ। କାରଣ 'ସକଳ ଘଟେ ନାରାୟଣ, ବସନ୍ତି ଅନାଦି କାରଣ।' ବରଂ ଏହା କର୍ତ୍ତାଙ୍କର ବିନମ୍ରତାର ନିଦର୍ଶନ ଏବଂ ଗ୍ରହୀତାଙ୍କର ଶୁଭେଚ୍ଛାର ବାର୍ତ୍ତାବହ। ସମ୍ମାନ ପ୍ରଦାନ, ଭକ୍ତି ନିବେଦନ, ଆନୁଗତ୍ୟ ପ୍ରକାଶ, ସ୍ୱାଗତ ସମ୍ବର୍ଦ୍ଧନା, ସାକ୍ଷାତ ସମ୍ଭାଷଣ, କୃତଜ୍ଞତା ଜ୍ଞାପନ, ଖୁସି ପ୍ରକଟ ଇତ୍ୟାଦି ପାଇଁ ସଚରାଚର ବ୍ୟବହୃତ ଏହା ଏକ ଲୋକପ୍ରିୟ ମାଧ୍ୟମ। ସ୍ଥଳବିଶେଷରେ ଏହାର ପ୍ରକାରଭେଦ ଭିନ୍ନ ଭିନ୍ନ ହେଲେ ବି (ଯଥା ନାକରେ ନାକ ଘଷିବା, କାନ୍ଧରେ କାନ୍ଧ ମିଳେଇବା, କରମର୍ଦ୍ଦନ କରିବା ଇତ୍ୟାଦି) ଆମ ସଂସ୍କୃତିରେ ଏହାର ରୂପରେଖ ନିମ୍ନୋକ୍ତ ଢଙ୍ଗରେ ହୋଇଥାଏ- ଯଥା ଆପାଦମସ୍ତକ ଭୂଲୁଣ୍ଠିତ ଦଣ୍ଡବତ, ସାଷ୍ଟାଙ୍ଗ ପ୍ରଣିପାତ, ଭୂମିଷ୍ଠ ପ୍ରଣାମ, ଆଣ୍ଠୁ ମାଡି ପ୍ରଣାମ, ମୁଣ୍ଡ ମାଡି, ବେକ ନୁଆଇଁ, ପାଦ ସ୍ପର୍ଶ କରି, ପାଦରୁ ଧୂଳି ନେଇ ପ୍ରଣାମ, ଦଣ୍ଡାୟମାନ ଅଥବା ଚାଲୁ ଚାଲୁ ଗୋଟିଏ ବା ଦୁଇଟି ହାତ ଟେକି ଶିର ଅବ୍ନୋନତ କରି ସାଲ୍ୟୁଟ (ସଲାମ) କରିବା, ଜୋତା ଓହ୍ଲେଇ, ଟୋପି ବା ପଗଡି କାଢି ସମ୍ମାନ ଦେବା, ପାଦୋଦକ ପାଇବା ଇତ୍ୟାଦି। ଦେଶକାଳପାତ୍ର ଭେଦରେ ନମସ୍କାର ଉପରୋକ୍ତ ପ୍ରକ୍ରିୟାରେ ସମ୍ପାଦିତ ହୋଇଥାଏ। ଏହାର ମୂଳକଥା ହେଲା ଏଥିପାଇଁ ଇଚ୍ଛା ଓ ଆଗ୍ରହ ଥିବା ଉଚିତ। ନଚେତ୍ ଏହା 'ମାଗି ଓଳଗି, ଯାଚି କଲ୍ୟାଣ' ଭଳି ହାସ୍ୟାସ୍ପଦ ହୋଇଯାଏ। ସାଧାରଣତଃ ନମସ୍କାର ଉଦ୍ଦେଶ୍ୟରହିତ ଏବଂ ପ୍ରତ୍ୟାଶାବର୍ଜିତ ହେବା ବିଧେୟ। ତେଣୁ ନମଃ ଶବ୍ଦଟି ସମ୍ପ୍ରଦାନେ ଚତୁର୍ଥୀ ବିଭକ୍ତି ସମ୍ପନ୍ନ ହୋଇଥାଏ (କୃ ଧାତୁ ସଂଯୁକ୍ତ ହେଲେ ଦ୍ୱିତୀୟା)। ପୁନଶ୍ଚ ନମସ୍କାର ବେଳେ ମନ ନିର୍ମଳ ରହିବା ଉଚିତ। ଏ କ୍ଷେତ୍ରରେ ରାମାୟଣବର୍ଣ୍ଣିତ ଅନ୍ଧମୁନି ଉପାଖ୍ୟାନ ପ୍ରଣିଧାନଯୋଗ୍ୟ। ତାଙ୍କର ଅନ୍ଧତ୍ୱର କାରଣ ଥିଲା ପୂର୍ବଜନ୍ମରେ ତାଙ୍କ ଗୃହରେ ଅତିଥି ହୋଇଥିବା ଜଣେ ଋଷିଙ୍କୁ ସସ୍ତ୍ରୀକ ନମସ୍କାର କଲାବେଳେ ତାଙ୍କର ଗୋଦର ଗୋଡ଼କୁ ଦେଖି ଉଭୟେ ଘୃଣାରେ ଚକ୍ଷୁ ବନ୍ଦ କରିଦେଇଥିଲେ। ଏହା ଦେଖି ଅତିଥି ଋଷି ତାଙ୍କୁ କହିଥିଲେ ତଥାସ୍ତୁ। ସେହିପରି ବିନ୍ଧ୍ୟଗିରି ନିଜର ଗୁରୁ ଅଗସ୍ତିଙ୍କୁ ମୁଣ୍ଡମାଡି ନମସ୍କାର କଲାବେଳେ ତାଙ୍କ ମନରେ ଅହଂକାର ଦୂର ହୋଇ ନ ଥିଲା (ମେରୁ ପର୍ବତ ସହିତ ପ୍ରତିଯୋଗିତା ଯୋଗୁ)। ତେଣୁ ମହର୍ଷି ତାଙ୍କୁ ସେ ଫେରିବା ପର୍ଯ୍ୟନ୍ତ ସେମିତି ପଡି ରହିବାକୁ କହିଥିଲେ ଏବଂ ଆଉ ଫେରିଲେନି। ଦେବସଭାରେ ଶିବ ଶ୍ୱଶୁର ଦକ୍ଷଙ୍କୁ ନମସ୍କାର କରି ନ ଥିବାରୁ ଦକ୍ଷ ଶିବହୀନ ଯଜ୍ଞ କରିବାକୁ ନିଷ୍ପତ୍ତି ନେଲେ ଓ ସେଥିରୁ ଅନେକ ଅନର୍ଥ ସୃଷ୍ଟି ହେଲା। ଦକ୍ଷ ତାଙ୍କର ମସ୍ତକ ହରାଇ ଛେଳିମୁଣ୍ଡ ପାଇଲେ ଓ ଶିବ ତାଙ୍କର ପ୍ରାଣପ୍ରିୟା ପତ୍ନୀ ସତୀଙ୍କୁ ହରାଇଲେ।

ନମସ୍କାର ଯେପରି ଭିନ୍ନ ଭିନ୍ନ ତା'ର ପ୍ରତିକ୍ରିୟା ବା ଆଶୀର୍ବାଦ ସେହିପରି ନାନା ପ୍ରକାରର। ବୁଢାବୁଢୀଙ୍କୁ ନମସ୍କାର କଲେ ସେମାନଙ୍କ ଅନ୍ତର ଭିତରୁ ଯେଉଁ ନିଷ୍କାମ ଶବ୍ଦଗୁଡିକ ସ୍ଫୁରିତ ହୁଏ ତାହା ହେଲା "ବୁଢା ବା ବୁଢୀଟିଏ ହୋଇଥାଆ, ପାଚିଲାବାଳରେ ସିନ୍ଦୂର ଘେନିଥା, ତୋ ପାଦ ଅଗରେ କଣ୍ଟା ନ ବାଜୁ, ମୋ ଆୟୁଷ ତତେ ଲାଗିଯାଉ, ଦୀର୍ଘାୟୁ, ନିରାମୟ ହୋଇଥା, କୋଟି ପରମାୟୁ ହେଉ, ତୋର ସବୁ ରୋଗବୈରାଗ ମୋତେ ଝାଡିଝୁଡି ଦେ, ତୋର ଅନିଷ୍ଟ ପାଞ୍ଚୁଥିବା ଲୋକ ମୁହଁରେ ନିଆଁ ଲାଗୁ, ତୋର ସବୁ ବାଧାବିଘ୍ନ ଆଡ଼ ହୋଇଯାଉ, ତୋର ରାସ୍ତାରେ କଣ୍ଟା ନ ରହୁ ଇତ୍ୟାଦି।" ବୟସ୍କ କିମ୍ବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନମସ୍କାର କଲେ ସେମାନେ ସାଧାରଣତଃ କହିଥାନ୍ତି, ହେଲା ହେଲା, ତୁମକୁ କିଏ ଅକଲ୍ୟାଣ କରୁଛିରେ ବାବୁ, ସବୁ ମଙ୍ଗଳ ହେଉ। ଭଲରେ ରୁହ, ସୁଖ ଆନନ୍ଦରେ ଦିନ କାଟୁଥା ଇତ୍ୟାଦି।

ଶିକ୍ଷକ, ଗୁରୁ ଅଥବା ଗୁରୁଜନଙ୍କୁ ନମସ୍କାର କଲେ ସେମାନେ ମୁଣ୍ଡରେ ହାତ ରଖି ଆଶୀର୍ବାଦ କରନ୍ତି- ସିଦ୍ଧିରସ୍ତୁ, ବିଜୟୀ ଭବ, ସର୍ବତ୍ର କୃତକାର୍ଯ୍ୟ ହୁଅ, ସଫଳ ହୁଅ ଇତ୍ୟାଦି। ବ୍ରାହ୍ମଣ, ପୁରୋହିତ ଓ ପଣ୍ଡିତଙ୍କୁ ନମସ୍କାର କଲେ ତାଙ୍କ ମୁହଁରୁ ସ୍ୱତଃ ନିଃସୃତ ହୋଇଥାଏ- ମନୋବାଞ୍ଛା ପୂର୍ଣ୍ଣମସ୍ତୁ, ଦୀର୍ଘାୟୁ ଭବ, ଆୟୁଷ୍ମାନ୍ ଭବ, କୁଶଳମସ୍ତୁ, ସର୍ବାରିଷ୍ଟ ଶାନ୍ତିର୍ଭବତୁ, ମନୋଭୀଷ୍ଟ ସିଦ୍ଧିର୍ଭବତୁ ଇତ୍ୟାଦି। କିନ୍ତୁ ମାତାପିତାଙ୍କୁ ନମସ୍କାର କଲେ ଏ ସମସ୍ତ ଏକ ସ୍ଥାନରେ ପ୍ରାପ୍ତ ହୁଏ। ମୁନିଋଷିଙ୍କୁ ନମସ୍କାର କଲେ ତତ୍କ୍ଷଣାତ୍ ଫଳପ୍ରାପ୍ତି ହୁଏ ଏବଂ ସମସ୍ତ ସଙ୍କଟ ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି। ଦେବଦେବୀଙ୍କୁ ନମସ୍କାର କଲେ ସେମାନେ କିଛି କୁହନ୍ତିନି ସିନା କିନ୍ତୁ ସେମାନଙ୍କର ସନ୍ତୁଷ୍ଟି ପ୍ରକାରାନ୍ତରେ ସୂଚେଇ ଦିଅନ୍ତି। ଶାସ୍ତ୍ରାନୁସାରେ ସୂର୍ଯ୍ୟଦେବତାଙ୍କୁ ନମସ୍କାର କଲେ ଯେଉଁ ଫଳପ୍ରାପ୍ତି ହୁଏ ତାହା ନିମ୍ନୋକ୍ତ ପ୍ରକାରର- ଆଦିତ୍ୟସ୍ୟ ନମସ୍କାରଃ ଯେ କୁର୍ବନ୍ତି ଦିନେ ଦିନେ। ନ ବ୍ୟାଧିର୍ନ ଶୋକସ୍ତେଷାଂ ଦାରିଦ୍ର୍ୟଂ ନୋପଜାୟତେ॥

ଏହା ଏକ ଅନୁଭୂତିର କଥା ଯେ ସାମାନ୍ୟ ନମସ୍କାରଟିଏ ବେଳେ ବେଳେ ଦୀର୍ଘଦିନର ତିକ୍ତ ସମ୍ପର୍କକୁ ମଧୁର କରିଦିଏ ଏବଂ ଅନେକ ଅସମାହିତ ମନୋମାଳିନ୍ୟ ଦୂର କରିଦିଏ। ଅତଏବ ନମସ୍କାର ପାଇଁ ଆଦୌ କୁଣ୍ଠା ରହିବା ଉଚିତ ନୁହେଁ, ପ୍ରତିପକ୍ଷରୁ ପ୍ରତିଦାନ ଥାଉ ବା ନ ଥାଉ। ମାତ୍ର କ୍ଷୋଭର କଥା କାଳକ୍ରମେ ନମସ୍କାରର ରୂପରେଖ ବଦଳିବାରେ ଲାଗିଛି ଏବଂ ତା' ସହିତ ବଦଳିଯାଉଛି ଆଶୀର୍ବାଦର ସଂଜ୍ଞା। ଏବେ ନମସ୍କର୍ତ୍ତାଙ୍କର ପ୍ରତିଦାନ ସ୍ୱରୂପ ଶୁଷ୍କ ପ୍ରତିନମସ୍କାରଟିଏ ହିଁ ଆଶୀର୍ବାଦର ସ୍ଥାନ ନେଉଛି। ନମସ୍କାରର ଶୁଦ୍ଧତା ସହିତ ଆଶୀର୍ବଚନର ଆନ୍ତରିକତା ବିଲୟର ଦ୍ୱାରଦେଶରେ ଉପନୀତ।

ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ୟୁନିଟ-୪
ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଏଇ ଭାରତରେ

ପ୍ରତ୍ୟେକ ପ୍ରଜାତିର ଜୀବ ନିଜ ଛୁଆଙ୍କୁ ସ୍ନେହ କରନ୍ତି। କିନ୍ତୁ ଗୋଟିଏ ପ୍ରଜାତି ଅନ୍ୟ ପ୍ରଜାତିର ଛୁଆଙ୍କୁ ଭଲପାଇ ସେମାନଙ୍କୁ କ୍ଷୀରପାନ କରାଇବା ବିରଳ ନିଶ୍ଚୟ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ। ଚାରି ମା'ଛେଉଣ୍ଡ କୁକୁରଛୁଆଙ୍କୁ ଗାଈଟିଏ ସ୍ତନ୍ୟପାନ କରାଉଛି। ଏହା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମଣିଷ ମଣିଷ ମଧ୍ୟରେ ଦୂରତା ବଢ଼ିଚାଲିଥିବା ବେଳେ ଉତ୍ତରପ୍ରଦେଶର ରାସ୍ତାକଡରେ ଏକ ବୁଲାଗାଈ ମା'ଛେଉଣ୍ଡ ଚାରି କୁକୁର ଛୁଆଙ୍କୁ ସ୍ତନ୍ୟପାନ କରାଉଛି। ଏହି ଘଟଣା ମଣିଷ ସମାଜ ପାଇଁ ଏକ ଉଦାହରଣ ପାଲଟିଛି। ଏକ ଦୁର୍ଘଟଣାରେ ମା' କୁକୁରର ମୃତ୍ୟୁ ଘଟିଥିଲା। ଏହାପରେ କୁକୁରଛୁଆଙ୍କୁ ଲୋକେ ନେଇ ଶୋଇଥିବା ଗାଈର ପହ୍ଲା ପାଖରେ ଛାଡିଦେଇଥିଲେ। ମା'ଛେଉଣ୍ଡ କୁକୁରଗୁଡିକ ଗାଈଠୁ କ୍ଷୀର ପିଇବା ଆରମ୍ଭ କରିଥିଲେ। ଗାଈ ମଧ ପ୍ରତିରୋଧ କରି ନ ଥିଲା। ଏହା ପରଠୁ ଛୁଆଗୁଡିକ ଗାଈଠୁ କ୍ଷୀର ପିଇବା ଅଭ୍ୟାସରେ ପଡିଗଲାଣି। ସୋସିଆଲ ମିଡିଆରେ ଏହାର ଭିଡିଓ ଭାଇରାଲ ହେବା ପରେ ଏହାକୁ ଦେଖୁଥିବା ଲୋକେ ବେଶ୍ ଭାବପ୍ରବଣ ହୋଇପଡୁଛନ୍ତି। ପ୍ରାଣୀଙ୍କ ମନରେ ଏପରି ଦିବ୍ୟଭାବନା ଜାଗ୍ରତ ହେଉଥିବା ବେଳେ ମଣିଷ କିପରି ଏଥିରୁ ଦୂରେଇ ଯାଉଛି ତାହା ଆଶ୍ଚର୍ଯ୍ୟଜନକ।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜାନୁୟାରୀ ୧୯୯୪

- ମୁଖ୍ୟ ନିର୍ବାଚନ କମିଶନଙ୍କ ନେତୃତ୍ୱରେ ନିର୍ବାଚନ କମିଶନକୁ ବହୁ ସଦସ୍ୟ ବିଶିଷ୍ଟ କରିବା ନେଇ ବିଲ୍‌ରେ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମାଙ୍କ ସ୍ୱାକ୍ଷର ପରେ ଏହି ବିଲ୍‌ଟି ଆଇନରେ ପରିଣତ ହୋଇଛି।
- ନିର୍ବାଚନ ପ୍ରଚାର ବେଳେ ଡାକବାଜି ଯନ୍ତ୍ର ବ୍ୟବହାରକୁ ନିଷିଦ୍ଧ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ଟି. ଏନ୍. ଶେଷାନଙ୍କ ସୂଚନା।
- ଚାଇନାକୁ ବାଣିଜ୍ୟଭିତ୍ତିକ ଉପଗ୍ରହ ବିକ୍ରି ନେଇ ଆମେରିକାର ନିଷେଧାଜ୍ଞା ପ୍ରତ୍ୟାହାର ।
- ୩ଜଣ ରୁଷିଆ ମହାକାଶଯାତ୍ରୀଙ୍କୁ ନେଇ ରୁଷିଆର ମହାକାଶଯାନ ସୋୟୁଜ-ଟିଏମ୍. ୧୪ର ମହାକାଶ ଯାତ୍ରା।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | | 3 | C | | E | | D | | 5 | | 2 |
| | | | | | | | B | | | | | | | C |
| 8 | C | A | | 4 | | | | 9 | 5 | 0 | | | 1 | |
| | | 2 | E | | | | | | 7 | | | | | D |
| | | B | C | | | | 3 | 1 | 8 | | | | | |
| E | | | 4 | | 7 | | 1 | A | | B | | | | |
| B | 7 | 9 | | | 1 | | | | D | | | A | 8 | 0 |
| | | | | | | | 8 | | E | | | 1 | | |
| | 2 | | A | D | | | C | 0 | 6 | | | | 9 | |
| C | A | 8 | 2 | E | 0 | | | | 4 | | | | 6 | 7 |
| | 4 | C | 9 | | 5 | 6 | | | 0 | 8 | | | 7 | |
| | | 7 | | 3 | | | | | A | | 1 | | | |
| | 1 | 6 | | 2 | | B | 9 | 7 | | | | | | |
| | | | | 8 | D | | | | | 4 | | | E | |
| D | | | | A | 4 | 2 | | | B | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 8 | 4 | 6 | 2 | D | 1 | 3 | B | C | 0 | A | 7 | E | 9 |
| 7 | 1 | 9 | C | 8 | 4 | 2 | E | 0 | 6 | 5 | 3 | B | D | A |
| 2 | A | B | E | 1 | 3 | C | 6 | 7 | 8 | 9 | D | 5 | 0 | 4 |
| E | D | 3 | 7 | 9 | 0 | 5 | 8 | A | 1 | B | 4 | 2 | 6 | C |
| C | 6 | 0 | B | 5 | A | 4 | 9 | D | E | 2 | 7 | 8 | 3 | 1 |
| 3 | 2 | 7 | 9 | D | B | E | 5 | 6 | 4 | C | 8 | A | 1 | 0 |
| 8 | 0 | C | 3 | A | 5 | 9 | D | 4 | 2 | E | 1 | 6 | B | 7 |
| B | 5 | 6 | 4 | 7 | C | A | 1 | 8 | 9 | D | 0 | E | 2 | 3 |
| 1 | 9 | E | 0 | 6 | 8 | 7 | B | 2 | 3 | A | 5 | C | 4 | D |
| A | 4 | D | 2 | E | 1 | 3 | 0 | C | B | 7 | 6 | 9 | 8 | 5 |
| D | B | 8 | 5 | 3 | 9 | 6 | C | 1 | 7 | 4 | E | 0 | A | 2 |
| 0 | 7 | 2 | 1 | 4 | E | 8 | A | 5 | D | 6 | 9 | 3 | C | B |
| 4 | E | A | 8 | 0 | 7 | B | 2 | 3 | 5 | 1 | C | D | 9 | 6 |
| 9 | C | 1 | A | B | 6 | D | 7 | E | 0 | 3 | 2 | 4 | 5 | 8 |
| 6 | 3 | 5 | D | C | 2 | 0 | 4 | 9 | A | 8 | B | 1 | 7 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୃଷିଋଣ ଛାଡ଼ ଏକ ଖରାପ ପରମ୍ପରା

ମହାଶୟ,

ନିର୍ବାଚନ ଆସିଲେ ରାଜନୈତିକ ଦଳଗୁଡ଼ିକ ଭୋଟ ହାତେଇବା ପାଇଁ ନାନା ଘୋଷଣା କରନ୍ତି। ତନ୍ମଧ୍ୟରୁ କୃଷିଋଣ ଛାଡ଼ ଅନ୍ୟତମ। ମାତ୍ର ଏହା ଏକ ଖରାପ ପରମ୍ପରା। ଆଗରୁ ମଧ ଅନେକ ରାଜ୍ୟରେ କୃଷିଋଣ ଛାଡ଼ ହୋଇଥିଲା। ଏହି ପରମ୍ପରା ଚାଲି ଆସୁଥିବାରୁ ଚାଷୀମାନେ ଋଣ କରି ପରିଶୋଧ କରିବାକୁ ଆଗ୍ରହ ଦେଖାନ୍ତି ନାହିଁ। ସେମାନେ ଭାବିନିଅନ୍ତି ନିର୍ବାଚନ ଆସିଲେ ବଳେ ଋଣଛାଡ଼ ହୋଇଯିବ। ଦେଶର ଆର୍ଥିକ ସ୍ଥିତି ଉପରେ ଏହାର ଖୁବ୍ କୁପ୍ରଭାବ ପଡ଼େ। ଚାଷୀ ନିଜର ସାମର୍ଥ୍ୟ ଓ ଆବଶ୍ୟକତା ଅନୁଯାୟୀ ପ୍ରାୟ କୋଡିଏରୁ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ କରିଥାନ୍ତି। ଯେଉଁମାନେ କୃଷି ଆଳରେ ଧରାଧରି କରି ଲକ୍ଷ ଲକ୍ଷ ଟଙ୍କା ଋଣ କରନ୍ତି, ସେମାନେ ଏହି ଟଙ୍କାରେ ଗୃହନିର୍ମାଣ, ଗାଡିମୋଟର କ୍ରୟ, ବିବାହବ୍ରତ ଆଦି କରନ୍ତି। କାରଣ ଏହାର ସୁଧ କମ୍। କୃଷିଋଣ ଛାଡ଼ ହେଲେ ଏଇ ସୁବିଧାବାଦୀମାନଙ୍କର ହିଁ କଟେପୁଅ ବାର। ଯେତେ କୃଷିଋଣୀ ଅଛନ୍ତି, ତା' ଅପେକ୍ଷା ଢେର ଅଧିକ ଚାଷୀ ଅଛନ୍ତି ଯେଉଁମାନେ କଷ୍ଟେମଷ୍ଟେ ଚାଷ ଉଠାଇଥାନ୍ତି, ମାତ୍ର କୃଷିଋଣ କରନ୍ତି ନାହିଁ। କୃଷିଋଣ ଛାଡ଼ କରାଗଲେ ଏମାନେ ତ ଋଣ କରିନାହାନ୍ତି, ପାଇବେ କ'ଣ ? ସେମାନେ ପସ୍ତାଇ ହୁଅନ୍ତି। ତେଣୁ କୃଷିଋଣୀମାନଙ୍କର ଯେଉଁ ହାରରେ ଋଣଛାଡ କରାଯାଉଛି, ସେହି ହାରରେ ଅନ୍ୟ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ। ଜମିକୁ ଜଳ, ଉତ୍ପାଦିତ ଦ୍ରବ୍ୟର ବିପଣନ ବ୍ୟବସ୍ଥା, ଶୀତଳଭଣ୍ଡାର ନିର୍ମାଣ ଇତ୍ୟାଦିକୁ ଅଗ୍ରାଧିକାର ଦେଲେ ଏ ଦେଶର କୃଷକ ମୁହଁରେ ହସ ଫୁଟିବ। ଚାଷୀ ଆତ୍ମହତ୍ୟା, ଆନ୍ଦୋଳନ ଠପ୍ ହୋଇଯିବ।

-ଅର୍ଜୁନ ରଣା,ବାଲିଶଙ୍କରା, ସୁନ୍ଦରଗଡ଼

### ଅସତ୍ୟ ଓ ଅଗ୍ରହଣୀୟ

କିଛିଦିନ ପୂର୍ବେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଟୁଇଟ୍ କରି କହିଥିଲେ ଯେ ସେ ନୀତୀଶଙ୍କ ପରି ରାଜ୍ୟରେ ମଦ ନିଷେଧ କରିନାହାନ୍ତି। ରାଜ୍ୟରେ ମଦ ସେବନ ଅପରାଧର ମୂଳ କାରଣ ନୁହେଁ। କିନ୍ତୁ ବିଭିନ୍ନ ସମୟରେ କରାଯାଇଥିବା ସର୍ବେକ୍ଷଣରୁ ଜଣାପଡିଛି ଯେ, ଦୁର୍ଘଟଣା, ରୋଗ, ହତ୍ୟା, ବଳାତ୍କାର ଓ ସାମାଜିକ ହିଂସାର ଅନ୍ୟତମ ମୁଖ୍ୟ କାରଣ ହେଉଛି ମଦ। ଏଣୁ ଯୋଗୀଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ଅସତ୍ୟ ଓ ଅଗ୍ରହଣୀୟ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବାଲ୍ୟ, ଯୌବନ, ଜରାବସ୍ଥା ଅତିକ୍ରମ କଲାପରେ ଶେଷରେ ମୃତ୍ୟୁ ହୁଏ। ତେଣୁ ଏଥିପାଇଁ ମୋହଗ୍ରସ୍ତ ହେବା ଅନୁଚିତ।
-ବ୍ୟାସଦେବ



## ସଂକ୍ଷେପରେ

### ଚୋରି ମୋବାଇଲ କିଣି ଗ୍ରାହକ ଗିରଫ

ଜୟପୁର,୮।୧(ଡି.ଏନ୍.ଏ.): ଚୋରି ମୋବାଇଲ କିଣିଥିବା ଅଭିଯୋଗରେ ଜଣେ ଗ୍ରାହକଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି ଜୟପୁର ଟାଉନଥାନା ପୋଲିସ। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲା ତାଳବଣିଆ ଥାନା ମଧୁବନ ଅଞ୍ଚଳର ସଞ୍ଜୟ ମହାନ୍ତି। ଗତ ଡିସେମ୍ବର ୨୨ରେ ଜୟପୁରର ଜଣେ ଡିଷ୍ଟ୍ରିବ୍ୟୁଟରଙ୍କଠାରୁ ଗୋଟିଏ ପ୍ୟାକେଟ୍‌ରେ ସାଢ଼େ ୪ ଲକ୍ଷ ଟଙ୍କାର ୨୧ଟି ମୋବାଇଲ ବସ୍ ଯୋଗେ ମାଲକାନଗିରି ଯାଉଥିବା ବେଳେ ଚୋରି ହୋଇଥିଲା। ଡିଷ୍ଟ୍ରିବ୍ୟୁଟର କିଶୋର ରାଉତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରିଥିଲା। ମୋବାଇଲ ଟ୍ରାକିଂ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନିକଟରୁ ୨ଟି ମୋବାଇଲ ପୋଲିସ ଜବତ କରିଥିଲା। ଚୋରି କରିଥିବା ମୁଖ୍ୟ ଅଭିଯୁକ୍ତ ଧରାପଡ଼ି ନଥିବା ତଦନ୍ତକାରୀ ଅଧିକାରୀ ତପନ ନାହାକ କହିଛନ୍ତି।

### ହରେକୃଷ୍ଣ ପ୍ରଧାନ ନୂଆ ଡିଏସଡବ୍ଲ୍ୟୁଓ



କୋରାପୁଟ,୮।୧(ସ୍ୱ.ପ୍ର.): କୋରାପୁଟ ଜିଲାର ନୂତନ ସମାଜ ମଙ୍ଗଳ ଅଧିକାରୀ ଭାବେ ହରେକୃଷ୍ଣ ପ୍ରଧାନ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ବଲାଙ୍ଗିର ଜିଲାରେ କାର୍ଯ୍ୟ କରୁଥିଲେ। କୋରାପୁଟର ସମାଜ ମଙ୍ଗଳ ଅଧିକାରୀ ଉର୍ମିଳା ସିଂଙ୍କ ଅବସର ପରେ ହରେକୃଷ୍ଣଙ୍କୁ ନୂଆ ଦାୟିତ୍ୱ ମିଳିଛି। ଦାୟିତ୍ୱ ଗ୍ରହଣ ପରେ ଜିଲାର ମହିଳା ଓ ଶିଶୁ ବିଭାଗର ଉନ୍ନତି ଆଣିବେ ବୋଲି ସେ କହିଛନ୍ତି।

### କୃଷ୍ଣ ସିଂହଙ୍କୁ କାଦମ୍ବିନୀ ସାହିତ୍ୟ ସମ୍ମାନ



ସେମିଳିଗୁଡ଼ା,୮।୧(ଡି.ଏନ୍.ଏ.): ଭୁବନେଶ୍ୱର ସ୍ଥିତ କିଟ୍ କ୍ୟାମ୍ପସରେ ଆୟୋଜିତ କାଦମ୍ବିନୀ ସାହିତ୍ୟ ମହୋତ୍ସବରେ କବି, ସାମାଜିକ କର୍ମୀ ତଥା ଶିକ୍ଷାବିତ୍ କୃଷ୍ଣ ସିଂହଙ୍କୁ ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ 'କାଦମ୍ବିନୀ ସାହିତ୍ୟ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ମାନପତ୍ର, ଉତ୍ତରୀୟ ଓ ୧୦ ହଜାର ଟଙ୍କାର ଅର୍ଥରାଶି ସହ ତାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ ଡି.କେ. ଶ୍ରୀନିବାସ ରାଓ, ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ଅଚ୍ୟୁତ ସାମନ୍ତ, କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ଉପସ୍ଥିତ ଥିଲେ।

### ସମର୍ଥ ଭାରତ କାର୍ଯ୍ୟକ୍ରମ



ଗୁଣପୁର,୮।୧(ଡି.ଏନ.ଏ):ରାୟଗଡା ଜିଲା ଗୁଣପୁରଠାରେ ଦୁଇ ଦିନ ହେବ ସମର୍ଥ ଭାରତ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସମର୍ଥ ଭାରତ କାର୍ଯ୍ୟକ୍ରମ ପାଳନ ହୋଇଥିଲା । ସେହିପରି ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଗୁରୁକୁଳ କଲେଜ ନିକଟରେ ଅନୁରୂପ ଭାବେ କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ଏଥିରେ ଜଗନ୍ନାଥ ପଟ୍ଟନାୟକ, ପ୍ରବିଣ ରାଜୁ, ରାଜେଶ ପୃଷ୍ଟି, ଅମ୍ବିକାରାଣୀ ମହାପାତ୍ର, ପ୍ରଫୁଲ ଶତପଥୀ, ପ୍ରତିଭା ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନା କରିଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ସ୍ୱପ୍ନକୁ କିପରି ସାକାର କରାଯାଇ ପରିବ,ଭାରତ କିପରି ଜଗତଗୁରୁ ଆସନରେ ଅଳଙ୍କୃତ ହୋଇପାରିବ ସେ ନେଇ ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ ଉପରେ ଆଲୋକପାତ କରାଯାଇଥିଲା ।





ଦାମନଯୋଡ଼ିରେ ଧାରଣା ଦିଆଯାଇଛି।



ଜୟପୁର ୨୬ ନଂ ଏନ୍ଏଚ୍‌ରେ ଧାରଣାରେ ବସିଛନ୍ତି ମହିଳା ଶ୍ରମିକ।





ଜୟପୁର ଟ୍ରାଫିକ୍ ଛକରେ ରାଜପଥ ଅବରୋଧ।

# ଟ୍ରେଡ୍ ୟୁନିୟନ ଧର୍ମଘଟ, ଗଡ଼ିଲାନି ଗାଡ଼ି

କୋରାପୁଟ/ଦାମନଯୋଡ଼ି/ବୈପାରୀଗୁଡ଼ା,୮।୧(ସ୍ୱ.ପ୍ର/ଡି.ଏନ୍.ଏ.)

ଟ୍ରେଡ ୟୁନିୟନର ଦୁଇଦିନିଆ ବନ୍ଦ ଡାକରା ଯୋଗୁଁ କୋରାପୁଟ ଜିଲାରେ ଗାଡ଼ିମୋଟର ଚଳାଚଳ ପ୍ରଭାବିତ ହୋଇଛି। ଯାତ୍ରୀମାନେ ନାହିଁ ନଥିବା ଅସୁବିଧା ଭୋଗିଛନ୍ତି। ଏହି ବନ୍ଦ ଡାକରାରେ କୋରାପୁଟ ସହରର ସମସ୍ତ ଦୋକାନ ବଜାର ଖୋଲା ଥିବାବେଳେ ସ୍କୁଲ କଲେଜ ବନ୍ଦ ରହିଥିଲା।

ସେହିପରି ବୈପାରୀଗୁଡ଼ାରେ ମଧ୍ୟ ଦୋକାନ ବଜାର ବନ୍ଦ ଥିବାବେଳେ ମୁଖ୍ୟରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ଥିଲା। ଧର୍ମଘଟର ସମର୍ଥକ ସ୍ଥାନୀୟ ପୂର୍ତ୍ତ ବଙ୍ଗଳାରୁ ରାଲିରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ସାଧାରଣ ସଭା କରି କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିର ସମାଲୋଚନା କରିଥିଲେ। ବିଡିଓଙ୍କୁ ୧୨ ଦଫା ଦାବିପତ୍ର ଦିଆଯାଇଥିଲା। ଧର୍ମଘଟରେ ଏଆଇୟୁଟିୟୁସିର ରାଜ୍ୟ କମିଟି ସଦସ୍ୟ କାହ୍ନୁଚରଣ ବିଶ୍ୱାଳ, ନେତାଜୀ ରାଜମିସ୍ତ୍ରି ଶ୍ରମିକ ସଂଗଠନ ସଭାପତି ସୂର୍ଯ୍ୟନାରାୟଣ ବିଶୋୟୀ, ଜଗବନ୍ଧୁ ହରିଜନ, ମୋଟର ୟୁନିୟନ ସଭାପତି ଖଗପତି ସଗରିଆ ଓ ପୂର୍ବତନ ସରପଞ୍ଚ ତଥା ଶ୍ରମିକ ନେତା ବଳରାମ ନାୟକ ଯୋଗ ଦେଇଥିଲେ।





ବୈପାରୀଗୁଡ଼ାରେ ଧର୍ମଘଟ ଶୋଭାଯାତ୍ରା।

ଦାମନଯୋଡ଼ିରେ ସିଆଇଟିୟୁ ଅନୁବନ୍ଧିତ ଆଲୁମିନା ମଜଦୁର ସଂଘ ଓ କୋରାପୁଟ ଆଲୁମିନିୟମ ଶ୍ରମିକ ସଂଘ ନେତୃତ୍ୱରେ ୪ ହଜାର ସଂଖ୍ୟକ ଶ୍ରମିକ ଭୋର୍ ସମୟରୁ ମାଥାଲପୁଟ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଶହୀଦ ଲକ୍ଷ୍ମଣ ନାୟକ ଛକ ତଥା ନାଲ୍କୋ ବିଶୋଧାନାଗାର ମୁଖ୍ୟରାସ୍ତା ସହ ନାଲ୍କୋ ମାଇନ୍ସକୁ ଯାଇଥିବା ରାସ୍ତା ଅବରୋଧ କରିଛନ୍ତି। ଧର୍ମଘଟରେ ନାଲକୋ ଏମ୍ପ୍ଲୋଇଜ ଟେକ୍ନିକାଲ ସଂଘ ରାଜ୍ୟ ସଭାପତି ତଥା କୋରାପୁଟ ଆଲୁମିନିୟମ ଶ୍ରମିକ ସଂଘ ଉପଦେଷ୍ଟା ବି.ପି. ଦାସ, ଆଲୁମିନା ମଜଦୁର ସଂଘ ସଭାପତି ଗଣପତି ସ୍ୱାଇଁ, ସାଧାରଣ ସମ୍ପାଦକ ଦୟାସିନ୍ଧୁ ବାଗ୍, ଅର୍ଜୁନ ଚୌଧୁରୀ, ଶିବ ସାମଲ, କେ. ମିନାରାଓ, ଭଗବାନ ରଣା, କୁମୁଟି ନାୟକ, ଶ୍ରୀକାନ୍ତ ମିଶ୍ର, ଉପଦେଷ୍ଟା କେ.କେ. ସେଠୀ, କୋରାପୁଟ ଆଲୁମିନିୟମ ଶ୍ରମିକ ସଂଘ ପକ୍ଷରୁ ସଭାପତି ସୌମେନ୍ଦ୍ର ମାଳି, ସମ୍ପାଦକ ବିଜିତ ଖୋରା, ସନ୍ତୋଷ ନାୟକ ଉପସ୍ଥିତ ଥିଲେ। ଧର୍ମଘଟ ପ୍ରଭାବରେ ଯାନବାହାନ ଚଳାଚଳ, ସ୍କୁଲ କଲେଜ, ବ୍ୟାଙ୍କ ବନ୍ଦ ରହିଥିଲା।

## ବନ୍ଦରେ ଜୟପୁର ସହର ପ୍ରଭାବିତ

ଜୟପୁର,୮।୧(ନି.ପ୍ର./ଡି.ଏନ୍.ଏ.)

ସମସ୍ତ ବର୍ଗର ଶ୍ରମଜୀବୀ ଜନସାଧାରଣଙ୍କ ୧୨ ଦଫା ଦାବି ନେଇ ଦୁଇ ଦିନ ବ୍ୟାପୀ ଧର୍ମଘଟ ଆରମ୍ଭ କରିଛନ୍ତି। ଏହାର ପ୍ରଭାବ ଜୟପୁରରେ ଦେଖିବାକୁ ମିଳିଛି । ଏହାକୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ସିପିଆଇର ପ୍ରମୋଦ ମହାନ୍ତି ସମର୍ଥନ ଦେଇଛନ୍ତି। ଜୟପୁରର ମୁଖ୍ୟ ଟ୍ରାଫିକ ଛକରେ ବିଭିନ୍ନ ସଂଗଠନ ରାସ୍ତା ଅବରୋଧ କରିଥିଲେ। ଫଳରେ ମାଲବାହୀ ଟ୍ରକ ଅଟକି ରହିଥିଲା । ଦୋକାନ, ବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ ବନ୍ଦ ରହିଥିଲା । କୋର୍ଡିନେସନ କମିଟି ଉପ ସଭାପତି ନଳିନୀ ରଥ, ସାଧାରଣ ସମ୍ପାଦକ ପ୍ରମୋଦ ମହାନ୍ତି, ସଂଗଠନ ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ବନ୍ଦ ସଫଳ ହୋଇଥିବା ବେଳେ ଏକ ବିଶାଳ ଶୋଭାଯାତ୍ର ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲା । ଦରଦାମ ବୃଦ୍ଧି ରୋକିବା, ପେଟ୍ରୋଲ ଓ ଡିଜେଲ ଦର ନିୟନ୍ତ୍ରଣ, ବେକାର ଯୁବକଙ୍କୁ ନିଯୁକ୍ତି, ଶ୍ରମ ଆଇନକୁ ମାଲିକ ସପକ୍ଷବାଦୀ ନ କରିବା, ସାମାଜିକ ସୁରକ୍ଷା, ମାଗଣା ଶିକ୍ଷା ଓ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ସ୍ୱାସ୍ଥ୍ୟା ବଜାରିକରଣ ଓ ଘରୋଇକରଣ ବନ୍ଦ, ୪୫ ଦିନ ଭିତରେ ଟ୍ରେଡ ୟୁନିୟନ ରେଜିଷ୍ଟ୍ରେସନ, ସମାନ କାମକୁ ସମାନ ଦରମା, ଆଶାକର୍ମୀ ଅଙ୍ଗନୱାଡ଼ି କର୍ମୀ, ପାଚିକା ସହାୟିକାଙ୍କୁ ସରକାରୀ ଭାବେ ଶ୍ରମିକ ଘୋଷଣା କରିବା ଭଳି ଦାବିରେ ଏହି ଧର୍ମଘଟ ଚାଲିଛି। ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ଓ ଅଫିସର୍ସ ସଂଘ ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ବେଳେ ସହର ବନ୍ଦରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ସିଟୁ, ନିର୍ମାଣ ଶ୍ରମିକ ସଂଘ ଏଥିରେ ସାମିଲ ଥିଲେ।

## କିନ୍ନରଙ୍କ ପାଇଁ ଆଇନ ସଚେତନତା ଶିବିର

ଜୟପୁର,୮।୧(ଡି.ଏନ୍.ଏ.)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିବାଦ ବିକଳ୍ପ ସମାଧାନ କେନ୍ଦ୍ର ଭବନରେ କିନ୍ନରଙ୍କ ପାଇଁ ଆଇନ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରାଧିକରଣ ସଂପାଦିକା ଲଳିତ ମଞ୍ଜରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲାଜଜ୍ ବିଦ୍ୟୁତ ମିଶ୍ର ଯୋଗଦେଇ କିନ୍ନରଙ୍କ ପାଇଁ ଆଇନରେ ଥିବା ବିଭିନ୍ନ ବିଷୟ, କୌଣସି ମକଦ୍ଦମା ପାଇଁ ପ୍ରାଧିକରଣ ପକ୍ଷରୁ ମାଗଣା ଆଇନଜୀବୀ ଦିଆଯିବା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭିଜିଲାନ୍ସ ଜଜ୍ ସୋମଶେଖର ଜେନା, ପରିବାର ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ, ସିଜେଏମ୍ ଶୁଭଶ୍ରୀ ତ୍ରିପାଠୀ, ବରିଷ୍ଠ ସିଭିଲ ଜଜ୍ ଲୋପାମୁଦ୍ରା ପଣ୍ଡା, ରେଜିଷ୍ଟ୍ରାର ହିମାଂଶୁ ଶେଖର ବିଶ୍ୱାଳ, ଏସ୍‌ଡିଜେଏମ ଦୁର୍ବାସା ଦୁର୍ଗା, ଜେଏମ୍‌ଏଫ୍‌ସି ପ୍ରଶାନ୍ତ ସାମଲ, ସୌମ୍ୟରଞ୍ଜନ ପୃଷ୍ଟି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ବାରିକ ଉପସ୍ଥିତ ଥିଲେ।

## ରାସ୍ତାକଡ଼ରୁ ମିଳିଲା ନବଜାତକର ମୃତଦେହ

ଚାନ୍ଦିଲି(କୋଟପାଡ଼), ୮।୧(ଡି.ଏନ୍.ଏ.)

କୋଟପାଡ଼ ସହର ମଧ୍ୟସ୍ଥ ଜାତୀୟ ରାଜପଥ କଡ଼ରୁ ଏନ୍‌ଏସି ସଫେଇ କର୍ମଚାରୀମାନେ ଜଣେ ନବଜାତ କନ୍ୟାସନ୍ତାନର ମୃତଦେହ ଉଦ୍ଧାର କରିଛନ୍ତି। ମଙ୍ଗଳବାର ସକାଳୁ ସହର ପରିମଳ ପାଇଁ ନିୟୋଜିତ ସଫେଇ କର୍ମଚାରୀ କୁସୁମି ଛକ ନିକଟବର୍ତ୍ତୀ ଅଞ୍ଚଳ ସଫା କରୁଥିବା ବେଳେ ରାସ୍ତାକଡ଼ରେ ଜଣେ ନବଜାତ ଶିଶୁକନ୍ୟାର ମୃତଦେହ ଦେଖିବାକୁ ପାଇଥିଲେ। ଖବର ପାଇ କୋଟପାଡ଼ ପୋଲିସ ଅନୁସନ୍ଧାନ କରିବା ସହ ମୃତଦେହକୁ ଜବତ କରିଥିଲା। ଜନ୍ମ ପରେ କେହି ଏହାକୁ ଫୋପାଡ଼ି ଦେଇଥିବା ଅନୁମାନ କରାଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହର ବ୍ୟବଚ୍ଛେଦ ପରେ କେସ୍ ନଂ ୧/୨୦୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁହୋଇ ତଦନ୍ତ ଚାଲିଥିବା ଏସ୍‌ଆଇ ଘାସିରାମ ସେଠୀ କହିଛନ୍ତି।

## ନାଲ୍କୋ ପ୍ରତିଷ୍ଠା ଦିବସ ପାଇଁ ରକ୍ତଦାନ ଶିବିର





ଶିବିରରେ ଉପସ୍ଥିତ ଅତିଥି ଓ ରକ୍ତଦାତା।

ଦାମନଯୋଡ଼ି,୮।୧(ସ୍ୱ.ପ୍ର.)

ସ୍ଥାନୀୟ ସେକ୍ଟର-୨ ସ୍ଥିତ ସୁନାବେଶ ମଣ୍ଡପରେ ନାଲ୍କୋର ୩୯ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଚତୁର୍ଦ୍ଧା ମୂରତି ସୁନାବେଶ କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ନାଲ୍କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାଶ ଏହାର ଉଦ୍‌ଘାଟନ କରିବା ପରେ ୧୨ ଜଣ ଦମ୍ପତିଙ୍କ ସହ ୧୧୦ ଜଣ ରକ୍ତଦାନ କରିଥିଲେ। କୋରାପୁଟ ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ରତିକାନ୍ତ ଖଟୁଆଙ୍କ ନେତୃତ୍ୱରେ ଭି. ଗଙ୍ଗାଧର, ଟଙ୍କଧର ବେହେରା, କେ.ଜେ. ରିନା, ବିଶ୍ୱପ୍ରିୟିନୀ, ସଞ୍ଜୟ ସିଂ, କେ.ଏନ୍. ମୂର୍ତ୍ତି ଓ ରବୀନ୍ଦ୍ର ରକ୍ତ ସଂଗ୍ରହ କରିଥିଲେ। ଚତୁର୍ଦ୍ଧା ମୂର୍ତ୍ତି ସୁନାବେଶ କମିଟିର ସନ୍ତୋଷ ମିଶ୍ର, ଶୁକଦେବ ପଟ୍ଟାୟତ, ସନ୍ତୋଷ ସେନାପତି, ନିରଞ୍ଜନ ପାତ୍ର, ରତୀନ୍ଦ୍ର ପ୍ରଧାନ, ତପନ ନାୟକ, ପ୍ରଶାନ୍ତ ସାହୁ, ସୌମେନ୍ଦୁ ବାରିକ, ନକୁଳ ଚରଣ ପତି, ପ୍ରକାଶ ଚନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ମୁଦୁଲି ରକ୍ତଦାନ କରିଥିଲେ। ଡାକ୍ତର ନରେଶ ଚନ୍ଦ୍ର ସାହୁ, ଆର୍.କେ. ପ୍ରଧାନ, ଏସ୍.କେ. ମିଶ୍ର ଶିବିର ପରିଚାଳନା କରିଥିଲେ।

■ ସାହିତ୍ୟିକ ଉଦୟ ମିଶ୍ରଙ୍କ ସ୍ମୃତିସଭା

## 'ସାହିତ୍ୟରେ ଛାଡ଼ିଯାଇଛନ୍ତି ଅନେକ ସ୍ମୃତିଚିହ୍ନ'

କୁନ୍ଦୁରା,୮।୧(ଡି.ଏନ୍.ଏ.)

ଡଙ୍ଗରପାଉଁଶୀ ଅନନ୍ତ ବିଦ୍ୟାପୀଠରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ କଥାଘର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏକାଡ଼େମୀର କୋରାପୁଟ ସଦସ୍ୟ ଉଦୟ ଚନ୍ଦ୍ର ମିଶ୍ରଙ୍କ ଆବାହକତ୍ୱରେ ଏହା ହେବାର ଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଉଦୟଙ୍କ ମୃତ୍ୟୁ ଖବର ହସ୍ତଗତ ହେବାରୁ କାର୍ଯ୍ୟକ୍ରମକୁ ସ୍ୱର୍ଗତ ଉଦୟ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିସଭା ରୂପେ ସମର୍ପିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନନ୍ତ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ବିଜୟ ଭଞ୍ଜ, ବିଜୟ ଉପାଧ୍ୟାୟ, ରାଜେନ୍ଦ୍ର ପାଢ଼ୀ, ଜଳଧର ସ୍ୱାଇଁ, ରାଧାନାଥ ଭଞ୍ଜ, ବିଜୟ ପ୍ରଧାନ, କନକଲତା ମହାଙ୍କୁଡ଼, ସନ୍ତୋଷ ସାହୁ, ତପନ କିରଣ ତ୍ରିପାଠୀ, ଚନ୍ଦ୍ରମଣି ବାରିକ, ମୀନା ସ୍ୱାଇଁ, ନିହାର ରାଉତରାୟ, ପଞ୍ଚାନନ ଗୌଡ଼, ପ୍ରମୋଦ ରାଉଳ, ନରସିଂହ ଶତପଥୀ, ଉଦ୍ଧବ ମାଝି, ଅଖିଳ ଶତପଥୀ, ସବିତା ଶତପଥୀ, କିଶୋର ମିଶ୍ର, ରାମନାଥ ମାଠପାଡିଆ, ବଳରାମ ହରିଜନ, ପ୍ରକାଶ ସାହୁ, ସୁକୁମାର ବିଶ୍ୱାଳ ଓ ରାଧାପ୍ରସାଦ ପାତ୍ର ଉପସ୍ଥିତ ଥିଲେ । ସ୍ୱର୍ଗତ ମିଶ୍ର ଜଣେ ଲୋକପ୍ରିୟ ଶିକ୍ଷାବିତ୍, ପ୍ରଶାସକ, ଲୋକ ସଂସ୍କୃତି ଗବେଷକ, କବି ଓ ଅନୁବାଦକ ଥିଲେ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ମାତ୍ର ୬୪ ବର୍ଷ ବୟସରେ ସାହିତ୍ୟ କ୍ଷେତ୍ରରେ ବହୁ ସ୍ମୃତିଚିହ୍ନ ଛାଡ଼ି ସେ ପୃଥିବୀରୁ ବିଦାୟ ନେଇଛନ୍ତି ବୋଲି ଅତିଥିମାନେ କହିଛନ୍ତି। ଗାଳ୍ପିକ ସୁଧୀର ମହାପାତ୍ରଙ୍କ ଗଳ୍ପପୁସ୍ତକ 'ମେଞ୍ଚାଏ ଫଗୁଣ'ର ସମୀକ୍ଷା କରିଥିଲେ ଗାଳ୍ପିକ ଅଶୋକ ପଟ୍ଟନାୟକ । ଗାଳ୍ପିକ ଅଶୋକ ପଟ୍ଟନାୟକ, କବି ନିହାରରଞ୍ଜନ ରାଉତରାୟ ଓ ଗାଳ୍ପିକ ସୁଧୀର ମହାପାତ୍ରଙ୍କୁ କଥାଘର ସମ୍ବର୍ଦ୍ଧିତ କରିଛି। ରାମକୃଷ୍ଣ ପାତ୍ର ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ପୁସ୍ତକ ଉନ୍ମୋଚନ କରାଯାଉଛି।

## କୌଳିକ ବୃତ୍ତିର ସୁରକ୍ଷା ପାଇଁ ଚିତ୍ରକର ସମାଜ ବୈଠକ

ଜୟପୁର,୮।୧(ଡି.ଏନ୍.ଏ./ନି.ପ୍ର.)

ବାବା ସାହେବ କଲ୍ୟାଣ ମଣ୍ଡପରେ ଚିତ୍ରକାର ସମାଜର କୌଳିକ ବୃତ୍ତିର ସୁରକ୍ଷା ପାଇଁ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସାଧାରଣ ସଂପାଦକ ରବି ନାରାୟଣ ନନ୍ଦ, ଭାଜପା ନେତା ଅନୁପ ପାତ୍ର, କଂଗ୍ରେସ ନଗର ସଭାପତି ନରେନ୍ଦ୍ର ମହାନ୍ତି ଏବଂ ନିହାର ବିଶୋୟୀ ମଞ୍ଚାସୀନ ଥିଲେ । ରାଜାରାଜୁଡ଼ା ସମୟରେ ଜୟପୁର ସହର ଓ ଆଖପାଖ ଅଞ୍ଚଳରେ ରହିଆସୁଥିବା ସମାଜର ଏକ ଶହରୁ ଊର୍ଦ୍ଧ୍ୱ ଚିତ୍ରକାର ପରିବାରର ୭ ଶହ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ସମ୍ପ୍ରଦାୟର ଲୋକେ ଆର୍ଥିକ ସ୍ତରରେ ଦୁର୍ବଳ ହୋଇଯାଇଛନ୍ତି । ମାଟି, କାଠ ଏବଂ ଗୋବରରେ ନିର୍ମିତ କଣ୍ଢେଇର ଚାହିଦା ଥିଲେ ସୁଦ୍ଧା ଉଚିତ ଦର ମିଳୁ ନଥିବା ଯୋଗୁଁ ସେମାନେ ନିଜ କୌଳିକ ବୃତ୍ତିରୁ ଦୂରେଇ ଯାଉଛନ୍ତି । ଏହି ବୃତ୍ତିର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ସରକାର ଏବଂ ପ୍ରଶାସନିକ ସ୍ତରରେ ପ୍ରୋତ୍ସାହନ ଏବଂ ସହାୟତା ମିଳିଲେ ଏହିପରି ଲୁପ୍ତ ହେବାକୁ ବସିଥିବା ଚିତ୍ରକଳାକୁ ପୁନଃ ଜୀବନ ମିଳିବ ବୋଲି ସମାଜ ଦାବି କରିଥିଲା। ବୈଠକରେ ସମାଜର ରବିନ୍ଦ୍ର ମହାପାତ୍ର, ବାବୁ ପାଇକରାୟ, ସନ୍ତୋଷ ମହାପାତ୍ର, ବାବୁଲା ପାଇକରାୟ, ସୁବାସ ପାଇକରାୟ, ଗୁପ୍ତେଶ୍ୱର ପାଇକରାୟ, ଗୋପାଳ ମହାପାତ୍ର, ହରିଶ୍ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ ।

## ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପ୍ରତିଷ୍ଠା ଦିବସ

ଜୟପୁର,୮।୧(ଡି.ଏନ୍.ଏ.)

ଜୟପୁର ବ୍ଲକର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ ସୋମବାର ସ୍ଥାନୀୟ ହରିଜନ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳନ କରାଯାଇଛି। ଏହି ଅବସରରେ ସଂଘର ବରିଷ୍ଠ ସଦସ୍ୟ ତଥା ଶିକ୍ଷକ ସତ୍ୟପ୍ରିୟ ସୁଆର ପତାକା ଉତ୍ତୋଳନ କରିଥିଲେ। ବ୍ଲକ ସଭାପତି ସୁରେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏବିଇଓ ବି. ହରିଶ୍ଚନ୍ଦ୍ର ରାଓ, ଲକ୍ଷ୍ମୀକାନ୍ତ ପାଢ଼ୀ, ସଂପାଦକ ଦେବୀ ପ୍ରସାଦ ଦାଶ ଉପସ୍ଥିତ ଥିଲେ।




ବୈପାରୀଗୁଡ଼ା ଥାନା ବଡ଼ବାଙ୍କୁଲି ପାହାଡ଼ରେ ଗଞ୍ଜେଇ ଚାଷ ନଷ୍ଟ କରୁଛି ଅବକାରୀ ବିଭାଗ ଓ ପୋଲିସ।

# ବିଦ୍ୟୁତ୍ ଟାୱାର ତଳେ ବେଆଇନ୍ ନିର୍ମାଣ

■ ପ୍ଲଟିଂ କରି ବିକୁଛନ୍ତି ରିୟଲ ଇଷ୍ଟେଟ୍ ମାଲିକ
■ ଜମି ଅକ୍ତିଆର କରିଛନ୍ତି ଜବରଦଖଲକାରୀ

ଜୟପୁର,୮।୧(ଡି.ଏନ୍.ଏ.)

ଯେଉଁ ଜମି ଦେଇ ୪୦୦, ୨୨୦ କିମ୍ବା ୧୩୨ କେଭି ଭଳି ବିଦ୍ୟୁତ ଟାୱାର ଲାଇନ୍ ଯାଇଥାଏ, ତାହାର ୩୫ରୁ ୪୦ ମିଟର ପରିଧି ଭିତରେ କୌଣସି ଭିତ୍ତିଭୂମି ନିର୍ମାଣ କରିବା ବେଆଇନ। କିନ୍ତୁ ଜୟପୁର ସହରରେ ୨୨୦ କେଭି ଟାୱାର ତଳେ ବେଧଡକ ଗୃହ ନିର୍ମାଣ ଚାଲିଛି । ମାଲକାନଗିରି ରାସ୍ତାର ପାୱାର ହାଉସ, ଗ୍ଲୋକାଲ ଚିକିତ୍ସାଳୟ ନିକଟରେ ଏବଂ ଜୟନଗର ରାସ୍ତାକୁ ସଂଯୋଗ କରୁଥିବା ଆଶାରାମ ନଗରରେ ନିର୍ମାଣ କାମ ଚାଲିଛି। ରିଏଲ ଇଷ୍ଟେଟ ମାଲିକମାନେ ସେଠାରେ ପ୍ଲଟିଂ କରି ଟାୱାର ଲାଇନ ତଳର ଜମିକୁ ଅଳ୍ପ ଦରରେ ବିକ୍ରି କରୁଛନ୍ତି। ପୁଣି କେଉଁଠାରେ ଏହା ଜବରଦଖଲ କରାଯାଇ ଗୃହ ନିର୍ମାଣ କରାଯାଉଛି। ଟାୱାର ଲାଇନ ତଳେ ନିର୍ମାଣ କାର୍ଯ୍ୟ ନ କରିବା ପାଇଁ ଓପିଟିସିଏଲ ଜବରଦଖଲକାରୀଙ୍କୁ ବାରମ୍ବାର ନୋଟିସ ଜାରି କରୁଛି। କିନ୍ତୁ ସେମାନେ ଏହାକୁ ଖାତିର କରୁ ନଥିବା ବେଳେ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପଦକ୍ଷେପ ନେଉ ନଥିବା ଓପିଟିସିଏଲ କର୍ତ୍ତୃପକ୍ଷ କହିଛନ୍ତି। ଟାୱାର ଲାଇନ୍‌ରେ ହାଇ ଭୋଲଟର ବିଦ୍ୟୁତ ସରବରାହ ଚାଲିଥିବା ଯୋଗୁ ଉକ୍ତ ତାରର ୬ରୁ ୯ ଫୁଟ ଦୂରତାରେ ବିଦ୍ୟୁତ ଆଘାତ ଲାଗିବା ସହ ଯେକୌଣସି ପ୍ରାଣୀ କ୍ଷଣକ ଭିତରେ ଜଳି ପାଉଁଶ ହୋଇଯିବେ। ଟାୱାର ଲାଇନ୍ ମରାମତି ବେଳେ ଏପରି ବେଆଇନ ଗୃହ ନିର୍ମାଣ ଯୋଗୁଁ ବିଦ୍ୟୁତ ତାର ସଂଯୋଗ ଓ ଅନ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ରହିଥିବା ଓପିଟିସିଏଲ ଡିଜିଏମ ଚିତ୍ତରଞ୍ଜନ ବେହେରା କହିଛନ୍ତି।



ଟାୱାର ଲାଇନ୍ ତଳେ ବେଆଇନ ନିର୍ମାଣ।

## ସଂକ୍ଷେପରେ

### ଇଭିଏମ ପାଇଁ ସଚେତନତା କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୮।୧: ଚିତ୍ରକୋଣ୍ଡା ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଲୋନୀ ବିଦ୍ୟାଳୟ ସମେତ ସମସ୍ତ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଭୋଟ ଗ୍ରହଣ ସମୟରେ ଇଭିଏମ ବ୍ୟବହାର ସମ୍ପର୍କରେ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିସହ ଭିଭିପାଟ୍ ବ୍ୟବହାର ନେଇ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ସହକାରୀ ଯନ୍ତ୍ରୀ ପ୍ରମୋଦ ନାୟକ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଧୀରେନ ଖଣ୍ଡାଗିରି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚିତ୍ତରଞ୍ଜନ ବେହେରା,ସିଆରସିସି କୃଷ୍ଣଚନ୍ଦ୍ର ଡାକୁଆ ପ୍ରମୁଖ ପରିଚାଳନା କରିଥିଲେ।

### ବିଲ୍ ଆଦାୟ ପାଇଁ ଏଚଏସ୍‌ଜି ଚୟନ କରିବ ସାଉଥକୋ

ଚିତ୍ରକୋଣ୍ଡା,୮।୧: ସରକାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ମହିଳାଙ୍କୁ ସଶକ୍ତୀକରଣ କରିବାକୁ ବହୁ ଯୋଜନା ହାତକୁ ନେଇଛନ୍ତି। ଏବେ ଆଉ ଏକ ଯୋଜନା ସେମାନଙ୍କ ପାଇଁ କାର୍ଯ୍ୟକାରୀ ହେବ। ଓଡିଶା ଜୀବିକା ମିଶନ ଓ ଆଇସିଡ଼ିଏସ ସହଯୋଗରେ ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୮ଟି ପଞ୍ଚାୟତରେ ସାଉଥ କୋ ବିଦ୍ୟୁତ୍ ବିଲ୍ ଆଦାୟ ପାଇଁ ପ୍ରତି ପଞ୍ଚାୟତରେ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀକୁ ଚୟନ କରିବ। ଏଥିପାଇଁ ପଞ୍ଚାୟତଗୁଡିକରେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିଭଳି ଚିତ୍ରକୋଣ୍ଡା ବ୍ଲକରେ ସମସ୍ତ ରାଶନ କାର୍ଡ ପାଇଥିବା ହିତାଧିକାରୀଙ୍କୁ ମାଗଣାରେ ୨ଟି ଲେଖାଏ ଏଲଇଡି ବଲବ୍ ମିଳିବ ବୋଲି ସାଉଥ କୋ ଏସଡ଼ିଓ ପ୍ରମୋଦ ନାୟକ ଓ ବିଡ଼ିଓ ଲରିମନ ଖରସେଲ କହିଛନ୍ତି।

### ସ୍ମୃତିସଭା

ମାଥିଲି, ୮।୧ (ସ୍ୱ.ପ୍ର.): ପୂର୍ବତନ ସ୍କୁଲ ଡି.ଆଇ. ସ୍ୱର୍ଗତ ଉଦୟନାରାୟଣ ମିଶ୍ରଙ୍କ ପରଲୋକ ଯୋଗୁ ମାଥିଲି ବ୍ଲକ ସଦର ପୂର୍ବତନ ବୋର୍ଡ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ ମହାନ୍ତିଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ଶିକ୍ଷକ ସଂଘର ସଭାପତି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ଟିପି ଦିଲୀପ ରାଜୁ, ଆର୍. ଭେଙ୍କଟର ରମଣ, ଇନ୍ଦ୍ର ସାହୁ, ବ୍ରଜ ଦାସ, ରବୀନ୍ଦ୍ର ରାଉତ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ପୂର୍ବତନ ଡିଆଇ ମିଶ୍ରଙ୍କ ସ୍ମୃତିଚାରଣ କରି ସେ ଜଣେ ମେଳାପି ଓ ଦକ୍ଷ ପ୍ରଶାସକ ଥିଲେ ବୋଲି କହିଥିଲେ।



ବନ୍ଦ ପ୍ରଭାବରୁ ମାଲକାନଗିରି ବସ୍‌ଷ୍ଟାଣ୍ଡରେ ଗାଡି ଚଳାଚଳ ବନ୍ଦ ରହିଛି।



ମାଥିଲି ବନ୍ଦରେ ସାମିଲ ହୋଇଥିବା ଅଙ୍ଗନୱାଡି କର୍ମୀ।

# ମାଲକାନଗିରି: ଜିଲାରେ ବନ୍ଦର ଆଂଶିକ ପ୍ରଭାବ

ମାଲକାନଗିରି/ମାଥିଲି, ୮।୧ (ଡି.ଏନ୍.ଏ./ସ୍ୱ.ପ୍ର.)

ସର୍ବଭାରତୀୟ ଟ୍ରେଡ୍ ୟୁନିୟନର ବନ୍ଦ ଡାକରା ମଙ୍ଗଳବାର ମାଲକାନଗିରି ଜିଲାରେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ଜିଲାରେ ସମସ୍ତ ସରକାରୀ ବେସରକାରୀ ବସ୍, ୪ଚକିଆ ଯାନ ଯାତାୟାତ ବନ୍ଦ ଥିଲା। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଥିସହ ଜିଲା ସଦର ମହକୁମା ସହ ଜିଲାର ସମସ୍ତ ବ୍ଲକ ଅଞ୍ଚଳରେ ସ୍କୁଲ, କଲେଜ ବନ୍ଦ ଥିଲା। ଟ୍ରେଡ୍ ୟୁନିୟନ ନେତା ତଥା ସିପିଆଇ (ଏମ୍) ଆବାହକ ବ୍ରଜ ମାଝୀଙ୍କ ନେତୃତ୍ୱରେ ସମସ୍ତ ବ୍ୟାଙ୍କ ଆଗରେ ପିକେଟିଂ କରାଯାଇଥିଲା। ମାଲକାନଗିରି ସଦର ମହକୁମାସ୍ଥିତ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ଧାରଣା ଯୋଗୁ ବ୍ୟାଙ୍କର କୌଣସି କର୍ମଚାରୀ ଯାଇ ନ ପାରିବା ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା।

ତେବେ ମାଥିଲି ବ୍ଲକରେ ବନ୍ଦ ସଫଳ ହୋଇଛି । ପୂର୍ବାହ୍ନ ୧୦ଟାରୁ ଜୟପୁର - ମାଲକାନଗିରି ମୁଖ୍ୟରାସ୍ତାକୁ ଆନ୍ଦୋଳନକାରୀମାନେ ଅବରୋଧ କରିଥିଲେ। ବ୍ଲକ ସଦର ଗାନ୍ଧୀ ଛକଠାରେ ଶ୍ରମିକ ନେତା ହଳଧର ପୂଜାରୀଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ, ପାଚିକା, ଜଳ ଯୋଗାଣ କର୍ମଚାରୀ ସାମିଲ ହୋଇଥିଲେ। ଖୋଲାଥିବା ଦୋକାନ ବଜାରକୁ ବୁଲି ବୁଲି କର୍ମଚାରୀମାନେ ବନ୍ଦ କରାଇଥିଲେ । ଗାନ୍ଧି ଛକରେ ସମସ୍ତେ ଏକାଠି ହୋଇ ରାସ୍ତା ଅବରୋଧ କରିବା ସହିତ ମୁଖ୍ୟରାସ୍ତା ଉପରେ ବସି ରହିଥିଲେ। ଦରଦାମ ନିୟନ୍ତ୍ରଣ, ସର୍ବନିମ୍ନ ମାସିକ ମଜୁରି ୧୮ ହଜାର କରିବା, ବେକାରିଙ୍କ ପାଇଁ ବ୍ୟାପକ ନିଯୁକ୍ତି ବ୍ୟବସ୍ଥା, କୃଷି, କୃଷକ ଓ କୃଷି ଶ୍ରମିକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା ଆଦି ଦାବିରେ ସେମାନେ ଧର୍ମଘଟରେ ବସିଥିଲେ । ବୁଧବାର ଏହି ଧର୍ମଘଟକୁ ଆହୁରି ତୀବ୍ର କରାଯିବ। ଜିଲାର ପ୍ରବେଶ ପଥ କୁହାଯାଉଥିବା ଗୋବିନ୍ଦପାଲି ଛକରେ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣାରେ ବସିବାକୁ ଅଙ୍ଗନୱାଡି କର୍ମୀ ସଂଘର ସଭାନେତ୍ରୀ ଭାନୀ ପୂଜାରୀ, ପାଚିକା ସଂଘ ସଭାନେତ୍ରୀ ସୁନିତା ଜେନା କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମହିଳା ମୋର୍ଚ୍ଚା ନେତ୍ରୀ ଦୟାମଣୀ ଗୋଲରୀ, ଆଦିବାସୀ ନେତା ହରିହର ଓଡି , ଗୁରୁ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏତେ ଚାତର**
**ମାଛ ବିକି ବିକି ଦିନ ଯାଉଥିଲା**
**ଲଗାଉଛି ଗନ୍ଧ ଅତର ।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନଗର୍ବରେ ମତୁଆଲା ହୋଇ ଅହଙ୍କାର କରିବସେ। ତେବେ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରି ଆସିଛି, ତାହା ସେ ମନରୁ ପାସୋରି ନ ଦେବା ଉଚିତ। ଅଭାବୀ ଜୀବନ ବିତାଇଥିବା ବ୍ୟକ୍ତି ସମୟକ୍ରମେ ଧନଶାଳୀ ହୋଇଯିବା ପରେ ନିଜକୁ ଅନ୍ୟ ଆଗରେ ଦେଖେଇ ହବାରେ ସଙ୍କୋଚ କରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏଡୁଟିକି ଏଡ଼େଟାଏ**
**ଟେକାଟିକୁ ପଥରଟାଏ ।**

ଯିଏ ଯାହାକୁ ବିପଦରେ ପକାଇବାକୁ ଯେତେ ଚେଷ୍ଟା କରିଥାଏ ତାକୁ ଦିନେ ନା ଦିନେ ତାହାଠୁ ବଡ଼ ବିପଦ ବରଣ କରିବାକୁ ପଡ଼ିଥାଏ। ଅନ୍ୟର ମନ୍ଦ ପାଞ୍ଚୁଥିବା ବ୍ୟକ୍ତିଙ୍କୁ ଈଶ୍ୱର କେବେହେଲେ କ୍ଷମା ଦେଇ ନ ଥାନ୍ତି। ବିଳମ୍ବେ ହେଉ ପଛେ କୃତକର୍ମର ଫଳ ଭଗବାନ ତାକୁ ନିଶ୍ଚିତ ଦେଇଥାନ୍ତି। ଯିଏ ଯାହାକୁ ଅନ୍ୟାୟରେ କ୍ଷତିରେ ପକାଇବାକୁ ଯେତେ ପେଞ୍ଚ କରିଥାଏ ଈଶ୍ୱର ତା'ପାଇଁ ତହୁଁ ଅଧିକ ପେଞ୍ଚ ପ୍ରସ୍ତୁତ କରି ରଖୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

# କାଳିମେଳାରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ଉତ୍ସବ

କାଳିମେଳା,୮।୧(ଡି.ଏନ.ଏ.)

କାଳିମେଳାରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ସ୍ଥାନୀୟ ଭୈରବୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ କଳସ ଶୋଭାଯାତ୍ରା ବାହାରି କାଳିମେଳା ବଜାର ପରିକ୍ରମା କରି ବ୍ଲକ କାର୍ଯାଳୟସ୍ଥିତ ମାଲ୍ୟବନ୍ତ ମହୋତ୍ସବ ମଣ୍ଡପ ନିକଟରେ ସ୍ଥାପନ କରାଯାଇଥିଲା । ଏହି କଳସ ଯାତ୍ରାରେ ବ୍ଲକର ୨୩ଟି ଗ୍ରାମ ପଞ୍ଚାୟତରୁ ସ୍ୱୟଂ ସହାୟକ ଗୋଷ୍ଠୀ, ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ସ୍ଥାନୀୟ ଖେଳପଡିଆଠାରେ ହୋଇଥିବା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ମାଳା ମାଢି ଯୋଗଦେଇ ମହୋତ୍ସବର ଶୁଭାରମ୍ଭ କରିଥିଲେ । ମୁଖ୍ୟବକ୍ତା ଭାବେ ମାଲକାନଗିରିର ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ସମ୍ମାନିତ ଅତିଥି ରୂପେ ଭେଙ୍କଟପଲମ ପଞ୍ଚାୟତର ସରପଞ୍ଚ ଦେବା ମାଡକାମି, ବଡିଗେଟା ସରପଞ୍ଚ ରାମଚନ୍ଦ୍ର ବେଟି ପ୍ରମୁଖ ଉପସ୍ଥିତ ଥିଲେ । ବିଡିଓ ଉମାଶଙ୍କର ଦଳାଇ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଖେଳ ପଡିଆ ଠାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ, ଭଲିବଲ, କବାଡି ପ୍ରତିଯୋଗିତା ହୋଇଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଅଞ୍ଚଳବାସୀ ଲୋକନୃତ୍ୟ, ଢେମସା,କୋୟା ନୃତ୍ୟ, ବେଙ୍ଗଲୀ ନୃତ୍ୟ ପରିବେଷଣ କରିଥିଲେ । ବ୍ଲକ ପରସରରେ ମହିଳା ମାନେ ଝୋଟି ପକାଇବା ସହ ସଂୟ ସହାୟକ ଗୋଷ୍ଠୀ ସେମାନଙ୍କ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନୀ କରିଥିଲେ । ସନ୍ଧ୍ୟାରେ ବ୍ଲକ ଅଧ୍ୟକ୍ଷ ମାଢିଙ୍କ ସଭାପତିତ୍ୱରେ ଏହି ଉତ୍ସବର ଉଦ୍‌ଯାପନୀ ସମାରୋହ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ମୁଖ୍ୟବକ୍ତା ଭାବେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ସମ୍ମାନିତ ଅତିଥି ବିଡିଓ ଦଳାଇ, ଜିଲା ପରିଷଦ ସଭ୍ୟ ସମିର ମିସ୍ତ୍ରୀ, ଉତ୍ତମ ରାୟ, ପ୍ରମିଳା ଦାସ, ସିଡିପିଓ ବିଦ୍ୟୁଲତା ପାତ୍ର, ମାନ୍ୟମକୋଣ୍ଡା ସରପଞ୍ଚ ହରି ଗୋଲରୀ, କାଙ୍ଗୁରୁକୋଣ୍ଡା ସରପଞ୍ଚ ଗଙ୍ଗାଧର ସୋଡି, ଭଗବାନ ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ କୃତି ଛାତ୍ରୀଛାତ୍ର, କଳାକାରଙ୍କୁ ପୁରସ୍କୃତକରାଯାଇଥିଲା। ବିଏସଏସଓ ଦେଶା କାମରାମ, ଜିପିଇଓ କାର୍ତ୍ତିକ ନାୟକ,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭରତ ଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଲ୍ୟବନ୍ତ ମହୋତ୍ସବରେ ନୌକାଚାଳନା ପ୍ରତିଯୋଗିତା

- କୃତୀ ଦଳ ଜିଲାସ୍ତରୀୟ ମହୋତ୍ସବରେ ପୁରସ୍କୃତ ହେବ
- ୨୩ ମତ୍ସ୍ୟଜୀବୀଙ୍କୁ ଲାଇଫ୍ ଜ୍ୟାକେଟ୍ ଦେଲେ ଜିଲାପାଳ
- ଆସନ୍ତା ବର୍ଷ ସ୍ୱାଭିମାନ ଅଞ୍ଚଳର ନୌକା ଚାଳକଙ୍କୁ ମିଳିବ ସୁଯୋଗ

ମାଲକାନଗିରି,୮।୧ (ଡି.ଏନ.ଏ.)

ମାଲକାନଗିରି ଜିଲାର ଲୋକ ମହୋତ୍ସବ ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ମଙ୍ଗଳବାର ସତୀଗୁଡ଼ା ଜଳଭଣ୍ଡାରରେ ନୌଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହାକୁ ଜିଲାପାଳ ମନୀଷ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ । ପ୍ରତିଯୋଗିତାରେ ସୋରିଷମାଳ ଦଳ ପ୍ରଥମ, ଅନ୍ୟତମ ସୋରିଷମାଳ ଦଳ ଦ୍ୱିତୀୟ ଓ ମୁନସା ଦଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି କୃତୀ ଦଳକୁ ଜିଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସରେ ପୁରସ୍କୃତ କରାଯିବ। ପ୍ରତିଯୋଗିତାରେ ଜିଲାର ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଉପଜିଲାପାଳ ରାମେଶ୍ୱର ନାୟକ, ଜିଲା କ୍ରୀଡ଼ା ଅଧିକାରୀ ଜ୍ଞାନେନ୍ଦ୍ର ପ୍ରସାଦ ବଡ଼େଇ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ମିଶ୍ର, ଜିଲା ମତ୍ସ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସତୀଗୁଡା ଜଳଭଣ୍ଡାର ଚତୁଃପାର୍ଶ୍ୱରେ ଥିବା ଆଦିବାସୀ ଗ୍ରାମଗୁଡିକର ମହିଳା,ପୁରୁଷ ଓ ଛାତ୍ରୀଛାତ୍ରମାନେ ନୌକା ପ୍ରତିଯୋଗିତା ଦେଖିବା ପାଇଁ ଭିଡ ଜମାଇଥିଲେ ।



ନୌକାଚାଳନା ପ୍ରତିଯୋଗିତାରେ ସାମିଲ ମତ୍ସ୍ୟଜୀବୀମାନେ।

ପ୍ରତିଯୋଗିତାରେ ଜଳଭଣ୍ଡାର ଚତୁଃପାର୍ଶ୍ୱରେ ଥିବା ୧୦ଟି ଗ୍ରାମର ମତ୍ସ୍ୟଜୀବୀମାନେ ନିଜ ନୌକା ସହ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ପ୍ରତି ନୌକାରେ ୪ ଜଣ ନୌକା ଚାଳକଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସୁଯୋଗ ମିଳିଥିଲା । ଏହି ଅବସରରେ ଜଳଭଣ୍ଡାରରୁ ମାଛ ସଂଗ୍ରହ ସମୟରେ ୨୩ ଜଣ ମତ୍ସ୍ୟଜୀବୀଙ୍କୁ ଜିଲାପାଳ ଲାଇଫ୍ ଜ୍ୟାକେଟ୍ ପ୍ରଦାନ କରିଥିଲେ। ସେହିପରି ଚିତ୍ରକୋଣ୍ଡା ଜଳ ଭଣ୍ଡାରରେ ନୌକା ଦ୍ୱାରା ମାଛ ସଂଗ୍ରହ କରୁଥିବା ୮୦ ଜଣ ମତ୍ସ୍ୟଜୀବୀଙ୍କୁ ଚଳିତ ମାସ ମଧ୍ୟରେ ଲାଇଫ୍ ଲ୍ୟାକେଟ୍ ପ୍ରଦାନ କରାଯିବ । ଆସନ୍ତା ବର୍ଷ ଜିଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ବେଳେ ସ୍ୱାଭିମାନ ଅଞ୍ଚଳର ନୌକା ଚାଳକମାନଙ୍କୁ ନୌକା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ନିମନ୍ତ୍ରଣ କରାଯିବ ବୋଲି ଜିଲାପାଳ କହିଥିଲେ।



କାଳିମେଳା ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବରେ ମଞ୍ଚାସୀନ ଅତିଥି।



କଳାକାରମାନେ ଶିଙ୍ଗ ନୃତ୍ୟ ପରିବେଷଣ କରୁଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

ଲୋହଡ଼ି ଧମାକା
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଚିକିତ୍ସାରେ ଅର୍ଥ ବାଧକ
## ମଳଦ୍ୱାର ନ ଥିବା ଶିଶୁର ହୋଇ ପାରୁନି ଅସ୍ତ୍ରୋପଚାର



ଟିକିରି,୮।୧(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରି ପଞ୍ଚାୟତ ଅନ୍ତର୍ଗତ କାଳିଆକଣା ଗ୍ରାମର ଜଣେ ଶିଶୁର ମଳଦ୍ୱାରା ବନ୍ଦ ରହିଥିବା ବେଳେ ପେଟରେ ଅସ୍ତ୍ରୋପଚାର ବ୍ୟବସ୍ଥା କରାଯାଇ ମଳତ୍ୟାଗର ବ୍ୟବସ୍ଥା କରାଯାଇଛି । କିନ୍ତୁ ଟଙ୍କା ଅଭାବରୁ ଶିଶୁଟିର ଚିକିତ୍ସା ପାଇଁ ପରିବାର ଲୋକ ଅସମର୍ଥ ହୋଇପଡିଛନ୍ତି। ସୂଚନାନୁଯାୟୀ ଗତ ୩ବର୍ଷ ୮ ମାସ ତଳେ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାଳିଆକଣା ଗ୍ରାମର ସୁରେଶ ନାୟକଙ୍କ ସ୍ତ୍ରୀ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ତେବେ ଜନ୍ମରୁ ହିଁ ଶିଶୁଟିର ମଳଦ୍ୱାର ବନ୍ଦ ରହିଥିବା ଦେଖି ତୁରନ୍ତ ଉଭୟ ମା' ଓ ଶିଶୁକୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଏହାପରେ ବ୍ରହ୍ମପୁର ବଡ ମେଡିକାଲ ନେବା ପରେ ପେଟରେ ଅସ୍ତ୍ରୋପଚାର କରାଯାଇ ମଳତ୍ୟାଗର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ମଳତ୍ୟାଗ ସମୟ ସମସ୍ୟା ହେବାରୁ ଶିଶୁକୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ନେଇ ମଳଦ୍ୱାରା ଅସ୍ତ୍ରୋପଚାର କରିବାକୁ ସ୍ଥାନୀୟ ଡାକ୍ତର ପରାମର୍ଶ ଦେଇଛନ୍ତି। କିନ୍ତୁ ପାଖରେ ଟଙ୍କା ନ ଥିବାରୁ ସୁରେଶ ନିଜ ପୁଅକୁ ବ୍ରହ୍ମପୁର ନେଇପାରୁ ନାହାନ୍ତି । ଏପରିକି ପାଖରେ ସ୍ୱାସ୍ଥ୍ୟ ବୀମା କାର୍ଡ ରହିଛି । କିନ୍ତୁ ଯେଉଁ କାର୍ଡ ରହିଛି । କିନ୍ତୁ ଯେଉଁ କାର୍ଡ ଅଛି ସେ କାର୍ଡରେ ନା' ଭୁଲ ରହିଥିବାରୁ ମାଗଣା ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଥିବା ସୁରେଶ କହିଛନ୍ତି । ପ୍ରଶାସନ ସହାୟତା ଯୋଗାଇ ଦେଲେ ଶିଶୁ ପୁତ୍ରଟିର ଚିକିତ୍ସା ହୋଇପାରିବ। ତେଣୁ ପ୍ରଶାସନ ସହାୟତା ଦିଅନ୍ତୁ ବୋଲି ସୁରେଶ ଅନୁରୋଧ କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗ୍ରାମ ଦର୍ଶନ କାର୍ଯ୍ୟକ୍ରମ


ଗୁଣପୁର,୮।୧(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଗ୍ରାମ ଦର୍ଶନ କାର୍ଯ୍ୟକ୍ରମ ସୋମବାର କରନଗୁଡା ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଗ୍ରାମରେ ଥିବା ସରସ୍ୱତୀ ସଂସ୍କାର କେନ୍ଦ୍ରର ପିଲାମାନଙ୍କ ଦ୍ୱରା ସ୍ୱଚ୍ଛତା ଅଭିଯାନ ନେଇ ଏକ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଥିଲା । ପଲିଥିନ ବର୍ଜନ ଓ ପରିମଳ ବ୍ୟବସ୍ଥାକୁ ଆଧାର କରି ଉକ୍ତ ନାଟକ ପରିବେଷଣ କରାଯାଇଥିଲା । ସେହିପରି ଗ୍ରାମରେ ବିଭିନ୍ନ ଧରଣର ଲୋକଙ୍କ ସହିତ ମିଶି ସମରସତାର ବାର୍ତ୍ତା ପ୍ରଦାନ କରାଯାଇଥିଲା । ପରିଚାଳନା ସମିତି ସଦସ୍ୟା ଅମ୍ବିକାରାଣୀ ମହାପାତ୍ର, ସଙ୍କୁଳ ପ୍ରମୁଖ ମନୋରଞ୍ଜନ ରଥ ଉପସ୍ଥିତ ରହି କାର୍ଯ୍ୟକ୍ରମ ନେଇ ଆଲୋକପାତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ ଶତପଥୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସଂସ୍କାର କେନ୍ଦ୍ର ପ୍ରମୁଖ ଘୁଙ୍ଗୁତୁରାମ ପାତ୍ର, ଆଚାର୍ଯ୍ୟ ଦୁର୍ଗା ପ୍ରସାଦ ସୁଆର, ଆଚାର୍ଯ୍ୟା ସଂଯୁକ୍ତା ନାୟକ ଏବଂ ଆଚାର୍ଯ୍ୟ ପିଣ୍ଟୁ କୁମାର ଚଣ୍ଡ ପ୍ରମୁଖ ସହଯୋଗ କରିଥିଲେ । ୯ମ ଶ୍ରେଣୀ ଛାତ୍ରୀଛାତ୍ରମାନେ ନାଟକ ପରିବେଷଣ କରିଥିଲେ ।

# ପାହାଡ଼ ଉପରେ ଗ୍ରାମବାସୀଙ୍କ ଆଶ୍ରୟ

ରାୟଗଡା ଅଫିସ୍, ୮।୧

ଆନ୍ଧ୍ରପ୍ରଦେଶ ରାଜ୍ୟ ବୀରଗୋଟାମ ସଂରକ୍ଷିତ ଜଙ୍ଗଲରୁ ଗତ ଶନିବାର ସନ୍ଧ୍ୟାରେ ଓଡ଼ିଶା ଭିତରକୁ ଚାଲି ଆସିଥିବା ୭ ଟିକିଆ ହାତୀପଲ ଓଡ଼ିଶା ଛାଡୁନାହାଁନ୍ତି । ଏଭଳିକି ନାଗାବଳୀ ନଦୀର ଅପରପାର୍ଶ୍ୱର ମେଟୁକେରେଡା ସଂରକ୍ଷିତ ଜଙ୍ଗଲର ପାଦଦେଶରେ ଥିବା ଏକ ବୁଦା ମୂଳେ ରହିଛନ୍ତି । ମଙ୍ଗଳବାର ଅଣିଜା ଗାଁ ନିକଟ ଡ୍ୟାମ୍‌ରେ ଦୀର୍ଘ ସମୟ ଜଳକ୍ରୀଡା କରିଥିଲେ ହାତୀପଲ । ଗ୍ରାମବାସୀ ଭୟଭୀତ ହୋଇ ଘର ଦ୍ୱାର ଛାଡି ପାହାଡ ଉପରେ ଆଶ୍ରୟ ନେଇଛନ୍ତି । ଶୀତରେ ଶତାଧିକ ଗ୍ରାମବାସୀ ପାହାଡ ଉପରେ ବିଭିନ୍ନ ଭାଗରେ ବିଭକ୍ତ ହୋଇ ଆଶ୍ରୟ ନେଇଛନ୍ତି । ପଥରଗୁଡିକ ନିକଟରେ ଲୁଚି ରହିବା ସହ ସେଠାରେ ହିଁ ରୋଷେଇ କରି ଖାଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । କେତେଦିନ ଏମିତି ଶୀତ କାକରରେ ପଡ଼ି ରହିବୁ ବୋଲି ପ୍ରଶ୍ନ କରିଛନ୍ତି । ଅପରପକ୍ଷରେ ହାତୀପଲକୁ ଘଉଡାଇବାରେ ବନ ବିଭାଗ ସମ୍ପୂର୍ଣ୍ଣ ଫେଲ୍ ମାରିଛି । ନାମକୁ ମାତ୍ର ବନ ବିଭାଗ କର୍ମଚାରୀ ଉପସ୍ଥିତ ରହିଛନ୍ତି । ହାତୀପଲକୁ ଘଉଡାଇବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଅବଲମ୍ବନ କରୁ ନାହାନ୍ତି । ଲୋକଙ୍କ ଜୀବନ ବିପନ୍ନ ହେଉଥିବା ବେଳେ ବନ ବିଭାଗ ଏକ ପ୍ରକାର ହାତ ଟେକିଦେଲାଣି । ମୁଖ୍ୟତଃ ଅନ୍ଧାର ସମୟରେ ହାତୀ ଘଉଡାଇବା ନିମନ୍ତେ ଉତ୍କୃଷ୍ଟ କୁହାଯାଉଥିବା ବେଳେ ବନ ବିଭାଗ କର୍ମଚାରୀ ସେହି ସ୍ଥାନକୁ ଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବନ ବିଭାଗ କର୍ମଚାରୀମାନେ ଦୁଇଟି ଟିମ୍‌ରେ ବିଭକ୍ତ ହୋଇ ବୋରୁହାଲୁଆ ଓ ଅଣିଜା ଗ୍ରାମରେ ହିଁ ରହିଛନ୍ତି । ସନ୍ଧ୍ୟା ହେଲେ ବନ କର୍ମଚାରୀମାନେ ଗାଁଠୁ ବାହାରୁ ଯାଉ ନ ଥିବା ଯୋଗୁ ଲୋକେ ହିନସ୍ଥା ହେଉଛନ୍ତି । ମୁଖ୍ୟତଃ ଅଣିଜା, ବୋରୁହାଲୁଆ, ଏମ୍ପଲଓ୍ୱାଲସା ଓ ମେଟୁକେରେଡା ଗ୍ରାମବାସୀ ୩ଦିନ ହେବ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଏନେଇ ରାୟଗଡା ରେଞ୍ଜର ପ୍ରଭାକର ସେନାପତିଙ୍କୁ ପଚାରିବାରୁ, ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ର ବ୍ୟବହାର କରିବା ସହ ବାଣ ଫୁଟାଇ ଘଉଡାଇବା ନିମନ୍ତେ ଉଦ୍ୟମ ଜାରି ରହିଛି । କିନ୍ତୁ ଆନ୍ଧ୍ରପ୍ରଦେଶର ସୀମାନ୍ତ ଗ୍ରାମବାସୀ ହାତୀପଲ ଯିବା ବେଳେ ବାଧକ ସାଜୁଛନ୍ତି । ସୋମବାର ହାତୀପଲକୁ ଘଉଡାଇବାରୁ ଅଣିଜା ଡ୍ୟାମ୍‌କୁ ଚାଲି ଆସିଥିଲେ । ତେଣୁ ଖୁବଶୀଘ୍ର ଘଉଡ଼ାଇ ଦିଆଯିବ ବୋଲି କହିଛନ୍ତି ।

### ହାତୀପଲଙ୍କ ଜଳକ୍ରୀଡା



## ଖଣି ଟଙ୍କା ଖର୍ଚ୍ଚ ପାଇଁ ଏମ୍‌ପିଙ୍କ ସୁପାରିସ
# କଂଗ୍ରେସର ତୀବ୍ର ବିରୋଧ

ରାୟଗଡା ଅଫିସ୍, ୮।୧

ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପକ୍ଷରୁ କାଶୀପୁର ବ୍ଲକ୍‌ରେ ଖର୍ଚ୍ଚପାଇଁ ଯେଉଁ ଅନୁଦାନ ପ୍ରଦାନ ହୋଇଛି ସେଥିରେ କୋରାପୁଟ ଏମପି ବେଆଇନ ସୁପାରିସ କରିଛନ୍ତି । ଖଣି ଟଙ୍କା ବ୍ଲକ୍ ଜରିଆରେ ଖର୍ଚ୍ଚ କରିବା ପାଇଁ ସରକାରଙ୍କ ନିୟମ ରହିଛି । ହେଲେ ନିଜ ଦଳୀୟ ପାଣ୍ଠି ଭଳି ଏମପି ତାହାକୁ ବ୍ୟବହାର କରିବାକୁ ଉଦ୍ୟମ ଚଳାଇଛନ୍ତି। ସ୍ଥାନୀୟ କଂଗ୍ରେସ ଭବନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗାପ୍ରସାଦ ପଣ୍ଡା ଏହି ଅଭିଯୋଗ କରିଛନ୍ତି । ଖଣି ପ୍ରଭାବିତ ବାଙ୍କାମ୍ବ ଓ ପୋଡାପାଡି ପଞ୍ଚାୟତର ଉନ୍ନତି ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ୩କୋଟି ୮ଲକ୍ଷ ଟଙ୍କା ଖର୍ଚ୍ଚ ନିମନ୍ତେ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଅନୁମୋଦନ କରିଥିଲା । ପ୍ରଥମ ପର୍ଯ୍ୟାୟରେ ଓଏମ୍‌ସି ପକ୍ଷରୁ ୧କୋଟି ୫୪ଲକ୍ଷ ୨୫ହଜାର ଟଙ୍କା ପ୍ରଦାନ ହୋଇଥିଲା । ଉକ୍ତ ଅର୍ଥ ପ୍ରଦାନ ପରେ ରାଜ୍ୟ ପଞ୍ଚାୟତିରାଜ ବିଭାଗର ଚିଠି ନମ୍ବର ୧୩୨୨୦/୧୪.୩.୭.୨୦୧୮ରେ ଯେଉଁ ଗାଇଡଲାଇନ୍ ଜାରି ହୋଇଛି ତାହା ପ୍ରକାରେ କାର୍ଯ୍ୟ କରିବା ନିମନ୍ତେ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା । କିନ୍ତୁ ଏମପି ଏଥିରେ ହସ୍ତକ୍ଷେପ କରି ନିଜ ଦଳର କର୍ମୀମାନଙ୍କୁ ତାହା ବାଣ୍ଟିବା ନିମନ୍ତେ ଉଦ୍ୟମ କରିଛନ୍ତି । କାହାକୁ କେଉଁଠି ଠିକା କାମ ଦିଆଯିବ ତାହା ନିଜ ଲେଟର ପ୍ୟାଡ୍‌ରେ ଲେଖି ବିଡିଓଙ୍କୁ ସୁପାରିସ କରିଛନ୍ତି । ଏମିତି କି ନିଜ ଦଳର କର୍ମୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ୫ଲକ୍ଷ ଟଙ୍କା ଲେଖାଏଁ ଠିକା କାମ ସେ ବଣ୍ଟନ କରିଥିଲେ । ଏହା ନିୟମ ବିରୋଧ ହୋଇଥିବାରୁ ତାହାକୁ କାର୍ଯ୍ୟକାରୀ କରାଯାଇନାହିଁ । ଉକ୍ତ ଅନୁଦାନକୁ ବର୍ତ୍ତମାନ ସେ ଖର୍ଚ୍ଚ କରାଇ ଦେଉ ନ ଥିବା କଂଗ୍ରେସ ସଭାପତି ପଣ୍ଡା କହିଛନ୍ତି । କାଶୀପୁର ବ୍ଲକ୍ କଂଗ୍ରେସ ସଭାପତି ମକରନ୍ଦ ମୁଦୁଲି ଅଭିଯୋଗ କରିଛନ୍ତି ଯେ, ଉନ୍ନୟନ କାର୍ଯ୍ୟ ଗ୍ରାମସଭା ଓ ପଲ୍ଲିସଭା ଜରିଆରେ କରାଯିବା କଥା । ହେଲେ କାଶୀପୁର ବ୍ଲକ୍‌ରେ ସେହିଭଳି କିଛି କରାଯାଉନାହିଁ । ଆଉ କଂଗ୍ରେସ ଦଳର ମହିଳାନେତ୍ରୀ ବ୍ଲକ୍ ଅଧ୍ୟକ୍ଷା ଥିବାରୁ ବିକାଶ କାର୍ଯ୍ୟକୁ ଅଟକାଇବା ନିମନ୍ତେ ଏମପି ଓ ବିଧାୟକ ଉଦ୍ୟମ କରୁଛନ୍ତି । ଖବରଦାତା ସମ୍ମିଳନୀରେ ବ୍ଲକ୍ ଅଧ୍ୟକ୍ଷା ରୁଆଇ ମାଝି, ଅମ୍ବିକା ମାଝି, ନୀଳକଣ୍ଠ ଝୋଡିଆ, ଶଙ୍କର୍ଷଣ ମଙ୍ଗରାଜ, ସପ୍ତଗିରି ଉଲ୍ଲାକା ପ୍ରମୁଖ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଟିକିରି ଶାଖା ଡାକଘରକୁ ଉପଡାକଘର ମାନ୍ୟତା ଦାବି

ଟିକିରି,୮।୧(ଡିଏନ୍ଏ)

କାଶୀପୁର ବ୍ଲକର ମୁଖ୍ୟ ବାଣିଜ୍ୟ କେନ୍ଦ୍ର ଟିକିରି। ଏଠାରେ ପୋଲିସ ଷ୍ଟେଶନ, ଦୁଇଟି ହାଇସ୍କୁଲ, ରେଳଷ୍ଟେଶନ ୪ଟି ବ୍ୟାଙ୍କ, ବିଭିନ୍ନ ସରକାରୀ ଅଫିସ ସହିତ ଏହା ନିକଟରେ ଉତ୍କଳ ଆଲୁମିନା ଭଳି ବୃହତ କାରାଖାନା ରହିଛି। ଏଠାରେ ୧୯୫୦ରୁ ଏକ ଶାଖା ଡାକଘର ମଧ୍ୟ ରହିଛି। ଏହାକୁ ଉପଡାକଘର ମାନ୍ୟତା ଦେବାକୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ବିଭାଗୀୟ କର୍ମଚାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ଟିକିରି ଶାଖା ଡାକଘରକୁ ଉପଡାକଘର ମାନ୍ୟତା ମିଳୁନି ବୋଲି ଅଭିଯୋଗ ହୋଇଛି। କାଶୀପୁର ଉପଡାକଘର ଅଧୀନରେ ଟିକିରିକୁ ମିଶାଇ ୧୧ଟି ଶାଖା ଡାକଘର ରହିଛି। ରାୟଗଡାଠାରୁ ବସ୍‌ରେ କାଶୀପୁରକୁ ଡାକ ଯିବା ପରେ ଶାଖା ଡାକଘରକୁ ଚିଠିପତ୍ର ପଠାଯାଉଛି। ଫଳରେ ଲୋକେ ଜରୁରୀକାଳୀନ ଚିଠିପତ୍ର ପାଇବାରେ ବିଳମ୍ବ ହେଉଛି। ଏଣେ ଟିକିରି ଡାକଘରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ବ୍ୟାଙ୍କ ଏଟିଏମ୍, ଆଧାର କାର୍ଡ ଆଦି ନିୟମିତ ବଣ୍ଟାଯାଇ ପାରୁ ନାହିଁ। ଟିକିରି ଡାକଘରରେ ୨୦୦ରୁ ଅଧୀକ ଲୋକଙ୍କ ଏଟିଏମ୍ କାର୍ଡ ପଡି ରହିଛି। ଡାକଘରର ଅବ୍ୟବସ୍ଥା ଦୂର କରି ତୁରନ୍ତ ଉପଡାକଘର ମାନ୍ୟତା ଦିଆ ନ ଗଲେ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।



ଡ଼ିଆରଏମ ଟିକିରି ଷ୍ଟେଶନ ବୁଲି ଦେଖୁଛନ୍ତି ।

## କେନ୍ଦ୍ରୀୟ ଡିଆର୍‌ଏମ୍‌ଙ୍କ ଟିକିରି ଷ୍ଟେଶନ ପରିଦର୍ଶନ

ଟିକିରି, ୮।୧ (ଡି.ଏନ୍.ଏ.)

କେନ୍ଦ୍ରୀୟ ଡିଆର୍‌ଏମ୍ ଏମ.ଏସ. ମାଥୁର ମଙ୍ଗଳବାର ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଷ୍ଟେଶନ ପରିଦର୍ଶନ କରି ବିଭିନ୍ନ ସମସ୍ୟା ନେଇ ଅନୁଧ୍ୟାନ କରିଛନ୍ତି। ଡ଼ିଆରଏମଙ୍କ ଗସ୍ତକୁ ନେଇ ଯୁଦ୍ଧକାଳୀନ ଭିତ୍ତିରେ ଷ୍ଟେଶନକୁ ସଫାସୁତରା କରାଯାଇଥିଲା। ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଟିକିରି ବଣିକ ସଂଘ ସଭାପତି ମୁନା ବେହେରା, ସାମାଜିକ କର୍ମୀ ଗୌରାଙ୍ଗ ସାହୁଙ୍କ ସହିତ ସ୍ଥାନୀୟ ପ୍ରେସ୍ ୟୁନିୟନ ମିଳିତ ଭାବରେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଟିକିରି ରେଳଷ୍ଟେଶନଠାରୁ ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ, ଷ୍ଟେଶନରୁ ମେନ୍‌ରୋଡ୍ ପର୍ଯ୍ୟନ୍ତ ଆଲୋକୀକରଣ, ,ସୁଲଭ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ କାଟ ସମୟରେ ଆଲୋକ ସଂଯୋଗ, ଷ୍ଟେଶନରେ ଆରପିଏଫ୍‌ର ରହିବା ଆଦି କରିଛନ୍ତି ।

## ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ସଙ୍କୁଳସ୍ତରୀୟ ବୈଠକ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଆଚାର୍ଯ୍ୟାଆଚାର୍ଯ୍ୟ ।

ଗୁଣପୁର,୮।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଙ୍କୁଳସ୍ତରୀୟ ବୈଠକ ରବିବାର ଡମ୍ବସରାଠାରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ସେନାପତି ମୁଖ୍ୟ ଅତିଥି, ପ୍ରମୋଦ ସାହୁକାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଙ୍କୁଳ ପ୍ରମୁଖ ମନୋରଞ୍ଜନ ରଥ, ସଂଯୋଜକ ପ୍ରଫୁଲ୍ଲ ଶତପଥୀ ପ୍ରମୁଖ ଯୋଗଦେଇ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ପାଠ୍ୟକ୍ରମ, ଶିକ୍ଷାଦାନ ପ୍ରଣାଳୀ ଏବଂ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ କହିଥିଲେ । ଡମ୍ବସରା ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଶିକ୍ଷକ ବି.ଆନନ୍ଦରାଓ, ପରିଚାଳନା କମିଟି ଉପ ସଭାପତି ଗଜେନ୍ଦ୍ର ସାହୁକାର,ଶେଷସାଇ ସେନାପତି ,ଲକ୍ଷ୍ମୀ ନାରାୟଣ ସେନାପତି ପ୍ରମୁଖ ଯୋଗ ଦେଇଥିଲେ । ସଙ୍ଗୀତ ଏବଂ ପ୍ରଶ୍ନମଞ୍ଚ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶେଷରେ ସୂର୍ଯ୍ୟ ନାରାୟଣ ପୃଷ୍ଟି ଧନ୍ୟବାଦ ଦେଇଥିଲେ । ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତି ସଭାପତି ଲଳିତ ବୈଦ୍ୟଭୂଷଣ, ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ, ଉପସଭାପତି ବି.ଲକ୍ଷ୍ମୀ ନାରାୟଣଙ୍କ ସମେତ ଲକ୍ଷ୍ମୀ ନାରାୟଣ କଂସବେହେରା ପ୍ରମୁଖ ଯୋଗ ଦେଇଥିଲେ । ଗୁଣପୁର,ପଦ୍ମପୁର,ଡମ୍ବସରା,କେନ୍ଦୁଗୁଡା, ଗୁଡାରି, ରାମନାଗୁଡା ଏବଂ ଗୁମୁଡା ଶିଶୁ ମନ୍ଦିରର ଆଚାର୍ଯ୍ୟା ଏବଂ ଆଚାର୍ଯ୍ୟମାନେ ଯୋଗ ଦେଇଥିଲେ ।

## ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ

ଜେକେପୁର/କୋଲନରା, ୮।୧(ଡି.ଏନ୍.ଏ)

କୋଲନରା ବ୍ଲକ୍ ଖେଦାପଡା ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ଥିବା ପିଣ୍ଡା ଗ୍ରାମରେ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତାପସ କୁମାର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଗୁହା ପୁନମ ତାପସ କୁମାର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏବିଡିଓ କେ.ଶିବଗୋପାଳ ରାଓ ମଞ୍ଚ ପରିଚାଳନା କରିଥିଲେ । ପିଣ୍ଡାପଦର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନାୟକ ଓ ଛାତ୍ରୀଛାତ୍ରମାନେ ସଚେତନାମୂଳକ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗ ତରଫରୁ ଖୋଲାଯାଇଥିବା ଷ୍ଟଲ୍‌ଗୁଡିକୁ ଜିଲାପାଳ ବୁଲି ଦେଖିଥିଲେ । କୋଲନରା ପଞ୍ଚାୟତ ସମିତି ଅଧ୍ୟକ୍ଷା, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ପ୍ରମୁଖ ଯୋଗ ଦେଇଥିଲେ । ଲୋକମାନଙ୍କୁ ପାଇଖାନା ବ୍ୟବହାର, ମଶାରି ଟାଙ୍ଗି ଶୋଇବା, ମହିଳା ଓ ଗର୍ଭବତୀଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ଜିଲାପାଳ ସମସ୍ତଙ୍କୁ ସଚେତନ କରିଥିଲେ । ଆଦିବାସୀ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ତଥା ଜନସଚେତନତା କାର୍ଯ୍ୟକ୍ରମ ପାଇଁ ପିଣ୍ଡାପଦର ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପିଣ୍ଡା, କିରକିଣ୍ଡା, ପାଇକଯୋଡି, ବାରିଖିମାର ଆଦି ଗ୍ରାମର ଶତାଧିକ ଲୋକଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ । ଜେଇ ଶୁଭଦର୍ଶୀନୀ ପଟ୍ଟନାୟକ, ଆର୍‌ଡବ୍ଲ୍ୟୁଏସ୍ଏସ୍‌ର ଲକ୍ଷ୍ମୀନାରାୟଣ ଦୋରା ସହଯୋଗ କରିଥିଲେ ।

# ଠପ୍ ହେଲା ରାୟଗଡ଼ା ଜିଲା

ରାୟଗଡା ଅଫିସ୍/ଗୁଣପୁର/ଗୁଡ଼ାରୀ, ୮।୧(ଡ଼ି.ଏନ.ଏ)

ମିଳିତ ଟ୍ରେନ୍ ୟୁନିୟନର ଦୁଇ ଦିନିଆ ବନ୍ଦ ପାଳନ କରାଯାଉଛି । ବନ୍ଦ ପ୍ରଭାବରେ ସମଗ୍ର ରାୟଗଡା ଜିଲା ଠପ୍ ହୋଇପଡିଛି । ଜିଲାର ବିଭିନ୍ନ ସ୍ଥାନରେ ୧୨ ଦଫା ଦାବିନେଇ ମିଳିତ ଟ୍ରେଡ ୟୁନିୟନ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଛି । ଫଳରେ ସମଗ୍ର ଜିଲାରେ ଯାନବାହାନ ଚଳାଚଳଠାରୁ ଆରମ୍ଭ କରି ଦୋକାନ, ବଜାର, ହାଟ, ଶିକ୍ଷାନୁଷ୍ଠାନ ସବୁକିଛି ବନ୍ଦ ରହିଥିଲା । କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ବିରୋଧରେ ଏହି ୨ଦିନିଆ ବନ୍ଦ ପାଳନ କରାଯାଇଛି। ସହରର କପିଳାଶ ଛକ ଓ ଜେକେପୁରର ପଞ୍ଚାୟତ ଛକଠାରେ ମଧ୍ୟ ରାସ୍ତା ଅବରୋଧ କରାଯାଇଛି । ଫଳରେ ଶତାଧିକ ଟ୍ରକ୍ ଓ ବସ୍ ବିଭିନ୍ନ ସ୍ଥାନରେ ଅଟକି ରହିଛି । ଶ୍ରମ ଆଇନ୍ ସଂଶୋଧନ ବନ୍ଦ କରିବା ସହ ପ୍ରଚଳିତ ଶ୍ରମ ଆଇନ୍‌କୁ କଡାକଡି ପାଳନ, ସର୍ବନିମ୍ନ ମଜୁରି ୧୮ହଜାର ଟଙ୍କା କରିବା, ବ୍ୟାପକ ନିଯୁକ୍ତି ସୃଷ୍ଟି କରିବା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ସମାନ କାମକୁ ସମାନ ମଜୁରି ଲାଗୁ କରିବା, ଅଙ୍ଗନଓ୍ୱାଡି, ଆଶା, ପାଚିକାଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ରେଳ, ବ୍ୟାଙ୍କ ଓ ବୀମା କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶ ବନ୍ଦ କରିବା ଦାବି କରାଯାଇଛି । ରାୟଗଡାରେ ବନ୍ଦ ପାଳନରେ ବୃନ୍ଦାବନ ବିଡିକା, ରାମଚନ୍ଦ୍ର ପ୍ରାସ୍କା, ଭବାନୀ ଶଙ୍କର ଜେନା, ମୂର୍ତ୍ତି ମିଣିଆକା, ଚନ୍ଦନା ହରେନ୍ଦ୍ର ନାଥ, ଏ.ଭି ନାଇଡୁ, ରୁନା ନାୟକ, ଏ.ଭି.ଏସ୍ ଗିରି, ଆରତୀ ପାତ୍ର, ଟି.ସରୋଜୀ ପ୍ରମୁଖ ସାମିଲ ହୋଇଥିଲେ । ଏହି ଅବସରରେ ଜିଲା ମୁଖ୍ୟ ଡାକଘର ଓ ଜିଲା ମୁଖ୍ୟ ଏଲ୍ଆଇସି କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସେହିପରି ଗୁଣପୁରଠାରେ ବନ୍ଦ ପାଳନ ସଫଳ ହୋଇଛି । କର୍ମଚାରୀ ସଂଘ ସଭାପତି ଦୂର୍ଗା ପ୍ରସାଦ ମହାପାତ୍ର ଏବଂ ସମ୍ପାଦକ ଟି.ମୋହନ ରାଓଙ୍କ ନେତୃତ୍ୱରେ ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟଠାରେ ଧାରଣା ଦିଆଯାଇଥିଲା । ସିପିଆଇଏମଏଲର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଶୋଭାଯାତ୍ରା କରାଯିବା ସହ ପିକେଟିଂ କରି ଦୋକାନ ବଜାର ଏବଂ ବିଭିନ୍ନ କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା । ଟାୟାର ଜାଳି ରାସ୍ତା ଅବରୋଧ କରାଯିବା ସହ କେନ୍ଦ୍ରସରକାରଙ୍କ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା । ସ୍କୁଲ,କଲେଜ , ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ସେହିପରି ଗୁଡାରୀରେ ବନ୍ଦ ପାଳନ କରାଯାଇଛି। ଏହି ବନ୍ଦ ଯୋଗୁ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବା ସହ ଦୋକାନ ବଜାର, ଗାଡି ଚଳାଚଳ ବନ୍ଦ ରହିଥିଲା। ସିପିଆଇ (ଏମ୍‌ଏଲ୍) ଲିବରେଶନ୍ ଗୁଡାରୀ ଶାଖାର ପୂର୍ବତନ ସାନହୁମା ସରପଞ୍ଚ ସମ୍ବରା ଶବରଙ୍କ ନେତୃତ୍ୱରେ ବିଭିନ୍ନ ଶ୍ରମିକ ସଙ୍ଗଠନ, ପାଚିକା ଓ ସହାୟିକା ମହାସଂଘର କର୍ମୀମାନେ ବିଭିନ୍ନ ସ୍ଲୋଗାନ ଓ ପ୍ଲାକାର୍ଡ ଧରି ସହରରେ ରାଲି କରିଥିଲେ। ଆନ୍ଦୋଳନରତ କର୍ମୀମାନେ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କବିବର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।



ରାୟଗଡ଼ାରେ ରାସ୍ତା ଅବରୋଧ କରାଯାଇଛି ।




ଗୁଡ଼ାରୀରେ ଆନ୍ଦୋଳନରତ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।




ଗୁଣପୁରରେ ସିପିଆଇଏମଏଲ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ସଂକ୍ଷେପରେ



### କିଡ୍‌ନୀ ଆକ୍ରାନ୍ତ ଯୁବକଙ୍କ ଚିକିତ୍ସା

କାଶୀନଗର, ୮।୧(ଡି.ଏନ.ଏ.): କାଶୀନଗର ବ୍ଲକ କେ.ସୀତାପୁର ପଞ୍ଚାୟତ ଅନ୍ତର୍ଗତ ମିନିଗାଁଗୁଡା ଗ୍ରାମର ଏ.କିରଣ (୩୦) କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଏବେ ଚିକିତ୍ସାଧୀନ ଅଛନ୍ତି। ସେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପ୍ରତି ଆତ୍ମା ଚାରିଟେବୁଲ ଟ୍ରଷ୍ଟ ସହଯୋଗର ହାତ ବଢାଇଛି। ଟ୍ରଷ୍ଟ ସମ୍ପାଦକ ଏସ୍.ପ୍ରଭାକର ରାଓ ଏବଂ ସ୍ଥାନୀୟ ସମିତିସଭ୍ୟ ଡି. ରାଜେଶ କୁମାରଙ୍କ ନେତୃତ୍ୱରେ କିରଣଙ୍କୁ କଟକସ୍ଥିତ ଏସ୍‌ସିବି ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଏ ନେଇ କିରଣଙ୍କ ପରିବାର ଏବଂ ଡି. ରାଜେଶ ଆର୍ଥିକ ସହାୟତା ପାଇଁ ପ୍ରଶାସନକୁ ନିବେଦନ ଜଣାଇବା ପରେ ଜିଲା ରେଡକ୍ରସ ପାଣ୍ଠିରୁ ୨୫ହଜାର ଟଙ୍କା ପ୍ରଦାନ କରାଯାଇଛି।

### ବାଲି ଓଭରଲୋଡିଂ: ୭ ଟିପ୍ପର ଜବତ

ପାରଳାଖେମୁଣ୍ଡି, ୮।୧(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ୭ଟି ଟିପ୍ପର ବାଲି ଓଭରଲୋଡିଂ କରି ଯାଉଥିବାବେଳେ ପରିବହନ ବିଭାଗ ସେଗୁଡିକୁ ଜବତ କରିଛି । ଏହି ସମସ୍ତ ଟିପ୍ପରରୁ ୧ଲକ୍ଷ ୫୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ କାଶୀନଗର ବଂଶଧାରା ନଦୀତଟରୁ ୭ଟି ଟିପ୍ପର ଯୋଗେ ବାଲି ଓଭରଲୋଡିଂ କରି ପାରଳାଖେମୁଣ୍ଡି ସହର ଦେଇ ଗୋଷାଣୀ ଅଭିମୁଖେ ଚାଲାଣ ହେଉଥିଲା। ଏହି ସମୟରେ ପରିବହନ କାର୍ଯ୍ୟାଳୟର କର୍ମଚାରୀ ଦେଖି ସେଗୁଡ଼ିକୁ ଅଟକାଇ ପଚରାଉଚରା କରିଥିଲେ। ପରେ ଟିପ୍ପରଗୁଡ଼ିକୁ ଜବତ କରାଯାଇଥିଲା। ଏହି ସମୟରେ ଯାନବାହନ ନିରୀକ୍ଷକ ବସନ୍ତ ମହାପାତ୍ର ଏବଂ ଟ୍ରାଫିକ ଏସ୍‌ଆଇ ଜିତେନ୍ଦ୍ର କୁମାର ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।



ପାରଳାଖେମୁଣ୍ଡି ପୁରୁଣାପାଟଣା ରୋଡ୍‌ରେ ରାସ୍ତାରୋକୋ କରାଯାଇଛି ।



ଗୋଷାଣୀ ମୁଖ୍ୟ ରାସ୍ତାରେ କାଠ ପକାଇ ଅବରୋଧ କରାଯାଇଛି ।




କାଶୀନଗରଠାରେ ସିପିଆଇ(ଏମ୍)ଏବଂ ଆଇଏଫ୍‌ଟିୟୁ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

# ବନ୍ଦ ପାଇଁ ଗଜପତି ଜିଲା ଆଂଶିକ ପ୍ରଭାବିତ

ପାରଳାଖେମୁଣ୍ଡି/ଗୁମ୍ମା/ଗୋଷାଣି/ରାୟଗଡ/କାଶୀନଗର, ୮।୧(ସ୍ୱ.ପ୍ର./ଡି.ଏନ୍.ଏ)

କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ବିରୋଧ କରି ଟ୍ରେଡ୍ ୟୁନିୟନ ଓ ବାମପନ୍ଥୀ ଦଳଗୁଡିକ ପକ୍ଷରୁ ମଙ୍ଗଳବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଗଜପତି ଜିଲାରେ ଏହାର ଆଂଶିକ ପ୍ରଭାବ ପଡ଼ିଛି। ଜିଲା ସଦରମହକୁମା ପାରଳାଖେମୁଣ୍ଡିରେ ବସ୍ ଓ ଟ୍ରକ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବସ ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ନିଜ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ହଇରାଣ ହୋଇଥିଲେ। ବହୁ ଯାତ୍ରୀ ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେଶନରେ ବସିରହିଥିବା ବେଳେ କିଛି ଯାତ୍ରୀ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା। କାଁ ଭାଁ ଛୋଟ ଗାଡ଼ି ଚଳାଚଳ କରୁଥିଲା। ଦୋକାନ ବଜାର ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଖୋଲାଥିଲା। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ଆର୍‌ଟିଓ, ବିଦ୍ୟୁତ ଓ ଶ୍ରମ ବିଭାଗ କାର୍ଯ୍ୟାଳୟକୁ ସିପିଆଇ ଏବଂ ସିଟୁ ସଦସ୍ୟମାନେ ପିକେଟିଂ କରି ବନ୍ଦ କରାଇଥିଲେ । ସେହିଭଳି ଆନ୍ଧ୍ର ବ୍ୟାଙ୍କ, ଏଚ୍‌ଡିଏଫ୍‌ସି, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ଏଲ୍‌ଆଇସି କାର୍ଯ୍ୟାଳୟ, ପୋଷ୍ଟ ଅଫିସ ପ୍ରଭୃତିକୁ ଆନ୍ଦୋଳନକାରୀମାନେ ବନ୍ଦ କରିଦେଇଥିଲେ । ସିପିଆଇ, ସିପିଆଇ (ଏମ୍) ଏବଂ ସିଟୁ ସମେତ ବିଭିନ୍ନ ଶ୍ରମିକ ସଙ୍ଗଠନର ସଦସ୍ୟମାନେ ମୁଖ୍ୟ ଛକ ଓ ପ୍ରବେଶ ରାସ୍ତାରେ କାଠ ଗଣ୍ଡି, ଟାୟାର, ପଥର ରଖି ଏବଂ ଟାୟାର ଜାଳି ରାସ୍ତା ଅବରୋଧ କରି ଦଳୀୟ ପତାକା ଧରି କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନମାନ ଦେଇଥିଲେ । ସେହିପରି ଗୁମ୍ମା ଓ ରାୟଗଡ ବ୍ଲକରେ ବସ୍ ଓ ଟ୍ରକ ଚଳାଚଳ ବନ୍ଦ ଥିବାବେଳେ ସରକାରୀ ଅଫିସ ଖୋଲା ରହିଥିଲା। ଗୋଷାଣି ବ୍ଲକ କାର୍ଯ୍ୟାଳୟ ଆଗରେ ସିପିଆଇ(ଏମ୍) କର୍ମୀ ଓ ନିର୍ମାଣ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସିପିଆଇ(ଏମ୍) ନେତା ବିଦ୍ୟାଧର ପାତ୍ର, ଜିଲା ନିର୍ମାଣ ଶ୍ରମିକ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ରାଉତ, ଶ୍ରମିକ ନେତା ଅଭିମନ୍ୟୁ ପରିଡା, ତୁଷାରକାନ୍ତ ଜେନା ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପ୍ରତି ଶ୍ରମିକଙ୍କୁ ସମାନ ପ୍ରାପ୍ୟ ଓ ଶ୍ରମିକ କାର୍ଡ ଦେବା ଦାବିରେ ବିଡିଓଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। କାଶୀନଗର ସହରରେ ବସ୍ ଚଳାଚଳ, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ ରହିଥିଲା। ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଛକଠାରୁ ସିପିଆଇ(ଏମ୍) ନେତା କାର୍ତ୍ତିକ ଶବର ଏବଂ ଆଇଏଫ୍‌ଟିୟୁର ଜିଲା ସମ୍ପାଦକ କେଦାର ଶବରଙ୍କ ନେତୃତ୍ୱରେ ମିଳିତ ଭାବେ ଏକ ଶୋଭାଯାତ୍ରା ବାହାରି କେନ୍ଦ୍ର ସରକାରଙ୍କ ବିରୋଧରେ ନାନା ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲା।

■ ରାସ୍ତା, ଡ୍ରେନେଜ୍ ନିର୍ମାଣ ଦାବି

# ପ୍ରଶାସନର ଦ୍ୱାରସ୍ଥ ହେଲେ ବିଶ୍ୱନାଥ ନଗର ବାସିନ୍ଦା

ପାରଳାଖେମୁଣ୍ଡି, ୮।୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ବିଶ୍ୱନାଥନଗର ବାସିନ୍ଦା ଡ୍ରେନେଜ୍ ଓ ରାସ୍ତା ନିର୍ମାଣ ଦାବି ନେଇ ମଙ୍ଗଳବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ କହିଛନ୍ତି ଯେ, ପୂର୍ବରୁ ଥିବା କ୍ଷୁଦ୍ର ଜଳସେଚନ ବିଭାଗର ଏକ ନାଳ ଏହି ଅଞ୍ଚଳ ତଥା ବିଶ୍ୱନାଥନଗର, ରାଧାକୃଷ୍ଣ ନଗର, ମଙ୍କାତୋଟାମା ସାହି ଆଦି ଦେଇ ପ୍ରବାହିତ ହେଉଥିଲା । କିନ୍ତୁ କାଳକ୍ରମେ ତାହା ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ସେହି ନାଳ ବର୍ତ୍ତମାନ ପୋତି ହୋଇପଡିଛି । ଫଳରେ ଉକ୍ତ ନାଳରେ ପାଣି ନିଷ୍କାସନ ହୋଇ ନ ପାରି ସାହିରେ ପଶୁଛି। ଏଥିଯୋଗୁ ସାହି ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଅଦ୍ୟାବଧି ସାହିକୁ ରାସ୍ତା ନିର୍ମାଣ ହୋଇପାରିନାହିଁ। ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାରୁ ବିଭିନ୍ନ ରୋଗ ବ୍ୟାପିବା ଆଶଙ୍କା ରହିଛି । ଏ ନେଇ ପୌର ପରିଷଦକୁ ଜଣାଇଲେ ମଧ୍ୟ ସୁଫଳ ମିଳୁନାହିଁ ବୋଲି ସତ୍ୟନାରାୟଣ ପାତ୍ର, ଲକ୍ଷ୍ମୀ ମହାରଣା, ରିଣ୍ଟୁ ପାଢୀ, ଲକ୍ଷ୍ମୀନୃସିଂହ ପାତ୍ର, ପିଣ୍ଟୁ ପାଣିଗ୍ରାହୀ ପ୍ରମୁଖ ଅଭିଯୋଗ ଆଣିବା ସହ ତ୍ୱରିତ ପଦକ୍ଷେପ ନିଆଯିବାକୁ ଦାବି କରିଛନ୍ତି।



ଅଭିଯୋଗ ଜଣାଇବାକୁ ଆସିଥିବା ସାହି ବାସିନ୍ଦା।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି, ୮।୧(ସ୍ୱ.ପ୍ର.)

ଗଜପତି ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ର ପରିସରରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଅନୁପମ ଶାହା ଏବଂ ଏସ୍‌ପି ଅମୂଲ୍ୟ କୁମାର ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ପରେଡ, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ ଓ ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ଅତିଥିମାନଙ୍କୁ ନିମନ୍ତ୍ରଣ କରିବା ପାଇଁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଡିଆଇପିଆରଓ ରବିଚନ୍ଦ୍ର ନାୟକ, ପାରଳାଖେମୁଣ୍ଡି ଥାନା ଅଧିକାରୀ ବାବୁଲି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆ ସିଡିଏମ୍‌ଓ ଦାୟିତ୍ୱ ନେଲେ

ପାରଳାଖେମୁଣ୍ଡି, ୮।୧(ସ୍ୱ.ପ୍ର.)

ଗଜପତି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଭାବେ ବିଜୟ କୁମାର ପାଣିଗ୍ରାହୀ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଏହା ପୂର୍ବରୁ କୋରାପୁଟ ସିଡିଏମ୍‌ଓ ରହିଥିଲେ । ସ୍ୱାସ୍ଥ୍ୟସେବା ଓ ଚିକିତ୍ସାଳୟର ବିକାଶ ପ୍ରତି ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

## କମ୍ପ୍ୟୁଟର ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୮।୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଓଡିଆ ଭଣ୍ଡାରୀସାହିସ୍ଥିତ ମହାରାଜା ଇନ୍‌ଫୋ ଟେକ୍ ପରିସରରେ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ କମ୍ପ୍ୟୁଟର ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ପାରଳା ସ୍ୱାଭିମାନ ମଞ୍ଚର ମୁଖ୍ୟ ତିରୁପତି ପାଣିଗ୍ରାହୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଜି.ତିରୁପତି ରାଓ, ଅବସରପ୍ରାପ୍ତ ପ୍ରଶାସକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମହାରାଜା ଇନ୍‌ଫୋଟେକ୍‌ର ବି.ଏସ୍.ଅଧିକାରୀ, ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ସଂଯୋଜକ ବିଜୟ କୁମାର ମହାପାତ୍ର, ସ୍ୱେଚ୍ଛାସେବୀ ମୋହିନୀ ପ୍ରଧାନ ଯୋଗଦେଇଥିଲେ। ବର୍ତ୍ତମାନ ସମୟରେ ଶିକ୍ଷା ସହ କମ୍ପ୍ୟୁଟର ଜ୍ଞାନ ନିହାତି ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ୩ମାସ ଧରି ଏହି ତାଲିମ କାର୍ଯ୍ୟକ୍ରମ ଚାଲିବ।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs. 27000/-. (Part Time/Full Time)
Contact: 9938676412

**REQUIRED**
OFFICE ASSISTANT
For a Press with Computer/ Oriya Typing knowledge will be preferred.
Contact: 9337024339
email: anil_yadavji@rediffmail.com

**କୁକ୍ ଆବଶ୍ୟକ**
ଭୁବନେଶ୍ୱରର ଏକ ରେଷ୍ଟୁରାଣ୍ଟ (ଫୁଡ୍ ଟ୍ରକ୍) ପାଇଁ ଅଭିଜ୍ଞ ଇଣ୍ଡିଆନ୍, ଚାଇନିଜ୍ ଓ ମେକ୍ସିକାନ୍ କୁକ୍ ଆବଶ୍ୟକ।
ଯୋଗାଯୋଗ
୮୩୭୮୮୩୭୭୪୭, ୯୩୪୮୪୬୫୫୯୦

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS, ASSISTANCE MANAGER - 20 NOS, OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

**Urgent Required for BBSR AIRPORT**
Qualification : 10th To Graduate
Post : C.S.A, Ground Staff, Cabin, Crew, Loader, Helper
Salary : 18000-35000 + Free Accommodation + Food
7694934663, 9090391585

**JOIN LIC AS AGENT**
Get:
- Stipend Per Month
- Attractive Commission
- Gratuity & more

Age: 18+
Qualification: 10th & above
To join Contact: 7064693160
For Bhubaneswar & Near Areas.

**Req. for Limited Co.**
❶ ପୂର୍ବତନ ସୈନିକ
❷ ଡ୍ରାଇଭର (HMV-LMV)
ବେତନ-19500-27500 ଡ୍ୟୁଟି - ଓଡ଼ିଶା, ମଧ୍ୟପ୍ରଦେଶ
ସବୁ ସୁବିଧା / ଡ୍ୟୁଟି ୫ ଘଣ୍ଟା ମୋଟ ଖାଲି ପଦବୀ-215
ପ୍ରାର୍ଥୀମାନେ ନିଜ Bio-data ଇମେଲ୍ କରନ୍ତୁ
nutekindialimited2019@gmail.com
Phone. No. 08057878485

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately: Mob: 8763257042

**URGENT REQUIRED**
ରାୟଗଡ଼ା, ଅନୁଗୁଳ, ବ୍ରହ୍ମପୁର, ମୟୂରଭଞ୍ଜ, ଭଦ୍ରକ, କଟକ, ଭୁବନେଶ୍ୱର OFFICE STAFF ଆବଶ୍ୟକ।
Salary: 24,000/-.
Qualification: 9th to 10th or above.
Contact: 8018284966

NATURAL TOUCH PLYWOOD ପାଇଁ MARKETING EXECUTIVE (M/F) ଆବଶ୍ୟକ। ଦରମା 8,000/- ରୁ 10,000/-. PETROL 2000, ରହିବା ମାଗଣା + INCENTIVE. ଦୋକାନ ପାଇଁ SALESMAN ଆବଶ୍ୟକ।
ଶୀଘ୍ର ଯୋଗାଯୋଗ:-
9437001718

**URGENT REQUIREMENT STAFF**
For Bhubaneswar.
Tandoor Cook, Indian Cook, Bengali/ Odia Cook, Helper & Waiter.
Contact: 8338888804/ 6370777458

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 08033948529
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303523302

JOBS IN AIRPORT (ONLY MALE)
Post : GROUND STAFF
➡ Qual. : 9th Pass,10th & +2
➡ Age : 18 To 28 Years
➡ Salary : 10,000/- To 25,000/-
Global Certification With 100% Job
Blaze Aviation, Plot No : 576/3398, Nayapalli, Bhubaneswar.
7077708313, 7077708315

DIRECT JOINING
CUSTOMER CARE / BPO
Data Entry / Back Office
Qual. 10th, +2, ITI, Degree, Etc.
Salary : Rs.7000 To Rs.15000 (with Accommodation)
BBSR. 9090658710

SWOSTI GROUP HOTELS . RESORTS . TRAVELS SINCE 1981
**SWOSTI GROUP (Hotels-Resorts-Travels-Education)**
**Requires following posts urgently for its Hotels & Travel Division**

| Sl | Name of the post | Qualification & Experience |
|---|---|---|
| HOTEL DIVISION (CANDIDATES TO BE POSTED AT BHUBANESWAR & CHILIKA) | | |
| 1 | DGM Sales & Mktg. | Graduate with MBA in marketing with 15 yrs experience in any hospitality industry. |
| 2 | Relationship Manager | Graduate with MBA in marketing with 5-7 yrs experience in any hospitality industry |
| 3 | Asst. Mgr. HR / HR Executive | Graduate with MBA in HR with 5-7 yrs experience |
| 4 | BQT Mgr. / Asst. BQT Mgr | Degree/ Diploma In Hotel Mgmt., with More than 5 yrs of experience with IDS knowledge |
| 5 | FnB Executive | Degree/ Diploma In Hotel Mgmt., with More than 3 yrs experience with IDS knowledge |
| 6 | Reservation Asst. / Reservation Executive | Graduate with at least 3 yrs experience from any star category hotel with IDS knowledge. |
| 7 | Steward / Sr. Steward | H.S.C pass having 2-3 yrs relevant experience from any star category hotel. |
| 8 | Room Attendant | |
| 9 | Housekeeping Asst. | |
| 10 | Guest Relation Executive | Degree/ Diploma In Hotel Mgmt., with More than 03 yrs of experience with IDS knowledge. |
| 11 | Front Office Asst./ Supervisor | |
| 12 | Lifeguard (Swimming Pool) | HSC Pass with life & safety certificate & 2-3 yrs experience |
| 13 | Swimming Pool Attendant | HSC Pass with 2–3 yrs experience in Pool Maintenance. |
| 14 | Spa therapist(Male/Female) | Course on Massage Therapy from a recognized University with Min. 2 Yrs experience in relevant field. |
| 15 | Maint. Manager / Asst. Maint. Mgr. | Degree / Diploma in Mechanical Engg. With 10 yrs & above experience in hospitality industry |
| 16 | Electrical / Plumbing / HVAC Supervisors / Technicians | Minimum 3 yrs experience in hospitality industry. |
| 17 | COMMI –I / II / III (Indian, Chinese, Conti, South Indian, Bakery & Halwai) | Diploma / Craft Course in Hotel Management with Minimum 3 yrs experience in hospitality industry. |
| TRAVELS DIVISION (CANDIDATES TO BE POSTED AT BHUBANESWAR) | | |
| 1 | Mgr. / Asst. Mgr. Sales | 5. Asst. Mgr./ Exec. Inbound & Outbound Tours |
| 2 | Asst. Mgr./ Exec. Transport | 6. International Ticketing Executive |
| 3 | Inbound & Outbound Tours Asst. | 7. VISA Services Asst. |
| 4 | . Transport Desk In-charge | 8. Drivers |

Sl. No. 1-7 Candidates with at least 5 yrs experience in any professional travel company will be preferred.
For Drivers - 10th Pass having LMV / HMV license with transport badge with minimum 5 yrs experience.
Salary will commensurate with Qualification, Experience & Efficiency
Candidates may apply within seven days to Email:info@swosti.com M-09338091727 / 08594999396

**V.C.S. INDIA**
House Keeping & Facility Services
- Markerting Executive
- Marketing Managers
- Facility Manager
- Female Telecaller
- House keeping boys

Contact 7077726920
Send your C.V. with attach passport photo to vcs.odisha@vivencyindia.in

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**OMM SAI INFRATECH**
ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9776141333

HERE . NOW **OrissaPOST**
**WANTED**
**TRANSLATORS:-**
Well versed in English and Oriya.
Apply within 7 days to : recruitment@orissapost.com
Pay & perks will be the best in the industry for deserving candidates.

**OFFICE OF THE DISTRICT & SESSIONS JUDGE-CUM-CHAIRMAN, DLSA, KALAHANDI, BHAWANIPATNA**
**ADVERTISEMENT**
Applications in the prescribed format are invited from the desirous candidates for recruitment to the posts of Jr. Clerk of District Legal Services Authority (DLSA). Such appointment shall be governed by the provisions of Odisha Group-C and Group-D posts (Contractual Appointment) Rules, 2013.
**CATEGORY WISE VACANCY POSITION:**

| Name of the Post | UR | SEBC | SC | ST | Total | Scale of pay |
|---|---|---|---|---|---|---|
| Jr. Clerk, DLSA | 01 | -- | 01 | -- | 02 | Rs.8,880/- |

**LAST DATE FOR RECEIPT OF APPLICATIONS**:- The application along with the required documents and self attested copies of certificates must reach the **office of the Chairman, District Legal Services Authority, Kalahandi, Bhawanipatna** on or before **29.01.2019** either by Post or may be dropped in the box provided for the purpose on each working day. Applications received in the office after the last date by any means shall be summarily rejected. N.B.:- For format of application, eligibilities of the candidates, fees for examination, scheme of examination, details of syllabus for each subject, list of documents to be submitted along with the application, kindly visit the below web link https://districts.ecourts.gov.in>kalahandi and www.kalahandi.nic.in.
**Sd./- Chairman,**
**District Legal Services Recruitment Committee,**
**Kalahandi, Bhawanipatna**

**APPOINTMENT**
BEST PLACE TO BUILD YOUR CAREER
SKY AUTOMOBILES is hiring for Dhenkanal & Jajpur Dealership.
☞ SERVICE ADVISORS & FLOOR SUPERVISORS.
Diploma or Degree or ITI in Automobiles or Mechanical Motor Mechanic having minimum 2 years of experience in automobile service. Minimum Diploma is mandatory for service advisors Freshers are also encouraged to appear the interview. For the above two positions, four wheeler driving license is a must.
Interested persons can attend Walk-In-Interview with their updated CV, one photograph and original certificates.
WALK IN INTERVIEW
9th & 10th January 2019, Time - 10am to 3pm
SKY AUTOMOBILES sales • service • spares - SINCE 1987
P.O - Bhanpur, NH-5, CUTTACK - 753011
7440025916, 7873008800 skycuttack@gmail.com
Persons unable to attend walk in interview can forward their CV to hrodisha@skyautomobiles.in.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ବନ୍ଦ ପାଳନ ବିଫଳ: ଭାଜପା

**ଭୁବନେଶ୍ୱର, ୮।୧(ବ୍ୟୁରୋ):** ବିରୋଧୀଙ୍କ ଭାରତ ବନ୍ଦ ଡାକରା ପରେ ବି ଓଡିଶାରେ କୌଣସି ପ୍ରଭାବ ପଡିନାହିଁ ବରଂ କଂଗ୍ରେସ ଏବଂ ବିଜେଡିର ମଧୁଚନ୍ଦ୍ରିକା ପଦାରେ ପଡିଛି। ଓଡିଶାରେ ଏହି ବନ୍ଦରେ କେଉଁ ଶ୍ରମିକ ସଙ୍ଗଠନ ରାସ୍ତାକୁ ଆସି ନ ଥିଲା । ଜନଜୀବନ ସମ୍ପୂର୍ଣ୍ଣ ସ୍ୱାଭାବିକ ଥିଲା । ସମସ୍ତ ଜିଲାରେ ଗାଡି ଚଳାଚଳ ସ୍ୱାଭାବିକ ଥିଲା । ଦୋକାନ ବଜାର ପୁରା ପୁରି ଖୋଲା ଥିଲା । କେବଳ ସ୍କୁଲ କଲେଜକୁ ବନ୍ଦ କରି ରାଜ୍ୟ ସରକାର ଏହି ବନ୍ଦକୁ ସରକାରୀସ୍ତରରେ ସମର୍ଥନ କରିଥିଲେ ବୋଲି ରାଜ୍ୟ ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିତାମ୍ବର କହିଛନ୍ତି, ଏହି ବନ୍ଦ ଡାକରା ଶ୍ରମିକ ପାଇଁ ଉଦିଷ୍ଟ ନ ଥିଲା। ଏହା ପଛରେ ରହସ୍ୟ ଥିଲା କଂଗ୍ରେସ ବିଜେଡି ଏବଂ ସମସ୍ତ ବାମପନ୍ଥୀ ଦଳର ମଧୁଚନ୍ଦ୍ରିକା। ତିନି ତିନୋଟି ରାଜନୈତିକ ଦଳ ମିଳିତ ପ୍ରଚେଷ୍ଟାରେ ବି ଏହି ବନ୍ଦକୁ ସଫଳ କରାଯାଇପାରିଲା ନାହିଁ। ବନ୍ଦକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଚାଲ ଧରାପଡିଛି । କଂଗ୍ରେସ ହେଉଛି ବିଜେଡିର ଆଶାବାଡ଼ି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ମୁଖ୍ୟମନ୍ତ୍ରୀ ଏହାକୁ ପ୍ରମାଣ କରିଛନ୍ତି ବୋଲି ପିତାମ୍ବର କହିଛନ୍ତି ।

### ଆହୁରି କମିବ ଶୀତ ଉପରମୁହାଁ ପାରଦ

**ଭୁବନେଶ୍ୱର,୮।୧(ବ୍ୟୁରୋ):** ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇ ଚାଲିଛି। ପାରଦ ଉପରମୁହାଁ ହୋଇଛି। ଗତ ୪ ଦିନ ମଧରେ ସର୍ବନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀ ସେଲସିୟସ ବଢ଼ିଗଲାଣି। ଶୀତ ଆହୁରି କମିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ମାତ୍ର ୪ଟି ସ୍ଥାନକୁ ବାଦ ଦେଲେ ସମସ୍ତ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ର ୧୦ ଡିଗ୍ରୀ ସେଲସିୟସ ଉପରେ ରହିଛି। ମଙ୍ଗଳବାର ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୯.୬, କେନ୍ଦୁଝର ୯.୨, ସୁନ୍ଦରଗଡ଼ ୮.୫, ଫୁଲବାଣୀ ୯, ସୋନପୁର ୯.୪, ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉତ୍ତର ପୂର୍ବ ଦିଗ ହିମାଳୟ ଆଡୁ ରାଜ୍ୟକୁ ପ୍ରବାହିତ ଥଣ୍ଡା ପବନ ବନ୍ଦ ହୋଇଯାଇଛି। ଫଳରେ ପାରଦ ଉପରମୁହାଁ ହୋଇଛି। ଆସନ୍ତା ୧୧ ତାରିଖ ବେଳକୁ ପାରଦ ଆହୁରି କମିବ। ୧୪ ତାରିଖ ବେଳକୁ ପୁଣି ୨ ଡିଗ୍ରୀ ହ୍ରାସ ପାଇବ। ଶୀତର ପ୍ରକୋପ ସାମାନ୍ୟ ବଢ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

### ୨୫ରେ କଟକ ଆସିବେ ରାହୁଲ
### ୨ ଲକ୍ଷ ଲୋକଙ୍କ ସମାଗମ ପାଇଁ ପ୍ରସ୍ତୁତି

**କଟକ ଅଫିସ/ ଭୁବନେଶ୍ୱର, ୮।୧ (ବ୍ୟୁରୋ):** ଆସନ୍ତା ୨୫ ତାରିଖରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ କଟକ ଆସିବେ। ବାଲିଯାତ୍ରା ପଡ଼ିଆରେ ରାହୁଲ ଏକ ସାଧାରଣ ସଭାରେ ଯୋଗଦେବେ। ୨ ଲକ୍ଷ ଲୋକଙ୍କ ସମାଗମ ପାଇଁ ପ୍ରସ୍ତୁତି ଚାଲିଥିବା ନଗର କଂଗ୍ରେସ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ ସୂଚନା ଦେଇଛନ୍ତି। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ କଂଗ୍ରେସ ଭବନରେ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ରାହୁଲ ସକାଳ ୯ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ତାଙ୍କୁ ରୋଡ୍ ଶୋ'ରେ କଟକ ଇନ୍‌ଡୋର ଷ୍ଟାଡିୟମକୁ ନିଆଯିବ। ସେଠାରେ ରାହୁଲ ଦଳର ସମସ୍ତ ସାଙ୍ଗଠନିକ କାର୍ଯ୍ୟକର୍ତ୍ତାଙ୍କ ସହ ଦିନ ସାଢ଼େ ୧୨ଟାରୁ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଆଲୋଚନା କରିବେ। ମଧାହ୍ନ ବିରତି ପରେ ଅର୍ଥାତ୍ ଅପରାହ୍ନ ୨ଟାରେ ଉପର ବାଲିଯାତ୍ରା ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ରାହୁଲ ଉଦ୍‌ବୋଧନ ଦେବେ। କଟକରୁ ଫେରି ସନ୍ଧ୍ୟାରେ ରାହୁଲ ଭୁବନେଶ୍ୱରରେ ସିଭିଲ ସୋସାଇଟିମାନଙ୍କ ଦ୍ୱାରା ଆୟୋଜିତ ଏକ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଦଳର ରାଜ୍ୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ରାହୁଲ ଯୋଗଦେବେ ବୋଲି ଥିବା ମୋକିମ ସୂଚନା ଦେଇଛନ୍ତି। ଏହାସହ ଆସନ୍ତା ଫେବୃୟାରୀରେ ରାହୁଲ ଦୁଇଥର ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଏ ସଂକ୍ରାନ୍ତରେ କୌଣସି ନିର୍ଦ୍ଦିଷ୍ଟ ତାରିଖ ସ୍ଥିର ହୋଇ ନ ଥିବା ରାଜ୍ୟ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା ଜଣାଇଛନ୍ତି।







**ଭାରତ ବନ୍ଦ**





୧୦ ଶ୍ରମିକ ସଂଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ଧର୍ମଘଟ ଡାକରା ପରିପ୍ରେକ୍ଷୀରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀଙ୍କ ରାସ୍ତା ଅବରୋଧ, ଅଟକି ରହିଥିବା ଗାଡ଼ିମୋଟର ଏବଂ ଟାୟାର ପୋଡ଼ା ଯାଉଛି।

# ପଞ୍ଚାୟତ, ପୌର ସଂସ୍ଥାକୁ ସମ୍ପତ୍ତି ଟିକସ ଆଦାୟ କ୍ଷମତା ଦିଅ

ଭୁବନେଶ୍ୱର,୮।୧(ବ୍ୟୁରୋ)

ପଞ୍ଚାୟତ ଓ ପୌର ସଂସ୍ଥାଗୁଡ଼ିକ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ନାହାନ୍ତି। ସମ୍ପତ୍ତି ଟିକସ ଆଦାୟ କ୍ଷମତା ଦେବା ନେଇ ପଞ୍ଚଦଶ ଅର୍ଥ କମିଶନ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏ ପର୍ଯ୍ୟନ୍ତ ପଞ୍ଚାୟତିରାଜ ସଂସ୍ଥା ଏବଂ ପୌର ସଂସ୍ଥାଗୁଡ଼ିକୁ ସମ୍ପତ୍ତି କର ଆଦାୟର କ୍ଷମତା ପ୍ରଦାନ କରାଯାଇ ନ ଥିବାରୁ କମିଶନ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଅଗ୍ରାଧିକାର ଭିତ୍ତିରେ ଏ ଦିଗରେ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପ କରିଛନ୍ତି । ଟିକସ ଆଦାୟର ପରିସର ବୃଦ୍ଧି ହେଲେ ପଞ୍ଚାୟତିରାଜ ସଂସ୍ଥା ଓ ପୌର ସଂସ୍ଥାଗୁଡ଼ିକର ଆର୍ଥିକ ସ୍ୱାବଲମ୍ବନଶୀଳତା ବଢ଼ିବ । ପଞ୍ଚଦଶ ଅର୍ଥ କମିଶନ ଅଧ୍ୟକ୍ଷ ଏନ. କେ. ସିଂହଙ୍କ ନେତୃତ୍ୱରେ ଓଡ଼ିଶା ଆସିଥିବା କମିଶନ ସଦସ୍ୟମାନେ ମଙ୍ଗଳବାର ପଞ୍ଚାୟତିରାଜ ସଂସ୍ଥା, ପୌରସଂସ୍ଥା, ଶିଳ୍ପ ଓ ବାଣିଜ୍ୟ ସଂଗଠନର ପ୍ରତିନିଧିମାନଙ୍କୁ ପୃଥକ୍ ପୃଥକ୍ ସାକ୍ଷାତ କରି ବିସ୍ତୃତ ଆଲୋଚନା କରିଛନ୍ତି । ଏହି ଆଲୋଚନା ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତ ଓ ପୌରସଂସ୍ଥାଗୁଡ଼ିକର ଆର୍ଥିକ ସ୍ୱଚ୍ଛଳତା, ସାମର୍ଥ୍ୟ ଏବଂ ଆଞ୍ଚଳିକ ସ୍ତରରେ ଟିକସ ଆଦାୟର ସରଳ ଉପାୟ ନେଇ ବିଚାରବିମର୍ଶ ହୋଇଛି । ତିନିସ୍ତରୀୟ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ଆର୍ଥିକ କ୍ଷମତାର ବିକେନ୍ଦ୍ରୀକରଣ ନେଇ କମିଶନ ସଦସ୍ୟମାନେ ପ୍ରତିନିଧିମାନଙ୍କ ସହ ଏକମତ ହୋଇଛନ୍ତି । ପଞ୍ଚୟତ ଓ ପୌରସଂସ୍ଥାଗୁଡ଼ିକର ଟିକସ ଆଦାୟର ସାମର୍ଥ୍ୟ ଓ ପରିସର ବ୍ୟାପକ କରିବା ନେଇ କମିଶନ ଗୁରୁତ୍ୱାରୋପ କରିଛନ୍ତି। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶାର ପଦକ୍ଷେପ ଏକ ଉଜ୍ଜ୍ୱଳ ଉଦାହରଣ ବୋଲି କମିଶନ ଉଲ୍ଲେଖ କରିଛନ୍ତି । କମିଶନଙ୍କୁ ଭେଟିଥିବା ପଞ୍ଚାୟତିରାଜ ଏବଂ ପୌର ସଂସ୍ଥାର ୧୬ ଜଣ ପ୍ରତିନିଧିଙ୍କ ମଧ୍ୟରୁ ୧୦ ଜଣ ମହିଳା ହୋଇଥିବାରୁ କମିଶନ ସନ୍ତୋଷ ପ୍ରକାଶ କରିଛନ୍ତି । ସେହିପରି ବୈଠକର ଦ୍ୱିତୀୟ ପର୍ଯ୍ୟାୟରେ ଶିଳ୍ପ ଓ ବାଣିଜ୍ୟ ସଂଗଠନଗୁଡ଼ିକର ପ୍ରତିନିଧିମାନଙ୍କୁ କମିଶନ ସାକ୍ଷାତ କରିଛନ୍ତି । ଦେଶର ୭୨ ଭାଗ ଖଣିଜ ସମ୍ପଦ ଓଡ଼ିଶାରେ ରହିଛି ମାତ୍ର ସେଗୁଡ଼ିକର ସେତେଟା ବିକାଶ ହୋଇପାରିନାହିଁ । ଏଥିଯୋଗୁ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି ଆଖିଦୃଶିଆ ହୋଇ ପାରିନାହିଁ । ବିପୁଳ ପରିମାଣରେ ଖଣିଜ ସମ୍ପଦ ଭରି ରହିଥିଲେ ମଧ ଓଡ଼ିଶା ଏପର୍ଯ୍ୟନ୍ତ ଏହାର ପ୍ରକୃତ ସାମର୍ଥ୍ୟକୁ ଅଭିବୃଦ୍ଧି କ୍ଷେତ୍ରରେ ଉପଯୋଗ କରିପାରି ନ ଥିବା କମିଶନ ସୂଚନା ଦେଇଛନ୍ତି । ବୈଠକ ଶେଷ ପର୍ଯ୍ୟାୟରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଅତୀତରେ ଓଡ଼ିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କେତେକ କାର୍ଯ୍ୟକ୍ରମ ଭଲ ଓ ଫଳପ୍ରଦ ହୋଇଥିଲେ ମଧ ଆହୁରି ଅନେକ କିଛି କରିବାକୁ ବାକି ରହିଛି । ଭିତ୍ତିଭୂମି କ୍ଷେତ୍ର ରାଜ୍ୟର ବିକାଶ ଲାଗି ନିହାତି ଆବଶ୍ୟକ ଏବଂ ଏହା ଓଡ଼ିଶାକୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଶିଳ୍ପ ରାଜ୍ୟ ରୂପେ ଗଢ଼ି ତୋଳିବ । ରାଜନୈତିକ ସ୍ଥିରତା ଏବଂ ସମ୍ବଳର ପ୍ରକୃତ ଉପଯୋଗ ହେଲେ ଓଡ଼ିଶାର ଭବିଷ୍ୟତ ଆହୁରି ଉଜ୍ଜ୍ୱଳ ହେବ ବୋଲି କମିଶନ ମତବ୍ୟକ୍ତ କରିଛନ୍ତି ।

**ପଞ୍ଚଦଶ ଅର୍ଥ କମିଶନଙ୍କ ପରାମର୍ଶ**

- ଖଣିଜ ସମ୍ପଦ ବିନିଯୋଗ ହୋଇପାରି ନ ଥିବାରୁ ଉଦ୍‌ବେଗ ପ୍ରକାଶ କଲେ କମିଶନ
- ଆର୍ଥିକ କ୍ଷମତା ପ୍ରଦାନ ଉପରେ ଗୁରୁତ୍ୱ
- ରାଜନୈତିକ ସ୍ଥିରତା, ସମ୍ବଳର ଉପଯୋଗ ହେଲେ ବିକାଶ ତ୍ୱରାନ୍ୱିତ ହେବ

## ଚାଷୀଙ୍କ ନାଁରେ ଦିଲ୍ଲୀରେ ବିଜେଡିର ପିକ୍‌ନିକ୍ ସମାବେଶ: କଂଗ୍ରେସ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଚାଷୀ ପ୍ରସଙ୍ଗକୁ ନେଇ ମଙ୍ଗଳବାର ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାଜପା ଓ ବିଜେଡ଼ି କେବଳ ଚାଷୀଙ୍କ ନାଁରେ ନାଟକବାଜି କରି ଚାଲିଛନ୍ତି। ପ୍ରଦେଶ କିଷାନ କଂଗ୍ରେସ ସଭାପତି ଅମିୟ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଛନ୍ତି। ଦିଲ୍ଲୀରେ ବିଜେଡି ଚାଷୀ ସମସ୍ୟା ନାଁରେ ପିକ୍‌ନିକ୍ ସମାବେଶ କରୁଛି ବୋଲି ଅମିୟ ଅଭିଯୋଗ କରିଛନ୍ତି।

ଅମିୟ କହିଛନ୍ତି, ଚାଷୀ ଉତ୍ପାଦନ ଖର୍ଚ୍ଚର ମୂଲ୍ୟ ପାଉ ନାହିଁ। ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ମଣ୍ଡି ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଚାଷୀ ନିର୍ଦ୍ଧାରିତ ଏମ୍ଏସ୍‌ପିଠାରୁ ୫ଶହ ୬ଶହ ଟଙ୍କା କମ୍‌ରେ ଧାନ ବିକିବାକୁ ବାଧ ହେଉଛି। ଚାଷୀଙ୍କୁ କୁଇଣ୍ଟାଲ ପିଛା ଶହେ ଟଙ୍କା ବୋନସ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଘୋଷଣା ପ୍ରତାରଣାରେ ପରିଣତ ହୋଇଛି। ଚାଷୀଙ୍କ ବାସ୍ତବ ସ୍ଥିତିକୁ ବିଜେଡ଼ି ଦଳ ଅଣଦେଖା କରି ପାର୍ଲାମେଣ୍ଟ ଘେରାଉ କରୁଛି। ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଏପରି ୭ଟି ରାଜ୍ୟ କୃଷିଋଣ ଛାଡ଼ ନେଇ ଘୋଷଣା କରିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ ଏହା ନ କରି କେବଳ ବାହାସ୍ଫୋଟ ମାରିଚାଲିଛନ୍ତି। କେନ୍ଦ୍ର ସରକାର ଏମ୍ଏସ୍‌ପି ବୃଦ୍ଧି ଦିଗରେ ଗୁରୁତ୍ୱ ନ ଦେବା କିମ୍ବା କୃଷିଋଣ ଛାଡ଼ ନ କରି କେବଳ ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଥା ବଡ଼,କାମ କମ୍। ସ୍ୱାମୀନାଥନ କମିଟି ସୁପାରିସ ଆଧାରରେ ଚାଷୀଙ୍କୁ କୃଷି ଉତ୍ପାଦନ ଖର୍ଚ୍ଚରେ ଦେଢ଼ଗୁଣା ମୂଲ୍ୟ ଦିଆଯିବା ପାଇଁ ଦେଇଥିବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଚାଷୀଙ୍କଠାରୁ କୃଷିଋଣ ଛାଡ଼, ଧାନର ଏମ୍ଏସ୍‌ପି ୨୯୩୦ ଟଙ୍କାକୁ ବୃଦ୍ଧି ନ କରନ୍ତି ତେବେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସାରା ରାଜ୍ୟରେ ଚାଷୀ ଆନ୍ଦୋଳନ ପ୍ରତି ଗାଁ ସ୍ତରରୁ ବ୍ୟାପକ କରାଯିବ ବୋଲି ଅମିୟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କିଷାନ କଂଗ୍ରେସ ତରଫରୁ ସମସ୍ତ ଜିଲାର ଚାଷୀ ପ୍ରତିନିଧିମାନଙ୍କୁ ନେଇ ଦଳର ରାଜ୍ୟ କାର୍ଯ୍ୟାଳୟରୁ ଏକ ପଦଯାତ୍ରା ବାହାରିଥିଲା । ଧାନର ସହାୟକ ମୂଲ୍ୟ ବୃଦ୍ଧି, କୃଷି ଋଣଛାଡ଼ ଓ ବୋନସ୍ ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଯଦି ସରକାର ଯଥାଶୀଘ୍ର ଦିଲ୍ଲୀ ଛାଡି ପଲ୍ଲୀରେ ମେଳି ହୋଇଥିବା ଚାଷୀଙ୍କ ବାସ୍ତବ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି ଆନ୍ଦୋଳନକୁ ଦୁର୍ବାର କରାଯିବ।



ମଙ୍ଗଳବାର ପ୍ରଦେଶ କିଷାନ କଂଗ୍ରେସର କର୍ମକର୍ତ୍ତାମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରି ଫେରୁଛନ୍ତି।

## ଚାଷୀଙ୍କୁ ଧାନର ନିର୍ଦ୍ଧାରିତ ମୂଲ୍ୟ ମିଳୁନି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଧାନର ଏମ୍ଏସ୍‌ପି ୨୯୩୦ଟଙ୍କା କରିବା ଦାବିରେ ମଙ୍ଗଳବାର ବିଜେଡି ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୋଧରେ ଦିଲ୍ଲୀଠାରେ କୃଷକ ଅଧିକାର ସମାବେଶ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଶାସକ ଦଳ କେନ୍ଦ୍ର ବିରୋଧରେ ଗର୍ଜିବା ସହ ରାଷ୍ଟ୍ରପତିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି। ବିଜେଡିର ଏହି ପ୍ରତିବାଦକୁ କେନ୍ଦ୍ର ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ବିଜେଡି ମୁହଁରେ ବ୍ରଣ ହେଲେ ଛାଇ ପଡିବା ପରି ବିତଣ୍ଡା କରୁଛି। କେନ୍ଦ୍ର ସରକାର ନିର୍ଦ୍ଧାରିତ କରିଥିବା ମୂଲ୍ୟ ବି ରାଜ୍ୟ ସରକାର ଦେଇପାରୁ ନାହାନ୍ତି ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ଚାଷ ଓ ଚାଷୀର ବିଷୟକୁ ନେଇ ବର୍ତ୍ତମାନ ରାଜ୍ୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଏହା ଆଉ ରାଜନୈତିକ ବାଦ ବିବାଦର ପ୍ରସଙ୍ଗ ହୋଇ ରହିନାହିଁ । ଜନବିଦ୍ରୋହ ଏବେ ଗାଁ ଗଣ୍ଡାରେ ଆରମ୍ଭ ହୋଇଗଲାଣି । ଚାପରୁ ମୁକୁଳିବା ଲାଗି ବିଜେଡି ମୁହଁ ଲୁଚାଇବାକୁ ଦିଲ୍ଲୀରେ ସୁଆଙ୍ଗ ରଚିବାର ବ୍ୟବସ୍ଥା କରିଛି। ଚାଷ ହେଲା ରାଜ୍ୟର ବିଷୟ । ମୁଖ୍ୟମନ୍ତ୍ରୀ ମହାଶୟ ନିଜ ଦାୟିତ୍ୱରୁ ମୁକୁଳିପାରିବେ ନାହିଁ । ଏପର୍ଯ୍ୟନ୍ତ ମଣ୍ଡି କାହିଁକି ଖୋଲିଲାନାହିଁ, କେନ୍ଦ୍ର ସରକାର ଦେଉଥିବା ୧୭୫୦ ଟଙ୍କା ଚାଷୀ ପାଇପାରୁ ନାହାନ୍ତି, ଏ ପ୍ରଶ୍ନର ଉତ୍ତର ତାଙ୍କୁ ଦେବାକୁ ପଡ଼ିବ । ଗତବର୍ଷ ଧାନ କୁଇଣ୍ଟାଲ ମୂଲ୍ୟ ୧୫୫୦ ଟଙ୍କା ଥିବାବେଳେ କେନ୍ଦ୍ର ସରକାର ଏହାର ମୂଲ୍ୟବୃଦ୍ଧି କରି ୧୭୫୦ ଟଙ୍କା କରିଛନ୍ତି । ଚଳିତବର୍ଷ ନିର୍ବାଚନର ବର୍ଷ ହୋଇଥିବା ହେତୁ, ବିଜେଡି ନିଜର ପାଣ୍ଠି ସଂଗ୍ରହ ପାଇଁ ମିଲ୍ ମାଲିକମାନଙ୍କ ସହ ସାଲିସ୍ କରିଛି । ସେଥିପାଇଁ ଚାଷୀ ମଧ୍ୟସ୍ଥିମାନଙ୍କ ଜରିଆରେ କୁଇଣ୍ଟାଲ ପିଛା ୧ହଜାରରୁ ସର୍ବାଧିକ ୧୨ଶହ ଟଙ୍କାରେ ଧାନ ବିକିବାକୁ ବାଧ ହେଉଛି । ମୁଖ୍ୟମନ୍ତ୍ରୀ ନିଜର ଦାୟିତ୍ୱ ଠିକ୍‌ଭାବେ ନ ତୁଲାଇ ନିଜ ମୁଣ୍ଡରୁ ଦୋଷ ଛଡାଇବା ପାଇଁ ଚେଷ୍ଟା କରୁଛନ୍ତି । କିଛିବର୍ଷ ତଳେ ସୋହେଲାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଏମଏସପି ଉପରେ ଚାଷୀଙ୍କୁ ଶହେ ଟଙ୍କାର ବୋନସ ଦେବେ । ଆଶ୍ଚର୍ଯ୍ୟଜନକ ଭାବେ ସେ କଥାକୁ ସେମାନେ ଭୁଲିଯାଇଛନ୍ତି। ଲୁଚିଛି ନା ଗୋଡ ଦୁଇଟା ଦିଶୁଛି। ଏ ଠକାମିକୁ ଲୋକେ ଏଥର ଧରିବେ। ମୁଖ୍ୟମନ୍ତ୍ରୀ ନିଜର ଦୁର୍ବଳତାକୁ ଲୁଚାଇବା ପାଇଁ ମିଛ କହିବାର ବାଟ ଧରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

## ରକ୍ତରେ ଭିଜିଲା ଶୁଲିଆ ପୀଠ

ବଲାଙ୍ଗୀର ଅଫିସ, ୮।୧

ଆଦିବାସୀଙ୍କ ପ୍ରସିଦ୍ଧ ଧାର୍ମିକସ୍ଥଳୀ ଶୁଲିଆ ପୀଠରେ ମଙ୍ଗଳବାର ସହସ୍ରାଧିକ ପଶୁପକ୍ଷୀ ବଳି ଦିଆଯାଇଛି। ପୌଷ ମାସ ଶୁକ୍ଳପକ୍ଷ ପ୍ରଥମ ମଙ୍ଗଳବାର ପରମ୍ପରା ଅନୁଯାୟୀ ପାଳିତ ହୋଇଆସୁଥିବା ଏହି ଶୁଲିଆ ଯାତ୍ରା ବଳିପ୍ରଥାକୁ ନେଇ ବେଶ୍ ଚର୍ଚ୍ଚିତ ହୋଇରହିଛି । ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲତାପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖଇରଗୁଡାସ୍ଥିତ ମୁଖ୍ୟ ଶୁଲିଆ ପୀଠ ବଡଖଲା ଓ କୁମୁରିଆସ୍ଥିତ ସାନଖଲାରେ ଶୁଲିଆ ଯାତ୍ରା ଅନୁଷ୍ଠିତ ହେବା ସହ ସହସ୍ରାଧିକ ସଂଖ୍ୟାରେ କୁକୁଡା, ଛେଳିମେଣ୍ଢା, ବତକ, ପାରା ଓ ପୋଢ଼ ବଳି ପଡିଛି । ଏହି ଦୁଇ ପୀଠ ସହ ଜିଲାର ସଦର ବ୍ଲକ ଅନ୍ତର୍ଗତ ମିର୍ଦ୍ଧାପାଲି, ତୁଷରା ନିକଟସ୍ଥ ଚାଣ୍ଟିପଦର ଓ ଖର୍ଲିକାନୀଠାରେ ଶୁଲିଆ ପୂଜା ଓ ବଳି ଦିଆଯାଇଛି । ଜିଲାରେ ଶୁଲିଆ ଯାତ୍ରାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ପୋଲିସ ବିଭାଗ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରିଥିଲେ ।

ଖଇରଗୁଡା ଗ୍ରାମ ନିକଟ ଶୁଲିଆ ଡଙ୍ଗର ପାଦଦେଶରେ ଥିବା ପ୍ରସିଦ୍ଧ ଶୁଲିଆ ପୀଠ ବଡଖଲାଠାରେ ମଙ୍ଗଳବାର ସକାଳ ପ୍ରାୟ ୮ଟାରୁ ଶୁଲିଆ ପୂଜା ଆରମ୍ଭ ହୋଇଥିଲା । ବିଭିନ୍ନ ପ୍ରକାର ରୋଗ, ଦୁଃଖ, କ୍ଲେଶ ଓ ସମସ୍ୟା ଦୂର କରିବାକୁ ଶ୍ରଦ୍ଧାଳୁମାନେ ଗୁହାରି କରିଥିଲେ । ଯେଉଁ ଶ୍ରଦ୍ଧାଳୁମାନଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥିଲା ସେମାନେ ବଳି ଉଦ୍ଦେଶ୍ୟରେ ଆଣିଥିବା କୁକୁଡା, ପାରା, ବତକ, ଛେଳି, ମେଣ୍ଢା ଓ ପୋଢକୁ ଶୁଲିଆ ବୁଢ଼ାଙ୍କୁ ଅର୍ପଣ କରିଥିଲେ । ପରେ ବାଜା ବଜାଇ ଶୁଲିଆ ପୀଠକୁ ପୂଜା ଓ ବଳି ପାଇଁ ଥିବା ପଶୁପକ୍ଷୀ ଅଣାଯାଇଥିଲା । ସେଠାରେ ଦେହେରିଆମାନେ ବଳି ଦେଇଥିଲେ । ଅନୁରୂପ ଭାବେ ନିକଟସ୍ଥ କୁମୁରିଆ ଗାଁର ସାନଖଲାରେ ମଧ ପାରମ୍ପରିକ ପୂଜା ଓ ବଳି ସମ୍ପନ୍ନ ହୋଇଥିଲା । ବଡଖଲାରେ ୪୦ରୁ ଉର୍ଦ୍ଧ୍ୱ ବଳି ପଡ଼ିଥିଲା।

### ବନାବିରା ଗୁଳିକାଣ୍ଡ ଘଟଣା
### ମୁଖ୍ୟ ଅଭିଯୁକ୍ତ ବଣ୍ଟି ଗିରଫ

ସୋହେଲା,୮।୧(ଡି.ଏନ.ଏ)

୨୦୧୮ ଫେବୃୟାରୀ ୨୨ ତାରିଖ ରାତିରେ ବରଗଡ ଜିଲା ସୋହେଲା ଥାନା ଅନ୍ତର୍ଗତ ବନାବିରା ନିକଟରେ ସଂଘଟିତ ଗୁଳିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ବଣ୍ଟି ଓରଫ ଆୟୁଷ୍ମାନ ପୁରୋହିତ(୨୮)ଙ୍କୁ ପୋଲିସ ମଙ୍ଗଳବାର ସମ୍ବଲପୁରରୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ବଣ୍ଟିଙ୍କ ବିରୋଧରେ ସମ୍ବଲପୁର ଟାଉନ ଥାନାରେ ୧୦ଟି ଓ ଖେତରାଜପୁର ଥାନାରେ ଗୋଟିଏ ମାମଲା ରହିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ପୋଲିସ ସୂଚନା ଦେଇଛି।

## ନବ ନିର୍ମାଣ କୃଷକ ସଙ୍ଗଠନର ଧାରଣା

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଧାନର ଏମ୍ଏସ୍‌ପି ବୃଦ୍ଧିକୁ ନେଇ ଦିଲ୍ଲୀରେ ବିଜେଡି କରିଥିବା କୃଷକ ଅଧିକାର ସମାବେଶକୁ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କଡା ସମାଲୋଚନା କରାଯାଇଛି। ବିଧାନସଭାର ସର୍ବସମ୍ମତି ପ୍ରସ୍ତାବ ଅନୁଯାୟୀ ଧାନର ଏମ୍ଏସପି ୨୯୩୦ଟଙ୍କା ଏବଂ ପ୍ରତ୍ୟେକ ଚାଷୀକୁ ୫ହଜାର ଟଙ୍କାର ସୁରକ୍ଷା ଭତ୍ତା ଦେବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇ ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି। ଏହି ଅବସରରେ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଶାସକ ବିଜେଡି ଚାଷୀଙ୍କୁ ଭତ୍ତା ଦେବାକୁ କୁଣ୍ଠିତ ହେଉଛନ୍ତି। ହେଲେ 'କାଳିଆ' ଯୋଜନା ନାଁରେ ଚାଷୀଙ୍କୁ ଭୁତାଉଛନ୍ତି। ରାଜ୍ୟ ସଭା ଓ ଲୋକ ସଭାରେ ପ୍ରଭାବୀ ଢଙ୍ଗରେ ଧାନ ଦର ପାଇଁ ଲଢେଇ ନ କରି କର୍ମୀଙ୍କୁ ଦିଲ୍ଲୀ ନେଇ ଆନ୍ଦୋଳନ କରିବା ହାସ୍ୟାସ୍ପଦ ବୋଲି ଅକ୍ଷୟ କହିଛନ୍ତି। ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି ଯେ, ୫୦ହଜାର କୋଟି ଟଙ୍କା ଜରିମାନା ଖଣି ମାଫିଆଙ୍କର ଛାଡ କରାଯାଇଥିବା ବେଳେ ସରକାର ବୁଝିଲେ। ମାତ୍ର ଚାଷୀଙ୍କୁ ୫ହଜାର ଟଙ୍କା ଲେଖାଏଁ ସୁରକ୍ଷା ଭତ୍ତା ଦେବା ଅବାସ୍ତବ ବୋଲି ସରକାର କହିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ସଙ୍ଗଠନ ପକ୍ଷରୁ ୩ଘଣ୍ଟା ପର୍ଯ୍ୟନ୍ତ ରାଜଭବନ ସମ୍ମୁଖରେ ଧାରଣା ଦିଆଯିବାପରେ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ପାଇଁ ...

**ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସମ୍ପର୍କରେ କେତୋଟି ଜାଣିବା କଥା...**

ଦୁଗ୍ଧ ଏକ ସୁଷମ ଖାଦ୍ୟ । ଏହାର ଗୁଣାତ୍ମକ ମାନ ପାଇଁ ଏହାକୁ ଅମୃତ ସହ ତୁଳନା କରାଯାଇଥାଏ । ସୁସ୍ଥ ଗାଈ ବା ମଇଁଷି ଠାରୁ ଉତ୍ପାଦିତ ଦୁଗ୍ଧ ସାଧାରଣତଃ ନିର୍ମଳ, ସ୍ୱଚ୍ଛ ଓ ରୋଗ ଜୀବାଣୁ ବିହୀନ ହୋଇଥାଏ । ଗୋପାଳକ ଭାଇ ଭଉଣୀମାନେ ଦୁଗ୍ଧର ଦୁହିଁବା ପ୍ରଣାଳୀ, ପରିବେଶ ତଥା ଦୁହିଁବା ପୂର୍ବ ଓ ପରର ସାବଧାନତା ଅବଲମ୍ବନ କଲେ ପରିଷ୍କାର ତଥା ସ୍ୱଚ୍ଛ ଦୁଗ୍ଧ ମିଳିପାରିବ ।

**ସ୍ୱଚ୍ଛ ଦୁଗ୍ଧ କ'ଣ–**

ସ୍ୱଚ୍ଛ ଦୁଗ୍ଧ କହିଲେ ମଇଳା, ଗୁଣ୍ଡ ବା କାଠିକୁଟାର ଅଂଶ ନଥିବା, କୌଣସି ପ୍ରକାର ଦୁର୍ଗନ୍ଧ ବିହୀନ, ରୋଗ ଜୀବାଣୁ କମ୍ ଥିବା ବା ନଥିବା ଓ ସାଧାରଣ ଭାବରେ ସବୁ ପ୍ରକାର ଖାଦ୍ୟ ଗୁଣଯୁକ୍ତ ହୋଇଥିବା ଦରକାର ।

–ଏହା ପରିଷ୍କାର ଓ ସୁସ୍ଥ ଗାଈ/ମଇଁଷିଠାରୁ ମିଳିଥାଏ ।

–ପରିଷ୍କାର ପରିଚ୍ଛନ୍ନ ବାତାବରଣରେ ସଂଗ୍ରହ ଓ ସଂରକ୍ଷଣ ହୋଇଥାଏ ।

–ଏଥିରେ ଆଖିକୁ ଦେଖାଯାଉଥିବା ମଇଳା ଅଥବା କିଛି ଦୁର୍ଗନ୍ଧ ନ ଥାଏ ।

–ଏହି ଦୁଗ୍ଧରେ ଖୁବ୍ କମ୍ ଜୀବାଣୁ ଥାନ୍ତି କିନ୍ତି ସଂକ୍ରାମକ ଜୀବାଣୁ ନ ଥାନ୍ତି ।

**ସ୍ୱଚ୍ଛ ଦୁଗ୍ଧର ଆବଶ୍ୟକତା:**


–ଅପରିଷ୍କାର ଦୁଗ୍ଧରେ ଜୀବାଣୁ ଦ୍ରୁତ ଗତିରେ ବଢି କ୍ଷୀରକୁ ବହୁତ କମ୍ ସମୟରେ ନଷ୍ଟ କରିଥାନ୍ତି । ସ୍ୱଚ୍ଛ ଦୁଗ୍ଧ ବହୁତ ସମୟ ପର୍ଯ୍ୟନ୍ତ ନଷ୍ଟ ନ ହୋଇ ରହିଥାଏ, ଫଳରେ ବଜାର ଚାହିଦା ଅଧିକ ହେବା ସହ ମନୁଷ୍ୟ ବ୍ୟବହାର ପାଇଁ ନିରାପଦ ।

–ଦୁଗ୍ଧରେ ପ୍ରାୟ ସମସ୍ତ ଖାଦ୍ୟସାର ଆମମାନଙ୍କର ଦରକାରୀ ଅନୁପାତରେ ଥିବାରୁ ଆବାଳ ବୃଦ୍ଧବନିତା ତଥା ରୋଗୀମାନେ ଆନନ୍ଦରେ ଗ୍ରହଣ କରିଥାନ୍ତି ।

–ଭଲ ତଥା ଖାଣ୍ଟି କ୍ଷୀର ପାଇଁ ବହୁ ଲୋକ ଅଧିକ ଟଙ୍କା ଦେବାକୁ ପଛାଇ ନ ଥାନ୍ତି ।

–ସରକାରୀ ସ୍ତରରେ ଦୁଗ୍ଧର ଗୁଣାତ୍ମକ ମାନ ପରୀକ୍ଷା କରାଯାଏ, ଯେପରି କି ବଜାରରେ ବିକ୍ରି ହେଉଥିବା କ୍ଷୀରର ମାନ ଠିକ୍ ରହିବ ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟରେ ଆଞ୍ଚ ଆସିବ ନାହିଁ ।

–ଦୁଗ୍ଧର ଗୁଣାତ୍ମକମାନ ପାଇଁ ମନୁଷ୍ୟଙ୍କୁ ଏହା ବିଭିନ୍ନ ରୋଗରୁ ରକ୍ଷା କରିଥାଏ ; ଯଥା– ଟାଇଫଏଡ୍, ତରଳଝାଡ଼ା ଇତ୍ୟାଦି । କାରଣ ଏହି ରୋଗଗୁଡ଼ିକ କ୍ଷୀର ଦ୍ୱାରା ଅଧିକାଂଶ ସ୍ଥଳେ ସଂକ୍ରମିତ ହୋଇଥାଏ ।



–ସ୍ୱଚ୍ଛ ଦୁଗ୍ଧରୁ ପ୍ରସ୍ତୁତ ଦ୍ରବ୍ୟ ସ୍ୱାସ୍ଥ୍ୟକର ଏବଂ ବହୁତ ସମୟ ବ୍ୟବହାର ଉପଯୋଗୀ ହୋଇ ରହିଥାଏ, ତେଣୁ ଏହାଦୂରଦୂରାନ୍ତକୁ ପରିବହନ ହେଲେ ମଧ ନଷ୍ଟ ହେବାର ଆଶଙ୍କା କମ୍ ଥାଏ ।

**ସ୍ୱଚ୍ଛକ୍ଷୀର ପାଇବା କିପରି:**

ପରିଷ୍କାର ବା ସ୍ୱଚ୍ଛ କ୍ଷୀର ପାଇବା ପାଇଁ ମୁଖ୍ୟତଃ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

**ଗୁହାଳ ଓ ପାରିପାର୍ଶ୍ୱର ପ୍ରଭାବ–**ଗୁହାଳ ଓ ତା'ର ଆଖପାଖ ସବୁବେଳେ ସଫା ଓ ଶୁଖିଲା ରଖନ୍ତୁ । ଗୋବର ସଦାସର୍ବଦା ଗୁହାଳଠାରୁ ଅତିକମ୍‌ରେ ୧୦୦ ମିଟର ଦୂରରେ ପକାନ୍ତୁ । ଏହା ପରିପାର୍ଶ୍ୱର ପ୍ରଭାବ ମାଛି, ମଶା, ମୂଷା, ଅସରପା ଓ ଜୀବାଣୁ ସଂଖ୍ୟା କମ୍ କରିବାରେ ସାହାଯ୍ୟ କରିଥାଏ ।

–ଗୁହାଳ ଉଚ୍ଚା ସ୍ଥାନରେ ଥିବା ସହିତ ଏହା ମଧ ଦେଇ ପବନ ଚଳାଚଳ କରୁଥିବା ଦରକାର । ଗୁହାଳରେ ଉପଯୁକ୍ତ ବାୟୁଚଳାଚଳ ହେଉଥିଲେ ପ୍ରାଣୀଟି ଶ୍ୱାସଜନିତ ରୋଗରୁ ମୁକ୍ତି ପାଇଥାଏ ।

–ଗୁହାଳର ଦୈର୍ଘ୍ୟ ଉତ୍ତର– ଦକ୍ଷିଣ ଦିଗରେ ରହିଲେ ସୂର୍ଯ୍ୟକିରଣ ସକାଳେ ଓ ସନ୍ଧ୍ୟା ସମୟରେ ଘର ଭିତରେ ପଡିଲେ ଗୁହାଳ ବିଶୋଧିତ ହୋଇଥାଏ ।

–ଗୁହାଳର ଚଟାଣ ଜଳ ନିରୋଧୀ ହେବା ଦରକାର ଯାହା ଗୁହାଳର ଅପରିଷ୍କାର ପାଣିକୁ ନାଳ ଦେଇ ବାହାରକୁ ଛାଡିବାର ବ୍ୟବସ୍ଥା କରାନ୍ତୁ ।

–ଗୁହାଳର ଛାତ ମସୃଣ ଓ ବୁଢ଼ିଆଣୀ ଜାଲ, ଧୂଳି ବା ଅଳିଆରୁ ମୁକ୍ତ ହେବା ଆବଶ୍ୟକ ।

–ବର୍ଷକୁ ଥରେ ଗୁହାଳ କାନ୍ଥରେ ଚୂନ ଲେପିବା ଭଲ ।

–ଦୁଗ୍ଧ ଦୁହିଁବା ପୂର୍ବରୁ ଗୁହାଳ ଚଟାଣରେ ହାଲକା ପାଣି ଛାଟନ୍ତୁ ଫଳରେ ଗୁହାଳରେ ଉଡୁଥିବା ଧୂଳି ବସିଯିବ ।

–ଦୁଗ୍ଧ ଦୁହିଁବା ସ୍ଥାନଟିକୁ ସନ୍ତସନ୍ତିଆ ରଖନ୍ତୁ ନାହିଁ ।

–ଗୋମହିଷାଦିଙ୍କୁ ଟିଙ୍କ, ଉକୁଣି, ମଶା ଓ ମାଛି ଦାଉରୁ ରକ୍ଷା କରିବା ପାଇଁ ନିୟମିତ ରାସାୟନିକ ଔଷଧ ସିଞ୍ଚନ କରନ୍ତୁ ।

**–ଡା.ରଞ୍ଜନ କୁମାର ମହାନ୍ତ**
*ପ୍ରାଣୀବିଜ୍ଞାନ ବିଶେଷଜ୍ଞ, ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକ*
**–ଡା. ସାରଦା ପ୍ରସନ୍ନ ସାହୁ**
*ପ୍ରାଣୀଧନ ଅଧିକାରୀ, ପ୍ରାଣୀପାଳନ, ଦୁଗ୍ଧ ଓ ମତ୍ସ୍ୟ ବିଭାଗ, ନୂଆଦିଲ୍ଲୀ,*
*ମୋ:୯୪୩୮୪୦୮୧୦୫*

# ନାଡେପ କମ୍ପୋଷ୍ଟ



**ରାହୁଲ ଦେବ ବେହେରା**

ସହରରେ ଥିବା ବିଭିନ୍ନ ପ୍ରକାର ଅଳିଆ ଆବର୍ଜନା ତଥା ଗାଁ ଗହଳିରେ ଥିବା କୁଟାପତ୍ର, ଫସଲର ଅଦରକାରୀ ଅଂଶ, କଦଳୀଗଛର ଅବଶେଷ ଓ ଆଖୁଛେଦା ପ୍ରଭୃତିକୁ ବ୍ୟବହାର କରି କମ୍ପୋଷ୍ଟ ପ୍ରସ୍ତୁତ କରାଯାଇଥାଏ । ହଚିନ୍‌ସନ୍ ଏବଂ ରିଚାର୍ଡ୍ସ ୧୯୨୧ରେ ପ୍ରଥମେ ନଡା/କୁଟାରୁ ଇଂଲଣ୍ଡରେ କମ୍ପୋଷ୍ଟ ତିଆରି କରିଥିଲେ । ସେହିଦିନଠାରୁ ଏପର୍ଯ୍ୟନ୍ତ ଯେତେ ପ୍ରକାରର କମ୍ପୋଷ୍ଟ ପ୍ରସ୍ତୁତ ପ୍ରଣାଳୀ ହେଲାଣି, ସେଥିମଧ୍ୟରୁ ଏହି କମ୍ପୋଷ୍ଟ ଅନ୍ୟତମ ।

**ନାଡେପ କମ୍ପୋଷ୍ଟ :** ଏହି ପଦ୍ଧତିର ବିକାଶ ପ୍ରଥମେ ମହାରାଷ୍ଟ୍ରର ଜଣେ ଗାନ୍ଧିବାଦୀ କର୍ମଚାରୀ ନାରାୟଣ ଦେଓ ସାଧାରୀ ପାଣ୍ଡେଙ୍କ ଦ୍ୱାରା କରାଯାଇଥିଲା । ତେଣୁ ତାଙ୍କ ନାମ ଅନୁସାରେ ଏହି ପଦ୍ଧତିକୁ ନାଡେପ ପଦ୍ଧତି କୁହାଯାଏ । ଏହି ପଦ୍ଧତିରେ ଅଳ୍ପ ପରିମାଣର ଗୋବର ବ୍ୟବହାର କରାଯାଇ କମ୍ପୋଷ୍ଟ ପ୍ରସ୍ତୁତ କରାଯାଇପାରେ ଏବଂ ଏଥିରେ ପ୍ରାୟ ଉଦ୍ଭିଦ ଉପଯୋଗୀ ସମସ୍ତ ଖାଦ୍ୟ ଉପାଦାନ ରହିଥାଏ ତଥା ପ୍ରଦୂଷଣ ମଧ ଦୂର କରାଯାଇପାରେ ।

**ଖତ ପ୍ରସ୍ତୁତି ପ୍ରଣାଳୀ**

ନାଡେପ କମ୍ପୋଷ୍ଟ ପ୍ରସ୍ତୁତି ପାଇଁ ନିମ୍ନଲିଖିତ ଜିନିଷଗୁଡିକର ଆବଶ୍ୟକତା ରହିଛି ।

– ଉଦ୍ଭିଦ ଓ ଫସଲରୁ ମିଳୁଥିବା ଦରକାରୀ ଅଂଶ ଯେପରିକି ଶୁଖିଲା କୁଟା ନଡା, କାଠି, ମୂଳ ଡାଳ ଇତ୍ୟାଦି ଆନୁମାନିକ ୧୪ରୁ ୧୫ କୁଇଣ୍ଟାଲ ଏବଂ ଏଥିରୁ ପ୍ଲାଷ୍ଟିକ୍, କାଚ ତଥା ପଥର ବାହାର କରିଦେବା ଦରକାର ।

– ୧୦–୧୦୦କି.ଗ୍ରା ଗୋବର, ଗୋବର ଗ୍ୟାସ, ପ୍ଲାଣ୍ଟରୁ ନିର୍ଗତ ହେଉଥିବା ଅବଶିଷ୍ଟାଂଶ ମଧ ବ୍ୟବହାର କରାଯାଇପାରେ ।

– ଆବଶ୍ୟକ ହେଉଥିବା ଜଳର ପରିମାଣ ବର୍ଷାଦିନେ କମ୍ ଏବଂ ଖରାରେ ଅଧିକ ଜଳ ସହ ଗାଈମୂତ୍ର ବ୍ୟବହାର କରିପାରିଲେ ଅଧିକ ସୁଫଳ ମିଳିଥାଏ ।

**ନାଡେପ ଖତକୁ ପୂର୍ଣ୍ଣ କରିବା ପ୍ରଣାଳୀ**

– ସବୁ ଜିନିଷ ଯୋଗାଡ଼ କରିସାରିବା ପରେ ନାଡେପ ଖତକୁ ପୂରଣ କରାଯିବା ଆବଶ୍ୟକ । ଖତଟି ପୂର୍ଣ୍ଣ କରିବା ପୂର୍ବରୁ ଖତର ନିମ୍ନ ଭାଗ ତଥା ଭିତର ପାଖକୁ ଗୋବର ଓ ପାଣିଦ୍ୱାରା ଭଲଭାବେ ଲିପା ହେବା ଦରକାର । ୩ଟି ସ୍ତରର ଏହି ଖତ ଭର୍ତ୍ତି ହୋଇଥାଏ ।

**ପ୍ରଥମ ସ୍ତର:** ପତ୍ର, ଡାଳ, ମୂଳ ଓ ଗଛର ଅନ୍ୟାନ୍ୟ ଅଦରକାରୀ ଅଂଶ ଦ୍ୱାରା ୬ ଇଞ୍ଚ ମୋଟାର ଖତଟିକୁ ଭର୍ତ୍ତି କରିବା ଦରକାର ।

**ଦ୍ୱିତୀୟ ସ୍ତର:** ୫କି.ଗ୍ରା. କଞ୍ଚା ଗୋବରକୁ ୧୦୦ରୁ ୧୫୦ ଲିଟର ପାଣିରେ ଗୋଳାଇ ଏହି ସ୍ତର ଉପରେ ଏଭଳି ଛିଞ୍ଚାଯିବା ଦରକାର, ଯେପରିକି ଖତ ଭିତରେ ପଡିଥିବା ପ୍ରଥମ ସ୍ତରର ସମସ୍ତ ଜୈବ ପଦାର୍ଥ ରୂପରେ ଓଦା ହୋଇଯିବ ।

**ତୃତୀୟ ସ୍ତର:** ଓଦା ହୋଇ ଯାଇଥିବା ପତ୍ର, କୁଟା ଆଦି ଜୈବ ପଦାର୍ଥ ଉପରେ ୫୦ରୁ ୭୦ କି.ଗ୍ରା ଓଜନର ଗୁଣ୍ଡମାଟି ପକାଇବା ଦରକାର । ମାଟି ପକାଇବା ପରେ ପୁଣି ପାଣି ଛିଞ୍ଚିବା ଆବଶ୍ୟକ । ଏହିଭଳି ସ୍ତର କରି ଖତକୁ ପୂର୍ଣ୍ଣ କରିବା ଜରୁରୀ ।

**ସ୍ଥାନ ନିରୂପଣ:**

– ଉଚ୍ଚା ଓ ଶୁଖିଲା ସ୍ଥାନ ନିରୂପଣ କରାଯିବା ଆବଶ୍ୟକ ।

– କମ୍ପୋଷ୍ଟ ତିଆରିରେ ପାଣିର ଆବଶ୍ୟକତା ଥିବାରୁ ପାଣି ମିଳୁଥିବା ସ୍ଥାନରେ ହେବା ଦରକାର ।

– ଫସଲ ଚାଷ କରିବା ଜମି, ପାଖାପାଖି ଏହି ସ୍ଥାନ ନିରୂପଣ କଲେ ଯାତାୟାତଜନିତ ଖର୍ଚ୍ଚ ଓ ସମୟର ଅପଚୟ କମ୍ ହୋଇଥାଏ ।

– ଏହି କମ୍ପୋଷ୍ଟ ପାଇଁ ଏମିତି ଜାଗାରେ ଖତ ଖୋଳନ୍ତୁ, ଯେଉଁଠି ବାୟୁ ଚଳାଚଳ ମୁକ୍ତ ଭାବରେ ହୋଇପାରୁଥିବ ।

*– କୃଷି ବୈଜ୍ଞାନିକ, ବଲାଙ୍ଗୀର,*
*ମୋ– ୯୪୩୮୧୪୨୪୦୧*



# ତରଭୁଜ ଚାଷ ସମ୍ପର୍କରେ...



ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୩.୫ ମିଟର ଏବଂ ମନ୍ଦାକୁ ମନ୍ଦା ୦.୬ ରୁ ୧.୨ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜା ହେବା ଲାଗି ମନ୍ଦା ଉପରେ କିଛି ପାଳ ଘୋଡ଼ାଇ ଦିଅନ୍ତୁ । ଉନ୍ନତ କିସମ – ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା । ସଙ୍କର କିସମ – ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍ ।

# ଡାଲୁଅ ଧାନ ତଳି ପ୍ରସ୍ତୁତି

ଡାଲୁଅ ଧାନ ପାଇଁ (ଏକ ହେକ୍ଟର ଚାଷ ଲାଗି ୨୫ ଡେସିମିଲ ଜମିରେ ତଳି ପଡ଼େ) ତଳି କିଆରିକୁ କାଦୁଅ କରି ଶେଷ ଓଡ଼ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର ପ୍ରୟୋଗ କରନ୍ତୁ ।

–ବିହନରୁ କଣ୍ଡା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ ।

–ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ ।

–ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ ।

ବିହନ କିସମ : ସଅଳ – ଖଣ୍ଡଗିରି, ପାରିଜାତ, ଯୋଗେଶ ଓ ସିଦ୍ଧାନ୍ତ । ମଧ୍ୟମ – ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ ଓ ଗଜପତି ।

–କିଆରିରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ ।

ପ୍ରଥମ ପୃଷ୍ଠାରୁ...

## ନୂଆଦିଲ୍ଲୀରେ ଶକ୍ତି ...

କ୍ଷମତା ଲାଭ ପରେ ସବୁ ଭୁଲି ଯାଇଥିବା କହି ନବୀନ କେନ୍ଦ୍ରକୁ ସମାଲୋଚନା କରିଛନ୍ତି । ସେହିପରି ଦଳର ପ୍ରତିଷ୍ଠା ଦିବସ ପରେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଉକ୍ତ ସଭାରେ ଆର୍ଥିକ ସ୍ୱାୟତ୍ତତା ଦାବି ଉଠାଇଛନ୍ତି । ଉଦ୍‌ବୋଧନ ଦେଇ ନବୀନ କହିଛନ୍ତି ଯେ, ଚାଷୀ ଭାରତୀୟ ଅର୍ଥନୀତିର ଆତ୍ମା । ଏମ୍ଏସ୍‌ପି ବୃଦ୍ଧି ନେଇ ଓଡ଼ିଶା କେନ୍ଦ୍ର ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଛି । ମାତ୍ର, କେନ୍ଦ୍ର ସବୁବେଳେ ଏହାକୁ ଅଗ୍ରାହ୍ୟ କରିଛି । ସ୍ୱାମୀନାଥନ କମିଟି ସୁପାରିସ ଆଧାରରେ ଏମ୍ଏସ୍‌ପି ମୂଲ୍ୟ ଦେଢଗୁଣା ବୃଦ୍ଧିକରିବା ପାଇଁ ଭାଜପା ୨୦୧୪ ସାଧାରଣ ନିର୍ବାଚନ ଇସ୍ତାହାରରେ ରଖିଥିଲା । ହେଲେ କ୍ଷମତାକୁ ଆସିବା ପରେ ଭାଜପା ଉକ୍ତ ପ୍ରତିଶ୍ରୁତିକୁ ଭୁଲି ଯାଇଛି । ଓଡ଼ିଶା ବିଧାନସଭାରେ ବହୁ ପୂର୍ବରୁ କୁଇଣ୍ଟାଲ ପିଛା ଧାନର ଏମ୍ଏସ୍‌ପି ୨୯୩୦ ଟଙ୍କା କରିବାକୁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇସାରିଛି । ରାଜ୍ୟ ପକ୍ଷରୁ ଏଥିପାଇଁ ଲଗାତର ଦାବି ହେଉଛି । ଓଡ଼ିଶାର ସବୁ ବର୍ଗର ଚାଷୀ ଏହି ଦାବିକୁ ସକରାତ୍ମକ ସମର୍ଥନ ଦେଇଆସିଛନ୍ତି । ଉପରୋକ୍ତ ଦାବି ସତ୍ତ୍ୱେ କେନ୍ଦ୍ର ଚଳିତ ଖରିଫ ଋତୁ ପାଇଁ ଧାନର ଏମ୍ଏସ୍‌ପି ମାତ୍ର ୧୭୫୦ ଟଙ୍କା ଧାର୍ଯ୍ୟ କରିଛନ୍ତି । ଏହି ମୂଲ୍ୟ ଧାର୍ଯ୍ୟ କରାଯିବା ସମୟରେ ଓଡ଼ିଶାର ଦାବିକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସମାଲୋଚନା କରିଛନ୍ତି । ବିହନ, ସାର, ଇନପୁଟ୍ ସବ୍‌ସିଡି , ମାଇକ୍ରୋ ନ୍ୟୁଟ୍ରାଣ୍ଟ, ଜଳସେଚନ ସମ୍ବନ୍ଧୀୟ ବ୍ୟୟ, କୃଷି ଯନ୍ତ୍ରପାତି ମୂଲ୍ୟ ମଧ ଦିନକୁ ଦିନ ବଢିବାରେ ଲାଗିଛି । ଏସବୁକୁ ଦୃଷ୍ଟିରେ ରଖି ଏମ୍ଏସ୍‌ପି ମୂଲ୍ୟ ନିର୍ଦ୍ଧାରଣ କରାଯିବାର ଆବଶ୍ୟକତା ରହିଛି । ସେହିପରି କୃଷକ ସଶକ୍ତୀକରଣ ଲକ୍ଷ୍ୟ ରଖି ରାଜ୍ୟ ସରକାର ନିକଟରେ ଲାଗୁ କରିଥିବା 'କାଳିଆ'ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମନ୍ତବ୍ୟ ରଖିଛନ୍ତି । ସେ କହିଛନ୍ତି ଯେ, ଏହି ଯୋଜନା ସିଧାସଳଖ ଭାବେ ରାଜ୍ୟର ୯୨ ପ୍ରତିଶତ ଚାଷୀଙ୍କୁ ସହାୟକ ହେବ । ଆଗାମୀ ୩ ବର୍ଷରେ ଏଥିପାଇଁ ୧୦,୧୮୦ କୋଟି ଟଙ୍କାର ବଜେଟ୍ ରଖାଯାଇଛି । ଏଥିରେ ଚାଷୀଙ୍କୁ ଆର୍ଥିକ ସହାୟତା ସହ ବୀମା ସୁରକ୍ଷା ମଧ ପ୍ରଦାନ କରିବାରେ ସହାୟକ ହେବ । ୫ ରାଜ୍ୟର ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରିବାର ଲକ୍ଷ୍ୟ ରଖାଯାଇଛି । ରାଜ୍ୟ ସରକାର ଯାହା କହିଥାନ୍ତି, ତାହା ପାଳନ କରିଥାନ୍ତି । କାଳିଆ ଯୋଜନାକୁ ନେଇ କୃଷି–ଅର୍ଥନୀତିଜ୍ଞ ଏବଂ ଚାଷୀମାନେ ସକାରାତ୍ମକ ମନ୍ତବ୍ୟ ଦେଉଛନ୍ତି । ତେଣୁ ଚାଷୀଙ୍କ ଉନ୍ନତି ପାଇଁ ଏହି ସମୟରେ କେନ୍ଦ୍ର ସହ ଏମ୍ଏସ୍‌ପି ନେଇ ଆଲୋଚନାର ଉପଯୁକ୍ତ ସମୟ ଆସିଛି । ଯଦି ଓଡ଼ିଶାର ଆର୍ଥିକ ସ୍ୱାୟତ୍ତତା ଥାଆନ୍ତା, ତେବେ ଏହି ଦାବି ନେଇ ଦିଲ୍ଲୀ ଆସିବାକୁ ପଡି ନ ଥାନ୍ତା । ତେଣୁ ଆର୍ଥିକ ସ୍ୱାୟତ୍ତତା ଦାବିର ଯଥାର୍ଥତା ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ବିଜୁ କୃଷକ ଜନତା ଦଳର ମହାସଚିବ ପ୍ରତାପ ଜେନା କହିଛନ୍ତି ଯେ,ଚାଷୀଙ୍କ ଦୁର୍ଦ୍ଦଶା ଦୂର କରିବା ପାଇଁ ଏମ୍ଏସ୍‌ପି କେବଳ ଏକ ଅସ୍ତ୍ର ନୁହେଁ, ବରଂ ଏହା ସେମାନଙ୍କ ଆୟ ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । ଗତ ସାଧାରଣ ନିର୍ବାଚନରେ ଏମ୍ଏସ୍‌ପି ବୃଦ୍ଧି ନେଇ ଭାଜପା ପ୍ରତିଶ୍ରୁତି ଦେଇଥିଲା । ପରବର୍ତ୍ତୀ ସମୟରେ ୨୦୧୫ ଫେବୃୟାରୀ କେନ୍ଦ୍ର ପକ୍ଷରୁ ଏମ୍ଏସ୍‌ପି ବୃଦ୍ଧି କରାଯାଇ ପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା । ତେଣୁ ଏହି ପ୍ରସଙ୍ଗରେ ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନୁହେଁ । ପ୍ରତିବର୍ଷ ରାଜ୍ୟର ୪୦ ଲକ୍ଷ ହେକ୍ଟରରେ ଧାନ ଅମଳ କରାଯାଇଥାଏ । ଧାନ ପ୍ରକ୍ରିୟାକରଣ କ୍ଷେତ୍ରରେ ଓଡ଼ିଶା ଦେଶର ୪ ନଂ ରାଜ୍ୟ । ତେଣୁ ଏମ୍ଏସ୍‌ପି ମୂଲ୍ୟ ସିଧାସଳଖ ଚାଷୀଙ୍କ ଆୟକୁ ପ୍ରଭାବିତ କରିଥାଏ ବୋଲି ପ୍ରତାପ କହିଛନ୍ତି । ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କୃଷକ ଜନତା ଦଳ ସଭାପତି ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ, ତଥାଗତ ସତପଥୀ, ପିନାକୀ ମିଶ୍ର, ସୌମ୍ୟରଞ୍ଜନ ପଟ୍ଟନାୟକ, ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ବରିଷ୍ଠ ନେତା ଉମେଶ ସାହୁ ଏବଂ ବଳଭଦ୍ର ମାଝୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ସେହିପରି ବିଜୁ କୃଷକ ଜନତା ଦଳର କାର୍ଯ୍ୟକର୍ତ୍ତା, ବିଜୁ ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନର କର୍ମକର୍ତ୍ତା ଏବଂ ଚାଷୀ ପ୍ରତିନିଧି ଏହି ସମାବେଶରେ ସମବେତ ହୋଇଥିଲେ ।

## ଆଲୋକ ବର୍ମା...

ତାଙ୍କ ପଦବୀରେ ପୁନଃ ଅବସ୍ଥାପିତ କରିଛନ୍ତି । ଏଥିସହ ଶୀର୍ଷ ଅଦାଲତ କେନ୍ଦ୍ରର ଅକ୍ଟୋବର ୨୩ ନିଷ୍ପତ୍ତିକୁ ଖାରଜ କରିଦେଇଛନ୍ତି । କିନ୍ତୁ ବର୍ମାଙ୍କ ବିରୋଧରେ ଆଗତ ଦୁର୍ନୀତି ମାମଲାର ତଦନ୍ତ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଶେଷ ନ କରିବା ଯାଏ ସେ କୌଣସି ବଡ଼ ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ଅଦାଲତ ବାରଣ କରିଛନ୍ତି । ଅନ୍ୟପକ୍ଷରେ ବର୍ମାଙ୍କ ବିରୋଧରେ ଏକ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବ, ଯାହାକି ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କରି ନିଯୁକ୍ତି ଦେଇଥାଏ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏହାକୁ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଝଟକା ଭାବେ ଅଭିହିତ କରିଛି । ସରକାରଙ୍କ ପକ୍ଷରୁ ଅଦାଲତଙ୍କ ରାୟକୁ ଏକ ସନ୍ତୁଳିତ ଅଭିମୁଖ୍ୟ ବୋଲି କୁହାଯାଇଛି ।

ସିବିଆଇରେ ଅହମିକାର ଲଢ଼େଇ ଚରମ ସୀମାରେ ପହଞ୍ଚିଥିଲା । ସିବିଆଇର ନମ୍ବର ୧ ଓ ୨ କୁହାଯାଉଥିବା ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ରାକେଶ ଅସ୍ଥାନା ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ । ଏହି ବିବାଦ ଏତେ ଜଟିଳ ହୋଇପଡ଼ିଥିଲା ଯେ, ଶେଷରେ ଅକ୍ଟୋବର ୨୩ରେ କେନ୍ଦ୍ର ସରକାର ରାତିଅଧିଆ ଏହି ଦୁଇ ଶୀର୍ଷ ଅଧିକାରୀଙ୍କୁ ବାଧ୍ୟତାମୂଳକ ଭାବେ ଛୁଟିରେ ପଠାଇଦେଇଥିଲେ । ଏଥିସହ ୧୯୮୯ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ଏମ୍.ନାଗେଶ୍ୱର ରାଓଙ୍କୁ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଥିଲେ । ଫଳରେ ବର୍ମା ଓ ଅସ୍ଥାନା ପୃଥକ୍ ଭାବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ କେନ୍ଦ୍ରର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ । ବର୍ମା ଆସନ୍ତା ୩୧ରେ ଅବସର ନେବାକୁ ଥିବାବେଳେ ତାଙ୍କ ଆବେଦନର ଶୁଣାଣି ଶେଷ କରି ମଙ୍ଗଳବାର ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ । ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିଜ ରାୟରେ କହିଛନ୍ତି, ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କରି ନିଯୁକ୍ତି ଦେଉଥିବା ତଥା ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଉଚ୍ଚକ୍ଷମତାସମ୍ପନ୍ନ କମିଟି ସିଭିସିଙ୍କ ତଦନ୍ତ ଆଧାରରେ ବର୍ମାଙ୍କ ଉପରେ ନିଷ୍ପତ୍ତି ନେବ । ଏହି କମିଟିର ବୈଠକ ୧ ସପ୍ତାହ ମଧ୍ୟରେ ଡକାଯିବା ଉଚିତ ବୋଲି ଖଣ୍ଡପୀଠରେ ସାମିଲ ଥିବା ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋସେଫ୍ ସ୍ପଷ୍ଟ କରିଛନ୍ତି । ସିଜେଆଇ ଗୋଗୋଇ ଏହି ରାୟ ଲେଖିଥିବାବେଳେ ରାୟ ଶୁଣାଇବା ସମୟରେ କୋର୍ଟରୁମ୍‌ରେ ଉପସ୍ଥିତ ନ ଥିଲେ । ଏହାବ୍ୟତୀତ ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ସିବିଆଇର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓଙ୍କୁ ତଦନ୍ତକାରୀ ସଂସ୍ଥାର ଯୁଗ୍ମ ନିର୍ଦ୍ଦେଶକ ଭାବେ କେନ୍ଦ୍ର ସରକାର ନିଯୁକ୍ତି ଦେଇଥିବା ନିଷ୍ପତ୍ତିକୁ ମଧ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି ।

## ଜନଜୀବନ...

ସମାଲୋଚନା କରିଛନ୍ତି । ଟ୍ରେଡ ୟୁନିୟନ ଏବଂ ବାମପନ୍ଥୀ ଦଳଗୁଡିକର କର୍ମକର୍ତ୍ତାମାନେ ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରିଥିଲେ । ଧର୍ମଘଟ ଯୋଗୁ ବିଭିନ୍ନ ରେଳଷ୍ଟେଶନରେ ଦୀର୍ଘ ସମୟ ଧରି ଟ୍ରେନଗୁଡ଼ିକ ଅଟକି ରହିଥିଲା । ବସ୍ ଓ ଟ୍ରେନ ଚଳାଚଳ କରୁ ନ ଥିବାରୁ ଦୂର ଦୂରାନ୍ତକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ହୀନସ୍ତା ହୋଇଥିଲେ । ବସଷ୍ଟାଣ୍ଡ ଓ ରେଳ ଷ୍ଟେଶନରେ ଶହଶହ ଯାତ୍ରୀ ଦୀର୍ଘ ସମୟ ଧରି ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଅପେକ୍ଷା କରି ରହିଥିବା ଦେଖାଯାଇଥିଲା । କଟକ, ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ଯାଜପୁର, ଅନୁଗୋଳ, ଝାରସୁଗୁଡ଼ା ଆଦି ସ୍ଥାନରେ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ହାତରେ ବ୍ୟାନର ଧରି ପ୍ରତିବାଦ କରିଥିଲେ । ସଚିବାଳୟ କର୍ମଚାରୀମାନେ ଧର୍ମଘଟକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୯ଟା ୩୦ ପୂର୍ବରୁ କାର୍ଯ୍ୟାଳୟକୁ ଆସିଥିଲେ । ରାଜଧାନୀରେ ସିପିଆଇ, ସିପିଆଇ(ଏମ),ଆଇଏନଟିୟୁସି,ଏଆଇଟିୟୁସି,ଏଚଏମଏସ, ସିଆଇଟିୟୁ, ଏଆଇସିସିଟିୟୁ, ୟୁଟିୟୁସି, ଏଲପିଏଫ ଆଦି ସଂଗଠନଗୁଡ଼ିକର ରାଜ୍ୟ ଶାଖାଗୁଡ଼ିକ ଧର୍ମଘଟ ପାଳନ କରିଥିଲେ । ଧର୍ମଘଟକାରୀମାନେ ମାଷ୍ଟରକ୍ୟାଣ୍ଟିନ ଛକ, ନୟାପଲ୍ଲୀ, ବାଣୀବିହାର, ଡମଣା, ଚନ୍ଦ୍ରଶେଖରପୁର, ଜୟଦେବ ବିହାର ଛକ, ଏଜି ଛକ, ରାଜମହଲ ଛକ, ସଚିବାଳୟ ସମ୍ମୁଖ, ସାମନ୍ତରାପୁର ଆଦି ବିଭିନ୍ନ ସ୍ଥାନରେ ପିକେଟିଂ କରୁଥିବା ଦେଖାଯାଇଥିଲା । ରାଜଧାନୀରେ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ୪୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ସମସ୍ତ ଶିଳ୍ପ, ବ୍ୟବସାୟ ପ୍ରତିଷ୍ଠାନ, ପରିବହନ, ବ୍ୟାଙ୍କ ବୀମା, ତୈଳ ନିଗମ, ଭାରତୀୟ ଖାଦ୍ୟ ନିଗମ, ବିଏସ୍‌ଏନ୍‌ଏଲ୍ ଆଦି କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରାଯାଇଥିଲା । ନରେନ୍ଦ୍ର ମୋଦିଙ୍କ ସରକାର ସମୟରେ ଦେଶର ଶ୍ରମଜୀବୀ, ଖୁଚୁରା ବ୍ୟବସାୟୀ ଓ ଠିକା ଶ୍ରମିକମାନଙ୍କର ଜୀବନ ଦୁର୍ବିଷହ ହୋଇ ପଡ଼ିଛି । ବର୍ଷକୁ ୧୨ ହଜାର ଚାଷୀ ଆତ୍ମହତ୍ୟା କରୁଛନ୍ତି । ବିଦେଶୀ ପୁଞ୍ଜିପତିମାନେ ଘରୋଇ ବଜାରରୁ ୮ ହଜାର କୋଟି ଟଙ୍କାର ପ୍ରତ୍ୟାହାର କରିବା ଯୋଗୁ ନିଯୁକ୍ତି କ୍ଷେତ୍ରରେ ପ୍ରଭାବ ପଡ଼ିବ । କେନ୍ଦ୍ର ସରକାର ଯଦି ଜନ ବିରୋଧୀ ନୀତିଗୁଡ଼ିକୁ ପ୍ରତ୍ୟାହାର ନ କରନ୍ତି ତେବେ ଆଗାମୀ ଦିନରେ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ସିପିଆଇ(ଏମ) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜନାର୍ଦ୍ଦନ ପତି କହିଛନ୍ତି । ବୁଧବାର ଦ୍ୱିତୀୟ ଦିନ ଦେଶବ୍ୟାପୀ ବନ୍ଦ ପାଳନରେ ସାମିଲ ହେବାକୁ ଟ୍ରେଡୟୁନିୟନ ଗୁଡ଼ିକ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । ବୁଧବାର ମଧ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ରଖିବାକୁ ବିଭିନ୍ନ ଜିଲାପାଳମାନେ ନିଷ୍ପତ୍ତି ନେଇଛନ୍ତି । ଯାନବାହନ ଚଳାଚଳ ପୁଣି ପ୍ରଭାବିତ ହେବାର ଆଶଙ୍କା ରହିଛି ।

## ଫିଟୁଛି ଟେଣ୍ଡର ଫିକ୍ସିଂ...

୧୩୮.୧୨ କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କାମ ଥିଲା । ସେହିପରି କୋଣ୍ଡାପାଲି ମାଇନର ପ୍ରାରମ୍ଭରୁ ୫.୧୫୦ କିମି ପର୍ଯ୍ୟନ୍ତ ୧୪୨.୯୦ କୋଟି ଟଙ୍କାର ୪ଟି ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏହି ଟେଣ୍ଡରଗୁଡ଼ିକର ଶେଷ ତାରିଖ ୧୦ ଡିସେମ୍ବର ୨୦୧୮ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରହିଥିଲା । ଏଥିପାଇଁ ୧୬୦ଜଣ ଠିକାଦାର ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ । ଟେଣ୍ଡର ଖୋଲିବା ଦିନ କିମ୍ବା ଲଟେରି ପ୍ରକ୍ରିୟାରେ ଏହି ଠିକାଦାରମାନଙ୍କୁ ସୂଚନା ମିଳି ନ ଥିବା ଅଭିଯୋଗ ହୋଇଥିଲା । ପରବର୍ତ୍ତୀ ସମୟରେ ବାଲିମେଳା ଥାନାରେ ଟେଣ୍ଡର ଫିକ୍ସିଂ ନେଇ ଅଭିଯୋଗ ହେବା ପରେ ଏକ ମାମଲା ରୁଜୁ ହୋଇଥିଲା । ତେବେ ଠିକାଦାରମାନେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ । ଅଭିଯୋଗର ଗୁରୁତ୍ୱକୁ ନେଇ ଭୁବନେଶ୍ୱରରୁ ସର୍ବୋଚ୍ଚ ଯନ୍ତ୍ରୀ ବେହେରା ଓ ମୁଖ୍ୟଯନ୍ତ୍ରୀ ସାହୁ ଆସି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଠିକାଦାରମାନଙ୍କୁ ଡକାଯାଇ ତଦନ୍ତ ଚାଲିଥିବା ଜଣାପଡିଛି । ଠିକାଦାରମାନଙ୍କୁ ସୂଚନା ନ ଦେଇ ଲଟେରି ପ୍ରକ୍ରିୟା କରିଥିବା ଘଟଣା ସାମନାକୁ ଆସିଛି । ତେବେ ଯେଉଁମାନେ ଲଟେରି ପ୍ରକ୍ରିୟା ଦ୍ୱାରା କାର୍ଯ୍ୟ ପାଇଛନ୍ତି ସେମାନେ ସେ କାର୍ଯ୍ୟ କରିପାରିବେ ନାହିଁ । ଏ ସମ୍ପର୍କରେ ସମସ୍ତ ତଥ୍ୟ ସରକାରଙ୍କୁ ଅବଗତ କରାଯିବ । ସରକାର କାର୍ଯ୍ୟାନୁଷ୍ଠାନ ନେବେ ବୋଲି ମୁଖ୍ୟଯନ୍ତ୍ରୀ ସାହୁ କହିଛନ୍ତି ।

“ ମାସ୍ ସେଗ୍‌ମେଣ୍ଟରେ ଆସୁଥିବା ମୋଟର ସାଇକେଲ ଉପରୁ ଜିଏସ୍‌ଟି ହ୍ରାସ କରିବା ଆବଶ୍ୟକତା ରହିଛି।
– ଭେନୁ ଶ୍ରୀନିବାସନ, ଅଧ୍ୟକ୍ଷ, ଟିଭିଏସ୍ ମୋଟର କମ୍ପାନୀ



“ ଭାରତୀୟ ରେଲୱେ ପକ୍ଷରୁ ହୋଇଥିବା ଅର୍ଡର ମଧ୍ୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ୫୫% ପ୍ରଡକ୍ଟ ଯୋଗାଇ ଦେଇଛୁ।
– ନୌସାଦ ଅନସାରୀ, ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ, ଜେଏସ୍‌ପିଏଲ୍



## ସଂକ୍ଷେପରେ

### ଗୀତା ଗୋପୀନାଥ ହେଲେ ଆଇଏମ୍ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ



ୱାଶିଂଟନ,୮-୧: ପ୍ରବାସୀ ଭାରତୀୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ଅନ୍ତରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍)ର ଏକାଦଶତମ ମୁଖ୍ୟ ଅର୍ଥନୀତିଜ୍ଞ ଭାବେ ଯୋଗ ଦେଇଛନ୍ତି। ଏହି ପଦ ସମ୍ଭାଳିବାରେ ସେ ହେଉଛନ୍ତି ପ୍ରଥମ ମହିଳା। ଭାରତର ମହୀଶୂରରେ ଜନ୍ମିତ ଗୀତା ଗତ ସପ୍ତାହରେ ନିଜର ନୂଆ ଦାୟିତ୍ୱ ସମ୍ଭାଳିଛନ୍ତି। ତେବେ ଅର୍ଥନୀତିଜ୍ଞ ଭାବେ ତାଙ୍କର ଆଇଏମ୍ଏଫ୍‌ରେ ଗତବର୍ଷ ଅକ୍ଟୋବରରେ ପ୍ରବେଶ ହୋଇସାରିଥିଲା। ଡିସେମ୍ବର ୩୧ରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ମୁଖ୍ୟ ଅର୍ଥନୈତିକ କାଉନସିଲର ଓ ଗବେଷଣା ବିଭାଗର ଡାଇରେକ୍ଟର ପଦରୁ ଅବସର ନେଇଛନ୍ତି ମରି ଓବଷ୍ଟଫେଲ୍ଡ। ତାଙ୍କ ସ୍ଥାନରେ ଆସିଛନ୍ତି ୪୭ ବର୍ଷୀୟ ଗୀତା। ସେ ବର୍ତ୍ତମାନ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅଧାପନା କରୁଛନ୍ତି। ଅନ୍ତର୍ଜାତୀୟ ବାଣିଜ୍ୟ ଏବଂ ଅର୍ଥନୀତିରେ ବର୍ତ୍ତମାନ ଡଲାରର ପ୍ରାଧାନ୍ୟ ରହିଛି। ଡଲାର ମାଧମରେ ଅଧିକାଂଶ ଦେଶ କାରବାର କରୁଥିବାରୁ ବିଶ୍ୱ ଅର୍ଥନୀତିରେ ଏହାର କି ପ୍ରଭାବ ପଡୁଛି ତାହାର ସମୀକ୍ଷା କରିବା ତାଙ୍କର ମୂଳ ଲକ୍ଷ୍ୟ ହେବ ବୋଲି ଗୀତା କହିଛନ୍ତି।

### ଜନଧନ ଆକାଉଣ୍ଟରେ ୮୬,୩୨୧ କୋଟି ଟଙ୍କା ଜମା

ନୂଆଦିଲ୍ଲୀ,୮-୧: ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଦେଶର ବିଭିନ୍ନ ବ୍ୟାଙ୍କରେ ୩୩.୬୬ କୋଟି ଆକାଉଣ୍ଟ ରହିଛି। ଏଥିରେ ୮୬,୩୨୧ କୋଟି ଟଙ୍କା ଜମା ହୋଇଛି ବୋଲି କେନ୍ଦ୍ର ସରକାର ମଙ୍ଗଳବାର ପ୍ରକାଶ କରିଛନ୍ତି। ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶିବ ପ୍ରତାପ ଶୁକ୍ଲା ରାଜ୍ୟ ସଭାରେ ଏ ସମ୍ପର୍କରେ କହିଛନ୍ତି ଯେ, ଗତବର୍ଷ ଡିସେମ୍ବର ୨୬ ସୁଦ୍ଧା ୩୩.୬୬ କୋଟି ଜନଧନ ଆକାଉଣ୍ଟ ମଧ୍ୟରୁ ୧୯.୯୨ କୋଟି ଗ୍ରାମୀଣ ଓ ଅର୍ଦ୍ଧସହରାଞ୍ଚଳରେ ରହିଛି। ଏହାଛଡ଼ା ୧୭.୮୪ କୋଟି ଆକାଉଣ୍ଟ(ପ୍ରାୟ ୫୩%) ମହିଳାଙ୍କ ଦ୍ୱାରା ଖୋଲାଯାଇଛି। ଖୋଲାଯାଇଥିବା ଉକ୍ତ ଆକାଉଣ୍ଟ ମଧ୍ୟରୁ ବର୍ତ୍ତମାନ ୨୮.୧୭ କୋଟି ସକ୍ରିୟ ରହିଛି ବୋଲି ସେ କହିଛନ୍ତି।

### ମୁମ୍ବାଇରେ ଶାଖା ଖୋଲିବ ଇରାନର ଏକ ବ୍ୟାଙ୍କ

ନୂଆଦିଲ୍ଲୀ,୮-୧: କେନ୍ଦ୍ର ସରକାର ଇରାନର ଏକ ବ୍ୟାଙ୍କ ଶାଖା ମୁମ୍ବାଇରେ ଖୋଲିବା ଲାଗି ଅନୁମତି ପ୍ରଦାନ କରିଛି। କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ ଭାରତ ଗସ୍ତରେ ଆସିଥିବା ଇରାନ ବୈଦେଶିକ ମନ୍ତ୍ରୀ ମହମ୍ମଦ ଜାଭାଦ ଜରିଫଙ୍କୁ ଭେଟିବା ପରେ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଇରାନର ବ୍ୟାଙ୍କ ପସରଗାଦ୍ ଆସନ୍ତା ୩ ମାସ ମଧ୍ୟରେ ମୁମ୍ବାଇରେ ଏହାର ଶାଖାର କାର୍ଯ୍ୟାରମ୍ଭ କରିବ। ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହ ତାଙ୍କର ଆଲୋଚନା ସଫଳ ହୋଇଛି ବୋଲି ଗଡ଼କରୀ ପ୍ରକାଶ କରିଛନ୍ତି।

# ରପ୍ତାନି ବୃଦ୍ଧି ଉପରେ ସରକାରଙ୍କ ଜୋର୍

ନୂଆଦିଲ୍ଲୀ,୮-୧

ବିଶ୍ୱରେ ଏକ ବାଣିଜ୍ୟ କ୍ଷେତ୍ରରେ ସଂରକ୍ଷଣବାଦ୍ ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିରେ ରପ୍ତାନି ବଢ଼ାଇବା ଏବେ ସବୁ ଦେଶ ପାଇଁ ଏକ ଚ୍ୟାଲେଞ୍ଜ ହେଲାଣି। ଭାରତ ମଧ୍ୟ ଏଥିରୁ ଅଛୁଆଁ ନୁହେଁ। ଭାରତ ଏବେ କିପରି ରପ୍ତାନି ବୃଦ୍ଧି କରିବ ସେନେଇ କେନ୍ଦ୍ର ସରକାରଙ୍କ ମୁଣ୍ଡବ୍ୟଥା ବଢ଼ିଯାଇଛି। ଏହାର ଉପାୟ ସ୍ଥିର କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଆସନ୍ତା ୧୦ରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆହ୍ୱାନ କରିଛନ୍ତି, ଯେଉଁଥିରେ ରପ୍ତାନି କରୁଥିବା ପ୍ରମୁଖ ରାଜ୍ୟଗୁଡିକର ମନ୍ତ୍ରୀ, ସଚିବ ଓ ଅଧିକାରୀମାନେ ଅଂଶଗ୍ରହଣ କରିବେ।

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ସୁରେଶ ପ୍ରଭୁଙ୍କ ଅଧ୍ୟକ୍ଷତାରେ କାଉନସିଲ ଫର୍ ଟ୍ରେଡ ଡେଭଲପମେଣ୍ଟ ଆଣ୍ଡ ପ୍ରମୋଶନର ଚତୁର୍ଥ ବୈଠକ ବସିବାକୁ ଯାଉଛି। ଏଥିରେ ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା ଏବଂ କର୍ନାଟକ ସମେତ ବିଭିନ୍ନ ରାଜ୍ୟର ବାଣିଜ୍ୟ ମନ୍ତ୍ରୀମାନେ ମଧ୍ୟ ଯୋଗ ଦେବେ। ସୂଚନାଥାଉ କି, ଦେଶର ରପ୍ତାନି ବଢ଼ାଇବା ଲାଗି କେନ୍ଦ୍ର ସରକାର ୨୦୧୫ ଜୁଲାଇରେ କାଉନସିଲ ଗଠନ କରିଥିଲେ। ବିଦେଶରେ ରପ୍ତାନି ବଢ଼ାଇବାରେ ରାଜ୍ୟଗୁଡିକର ପ୍ରମୁଖ ଭୂମିକା ରହୁଥିବାରୁ ସେମାନଙ୍କୁ ଏହି ବୈଠକରେ ସାମିଲ କରାଯିବା ବିଶେଷ ଗୁରୁତ୍ୱ ବହନ କରେ। ସମସ୍ତ ରାଜ୍ୟ ସରକାରଗୁଡିକ ନିଜର ଏକ ସ୍ୱତନ୍ତ୍ର ରପ୍ତାନି ନୀତି ପ୍ରଣୟନ କରିବା ସହ ଜଣେ ରପ୍ତାନି କମିଶନରଙ୍କୁ ନିଯୁକ୍ତ କରିବା ଲାଗି ଇତିପୂର୍ବେ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ପ୍ରତିଯୋଗିତାମୂଳକ ରପ୍ତାନି ବୃଦ୍ଧି ସହ ଗୁଣବତ୍ତା ଓ ମାନ ବଜାୟ ରଖିବା ନେଇ ଉକ୍ତ ବୈଠକରେ ଆଲୋଚନା କରାଯିବ ଏବଂ ସରକାରଙ୍କ ଦ୍ୱାରା ପ୍ରଣୀତ ହେବାକୁ ଥିବା ରପ୍ତାନି ନୀତିକୁ ଚୂଡ଼ାନ୍ତ କରାଯିବ। ସୂଚନାଥାଉ କି, ବିଦେଶରେ ରପ୍ତାନି ବୃଦ୍ଧି ଲାଗି କାଉନସିଲ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ମଞ୍ଚ ଭାବେ କାର୍ଯ୍ୟ କରୁଛି। ଏହି ବୈଠକରେ କେନ୍ଦ୍ର, ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କ ବାଣିଜ୍ୟ ମନ୍ତ୍ରୀଙ୍କ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ୧୪ ଜଣ ସଚିବଙ୍କ ସହ ବିଭିନ୍ନ ମନ୍ତ୍ରଣାଳୟର ପ୍ରତିନିଧି କାଉନସିଲର ସଦସ୍ୟ ଭାବେ ବୈଠକରେ ଯୋଗ ଦେବେ। ଫେଡେରେଶନ ଅଫ୍ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେଶନ ପ୍ରେସିଡେଣ୍ଟ ଗଣେଶ ଗୁପ୍ତା କହିଛନ୍ତି ଯେ, ରପ୍ତାନି ବୃଦ୍ଧି କରିବାକୁ ହେଲେ ପ୍ରଥମେ ଋଣ ପ୍ରଦାନ ବ୍ୟବସ୍ଥା ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ସମସ୍ୟାର ସମାଧାନ କରିବାକୁ ହେବ। ୨୦୧୧-୧୨ରୁ ଦେଶର ରପ୍ତାନି ପ୍ରାୟ ୩୦୦ ବିଲିୟନ ଡଲାର ଆଖପାଖରେ ରହୁଛି। ତେବେ ୨୦୧୭-୧୯ରେ ଏହା ୧୦ ପ୍ରତିଶତ ଅଭିବୃଦ୍ଧି ସହ ୩୦୩ ବିଲିୟନ ଡଲାରରେ ପହଞ୍ଚିଛି।

### ୧୦ରେ କେନ୍ଦ୍ର-ରାଜ୍ୟ ଆଲୋଚନା

- ବାଣିଜ୍ୟ ମନ୍ତ୍ରୀ, ସଚିବ, ଅଧିକାରୀ ଯୋଗ ଦେବେ
- ୨୦୧୫ ଜୁଲାଇରେ କାଉନସିଲ ଗଠନ ହୋଇଥିଲା
- ୨୦୧୭-୧୮ରେ ରପ୍ତାନି ୧୦% ବୃଦ୍ଧି



## ଦୁଇଦିନିଆ ଧର୍ମଘଟ
# ବ୍ୟାଙ୍କ ସେବା ଆଂଶିକ ପ୍ରଭାବିତ

ନୂଆଦିଲ୍ଲୀ,୮-୧

ଶ୍ରମିକ ସଂଗଠନକୁ ସମର୍ଥନ ଜଣାଇ ଦେଶର ଦୁଇଟି ବ୍ୟାଙ୍କ ୟୁନିୟନ ପକ୍ଷରୁ ମଙ୍ଗଳବାରଠାରୁ ଦେଶବ୍ୟାପୀ ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଫଳରେ ସମ୍ପୂର୍ଣ୍ଣ ନ ହେଲେ ମଧ୍ୟ ଏହାର ଆଂଶିକ ପ୍ରଭାବ ପଡିଛି। ତେବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏବଂ ଘରୋଇ ବ୍ୟାଙ୍କଗୁଡିକ ସ୍ୱାଭାବିକ ଥିଲା। ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ(ଏଆଇବିଇଏ) ଏବଂ ବ୍ୟାଙ୍କ ଏମ୍ପ୍ଲଇଜ ଫେଡେରେଶନ ଅଫ୍ ଇଣ୍ଡିଆ (ବିଇଏଫ୍ଆଇ) ପକ୍ଷରୁ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯିବାରୁ ନଗଦ ଜମା, ଉଠାଣ, ଚେକ୍ କ୍ଲିୟରାନ୍ସ ଭଳି କାଉଣ୍ଟର କାର୍ଯ୍ୟକଳାପ ବହୁ ଶାଖାରେ ବାଧାପ୍ରାପ୍ତ ହୋଇଥିଲା। ବହୁ ବ୍ୟାଙ୍କରେ ଅଧିକାରୀମାନେ ଏହି କାର୍ଯ୍ୟ କରୁଥିବା ଦେଖାଯାଇଥିଲା। ଏଆଇବିଇଏର ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟଚଲମ କହିଛନ୍ତି ଯେ, ତିନୋଟି ରାଷ୍ଟ୍ରୀୟ ବ୍ୟାଙ୍କର ମିଶ୍ରଣକୁ ୟୁନିୟନଗୁଡିକ ବିରୋଧ କରୁଛନ୍ତି। କାରଣ ଏହାଦ୍ୱାରା ବ୍ୟାଙ୍କ କର୍ମଚାରୀ ନିଯୁକ୍ତି ହରାଇବାକୁ ଯାଉଛନ୍ତି।

# ଏପ୍ରିଲରେ ଜଲାନ କମିଟି ରିପୋର୍ଟ

### ରିଜର୍ଭ ବ୍ୟାଙ୍କର ବଳକା ପୁଞ୍ଜି ପ୍ରଦାନ

ନୂଆଦିଲ୍ଲୀ,୮-୧

ରିଜର୍ଭ ବ୍ୟାଙ୍କର ବଳକା ପୁଞ୍ଜିକୁ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବା ନେଇ ସୁପାରିସ କରିବାକୁ ଗଠିତ ବିଶେଷଜ୍ଞ କମିଟିର ପ୍ରଥମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ବ୍ୟାଙ୍କର ପୂର୍ବତନ ଗଭର୍ନର ବିମଳ ଜଲାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରିଜର୍ଭ ବ୍ୟାଙ୍କ କେତେ ପୁଞ୍ଜି ନିଜ ପାଖରେ ରଖିପାରିବ ସେ ନେଇ ଆଲୋଚନା ହୋଇଥିଲା। ୬ ଜଣିଆ କମିଟି ଏପ୍ରିଲରେ ତାଙ୍କ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି।

ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କରେ ପଡିଥିବା ପୁଞ୍ଜିକୁ ନେଇ କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ଦୀର୍ଘଦିନ ହେବ ଟଣାଓଟରା ଲାଗି ରହିଛି। ଏହାକୁ ନେଇ ପୂର୍ବତନ ଗଭର୍ନର ଉର୍ଜିତ ପଟେଲଙ୍କ ସହ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ମତଭେଦ ସାମ୍ନାକୁ ଆସିଥିଲା। ନଭେମ୍ବର ୧୯ରେ ରିଜର୍ଭ ବ୍ୟାଙ୍କର ବୋର୍ଡ ବୈଠକରେ ଏ ସଂକ୍ରାନ୍ତରେ ବିଶେଷଜ୍ଞ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତଦନୁଯାୟୀ ଉକ୍ତ କମିଟି ଗଠନ କରାଯାଇଛି। ପୂର୍ବତନ ଆର୍ଥିକ ବ୍ୟାପାର ସଚିବ ରାକେଶ ମୋହନ କମିଟିର ଉପାଧ୍ୟକ୍ଷ ଭାବେ ବଳକା ପୁଞ୍ଜି ବଣ୍ଟାର ଅନୁପାତ ସମ୍ପର୍କରେ ନୀତି ସ୍ଥିର କରିବା ପରେ କମିଟିରେ ଉପସ୍ଥାପନ କରିବେ। ତାଙ୍କ ବ୍ୟତୀତ ଏହି କମିଟିରେ ରହିଛନ୍ତି ଆର୍‌ବିଆଇ ଡେପୁଟି ଗଭର୍ନର ଏନ.ଏସ୍.ବିଶ୍ୱନାଥନ, ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ, ଆର୍‌ବିଆଇ ବୋର୍ଡର ଦୁଇ ସଦସ୍ୟ ଭରତ ଦୋଶୀ ଏବଂ ସୁଧୀର ମଙ୍କଡ। ଅତୀତରେ ବଳକା ପୁଞ୍ଜି ନେଇ ତିନୋଟି କମିଟି ଭି.ସୁବ୍ରମଣ୍ୟମ(୧୯୯୭), ଉଷା ଥୋରାଟ (୨୦୦୪) ଏବଂ ୱାଇ.ଏଚ୍. ମାଲେଗାଁଓ (୨୦୧୩) ଗଠନ କରାଯାଇଥିଲା ଓ ସେମାନେ ନିଜ ନିଜର ସୁପାରିସ କରିଥିଲେ।

# ମଧ୍ୟବିତ୍ତଙ୍କୁ ମିଳିପାରେ ଅଧିକ ଟିକସ ଛାଡ଼ ସୁବିଧା

### ଅନ୍ତରୀଣ ବଜେଟ

ନୂଆଦିଲ୍ଲୀ,୮-୧

ସବର୍ଣ୍ଣଙ୍କୁ ଆର୍ଥିକ ଆଧାରରେ ୧୦ ପ୍ରତିଶତ ସଂରକ୍ଷଣ ଦେବାକୁ ଅଚାନକ ଘୋଷଣା କରି ସମସ୍ତଙ୍କୁ ଚମକାଇ ଦେଇଥିବା ଏନ୍‌ଡିଏ ସରକାର ଏବେ ମଧ୍ୟବିତ୍ତଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛନ୍ତି। ସୂଚନାମୁତାବକ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ହେଉଥିବା ଅନ୍ତରୀଣ ବଜେଟ୍‌ରେ ମଧ୍ୟବିତ୍ତଙ୍କୁ ଟିକସ ଛାଡ଼ ଦେବା ନେଇ ଅନେକ ସୁବିଧା ଘୋଷଣା କରାଯିବ। ଆସୁଥିବା ବଜେଟରେ ଏପରି କିଛି ବ୍ୟବସ୍ଥା ଘୋଷଣା କରିବାକୁ ଯାଉଛନ୍ତି, ଯାହାଦ୍ୱାରା ମଧ୍ୟବିତ୍ତ ଶ୍ରେଣୀ ଅଧିକ ଅର୍ଥ ସଞ୍ଚୟ କରିବାକୁ ସୁଯୋଗ ପାଇବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆୟକର ଆଇନର ଧାରା ୮୦ସି ଅଧୀନରେ ସଞ୍ଚୟ ସୀମାକୁ ବଢ଼ାଇବା ଉପରେ ସରକାର ବିଚାର କରୁଛନ୍ତି। ଏହାବ୍ୟତୀତ ମଧ୍ୟବିତ୍ତ ଓ ପେନ୍‌ସନଧାରୀଙ୍କ ଟିକସ ଛାଡ଼ ସୀମାକୁ ବୃଦ୍ଧି କରାଯିବା ସହ ଗୃହ ଋଣ ଉପରେ ସୁଧ ହାର ହ୍ରାସ କରିବାକୁ ବିଚାର କରାଯାଉଛି। ଜଣେ ସରକାରୀ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଗତ ୪ଟି ବଜେଟରେ ସରକାର ଚାକିରିରତ ଶ୍ରେଣୀକୁ ଅନେକ ସୁବିଧା ଦେଇଛନ୍ତି। କାରଣ ସେମାନେ ଦେଶର ସଚ୍ଚୋଟ ଟିକସଦାତା। ତେବେ ଅନ୍ତରୀଣ ବଜେଟ୍‌ର ସୀମା ଭିତରେ ରହି ସେମାନଙ୍କ ପାଇଁ ସର୍ବାଧିକ ସୁବିଧା ପ୍ରଦାନ ଲାଗି ପ୍ରୟାସ କରାଯିବ। ବଜେଟ୍‌ରେ ଏଗୁଡିକୁ ଘୋଷଣା କରାଗଲେ ମଧ୍ୟବିତ୍ତଙ୍କ ସଞ୍ଚୟ ବୃଦ୍ଧି ପାଇବ। ଏହାଛଡ଼ା ଅନ୍ତରୀଣ ବଜେଟ୍‌ରେ ସରକାର ବେସିକ ସୀମା ଶୁଳ୍କ ହ୍ରାସ କରିବାକୁ ଚାହୁଁଛନ୍ତି। ଏହାଦ୍ୱାରା ଉଭୟ ଖାଉଟି ଓ ବ୍ୟବସାୟୀ ଲାଭାନ୍ୱିତ ହେବେ। ଏ ପ୍ରସଙ୍ଗରେ ଆୟକର ବିଭାଗ ଓ ଅର୍ଥ ମନ୍ତ୍ରଣାଳୟ ମଧ୍ୟରେ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସୂଚନାଥାଉ କି, ସରକାର ଜିଏସ୍‌ଟି ମାଧ୍ୟମରେ ବ୍ୟବସାୟୀଙ୍କୁ କିଛି ପରିମାଣରେ ଆଶ୍ୱସ୍ତ କରିସାରିଛନ୍ତି। ସେହିପରି ଚାଷୀଙ୍କୁ ଆଶ୍ୱସ୍ତି ପ୍ରଦାନ ଲାଗି ଆଲୋଚନା ଚାଲିଛି। ଏହାପରେ ଟିକସ ଦେଉଥିବା ମଧ୍ୟବିତ୍ତଙ୍କ ଲାଗି କିଛି ବ୍ୟବସ୍ଥା ଗ୍ରହଣ କରିବାକୁ ସରକାର ଆଗଭର ହୋଇଛନ୍ତି।

## ୪୮,୨୦୨ କୋଟିର ଜିଏସ୍‌ଟି କ୍ଷତିପୂରଣ ଦେଇଛି କେନ୍ଦ୍ର

ନୂଆଦିଲ୍ଲୀ,୮-୧

୨୦୧୮ ଏପ୍ରିଲ-ନଭେମ୍ବର ମଧ୍ୟରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣ ବାବଦକୁ ୪୮,୨୦୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଗତବର୍ଷ ସମାନ ସମୟ ତୁଳନାରେ ଏହା ଅଧିକ। ଗତ ଆର୍ଥିକ ବର୍ଷରେ ସରକାର ୪୮,୧୭୮ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ କରିଥିବା ଅର୍ଥମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଜିଏସ୍‌ଟିର ଧାରା ୭ (ରାଜ୍ୟଗୁଡ଼ିକୁ କ୍ଷତିପୂରଣ) ଆଇନ ୨୦୧୭ ମୁତାବକ ରାଜ୍ୟଗୁଡ଼ିକର ରାଜସ୍ୱ କ୍ଷତିକୁ ବିଚାର କରି ପ୍ରତି ଦୁଇ ମାସ ଶେଷରେ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା ରହିଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶିବ ପ୍ରତାପ ଶୁକ୍ଲା କହିଛନ୍ତି।

# ୪୮,୫୫୫ କୋଟିର ଟିକସ ଫାଙ୍କି

ନୂଆଦିଲ୍ଲୀ,୮-୧

୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲ-ଡିସେମ୍ବର ସମୟ ଅବଧିରେ ଜିଏସ୍‌ଟି, ସୀମା ଶୁଳ୍କ ଏବଂ ସେବା ଟିକସ ବାବଦକୁ ୪୮,୫୫୫.୦୬ କୋଟି ଟଙ୍କାର ଟିକସ ଫାଙ୍କି ମାମଲା ସାମ୍ନାକୁ ଆସିଛି। ଏହା ଦୁଇବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତର ବୋଲି ଜଣା ଯାଇଛି। ଏହି ସମୟ ମଧ୍ୟରେ ୮,୯୧୭ ଟି ଟିକସ ଫାଙ୍କି ମାମଲା ଠାବ କରାଯାଇଥିବା ଅର୍ଥରାଷ୍ଟ୍ର ମନ୍ତ୍ରୀ ଶିବ ପ୍ରତାପ ଶୁକ୍ଲା ରାଜ୍ୟ ସଭାକୁ ଏକ ଲିଖିତ ଉତ୍ତରରେ ସୂଚନା ଦେଇଛନ୍ତି। ଏହା ମଧ୍ୟରୁ ଗତ ମାସ ଶେଷ ସୁଦ୍ଧା ଜିଏସ୍‌ଟି ଟିକସ ଫାଙ୍କି ବାବଦକୁ ୩,୬୨୬ ମାମଲାର ତଦନ୍ତ ଆରମ୍ଭ କରାଯାଇଛି। ସେଥିରୁ ୩,୨୨୬ ମାମଲାରେ ୧୫,୨୮୭.୧୮ କୋଟି ଟଙ୍କାର ଟିକସ ଲୁଚାଯାଇଥିବା ତଦନ୍ତରୁ ସାମ୍ନାକୁ ଆସିଥିବା ଶୁକ୍ଲା କହିଛନ୍ତି।

# ଡିଜିଟାଲ ପେମେଣ୍ଟ: ନିଲେକାନି ଆର୍‌ବିଆଇ କମିଟି ଅଧ୍ୟକ୍ଷ

ନୂଆଦିଲ୍ଲୀ,୮-୧

ଇନଫୋସିସ୍ ସହ ପ୍ରତିଷ୍ଠାତା ତଥା ଆଧାର କାର୍ଡ ପ୍ରକଳ୍ପ ପ୍ରସ୍ତୁତ କରିଥିବା ନନ୍ଦନ ନିଲେକାନି ଏବେ ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ବଡ଼ଧରଣର ପରିବର୍ତ୍ତନର ସୂତ୍ରଧର ହେବାକୁ ଯାଉଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମଙ୍ଗଳବାର ନିଲେକାନିଙ୍କ ଅଧ୍ୟକ୍ଷତାରେ ୫ ସଦସ୍ୟ ବିଶିଷ୍ଟ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛି। ଏହି କମିଟି ଦେଶରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ସହିତ ଏହାକୁ କିପରି ଅଧିକ ସୁରକ୍ଷିତ କରି ହେବ ସେ ଦିଗରେ ପରାମର୍ଶ ଦେବେ।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଉକ୍ତ କମିଟି ପ୍ରଥମ ବୈଠକରେ ବସିବାର ୯୦ ଦିନ ଭିତରେ ତାଙ୍କର ରିପୋର୍ଟ ପ୍ରଦାନ କରିବେ। କମିଟିକୁ ଦେଶରେ ଡିଜିଟାଲ ପେମେଣ୍ଟର ବର୍ତ୍ତମାନର ସ୍ଥିତି ଜାଣିବା, ବ୍ୟବସ୍ଥାରେ ଥିବା ତ୍ରୁଟିବିଚ୍ୟୁତିକୁ ଖୋଜିବା ଏବଂ ଏହାକୁ ଦୂର କରିବା ଲାଗି ଉପାୟ ସ୍ଥିର କରିବା ଲାଗି ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ କିପରି ଅଧିକ ସୁରକ୍ଷିତ କରାଯାଇପାରିବ ସେ ଦିଗରେ କମିଟି ପରାମର୍ଶ ଦେବ। ସୂଚନାଥାଉ କି, ନିଲେକାନିଙ୍କ ବ୍ୟତୀତ ଏହି କମିଟିରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ନର ଏଚ୍.ଆର୍ ଖାନ, ବିଜୟା ବ୍ୟାଙ୍କର ପୂର୍ବତନ ଏମ୍‌ଡି ତଥା ସିଇଓ କିଶୋର ସନସୀ ଓ ଆଇଟି ତଥା ସ୍କିଲ ମନ୍ତ୍ରଣାଳୟର ପୂର୍ବତନ ସଚିବ ଅରୁଣା ଶର୍ମା ଓ ଆଇଆଇଏମ୍ ଅହମ୍ମଦାବାଦ୍‌ର ଚିଫ୍ ଇନୋଭେଶନ ଅଫିସର ସଞ୍ଜୟ ଜୈନ ସାମିଲ ହୋଇଛନ୍ତି।

MANAGER, BOVINE BREEDING RESEARCH AND BULL MOTHER FARM, CHIPLIMA
At: Goshala-768025, P.O: Kalamati, Dist: Sambalpur, Odisha, Ph: 9437248681
INVITATION OF SEALED QUOTATION
Sealed quotations are invited for purchase of CB Jersey cows.
The intending suppliers are requested to submit their sealed quotations on or before 25.01.2019 by 5 PM in O/o Manager Bovine Breeding Research and Bull Mother Farm, Chiplima At-Goshala, 768025, P.O: Kalamati, Dist: Sambalpur, Odisha by Speed Post/Regd. Post/ Courier/ Tender box available at office. The sealed quotation will be opened on 28.01.2019 at 3 PM in the presence of authorised representative of persons/ Farms in the offie of the Farm Manager.
The detail terms & conditions and application form is available in the office of the Manager, Bovine Breeding Farm, Chiplima, Sambalpur on payment of Rs. 500.00 during working hours and the form can also be downloaded from website of Directorate of A.H & V.S. Odisha, Cuttack (www.odishaahvs.com). In case of downloaded forms the bidder has to deposit in the office of Manager, BBR & BMF, Chiplima Rs. 500/- and the money receipt is to be attached with the tender form.
Dr. Anil Kumar Meher
Manager, BBR & BMF, Chiplima
Sambalpur

DISTRICT PROJECT OFFICE
SAMAGRA SIKSHA, SAMBALPUR
SHORT TENDER CALL NOTICE
No.28/PED Date:08.01.19
(For Printing, Packing and Supply of Quotation paper-cum-Blank Answer sheet & Progress Report Card)
Sealed tenders are invited in the prescribed tender Forms from experienced Registered Offset Printers of Odisha only, having past experience of same work, PAN No, up-to-date GST Registration No. for printing, packing and supply of Question-cum-Blank Answer Sheets for Summative Assessment-II, 2019 and Progress Report Cards for students of Class I-VIII for Sambalpur District so as to reach the office as mentioned in the terms and conditions by dt.30.01.2019 (wednesday) upto 3 PM to be opened on 30.01.2019 (Wednesday) at 4 PM. For details please visit website www.opepa.in & www.sambalpur.nic.in.
Intending bidders applying for both items are required to apply separately for each item in separate envelopes superscribing specific tender as per terms and conditions.
Authority reserves the right to accept or reject all or any of the tenders without assigning any reason thereof.
By the order of Collector-Cum-Chairman,
Sd./- District Project Coordinator, SS, Sambalpur

କଟକ ଉନ୍ନୟନ କର୍ତ୍ତୃପକ୍ଷ
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨
ସୂଚନା
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 6 ରେ ପ୍ଲଟ ନଂ C/1249 ଟିକୁ ଶ୍ରୀ ଜଗବନ୍ଧୁ ବେହେରା, ପିତା – ୰ ହରିହର ବେହେରା, ସା – କଟିକଟା, ପୋ – ମୋହନପୁର, ଥା – ସାଲେପୁର, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଜଗବନ୍ଧୁ ବେହେରା ଉକ୍ତ ପ୍ଲଟ ସହିତ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କର କନ୍ୟା ଶ୍ରୀମତୀ ଅହଲ୍ୟାରାଣୀ ବେହେରା, ସ୍ୱାମୀ – ଭୋଳାନାଥ ବେହେରା, ସା – ଶିରିପୁର, ପୋ – ନୂରତଙ୍ଗ, ଥା – ମାହାଙ୍ଗା, ଜିଲ୍ଲା – କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।
ସଚିବ

Housing & Urban Development Department
Government of Odisha
DISTRICT URBAN DEVELOPMENT AGENCY, PURI
Quotation for supply of Appliances & Other Items for Aahar Kendras for District AAHAAR Society, Puri
Sealed Quotations are invited from reputed dealers, suppliers for supply of different appliances and furniture to be used in Kitchen & Counters under AAHAAR scheme in Puri District.
The last date of submission of the quotations: Dt. 15.01.2019 by 3.00 PM through Quotation Box only.
The detail quotation call notice can be viewed in the district website www.puri.nic.in.
Sd./-
PD, DRDA-cum-PD, DUDA, Puri

1090-A
GOVT. OF ODISHA
OFFICE OF THE ENGINEER-IN-CHIEF, WATER RESOURCES
ODISHA, BHUBANESWAR
'e' Procurement Notice No.CELMB 78 OF 2018-19
1. Name of the work : Weikhia Creek Irrigation Project under NABARD Assistance RIDF-XXIV.
2. Amount put to Tender : Rs.11,34,77,151.00
3. Bid Document Cost : Rs.10, 000.00 (Online)
4. E.M.D. : Rs. 11,34,800.00 (Online)
5. Class of Contractor : Special Class & Super Class
6. Period of Completion : 18 calendar months (548 Days)
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer, FC & Basin Manager, LMB, Bhubaneswar | CELMB KHD 05 OF 2018-19 | 14.01.2019 10.00 hrs | 29.01.2019 17.00 hrs | 30.01.2019 11.00 hrs |

8. e-mail Id : celmbbbsr@yahoo.co.in
Further detail conditions can be seen from the Govt. website www.tendersorissa.gov.in.
32252/11/0095/1819 Sd./- Chief Engineer FC & Basin Manager, Lower Mahanadi Basin

1332-O
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS CIRCLE, KENDRAPARA-JAJPUR
e mail - serw_kpd@yahoo.com
No. Tender Online RCK - 03/19 Letter No. Date:- 05.01.2019
e-Procurement NOTICE
1. Name of the work : Construction of Roads & CD works including maintenance for 5 years under ADB Assisted PMGSY work under RCIP-II Trench-I in the District Jajpur.
2. Class of Contractor : As specified in the Column- 5 of the Annexure.
3. Time for Completion : 6 (Six) calendar months for all Packages
4. Detail Projects : As per annexure attached
5. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender Clarification | Date &Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara- Jajpur | Tender Online RCK - 03/19 | 10.01.2019 at 11.00 AM | 25.01.2019 upto 11.00 AM | 22.01.2019 upto 2.00 PM | 25.01.2019 at 11.30 AM | 04.02.2019 at 11.00 AM |

The Original EMD & DD towards paper cost and affidavit regarding correctness of information furnished with Bid documents shall be physically furnished by the bidder in original before the Circle office within the specified period as mentioned in the NIT, otherwise his bid will be treated as invalid and rejected.
Further details can be seen from the website www.pmgsytenders.gov.in.
25129/11/0025/1819 Sd./- Superintending Engineer, Rural Works Circle, Kendrapara-Jajpur

ABSTRACT OF PROJECT PROPOSALS UNDER AGAB OF BARI BLOCK OF JAJPUR DISTRICT

| Sl. No. | Name of the GP | Total No. of Project | Estimated Cost (In Lakh) |
|---|---|---|---|
| 1 | ALLIPUR | 8 | 30.00 |
| 2 | AMATHPUR | 9 | 27.00 |
| 3 | ANGALO | 8 | 24.00 |
| 4 | ANYASIPUR | 7 | 21.00 |
| 5 | ARANGABAD | 7 | 21.00 |
| 6 | ATIRA | 8 | 26.00 |
| 7 | BAINISIRIA | 11 | 25.00 |
| 8 | BALIA | 8 | 24.00 |
| 9 | BALIBIL | 9 | 26.00 |
| 10 | BARI | 10 | 36.00 |
| 11 | BHANARA | 8 | 23.00 |
| 12 | BODUA | 9 | 27.00 |
| 13 | CHANDANPUR | 7 | 22.00 |
| 14 | DHARPUR | 12 | 31.00 |
| 15 | GAMU | 5 | 19.00 |
| 16 | GOLAKUND | 9 | 23.00 |
| 17 | ISHANPUR | 7 | 21.00 |
| 18 | KIMBIRIAPAL | 9 | 27.00 |
| 19 | KALAMATIA | 9 | 27.00 |
| 20 | MADHUSUDANPUR | 9 | 26.00 |
| 21 | MANDARI | 8 | 24.00 |
| 22 | MOHAKALPADA | 7 | 20.00 |
| 23 | RAMPA | 8 | 29.00 |
| 24 | RATALANGA | 7 | 21.00 |
| 25 | RATNAGIRI | 9 | 27.00 |
| 26 | SAHUPADA | 8 | 23.00 |
| 27 | SERAPUR | 7 | 21.00 |
| 28 | SWAINKHANDA | 8 | 24.00 |
| 29 | UDAYANATHPUR | 8 | 23.00 |
| | G. TOTAL | 239 | 718.00 |

Sd./- Block Development Officer, Bari
Sd./- Collector, Jajpur
Sd./- Project Director, DRDA, Jajpur




ଇଞ୍ଜୁରୀ ପାଇଁ ମୁଁ ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲରୁ ଓହରିଯାଇଥିଲେ ହେଁ ଅଷ୍ଟ୍ରେଲିଆନ ଓପନ ବେଳକୁ ଫିଟ୍ ହୋଇଯାଇଥିବି ।

–ରାଫାଲ ନାଡାଲ, ବିଶିଷ୍ଟ ଟେନିସ୍ ଖେଳାଳି



## ସଂକ୍ଷେପରେ

### ସୂର୍ଯ୍ୟକାନ୍ତଙ୍କ ପାଇଁ ଲକି ଗ୍ରାଉଣ୍ଡ

**ଭୁବନେଶ୍ୱର, ୮।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଅଲ୍‌ରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ପାଇଁ ବିକାଶ କ୍ରିକେଟ୍ ଗ୍ରାଉଣ୍ଡ୍ ବେଶ୍ ଲକି ସାବ୍ୟସ୍ତ ହୋଇଛି। ଗୋଆ ବିପକ୍ଷ ଚଳିତ ରଣଜୀ ମ୍ୟାଚ୍‌ରେ ସୂର୍ଯକାନ୍ତ ଓଡ଼ିଶାର ପ୍ରଥମ ଇନିଂସରେ ୨ୟ ସର୍ବାଧିକ ସ୍କୋର କରିଥିଲେ। ୮ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ସୂର୍ଯ୍ୟକାନ୍ତ ୫୯ ବଲରୁ ୫ ଚୌକା ଓ ୪ ଛକା ସହାୟତାରେ ୬୫ ରନ କରି ଆଉଟ୍ ହୋଇଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟରେ ଯାହା ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋରର ମାନ୍ୟତା ପାଇଛି। ସେହିଭଳି ବୋଲିଂରେ ମଧ ସୂର୍ଯ୍ୟକାନ୍ତ ୫ ଜଣ ଗୋଆ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇବାରେ ସଫଳ ହୋଇଥିଲେ। ପୂର୍ବରୁ ଡିସେମ୍ବର ୧୪ରୁ ୧୭ ପର୍ଯ୍ୟନ୍ତ ଏଠାରେ ରାଜସ୍ଥାନ ବିପକ୍ଷ ଖେଳାଯାଇଥିବା ମ୍ୟାଚରେ ମଧ ୨୬ ବର୍ଷୀୟ ସୂର୍ଯ୍ୟକାନ୍ତ ଅର୍ଦ୍ଧଶତକ ଅର୍ଜନ କରିଥିଲେ।

### ୩୫୦ କ୍ଲବରେ ବସନ୍ତ

**ଭୁବନେଶ୍ୱର, ୮।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ଅଭିଜ୍ଞ ଦ୍ରୁତ ବୋଲର ବସନ୍ତ ମହାନ୍ତି ପ୍ରଥମ ଶ୍ରେଣୀ କ୍ରିକେଟରେ ୩୫୦ ଉଇକେଟ୍ ଅକ୍ତିଆର କରିଛନ୍ତି। ଗୋଆ ବିପକ୍ଷରେ ଏଠାରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ବସନ୍ତ ଏହି କୃତିତ୍ୱ ହାସଲ କରିଛନ୍ତି। ଏହି ମ୍ୟାଚ୍ ପୂର୍ବରୁ ବସନ୍ତ ୯୦ ମ୍ୟାଚ୍‌ରୁ ୩୪୮ ଉଇକେଟ୍ ଅକ୍ତିଆର କରିଥିଲେ। ୩୫୦ କ୍ଲବରେ ସାମିଲ ହେବାକୁ ତାଙ୍କୁ ଆଉ ୨ ଉଇକେଟ୍ ଆବଶ୍ୟକ ହେଉଥିଲା। ଗୋଆ ଇନିଂସରେ ବସନ୍ତ ପ୍ରଥମେ ଓପନର୍ ସୁମିରନଙ୍କୁ ଆଉଟ୍ କରିଥିଲେ। ଏହାପରେ ସୂର୍ଯ୍ୟାଶ ପ୍ରଭୁଦେଶାଇଙ୍କୁ ସନ୍ଦୀପ ପଟ୍ଟନାୟକଙ୍କ ହାତରେ କ୍ୟାଚ୍ କରାଇ ବସନ୍ତ ଏହି ମାଇଲଷ୍ଟୋନ ଛୁଇଁଥିଲେ। ବସନ୍ତ ବର୍ତ୍ତମାନ ୯୧ ମ୍ୟାଚ୍‌ରୁ ୩୫୦ ଉଇକେଟ୍ ହାସଲ କରିସାରିଛନ୍ତି। ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ଏହି ଡାହାଣହାତୀ ଦ୍ରୁତ ବୋଲର ବର୍ତ୍ତମାନ ସୁଦ୍ଧା ୮ ମ୍ୟାଚ୍‌ରୁ ୪୦ ଉଇକେଟ୍ ଅକ୍ତିଆର କରିସାରିଛନ୍ତି।

## ■ ସୂର୍ଯ୍ୟକାନ୍ତଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

# ବୃହତ ଅଗ୍ରଣୀ ଅଭିମୁଖେ ଓଡ଼ିଶା

**ଭୁବନେଶ୍ୱର, ୮।୧(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଭ୍ରମଣକାରୀ ଗୋଆ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ବୃହତ ଅଗ୍ରଣୀ ଅଭିମୁଖେ ଅଗ୍ରସର ହେଉଛି। ଗ୍ରୁପ୍-ସି'ର ଏହି ମ୍ୟାଚ୍‌ର ମଙ୍ଗଳବାର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଘରୋଇ ଓଡ଼ିଶା ୨ୟ ଇନିଂସରେ ୧୧ ଓଭରରେ ଗୋଟିଏ ଉଇକେଟ୍ ହରାଇ ୩୭ ରନ ସଂଗ୍ରହ କରିଛି। ଅନୁରାଗ ଷଡ଼ଙ୍ଗୀ ୨୩ ଓ ଦେବାଶିଷ ସାମନ୍ତରାୟ ୯ ରନ କରି ଅପରାଜିତ ରହିଛନ୍ତି। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଓପନର୍ ସନ୍ଦୀପ ପଟ୍ଟନାୟକ ୨ୟ ଇନିଂସର ପ୍ରଥମ ବଲରେ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ହାତରେ ୯ ଗୋଟି ଉଇକେଟ ରହିଥିବାବେଳେ ଓଡ଼ିଶା ଏବେ ମୋଟ୍ ଉପରେ ୨୭୩ ରନରେ ଅଗ୍ରଣୀ ଲାଭ କରିଛି। ପୂର୍ବରୁ ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୩୫୨ ରନ ଜବାବରେ ଗୋଆ ୧୧୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶାର ଅଲ୍‌ରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଅର୍ଦ୍ଧଶତକ ସହ ୫ ଉଇକେଟ୍ ସଫଳତା ୨ୟ ଦିବସର ସବୁଠାରୁ ଉଲ୍ଲେଖନୀୟ ଘଟଣା ରହିଥିଲା।

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୨୯/୭ରୁ ଖେଳ ଆରମ୍ଭ କରି ଓଡ଼ିଶା ମଙ୍ଗଳବାର ଦମ୍‌ଦାର ବ୍ୟାଟିଂ କରିଥିଲା। ବିଶେଷ କରି ସିଜନରେ ପ୍ରଥମଥର ଲାଗି ଓଡ଼ିଶାର ନିମ୍ନକ୍ରମର ବ୍ୟାଟ୍ସମ୍ୟାନମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଫଳରେ ଓଡ଼ିଶା ୩୫୦ ରନ ଅତିକ୍ରମ କରିବାରେ ସଫଳ ହୋଇଥିଲା। ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ ଅଭିଷେକ ରାଉତ ଓ ସୂର୍ଯ୍ୟକାନ୍ତ ୮ମ ଉଇକେଟ୍‌ରେ ୭୮ ରନର ମୂଲ୍ୟବାନ ପାର୍ଟନରଶିପ କରିଥିଲେ। ଦଳୀୟ ସ୍କୋର ୨୭୮ ରନ ହୋଇଥିବାବେଳେ ଉଦୀୟମାନ ବ୍ୟାଟ୍ସମ୍ୟାନ ଅଭିଷେକ ୩୩ ରନ କରି ଦିବସର ପ୍ରଥମ ଖେଳାଳିଭାବେ ଆଉଟ୍ ହୋଇଥିଲେ।



ସୂର୍ଯ୍ୟକାନ୍ତ ପ୍ରଧାନ।

ତେବେ ସୂର୍ଯ୍ୟକାନ୍ତ ନିମ୍ନକ୍ରମରେ ବସନ୍ତ ମହାନ୍ତିଙ୍କ ସହ ମିଶି ଦଳୀୟ ସ୍କୋରକୁ ୩୦୦ ରନ ଅତିକ୍ରମ କରାଇବା ସହିତ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଦଳୀୟ ସ୍କୋର ୩୦୪ ହୋଇଥିବାବେଳେ ସୂର୍ଯ୍ୟକାନ୍ତ ୬୫ ରନ କରି ଆଉଟ୍ ହୋଇଥିଲେ। ୫୯ ବଲର ଇନିଂସ ମଧ୍ୟରେ ସୂର୍ଯ୍ୟକାନ୍ତ ୫ ଚୌକା ଓ ୪ ଛକା ମାରିଥିଲେ। ଏହାପରେ ଅନ୍ତିମ ଉଇକେଟ୍ ଯୋଡ଼ିରେ ବସନ୍ତ ଓ ରାଜେଶ ମହାନ୍ତି ୪୮ ରନର ମହତ୍ତ୍ୱପୂର୍ଣ୍ଣ ଭାଗୀଦାରି କରିବାରୁ ଓଡ଼ିଶା ୧୧୧.୫ ଓଭରରେ ୩୫୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବସନ୍ତ ୨୮ ରନ (୪୦ ବଲ୍, ୩ ଚୌକା, ୧ ଛକା) କରି ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ଆଉଟ୍ ହୋଇଥିଲେ। ତେବେ ଯୁବ ଖେଳାଳି ରାଜେଶ ୨୫ ବଲରୁ ୪ ଚୌକା ଓ ଗୋଟିଏ ଛକା ସହାୟତାରେ ୩୦ ରନ କରି ଅପରାଜିତ ରହିଥିଲେ। ଭ୍ରମଣକାରୀ ଗୋଆ ପକ୍ଷରୁ ଲକ୍ଷ୍ୟ ଗର୍ଗ ଓ ଅମେଘେ ସୁନୀଲ ଦେଶାଇ ୩ଟି ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଗୋଆର ଦୁଇ ଓପନର୍ ଅଧିନାୟକ ସଗୁନ କାମାତ (୪୩ ରନ) ଓ ସୁମିରନ ଅମୋନକର (୨୦ରନ) ଭଲ ଆରମ୍ଭ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୪୯ ରନ ସଂଗ୍ରହ କରିଥିଲେ। ତେବେ ଏହି ଯୋଡ଼ି ଭାଙ୍ଗିବା ପରେ ଗୋଆର ଅନ୍ତିମ ୯ ଉଇକେଟ୍ ଆଉ ୬୭ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଗୋଆ ମାତ୍ର ୧୧୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ ୫ ଉଇକେଟ୍ ନେଇଥିବାବେଳେ ବସନ୍ତ (୨) ଓ ରାଜେଶ (୨) ବଳକା ଉଇକେଟ ବାଣ୍ଟି ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

- ■ ଓଡ଼ିଶା ପ୍ରଥମ ଇନିଂସ- ୩୫୨/୧୦, ୧୧୧.୫ ଓଭର (ସନ୍ଦୀପ ୧୦୦, ସୂର୍ଯ୍ୟକାନ୍ତ ୬୫, ଶାନ୍ତନୁ ୫୯, ରାଜେଶ ୩୦*, ଅମୋଘ ୩/୭୭)।
- ■ ଗୋଆ ପ୍ରଥମ ଇନିଂସ- ୧୧୬/୧୦, ୩୯ ଓଭର (ସଗୁନ ୪୩, ସୁମିନରନ ୨୦, କିନାନା ଭାଜ ୧୭*, ସୂର୍ଯ୍ୟକାନ୍ତ ୫/୪୮)।
- ■ ଓଡ଼ିଶା ୨ୟ ଇନିଂସ- ୩୭/୧, ୧୧ ଓଭର (ଅନୁରାଗ ୩୩*, ଶାନ୍ତନୁ ୯*, ସନ୍ଦୀପ ୦, କ୍ରିଷ୍ଣନ ଦାସ ୧/୬)।

# ମାର୍ଚ୍ଚରେ ହେବ ଆଇପିଏଲ୍

**ନୂଆଦିଲ୍ଲୀ, ୮।୧(ପି.ଟି.)**

ଚଳିତ ବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପୂର୍ବବର୍ଷ ତୁଳନାରେ ଆଗୁଆ ଅର୍ଥାତ ମାର୍ଚ୍ଚ ୨୩ରୁ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ସେ ସମୟରେ ଦେଶରେ ସାଧାରଣ ନିର୍ବାଚନ ହେବାର ସମ୍ଭାବନା ରହିଛି। ତେଣୁ ଏହି ଟି୨୦ ମେଗାଇଭେଣ୍ଟର କିଛି ମ୍ୟାଚ ବିଦେଶରେ ଖେଳାଯିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ମାତ୍ର ସାଧାରଣ ନିର୍ବାଚନ ସତ୍ତ୍ୱେ ଆଇପିଏଲ ମ୍ୟାଚ ବିଦେଶରେ ଖେଳାଯିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଚେୟାରମ୍ୟାନ ବିନୋଦ ରାୟ ଓ ପୂର୍ବତନ ମହିଳା ଅଧିନାୟିକା ଡାଏନା ଇଡୁଲ୍‌ଜୀଙ୍କୁ ନେଇ ଗଠିତ ପ୍ରଶାସକ କମିଟି ବୈଠକ ଏଠାରେ ମଙ୍ଗଳବାର ବସିଥିଲା। ଏଥିରେ ଟି୨୦ ଲିଗ୍‌ର ଭେନ୍ୟୁ ଓ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ତ୍ତୃପକ୍ଷ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ସହିତ ଆଲୋଚନା କରାଯିବ। ବିଶେଷ ସ୍ଥଳରେ ଭେନ୍ୟୁକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରେ ବୋଲି ବୈଠକ ପରେ ରାୟ ସୂଚନା ଦେଇଛନ୍ତି। ନିର୍ବାଚନ ଘୋଷଣା ପରେ କୌଣସି ରାଜ୍ୟରେ ଭୋଟ ଗ୍ରହଣ, ପୁନଃ ଭୋଟ ଗ୍ରହଣ ଅବା ପ୍ରଧାନମନ୍ତ୍ରୀଙ୍କ ରାଲି ହୁଏ ସେ କ୍ଷେତ୍ରରେ ବିକଳ୍ପ ଭେନ୍ୟୁକୁ ପ୍ରସ୍ତୁତ କରି ରଖାଯିବ ବୋଲି ରାୟ ସୂଚନା ଦେଇଛନ୍ତି। ପୂର୍ବରୁ ଶେଷ ଥର ପାଇଁ ମାର୍ଚ୍ଚ ମାସରେ ଆଇପିଏଲ ୨୦୧୦ରେ ହୋଇଥିଲା। ଏହାପରଠାରୁ ଏହି ଲିଗ୍ ଏପ୍ରିଲ ପ୍ରଥମାର୍ଦ୍ଧରୁ ଆରମ୍ଭ ହୋଇ ମେ ମାସ ଶେଷ ଭାଗରେ ସମ୍ପନ୍ନ ହୋଇ ଆସୁଛି। ମେ ୩୦ରୁ ଇଂଲଣ୍ଡରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଆରମ୍ଭ ହେଉଥିବାରୁ ଚଳିତ ବର୍ଷ ଆଗୁଆ ଆଇପିଏଲ ଆୟୋଜନ କରାଯାଇଛି। ସରକାରୀ ଏଜେନ୍ସିଗୁଡ଼ିକ ସହିତ ଆଲୋଚନା ପରେ ଭେନ୍ୟୁ ଓ ମ୍ୟାଚ ତାରିଖ ଘୋଷଣା କରାଯିବ ବୋଲି ରାୟ କହିଛନ୍ତି। ଖବର ଅନୁସାରେ ଲୋକସଭା ନିର୍ବାଚନ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହେବାକୁଥିବାରୁ ଟୁର୍ନାମେଣ୍ଟର କାର୍ଯ୍ୟସୂଚୀରେ ପରିବର୍ତ୍ତନ ଆବଶ୍ୟକ ପଡ଼ିବ ନାହିଁ।




# ଅଙ୍ଗୁଳାଇ କପ୍: ଜୁଭେନାଇଲ ସେମିରେ

**ମାର୍ଶାଘାଇ, ୮।୧(ଡିଏନଏ):** ମାର୍ଶାଘାଇ ବ୍ଲକ୍ ଅଙ୍ଗୁଳାଇ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ୧୪ତମ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ସ୍ୱାନ କ୍ରିକେଟ କ୍ଲବ୍‌କୁ ହରାଇ କଟକର ଜୁଭେନାଇଲ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ସ୍ୱାନ ପ୍ରଥମେ ବ୍ୟାଟିଂ କରି ୨୩.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୭ରନ୍ ସଂଗ୍ରହ କରିଥିଲା। ଜବାବରେ ଜୁଭେନାଇଲ ୨୪ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରନେଇଥିଲା। ଜୁଭେନାଇଲ ଦଳ ତରଫରୁ ସର୍ବାଧିକ ୫୬(୩୬) ରନ୍ କରିଥିବା ଦେବାଶିଷ ସାମନ୍ତରାୟ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ବନ୍ଧୁକ ଚାଳନା ପ୍ରତିଯୋଗିତା



ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ବନ୍ଧୁକଚାଳନା ପ୍ରତିଯୋଗିତା।

**ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମ ଲକ୍ଷ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଗତ ୫ ଓ ୬ ତାରିଖ ଦୁଇଦିନଧରି ଅନୁଷ୍ଠିତ ହୋଇ ଯାଇଛି। ଉତ୍କଳ କରାଟେ ସ୍କୁଲରେ ଉପଲବ୍ଧ ଇଲେକ୍‌ଟ୍ରୋନିକ୍ ଶୁଟିଂ ରେଞ୍ଜରେ ଏହି ପ୍ରତିଯୋଗିତା ଜୁନିୟର ଓ ସିନିୟର ଏୟାର ରାଇଫଲ, ଏୟାର ପିସ୍ତଲ ବିଭାଗରେ ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଛି। ଏହାକୁ ମିଶାଇ ଚଳିତବର୍ଷ ମୋଟ ୬ଟି ପ୍ରତିଯୋଗିତା ଆୟୋଜନ ହେବ ଏବଂ ପ୍ରଦର୍ଶନ ଆଧାରରେ ରାଜ୍ୟ ଖେଳାଳି ର୍‌ୟାଙ୍କିଙ୍ଗ୍ କରାଯିବ। ୬ଷ୍ଠ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବା ପ୍ରତିଯୋଗୀଙ୍କୁ ଲକ୍ଷ୍ୟ ଓଡ଼ିଶା ଟ୍ରଫି ପ୍ରଦାନ କରାଯିବ ବୋଲି ଓଡ଼ିଶା ରାଇଫଲ ଆସୋସିଏଶନ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଟିମ୍ ଇଣ୍ଡିଆକୁ ଇମ୍ରାନଙ୍କ ଅଭିନନ୍ଦନ

**ଇସଲାମବାଦ୍, ୮।୧ (ପି.ଟି.):** ପ୍ରଥମ ଏସୀୟ ରାଷ୍ଟ୍ରଭାବେ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଜିତିବାର ବିରଳ କୃତିତ୍ୱ ହାସଲ କରିଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ଏହି ସଫଳତା ଲାଗି ପାକିସ୍ତାନ ପ୍ରଧାନମନ୍ତ୍ରୀ ତଥା ପ୍ରାକ୍ତନ କ୍ରିକେଟ ଅଧିନାୟକ ଇମ୍ରାନ ଖାଁ ଶୁଭେଚ୍ଛା ଜଣାଇଛନ୍ତି। 'ପ୍ରଥମ ଏସୀୟ ଦେଶ ଭାବେ ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଜିତିଥିବା ବିରାଟ କୋହଲି ଏବଂ ତାଙ୍କ ଦଳକୁ ଅଭିନନ୍ଦନ' ବୋଲି ଇମ୍ରାନ ଟୁଇଟ୍ ଯୋଗେ ଜଣାଇଛନ୍ତି। ଇମ୍ରାନ ପାକିସ୍ତାନ ପକ୍ଷରୁ ୮୮ ଟେଷ୍ଟ ଓ ୧୭୫ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଇମ୍ରାନ ଖାଁଙ୍କ ନେତୃତ୍ୱରେ ପାକିସ୍ତାନ ୧୯୯୨ ଆଇସିସି ବିଶ୍ୱକପ୍ ଚାମ୍ପିୟନ ହୋଇଥିଲା। ଏହି ବିଶ୍ୱକପ୍ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହୋଇଥିଲା। ପ୍ରକାଶଯୋଗ୍ୟ, ଅଷ୍ଟ୍ରେଲିଆ ବିପକ୍ଷ ଚାରି ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ଭାରତ ୨-୧ରେ ଜିତିଥିଲା। ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଖେଳିବାର ୭୧ ବର୍ଷ ପରେ ଭାରତ ଏହି ସୌଭାଗ୍ୟ ଲାଭ କରିଥିଲା।

# ଚଞ୍ଚଳା ଟ୍ରଫି ଫାଇନାଲରେ ଷ୍ଟଡ୍

**ରାଜନଗର, ୮।୧ (ଡି.ଏନ.ଏ.):** ବଡପଲ୍ଲୀସ୍ଥିତ ମିନିଷ୍ଟାଡିୟମରେ ପଲ୍ଲିଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟର ପ୍ରଥମ ସେମିଫାଇନାଲରେ ଯାଜପୁରର ଇଲେଭେନଷ୍ଟାରକୁ ୨୮ ରନରେ ହରାଇ ଖୋର୍ଦ୍ଧାର ଷ୍ଟଡ୍ କ୍ରିକେଟ ଆସୋସିଏଶନ ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ଖୋର୍ଦ୍ଧା ୨୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୯୯ ରନ କରିଥିଲା। ଏସ.ପ୍ରବୀଣ କୁମାର ୫୬, ପି. ରବିକିରଣ ୪୦, ଆଇ. ଏସ. ଗିରି ୩୦ ରନ କରିଥିଲେ। ୨୦୦ ରନ ବିଜୟ ଲକ୍ଷ୍ୟକୁ ପିଛାକରି ଯାଜପୁର ଦଳ ୨୯.୨ ଓଭରରେ ୧୭୧ ରନ କରିବାକୁ ସକ୍ଷମ ହୋଇଥିଲା। ସୌମ୍ୟେଶ ବିଶ୍ୱାଳ ୨୮, ଜ୍ଞାନ ରଞ୍ଜନ ସ୍ୱାଇଁ ୬୬ ରନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ କୋଇଲିପୁର ସେବା ସମବାୟ ସମିତିର ସମ୍ପାଦକ ଘନଶ୍ୟାମ ଜେନା, କୋଇଲିପୁର ପଞ୍ଚାୟତର ସମିତିସଭ୍ୟା ପୂର୍ଣ୍ଣିମା ପ୍ରଧାନ, ଆଇସିଆଇସିଆଇ ବ୍ୟାଙ୍କର ରାଜନଗର ଶାଖା ପରିଚାଳକ ସୁଧାଂଶୁ ଶେଖର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନିରୋଦ ବଳ, ସୁବାସ ଚନ୍ଦ୍ର ପ୍ରଧାନ ଖେଳ ପରିଚାଳନା କରିଥିଲେ।

## ■ ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ୍

# କଳିଙ୍ଗ ଟାଇଗର ସେମିରେ

**ବାଙ୍କୀ, ୮।୧ (ସ୍ୱ.ପ୍ର.):** ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡ଼ା ମହାବେରଣା କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟ ସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ ଖେଳ ମଙ୍ଗଳବାର ଖୋର୍ଦ୍ଧା କଳିଙ୍ଗ ଟାଇଗର ଓ ଅତ୍ରି ବାଘମାରୀ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳିଙ୍ଗ ଟାଇଗର ଦଳ ଅତ୍ରି ବାଘମାରୀକୁ ୧୬ରନରେ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଖୋର୍ଦ୍ଧା ୮ଉଇକେଟ୍ ହରାଇ ୨୩୮ରନ କରିଥିଲା। ସ୍ୱାଧୀନ ପାଇକରା ୫୧ ଏବଂ ବିଶ୍ୱଜିତ ମହାପାତ୍ର ୫୩ରନ୍ ସଂଗ୍ରହ କରିଥିଲେ। ବାଘମାରୀ ଦଳର ଅନିଲ ନାଏକ ଓ ବଣ୍ଟି ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ବାଘମାରୀ ଦଳ ୨୩୯ରନର ବିଜୟ ଲକ୍ଷ୍ୟନେଇ ୨୦ଓଭରରେ ୯ଉଇକେଟ ହରାଇ ୨୨୨ରନ କରିଥିଲା। ଖୋର୍ଦ୍ଧାର ଅମିତ ବେହେରା ୪ ଓ ସ୍ୱାଧୀନ ପାଇକରା ୨ଉଇକେଟ ନେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଖୋର୍ଦ୍ଧାର ସ୍ୱାଧୀନ ପାଇକରାଙ୍କୁ ସମ୍ମାନିତ ଅତିଥି ପୂର୍ବତନ ପଶୁଧନ ନିରୀକ୍ଷକ ଶଙ୍କର୍ଷଣ ନାଏକ ପୁରସ୍କୃତ କରିଥିଲେ। ଭଗବାନ ପ୍ରଧାନ ଶରତ ରାଉତ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ପ୍ରଭାତ ପଣ୍ଡା, ରମାକାନ୍ତ ସାହୁ ଓ ଘୋଷକ ସ୍ୱାଧନ ନାଏକ, ମୁନା ମହାନ୍ତି ଦାୟିତ୍ୱ ନିର୍ବାହ କରିଥିଲେ। ବୁଧବାର ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍ ଓ କଳିଙ୍ଗ ଟାଇଗର୍ସ ଖୋର୍ଦ୍ଧା ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସଦାଶିବ ଦାସ ପ୍ରକାଶ କରିଛନ୍ତି।



ସ୍ୱାଧୀନ ପାଇକରା ପୁରସ୍କାର ଗ୍ରହଣ କରୁଛନ୍ତି।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧ ୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା. 15131 **ନୋଟିସ୍** ତା 28.12.18

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିକି, ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନ କାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାରୀ କିଛି ଆପତ୍ତି ଥାଏ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ହେବ ନାହିଁ ।

| କ୍ର. ନଂ | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ✓ ଏମ୍. ମୁଲେର ପି-✓ଲାଜାରାଉସ୍ ମୁଲେର ଏଫ୍.ଏଲ୍-୨୭୫ ବାସନ୍ତୀ କଲୋନୀ ୪ର୍ଥ ପର୍ଯ୍ୟାୟ,ରାଉରକେଲା ଜି-ସୁନ୍ଦରଗଡ଼ | ଏଫ୍.ଏଲ୍-୨୭୫ ବାସନ୍ତୀ କଲୋନୀ ୪ର୍ଥ ପର୍ଯ୍ୟାୟ ରାଉରକେଲା ଜି-ସୁନ୍ଦରଗଡ଼ | ୧)ବେଲାରାଣି ମୁଲେର (ସ୍ତ୍ରୀ) ୨)ମୀରା ମୁଲେର (ବି.କନ୍ୟା) ୩)ସଜଲ କୁମାର (ପୁଅ) ୪)କୁମାର ଦେବାଶିଷ (ପୁଅ) ୫)ମୀତା ମୁଲେର (ବି.କନ୍ୟା) ୬)ସୀମା ମୁଲେର (କନ୍ୟା) |

ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**MUNICIPAL OFFICE, KENDRAPARA**
**'e' Procurement Notice No. 103/ Dt. 07.01.2019**
**Bid Identification No. KM-09-2018/19**

| | | | |
|---|---|---|---|
| 1 | Procurement Officer - Publisher / Officer Inviting the Tender / Bids (OIT) | : | Executive Officer, Kendrapara Municipality, Kendrapara |
| 2 | Name of the Work | : | Renovation of Mahabhoi Tank of Kendrapara Municipality in Ward No. 8 |
| 3 | Estimated Cost (Approx.) of the Works | : | Rs. 2,74,36,000/- |
| 4 | Date & Time of availability of bid document in the portal | : | From 11 A.M. of Dt. 09.01.2019 to 5 P.M. of Dt. 25.01.2019 |
| 5 | Date & Time of Technical bid Opening | : | 11 A.M. of 28.01.2019 |
| 6 | Date & Time of Financial bid Opening | : | 11 A.M. of 31.01.2019 |
| 7 | Period of completion | : | 12 Months |

(1) Other details can be seen from Detailed Notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

**Sd./- Executive Officer,**
**Kendrapara Municipality**



**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WORKS, BHUBANESWAR**
No.1340-O

Lr.No. 370 Dt. 07 .1.2019

**"e" Procurement Notice for bridge works in Odisha**
**(Online-9(Lumpsum-Bridge)/2018-19 dt. 05.1.2019)**

1. Name of the work : Constn. of bridge work
2. Total No. of works : 2(Two) nos.
3. Estimated cost : Varied from 1056.14 lakh to Rs 1945.95 lakh
4. Class of contractor : Spl. & Super Class as applicable
5. Period of completion : 24 (Twenty four) calendar months
6. Other details :

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Engineer-in-Chief, Rural Works, Odisha, Bhubaneswar | Online- 9(Lumpsum Bridge) /2018- 19 | 2 (Two) nos | 11.1.2019 at 11.00 AM | 28.1.2019 up to 3.00 PM |

Other details can be seen in the bidding documents, which is available in website **www.tendersorissa.gov.in**.

**Sd./- Engineer-in-Chief , Rural Works**
**Odisha, Bhubaneswar**

25123/11/0053/1819



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER,**
**RUKURA CANAL DIVISION, ROURKELA – 4**
Tele/Fax: 0661- 2664291, E-mail: eerid_rkl@yahoo.co.in

**SHORT QUOTATION CALL NOTICE NO: 02 /2018-19**

No.1098-A: Sealed Quotations in plain papers are invited by the Executive Engineer, Rukura Canal Division, Rourkela -4 on behalf of Governor of Odisha from the registered Firms/Authorized Dealers/Distributors Manufacturers having valid GSTIN Certificate, PAN Card, Service Tax registration for the following works as detailed in the table so as to reach the office of the undersigned on or before 18.01.2019 upto 1.00 P.M(on all working days). The quotation will be opened on same day i.e on dt.18.01.2019 at 4.00 PM in presence of the quotationers or their authorised representatives if they so desired . If the office happens to be closed on the scheduled date of opening, then the quotation will be opened on the next working day at the same time. The quotation shall be submitted separately for each work detailed below.

| Sl. No. | Name of the work | Unit | Estimated amount (Including G.S.T) in Rs | Security (EMD)in Rs | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Supplying, Fitting & Fixing of Siren (1 PH Horizontal durable mounting Siren motor operated 230V A.C of range 5 km. in the Dam site of Rukura Irrigation Project | 01 No | 68735.00 | 700.00 | 15( fifteen) days from the issue of purchase order |
| 2 | Procurement of 02nos 12V battery for Diesel Generator located at Spillway site of Rukura Irrigation Project | 01 No | 25000.00 | 300.00 | 07(Seven) days from the issue of purchase order |

Quotation must be accompanied by security deposit (EMD) of the amount specified for the work in the table above drawn in favour of Executive Engineer , Rukura Canal Division, Rourkela. Security deposit will have to be in any one of the forms as specified in the bidding document i.e. KVP/Postal Saving Account/Deposit receipt of scheduled Bank / Post Office Time Deposit Account duly pledged in favour of the Executive Engineer, Rukura Canal Division, Rourkela. Quotation must also be accompanied by photo copy of valid GSTIN Certificate, PAN card, contractor license/ Registration certificate if any.

The undersigned reserves the right to reject any or all quotations without assigning any reason thereof.

**Executive Engineer**
**Rukura Canal Division, Rourkela**

32087/11/0001/1819

ଭାରତ ବିପକ୍ଷ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆର ବ୍ୟାଟିଂ, ବୋଲିଂ, ସିଲେକ୍ସନ ଓ ରଣକୌଶଳରେ ତ୍ରୁଟି ରହିଥିଲା ।
–ମାଇକେଲ ଭନ୍, ପୂର୍ବତନ ଇଂଲଣ୍ଡ ଅଧିନାୟକ



ଭାରତର ଧୈର୍ଯ୍ୟପୂର୍ଣ୍ଣ ବୋଲିଂ ଆକ୍ରମଣ ବିରୋଧରେ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନମାନେ ଆକ୍ରମଣାତ୍ମକ ଖେଳିବା ଉଚିତ୍ ନ ଥିଲା ।
–ସିମନ୍ କାଟିଚ୍, ପୂର୍ବତନ ଅଷ୍ଟ୍ରେଲୀୟ ଖେଳାଳି



## ସଂକ୍ଷେପରେ

### ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ସିରିଜରୁ ବୁମ୍ରାଙ୍କୁ ବିଶ୍ରାମ

**ସିଡ୍ନୀ, ୮।୧(ପି.ଟି.):** ଚମତ୍କାର ଫର୍ମରେ ଥିବା ଯୁବ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ଦିନିକିଆ ଓ ନ୍ୟୁଜିଲାଣ୍ଡ ଟି୨୦ ସିରିଜରୁ ବିଶ୍ରାମ ଦିଆଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ଐତିହାସିକ ଟେଷ୍ଟ ସିରିଜ ବିଜୟ ପରେ ମଙ୍ଗଳବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁମ୍ରାଙ୍କୁ ଏହି ଦୁଇ ସୀମିତ ଓଭରବିଶିଷ୍ଟ ସିରିଜରୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛି। ବୁମ୍ରା ଏହି ସିରିଜରେ ୨୧ ଉଇକେଟ୍ ଅକ୍ତିଆର କରି ଅଷ୍ଟ୍ରେଲୀୟ ସ୍ପିନର ନାଥନ ଲିୟନଙ୍କ ସହ ଯୁଗ୍ମଭାବେ ବୋଲିଂରେ ଶୀର୍ଷରେ ରହିଥିଲେ। 'ବୋଲରଙ୍କ ଉପରୁ ଚାପ ହ୍ରାସ କରିବା ପାଇଁ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରୁ ବିଶ୍ରାମ ଦିଆଯାଇଛି' ବୋଲି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି। ଏହି ଦୁଇ ସିରିଜ ଲାଗି ପୂର୍ବରୁ ଘୋଷିତ ଭାରତୀୟ ଦଳରେ ବୁମ୍ରା ସାମିଲ ଥିଲେ। ବୁମ୍ରାଙ୍କ ସ୍ଥାନରେ ଉଦୀୟମାନ ବାମହାତୀ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ଏବଂ ପଞ୍ଜାବର ସିଦ୍ଧାର୍ଥ କଉଲଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଜାନୁୟାରୀ ୧୨ରୁ ସିଡ୍ନୀରେ ଆରମ୍ଭ ହେବ। ସେହିଭଳି ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ୫ ଦିନିକିଆ ଓ ୩ ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଦିନିକିଆ ସିରିଜ ଜାନୁୟାରୀ ୨୩ରୁ ନାପିଅରରେ ଏବଂ ଟି୨୦ ସିରିଜ ଫେବୃୟାରୀ ୬ରୁ ୱେଲିଂଟନରେ ଆରମ୍ଭ ହେବ।

### ୨୩ବର୍ଷରୁ କମ୍ ମହିଳା ଟି୨୦ ଦଳ ଘୋଷିତ

**କଟକ ଅଫିସ,୮।୧:** ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ରାଜକୋଟ ଠାରେ ୨୩ବର୍ଷରୁ କମ୍ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟ ଖେଳାଯିବ । ଉକ୍ତ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ମଙ୍ଗଳବାର ରାଜ୍ୟ ୧୫ଜଣିଆ ଦଳ ଘୋଷଣା କରାଯାଇଛି। ଗ୍ରୁପ-ଇରେ ଓଡ଼ିଶା ସ୍ଥାନ ପାଇଥିବା ବେଳେ ପ୍ରଥମ ୩ଟି ମ୍ୟାଚ୍ ନିମନ୍ତେ ଏହି ଦଳ ଚୟନ କରାଯାଇଛି । ଓଡ଼ିଶା ଦଳ: ସୁଶ୍ରୀ ଦିବ୍ୟଦର୍ଶିନୀ(ଅଧିନାୟିକା), କାଜଲ ଜେନା, ଅଞ୍ଜଳି ସିଂ, ରାଣୀ ଟୁଡୁ, ସୁମିତ୍ରା ସାହୁ(ଉଇକେଟ କିପର), ସୁନିତା ମୁର୍ମୁ, ଶୁଭ୍ର ନିର୍ଝରିଣୀ ସ୍ୱାଇଁ, ରାଜଶ୍ରୀ ସ୍ୱାଇଁ (ଉପଅଧିନାୟିକା), ଲୁଇସା ଦାସ, ବର୍ଷାରାଣୀ ସିଂ, ରିମାଲକ୍ଷ୍ମୀ ଏକ୍କା, ଇନ୍ଦ୍ରାଣୀ ଛତ୍ରିଆ, ରାମେଶ୍ୱରୀ ନାୟକ, କୁନି ଭଦ୍ର, ମୋନାଲିସା ରାଉତ ।

### ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ବୃହତ୍ ବିଜୟ

**କଟକ ଅଫିସ,୮।୧:** କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ୫ଟି ମ୍ୟାଚ୍ ଖେଳାଯାଇଛି । ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ବୃହତ୍ ରନ ବ୍ୟବଧାନରେ ହାଓଡା ଆଇଆଇଇଏସ୍‌ଟି ବିଶ୍ୱବିଦ୍ୟାଳୟକୁ ହରାଇଛି । ବର୍ଦ୍ଧମାନ ପ୍ରଥମେ ବ୍ୟାଟିଂ କରି ଓପନର ପ୍ରଦୀପ୍ତ ବାନାର୍ଜୀଙ୍କ ୧୦୧ରନ୍ ବଳରେ ୪ ଉଇକେଟ ହରାଇ ୨୬୨ରନ୍ କରିଥିଲା । ଜବାବରେ ହାଓଡା ୧୩୫ରନ୍‌ରେ ଅଲଆଉଟ ହୋଇଥିଲା । ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ଡିବ୍ରୁଗଡ଼ ବିଶ୍ୱବିଦ୍ୟାଳୟ ୧୦ ଉଇକେଟରେ ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ହରାଇଛି । ପ୍ରଥମେ ବ୍ୟାଟିଂ କରିଥିବା ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ ମାତ୍ର ୩୫ରନ୍‌ରେ ଅଲଆଉଟ ହୋଇଥିଲା। ବିନା ଉଇକେଟରେ ଡିବ୍ରୁଗଡ଼ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ କଲିକତା ବିଶ୍ୱବିଦ୍ୟାଳୟ ୮ ଉଇକେଟରେ ମଗଧ ବିଶ୍ୱବିଦ୍ୟାଳୟକୁ ହରାଇଥିଲା । ମଗଧ ପକ୍ଷରୁ ଧାର୍ଯ୍ୟ ୧୨୨ରନ୍‌ର ବିଜୟ ଲକ୍ଷ୍ୟକୁ କଲିକତା ୨ ଉଇକେଟ ବିନିମୟରେ ହାସଲ କରିଛି । ରେଭେନଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୨ରେ କଲ୍ୟାଣୀ ବିଶ୍ୱବିଦ୍ୟାଳୟ ୮ ଉଇକେଟରେ ଡିଡିୟୁ ଗୋରଖପୁରକୁ ହରାଇଥିଲା । ଅର୍ନବ ଭଟାଚାର୍ଯ୍ୟଙ୍କ ୮୬ରନ୍ ସହାୟତାରେ କଲ୍ୟାଣୀ ଦଳ ୮ ଉଇକେଟ ହରାଇ ୨୩୮ରନ୍ କରିଥିଲା । ଗୋରଖପୁର ୧୬୭ରନ୍‌ରେ ସମସ୍ତ ଉଇକେଟ ହରାଇ ପରାଜୟବରଣ କରିଥିଲା । ଡ୍ରିମ୍‌ସ ଗ୍ରାଉଣ୍ଡରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୧୦ ଉଇକେଟରେ ଗୁଆହାଟୀ ବିଶ୍ୱବିଦ୍ୟାଳୟକୁ ହରାଇଛି । ଗୁଆହାଟୀ ୮୪ରନରେ ଅଲଆଉଟ ହୋଇଥିବା ବେଳେ ବନାରସ ବିନା ଉଇକେଟରେ ମ୍ୟାଚକୁ ଜିତିଥିଲା ।

# ଇଷ୍ଟବେଙ୍ଗଲର କଷ୍ଟସାଧ୍ୟ ବିଜୟ

**ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ଆଇ-ଲିଗ୍ ଫୁଟବଲ ମ୍ୟାଚରେ ଶକ୍ତିଶାଳୀ ଇଷ୍ଟବେଙ୍ଗଲ ଯୁବ ଖେଳାଳିଙ୍କୁ ନେଇ ଗଠିତ ଇଣ୍ଡିଆନ ଆରୋଜ ବିପକ୍ଷରେ କଷ୍ଟସାଧ୍ୟ ବିଜୟ ହାସଲ କରିଛି। ଆରୋଜ୍‌ଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା ଇଷ୍ଟବେଙ୍ଗଲ ଶେଷରେ ୨-୧ ଗୋଲରେ ବିଜୟୀ ହୋଇ ୩ ପଏଣ୍ଟ ପାଇଛି। ବିଜୟୀ ଦଳ ପକ୍ଷରୁ ଲାଲଦାନମାୱିଆ(ପେନାଲ୍ଟି) ୨୬ ଓ ଜୋବି ଜଷ୍ଟିନ ୬୪ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ଆରୋଜ ପକ୍ଷରୁ ନିନ୍‌ଥୋଇ ୯୦ତମ

**ଆଇ-ଲିଗ୍**

ମିନିଟରେ ପେନାଲ୍ଟି ଜରିଆରେ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ଜୋବି ଜଷ୍ଟିନ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଚଳିତ ସିଜନରେ ଆଇ-ଲିଗ୍‌ର ଏହାଥିଲା ୬୦ତମ ମ୍ୟାଚ। ଇଷ୍ଟବେଙ୍ଗଲ ଅପେକ୍ଷାକୃତ ଶକ୍ତିଶାଳୀ ହୋଇଥିଲେ ହେଁ ଚମତ୍କାର ଖେଳିଥିଲା ଆରୋଜର ଯୁବ ବାହିନୀ। କଳିଙ୍ଗ ଷ୍ଟାଡିୟମକୁ ଘରୋଇ ପଡ଼ିଆଭାବେ ବ୍ୟବହାର କରୁଥିବା ଆରୋଜ ଉତ୍ସାହୀ ପ୍ରଦର୍ଶନ କରି ଇଷ୍ଟବେଙ୍ଗଲକୁ କଡ଼ା ଟକ୍କର ଦେଇଥିଲା। ପ୍ରଥମାର୍ଦ୍ଧରେ ଉଭୟ ଦଳ ପ୍ରାୟତଃ ସମକକ୍ଷ ପ୍ରଦର୍ଶନ କରିଥିଲେ। ଯୁବ ଆରୋଜର ଡିଫେନ୍ସ ଲାଇନ୍ ଶକ୍ତିଶାଳୀ ମନେ ହୋଇଥିବାବେଳେ ଅଭିଜ୍ଞତାର ଉପଯୋଗ କରିଥିଲା କଲିକତା ଦଳ। ଗୋଲ ଦେବାର ପ୍ରଥମ ସୁଯୋଗ ସୃଷ୍ଟି କରିଥିଲା ଆରୋଜ। ରାହୁଲ କେ.ପି.ଙ୍କଠାରୁ ଆସିଥିବା ଲଙ୍ଗ ପାସ୍‌କୁ ବିକ୍ରମ ପ୍ରତାପ ନିୟନ୍ତ୍ରଣକୁ ଆଣିଥିଲେ ହେଁ ଦୁର୍ଭାଗ୍ୟଜନକ ଭାବେ ଗୋଲରେ ପରିଣତ କରି ନ ପାରି ସୁଯୋଗ ହାତଛଡ଼ା କରିଥିଲେ। ଅନ୍ୟପକ୍ଷରେ ଅଧିକାଂଶ ସମୟ ମିଡ୍‌ଫିଲ୍ଡରେ ଖେଳିଥିବା ଇଷ୍ଟବେଙ୍ଗଲ ଆକ୍ରମଣ ପାଇଁ ସୁଯୋଗ ଅପେକ୍ଷାରେ ରହିଥିଲା। ମ୍ୟାଚର ୨୬ତମ ମିନିଟରେ ଆରୋଜ ବକ୍ସର ବାମ ପଟରୁ ଜେମି ସାଣ୍ଟୋସଙ୍କନିକଟରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ଲାଲଦାନମାୱିଆଙ୍କୁ ଇଷ୍ଟବେଙ୍ଗଲକୁ ୧-୦ରେ ଅଗ୍ରଣୀ କରାଇଥିଲେ। ୩୦ତମ ମିନିଟରେ ଅଗ୍ରଣୀ ବ୍ୟବଧାନକୁ ବଢ଼ାଇବା ପାଇଁ କଲିକତା ଦଳ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଥିଲା। ବକ୍ସ ଏରିଆ ଭିତରେ ଲାଲଦାନମାୱିଆଙ୍କୁ ଆରୋଜର ଜିତେନ୍ଦ୍ର ସିଂ ଫାଉଲ୍ ମାରିବାରୁ ଇଷ୍ଟବେଙ୍ଗଲକୁ ପେନାଲ୍ଟି ସୁଯୋଗ ମିଳିଥିଲା। ମାତ୍ର ଇଣ୍ଡିଆନ ଆରୋଜ ଗୋଲକିପର ପ୍ରଭସୁଖାନ ଗିଲ୍ ଚମତ୍କାର ସେଭ୍ କରି ପ୍ରତିପକ୍ଷ ଦଳ ଆଶାରେ ପାଣି ଭରିଥିଲେ।

ଦ୍ୱିତୀୟାର୍ଦ୍ଧରେ ଆରୋଜ ଦଳ ଅଧିକ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରି ଗୋଲ ପରିଶୋଧ ଉଦ୍ୟମ କରିଥିଲା। ଇଷ୍ଟବେଙ୍ଗଲର ରକ୍ଷଣଭାଗ ଦୁର୍ବଳ ମନେ ହୋଇଥିଲେ ହେଁ ଫରୱାର୍ଡମାନେ ଅଗ୍ରଣୀ ବ୍ୟବଧାନକୁ ବଢ଼ାଇବା ପାଇଁ ଉଦ୍ୟମ ଅବ୍ୟାହତ ରଖିଥିଲେ। ବକ୍ସ ଏରିଆ ମଧ୍ୟରେ ଆଉ ଏକ ତ୍ରୁଟି ଆରୋଜ ପାଇଁ ମହଙ୍ଗା ପଡ଼ିଥିଲା। ସାମଦ ମାରିଥିବା ଶଟ୍‌କୁ ଆରୋଜ ଗୋଲକିପର ଅଟକାଇ ଦେଇଥିଲେ ହେଁ ବଲ୍‌କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣି ପାରି ନ ଥିଲେ। ଗୋଲକିପରଙ୍କ ଦ୍ୱାରା ସେଭ୍ ହୋଇ ଫେରିଆସୁଥିବା ବଲ୍‌କୁ ଜୋବି ଜଷ୍ଟିନ ଗୋଲରେ ପରିଣତ କରି ୬୪ତମ ମିନିଟରେ ଇଷ୍ଟବେଙ୍ଗଲର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ମ୍ୟାଚ ଆଗକୁ ବଢ଼ିବା ସହ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଖେଳାଳିମାନେ ନିୟମ ବହିର୍ଭୂତ ଭାବେ ଖେଳିଥିବାରୁ ଦ୍ୱିତୀୟାର୍ଦ୍ଧରେ ୨ ଖେଳାଳିଙ୍କୁ ରେଡ୍‌କାର୍ଡ ମିଳିଥିଲା। ୫୬ତମ ମିନିଟରେ ଇଷ୍ଟବେଙ୍ଗଲର ଲାଲରାମ ଚୁଲୋଭା ଏବଂ ୮୪ତମ ମିନିଟରେ ଆରୋଜର ଅଙ୍କିତ ଯାଦବ (ଦ୍ୱିତୀୟ ହଳଦିଆ କାର୍ଡ) ଦଣ୍ଡିତ ହୋଇଥିଲେ। ଶେଷ ପର୍ଯ୍ୟନ୍ତ ମନୋବଳ ହରାଇ ନ ଥିବା ଆରୋଜ ଦଳକୁ ଶେଷରେ ସୁଫଳ ମିଳିଥିଲା। ୮୯ତମ ମିନିଟରେ ଆଶିଷ ରାୟଙ୍କୁ ଇଷ୍ଟବେଙ୍ଗଲର ମନୋଜ ଫାଉଲ୍ ମାରିବାରୁ ଆରୋଜକୁ ପେନାଲ୍ଟି ସୁଯୋଗ ଦିଆ ଯାଇଥିଲା। ୯୦ତମ ମିନିଟରେ ନିନ୍‌ଥୋଇ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ଅବଶିଷ୍ଟ ସମୟରେ ମ୍ୟାଚକୁ ସମାନ ସ୍ତରକୁ ଆଣିବା ପାଇଁ ଆରୋଜ ଉଦ୍ୟମ କରିଥିଲେ ହେଁ ଇଷ୍ଟବେଙ୍ଗଲ ତାହା ହେବାକୁ ଦେଇ ନ ଥିଲା।



ଇଣ୍ଡିଆନ୍ ଆରୋଜ ଓ ଇଷ୍ଟବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।



ଜୋବି ଜଷ୍ଟିନ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

### ନ୍ୟୁଜିଲାଣ୍ଡର କ୍ଲିନ୍‌ସୁଇପ୍

**ନେଲସନ (ନ୍ୟୁଜିଲାଣ୍ଡ), ୮।୧:** ଭେଟେରାନ ବ୍ୟାଟ୍ସମ୍ୟାନ ରସ୍ ଟେଲର ଓ ଉଦୀୟମାନ ତାରକା ହେନରୀ ନିକୋଲାସଙ୍କ ଶତକ ବଳରେ ଘରୋଇ ନ୍ୟୁଜିଲାଣ୍ଡ ମଙ୍ଗଳବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୧୧୫ ରନରେ ପରାସ୍ତ କରିଛି। ଏଥିସହ କେନ୍ ୱିଲିୟମସନଙ୍କ ଦଳ ସିରିଜକୁ ୩-୦ରେ କ୍ଲିନ୍‌ସୁଇପ୍ କରିଛି। ପୂର୍ବରୁ ପ୍ରଥମ ଓ ୨ୟ ଦିନିକିଆକୁ କିୱି ଦଳ ଯଥାକ୍ରମେ ୪୫ ଓ ୨୧ ରନରେ ଜିତିଥିଲା। ଜାନୁୟାରୀ ୧୧ରେ ସିରିଜର ଏକମାତ୍ର ଟି୨୦ ମ୍ୟାଚ୍ ଅକ୍‌ଲାଣ୍ଡରେ ଖେଳାଯିବ। ସ୍ଥାନୀୟ ସାକ୍ସଲନ ଓଭାଲରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୪ ଉଇକେଟ୍ ହରାଇ ୩୬୪ ରନର ବିଶାଳ ସ୍କୋର କରିଥିଲା। ଘରୋଇ ଦଳ ପକ୍ଷରୁ ୩୪ ବର୍ଷୀୟ ଟେଲର ସର୍ବାଧିକ ୧୩୭ ରନ କରିଥିଲେ। ଟେଲର ତାଙ୍କ ୨୦ତମ ଶତକୀୟ ଇନିଂସ ଅବସରରେ ୧୩୧ ବଲର ସାମ୍ନା କରି ୯ ଚୌକା ଓ ୪ ଛକା ମାରିଥିଲେ। ସେହିଭଳି ନିକୋଲାସ ୮୦ ବଲରୁ ୧୨ ଚୌକା ଓ ୩ ଛକା ସହାୟତାରେ ୧୨୪ ରନର ବିସ୍ଫୋରକ ଶତକ ହାସଲ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅଧିନାୟକ ୱିଲିୟମସନ (୫୫ ରନ) ମଧ୍ୟ ଉପଯୋଗୀ ବ୍ୟାଟିଂ କରିଥିଲେ। ଭ୍ରମଣକାରୀ ଶ୍ରୀଲଙ୍କା ପକ୍ଷରୁ ଅଧିନାୟକ ଲସିଥ୍ ମାଲିଙ୍ଗା ସର୍ବାଧିକ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଶ୍ରୀଲଙ୍କା ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ନିରୋଶାନ ଡିକ୍‌ୱେଲା (୪୬), ଧନଞ୍ଜୟ ଡି ସିଲ୍‌ଭା (୩୬) ଓ କୁଶଳ ପେରେରା (୪୩)ଙ୍କ ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ୪୧.୪ ଓଭରରେ ୨୪୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବ ମ୍ୟାଚ୍‌ରେ ବିସ୍ଫୋରକ ଶତକ ହାସଲ କରିଥିବା ଥିସାରା ପେରେରା ଏହିମ୍ୟାଚ୍‌ରେ ମଧ୍ୟ ୬୩ ବଲରୁ ୮୦ ରନ (୭ ଚୌକା, ୩ ଛକା) ମାରାଥନ ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ଜିତାଇ ପାରି ନ ଥିଲେ।






ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦଙ୍କଠାରୁ ପୁରସ୍କାର ଗ୍ରହଣ କରିବା ଅବସରରେ ଯାଶିତା ରାଉତ ଓ ଆରୁଷୀ ଶ୍ରୀଚନ୍ଦନ।

## ମୁମ୍ବାଇ ଇଣ୍ଟରନ୍ୟାଶନାଲ ଚେସ୍: ଆରୁଷୀ, ଯାଶିତା ପ୍ରଥମ

**ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)**

ମୁମ୍ବାଇ ଇଣ୍ଟରନ୍ୟାଶନାଲ ଚେସ୍ ଟୁର୍ଣ୍ଣାମେଣ୍ଟର ୪ର୍ଥ ସଂସ୍କରଣ ଡିସେମ୍ବର ୩୦ରୁ ଜାନୁୟାରୀ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ମୁମ୍ବାଇରେ ଅନୁଷ୍ଠିତ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ଆରୁଷୀ ଶ୍ରୀଚନ୍ଦନ ଓ ଯାଶିତା ରାଉତ ନିଜ ବୟସ ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୧୩ ବର୍ଷରୁ କମ୍ ଜୁନିୟର ଟୁର୍ଣ୍ଣାମେଣ୍ଟର ୯ ବର୍ଷରୁ କମ୍ ବୟସବର୍ଗରେ ଆରୁଷୀ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେହିପରି ୧୦ ବର୍ଷରୁ କମ୍ ବର୍ଗରେ ଯାଶିତା ପ୍ରଥମ ହୋଇଛନ୍ତି। ଫଳରେ ଟୁର୍ଣ୍ଣାମେଣ୍ଟରୁ ଆରୁଷୀ ୫୬ ଓ ଯାଶିତା ୧୩୭ ଏଲୋ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଆ ଖେଳାଳି ମନୀଷ କୁମାର ୧୩ ବର୍ଷରୁ କମ୍ ଜୁନିୟର କାଟେଗୋରିରେ ୪ର୍ଥ ସ୍ଥାନ ଅଧିକାର କରି ୪୪ ଏଲୋ ରେଟିଂ ପଏଣ୍ଟ ପାଇଛନ୍ତି। ଭାରତର ପ୍ରଥମ ଚେସ୍ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ଅତିଥିଭାବେ ଯୋଗଦେଇ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଓଡ଼ିଶା ପ୍ରତିଯୋଗୀଙ୍କୁ ଏସଆର ଚେସ୍ ସେଣ୍ଟର ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

### ରାମକୁମାର, ଅଙ୍କିତାଙ୍କ ବିଜୟ ଅଭିଯାନ

**ମେଲବୋର୍ନ, ୮।୧(ପି.ଟି.):** ଏଠାରେ ଆରମ୍ଭ ହୋଇଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତର ରାମକୁମାର ରାମନାଥନ ଓ ଅଙ୍କିତା ରାଇନା ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ତେବେ କର୍ମନ କୌର ଥାଣ୍ଡି ମହିଳା ସିଙ୍ଗଲ୍ସରୁ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ୨୧ତମ ସିଡ୍ ରାମକୁମାର ୬-୩, ୬-୨ ସିଧାସଳଖ ସେଟ୍‌ରେ ସ୍ପେନର ସର୍ଜିଓ ଗୁଇଟେରେଜ-ଫେରୋଲଙ୍କୁ ପରାସ୍ତ କରିଛନ୍ତି। ପ୍ରଜନେଶ ଗୁଣେଶ୍ୱରନ ବୁଧବାର କ୍ରୋଏସିଆର ଭିକ୍ଟର ଗାଲୋଭିକ୍‌ଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ। ଅପରକ୍ଷରେ ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ୨୦୫ତମ ସ୍ଥାନରେ ରହିଥିବା ଅଙ୍କିତା ୬-୨, ୬-୨ ସିଧାସଳଖ ସେଟ୍‌ରେ ଫ୍ରାନ୍ସର ମାୟରଟିଲେ ଜର୍ଜେସଙ୍କୁ ହରାଇ ଦେଇଛନ୍ତି। ଅଙ୍କିତା ପରବର୍ତ୍ତୀ ରାଉଣ୍ଡରେ ବିଶ୍ୱର ୧୪୦ତମ ର୍ୟାଙ୍କ୍ ସ୍ପେନର ପାଉଲା ବାଡୋସା ଗିବର୍ଟଙ୍କୁ ଭେଟିବେ।

### ହିରୋ ରାଇଡର୍ସଙ୍କ ମଧ୍ୟରେ ମେନା ଶ୍ରେଷ୍ଠ

**ଡାକାର ରାଲି**




**ପିସ୍କୋ (ପେରୁ), ୮।୧ (ପି.ଟି.)**

କଷ୍ଟସାଧ୍ୟ ଡାକାର ରାଲିରେ ହିରୋ ମୋଟୋ ସ୍ପୋର୍ଟ୍ସର ଆରମ୍ଭ ଉତ୍ସାହଜନକ ରହିଛି। ଟିମ୍‌ର ରାଇଡରମାନଙ୍କ ମଧ୍ୟରେ ସ୍ପେନର ଓରିଅଲ ମେନାଙ୍କ ପ୍ରଦର୍ଶନ ସବୁଠରୁ ଭଲ ରହିଛି। ଷ୍ଟେଜ୍-୧ ରେସ୍‌ରେ ସେ ୧୪ତମ ସ୍ଥାନରେ ରହିଥିବା ବେଳେ ତାଙ୍କ ଟିମ୍‌ମେଟ ତଥା ଭାରତର ସି.ଏସ. ସନ୍ତୋଷ ୨୦ତମ ସ୍ଥାନ ଅଧିକାର କରିଛନ୍ତି। ଲିମାରୁ ପିସ୍କୋ ପର୍ଯ୍ୟନ୍ତ ୮୪ କିଲୋମିଟର ବିଶିଷ୍ଟ ସ୍ପେଶାଲ ଷ୍ଟେଜ ଅନୁଷ୍ଠିତ ହୋଇଥିଲ। ଏଥିରେ ଭାରତୀୟ ରାଇଡର ସନ୍ତୋଷ ଲିଡର ତଥା ହୋଣ୍ଡା ଫ୍ୟାକ୍ଟ୍ରି ରେସିଂର ଜୋଆନ ବ୍ୟାରେଡାବୋର୍ଟ (୫୭ମିନିଟ ଓ ୩୬ ସେକେଣ୍ଡ)ଙ୍କଠାରୁ ୯ମ ମିନିଟ ୧୩ ସେକେଣ୍ଡ ପଛୁଆ ତାଙ୍କ ରେସ୍ ଶେଷ କରିଥିଲେ। ଡାକାର ହେଉଛି ବିଶ୍ୱର ସବୁଠାରୁ କଷ୍ଟସାଧ୍ୟ ଅଫ୍-ରୋଡ୍ ରାଲି। ଏହାର ପରବର୍ତ୍ତି ପର୍ଯ୍ୟାୟ ସାନ୍ ଜୁଆନ ଡି' ମାର୍କୋନାଠାରେ ହେବ। ସନ୍ତୋଷ ପ୍ରଥମ ଷ୍ଟେଜରେ ତାଙ୍କ ପ୍ରଦର୍ଶନ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଷ୍ଟେଜ୍‌ରେ ତାଙ୍କ ବାଇକ୍‌ର କୌଣସି କ୍ଷତି ଘଟିନାହିଁ।

# ଶରଥ-ମନିକାଙ୍କୁ ମିକ୍ସଡ ଡବଲ୍ସ ଟାଇଟଲ

**କଟକ ଅଫିସ,୮।୧**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ମିକ୍ସଡ ଡବଲ୍ସ ଟାଇଟଲ ଜିତିଛନ୍ତି ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ(ପିଏସ୍‌ପିବି) ଯୋଡ଼ି ଶରଥ କମଲ ଓ ମନିକା ବାତ୍ରା । ଫାଇନାଲରେ ଏହି ଯୋଡ଼ି ପିଏସ୍‌ପିବିର ଅନ୍ୟ ଏକ ଯୋଡ଼ି ମାନଭ ଠାକର-ଅର୍ଚ୍ଚନା ଗିରିଶ କାମଥଙ୍କୁ ପରାସ୍ତ କରିଛନ୍ତି । ପ୍ରଥମ ଦୁଇଟି ସେଟ୍ ଶରଥ-ମନିକାଙ୍କ ଅକ୍ତିଆରରେ ରହିଥିଲା । ୧୧-୯, ୧୨-୦ ପଏଣ୍ଟରେ ସେ ଏହି ଦୁଇଟି ସେଟ ଜିତିଥିଲେ । ୩ୟ ସେଟରେ ମାନଭ-ଅର୍ଚ୍ଚନା ୧୦-୧୨ ପଏଣ୍ଟରେ ଜିତି ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ । ମାତ୍ର ୪ର୍ଥ ତଥା ନିର୍ଣ୍ଣାୟକ ସେଟରେ ଏସିଆନ ଗେମ୍ସର ବ୍ରୋଞ୍ଜ ପଦକ ବିଜେତା ଯୋଡ଼ି ଶରଥ-ମନିକା ୧୧-୬ ପଏଣ୍ଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ପ୍ରତିଯୋଗିତାରୁ ଆୟୋଜକ ଓଡ଼ିଶାର ଅଭିଯାନ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି । ପୂର୍ବରୁ ଟିମ ଇଭେଣ୍ଟରେ ଦଳ

**ଜାତୀୟ ଟିଟି**

ବିଦା ହୋଇଥିବା ବେଳେ ମଙ୍ଗଳବାର ଖେଳାଯାଇଥିବା ସିଙ୍ଗଲ୍ସରେ ମଧ୍ୟ ଓଡ଼ିଶା ପ୍ରତିଯୋଗୀମାନେ ପରାସ୍ତ ହୋଇଛନ୍ତି । ସିଙ୍ଗଲ୍ସ ପୁରୁଷ ବର୍ଗ ମୁଖ୍ୟ ଡ୍ରରେ ଆସିଫ ହକ୍ ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ବେଳେ ଦ୍ୱିତୀୟ ରାଉଣ୍ଡରେ ତାମିଲନାଡୁର ଶିବାନନ୍ଦ ଶେଷାଦ୍ରୀଙ୍କଠାରୁ ୨-୩ରେ ହାରିଥିଲେ । ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଏମ. ଈଶ୍ୱର ରାଓ ମଧ୍ୟ ପ୍ରଥମ ରାଉଣ୍ଡରେ ବାଇ ପାଇ ଦ୍ୱିତୀୟ ରାଉଣ୍ଡରେ ହାରିଥିଲେ । ଈଶ୍ୱର ହରିୟାଣାର ଜୁବିନ କୁମାରଙ୍କଠାରୁ ୦-୩ ସେଟରେ ପରାସ୍ତ ହୋଇଛନ୍ତି । ସ୍ନେହମୟ ମଲ୍ଲିକ ପ୍ରଥମ ରାଉଣ୍ଡରେ ଆନ୍ଧ୍ରପ୍ରଦେଶର ଏସ୍. ପାଣ୍ଡେଙ୍କ ଠାରୁ ୧-୩ ସେଟରେ ପରାସ୍ତ ହୋଇ ସିଧାସଳଖ ବାଦ ପଡ଼ିଥିଲେ । କ୍ରିଷ୍ଣା ପୃଷ୍ଟି ଆସାମର ଅଲିକୋ ହାଜାରିକାଙ୍କ୍‌ଠାରୁ ମଧ୍ୟ ପ୍ରଥମ ରାଉଣ୍ଡରେ ୦-୩ ସେଟରେ ହାରି ବିଦାୟ ନେଇଛନ୍ତି । ଏକମାତ୍ର ମହିଳା ଓଡ଼ିଆ ଖେଳାଳି ଭାବେ ସିଙ୍ଗଲ୍ସ ଇଭେଣ୍ଟ ଖେଳିଥିବା ସମର୍ଥା ପୃଷ୍ଟି ପ୍ରଥମ ରାଉଣ୍ଡରେ ଅଡିଟ୍ସ ଆଣ୍ଡ ଆକାଉଣ୍ଟ୍ସ ଦଳର ପୂଜା ଶର୍ମାଙ୍କଠାରୁ ୧-୩ରେ ହାରିଥିଲେ ।



ମଙ୍ଗଳବାର ମିକ୍ସଡ୍ ଡବଲ୍ସ ଫାଇନାଲ୍ ଅବସରରେ ପ୍ରତିଯୋଗୀମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଜାନୁୟାରୀ ୯/୨୦୧୯ Rayagada, Wednesday, January 9/ 2019


ଭଣ୍ଡାରଘରଣୀ ମନ୍ଦିର ଛକ ନିକଟରେ ଚେୟାର ପକାଇ କଂଗ୍ରେସ ନେତାମାନେ ବସିଛନ୍ତି ।


ଝରିଗାଁ ଠାରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି।


ଡିୱାଇଏଫଆଇ ସଂଗଠନର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଜିଲାଭିତ୍ତିକ ନିଯୁକ୍ତି ଦାବିରେ ବନ୍ଦ

## ବୁଧବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ନବରଙ୍ଗପୁର/ଝରିଗାଁ/ରାଇଘର,୮।୧(ବି.ପ୍ର./ସ୍ୱ.ପ୍ର/ଡି.ଏନ.ଏ)

ଜିଲା ଭିତ୍ତିକ ନିଯୁକ୍ତି ଦାବିରେ ନବରଙ୍ଗପୁର ଜିଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ମଙ୍ଗଳବାର ସଫଳ ହୋଇଛି। ଭାରତର ଗଣତାନ୍ତ୍ରୀକ ଯୁବ ଫେଡେରେସନ(ଡିୱାଇଏଫଆଇ)ର ଜିଲା ଆଦିବାସୀ ଯୁବ ସଂଗଠନ, ଶିକ୍ଷିତ ବେକାରୀ ସଂଘ, ଆଦିବାସୀ ଅଧିକାର ମଞ୍ଚ ଓ ଗଣ୍ଡୋୱାନା ଛାତ୍ର ସଙ୍ଗଠନ ମିଳିତ ଭାବେ ବନ୍ଦ ଡାକରା ଦେଇଥିଲେ। ଅନୁଷ୍ଠାନର କର୍ମକର୍ତ୍ତାମାନେ ଭଣ୍ଡାର ଘରଣୀ ମନ୍ଦିର ନିକଟ ଚାଉଁରିଆଗୁଡା ଓ ମାଝିଗୁଡା ଛକରେ ରାସ୍ତା ଅବରୋଧ କରିଥିଲେ । ଏହା ଦ୍ୱାରା ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥଲା । ସରକାରୀ କାର୍ଯ୍ୟାଳୟ ଗୁଡିକ ଖୋଲା ଥିବାରୁ ଆନ୍ଦୋଳନକାରୀମାନେ ବନ୍ଦ କରିବାକୁ ଉଦ୍ୟମ କରିଥିଲେ । ଯାନବାହାନ ଚଳାଚଳ ବନ୍ଦ କାରଣରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା । ଆନ୍ଦୋଳନକୁ ଦୃଷ୍ଟିରେ ରଖି ସମସ୍ତ ଦୋକାନ ବଜାର ମଧ ବନ୍ଦ ରହିଥିଲା । ଏହି ବନ୍ଦ ଡାକରାକୁ ଯୁବ ଫେଡେରେସନର ସଂଯୋଜକ ରାଜେସ ଜାନୀ, ଜିଲା ଗୋଣ୍ଡୱାନା ଛାତ୍ର ସଂଘର ସଭାପତି ଅଶ୍ୱିନୀ କୁମାର ଗଣ୍ଡ, ଶିକ୍ଷିତ ବେକାରୀ ସଂଘର ସଭାପତି ଛଙ୍କା ଭତ୍ରା, ନବରଙ୍ଗପୁର ଜିଲା ବିକାଶ ପରିଷଦର ସଭାପତି ସରାଜ ଉଦ୍ଦିନ ଅହମ୍ମଦଙ୍କ ସମେତ ବହୁ ବେକାରୀ ଯୁବତୀ ଯୁବକମାନେ ଏହାର ନେତୃତ୍ୱ ନେଇଥିଲେ । ପୂର୍ବାହ୍ନ ପ୍ରାୟ ୧୦ଟାରେ ଜିଲା କଂଗ୍ରେସ କମିଟି ବନ୍ଦକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲା । ଏଥିରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପୂର୍ବତନ ବିଧାୟକ ସଦନ ନାୟକ, ଜିଲା ଉପସଭାପତି ଦିଲ୍ଲିପ ବେହେରା, ଜିଲା ଆଦିବାସୀ କଂଗ୍ରେସ ସଭାପତି ଅଖିଳ ଭତ୍ରା, ପଶ୍ଚିମାଞ୍ଚଳ କଂଗ୍ରେସ ଜୋନାଲ ସଂଖ୍ୟା ଲଘୁ ସେଲର ଅଧକ୍ଷ ଅବଦୁଲ ଫିରୋଜ, ଲୋକସଭା ଯୁବ ସଭାପତି ତାଜ ଇମ୍ରାନ ସରିଫ, ନଗର ସଭାପତି ଉତ୍ତମ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ । ଭଣ୍ଡାର ଘରଣୀ ମନ୍ଦିର ଛକ ତଥା ୨୬ ନମ୍ବର ଜାତୀୟ ରାଜପଥ ଉପରେ ଚେୟାର ପକାଇ ରାସ୍ତା ଅବରୋଧ କରିଥିଲେ । ରାଜ୍ୟ ସରକାର ଜିଲା ସ୍ତରୀୟ ନିଯୁକ୍ତି ଦେବାକୁ ଦାବୀ କରିଥିଲେ । ଦାବୀ ପୂରଣ ନହେବା ଯାଏ ବୁଧବାର ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯିବ ବୋଲି ମିଳିତ ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଟ୍ରେଡ ୟୁନିୟନ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ପରିପ୍ରେକ୍ଷିରେ ଦରଦାମ ନିୟନ୍ତ୍ରଣ, ବେକାରୀ ନିଯୁକ୍ତି, ଶ୍ରମିକ ମୂଲ୍ୟ ସର୍ବନିମ୍ନ ୧୮ ହଜାରଟଙ୍କା, ଶ୍ରମ ଆଇନ ସଂଶୋଧନ ଓ କଡାକଡି ପାଳନ, ଠିକାଦାର ଓ ଆଉଟ ସୋର୍ସିଂ ବନ୍ଦ, ସମାନ କାମକୁ ସମାନ ଦରମା ଦାବିକୁ ସଂଗଠନ ପକ୍ଷରୁ ସମର୍ଥନ କରାଯାଇଛି। ସେହିପରି ଜିଲା ଭିତ୍ତିକ ନିଯୁକ୍ତି ଦାବିରେ ଝରିଗାଁ ବ୍ଲକ ସଦର ମହକୁମା ଠାରେ ଜିଲା ମିଳିତ ମଞ୍ଚ ତରଫରୁ ବନ୍ଦ ପାଳନ କରାଯାଇଥିଲା । ଯାହାଫଳରେ ସମସ୍ତ ଗାଡି ଚଳାଚଳା ବନ୍ଦ ରହିବା ସହ ଦୋକାନ ବଜାର, ସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା । ଫଳରେ ସାଧାରଣ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସକାଳ ୬ଟାରୁ ଟାୟାର ଜାଳି ବିକ୍ଷୋଭକାରୀମାନେ ଛକରେ ରାସ୍ତା ଅବରୋଧ କରିଥିଲେ । ଏହି ବନ୍ଦ ଡାକରାରେ ନଗେନ୍ଦ୍ର ମାଝୀ, କପିଳ ମାଝୀ, ଇନ୍ଦ୍ରମଣୀ ମାଝୀ, କୈଳାଶ ପାଣ୍ଡେ, ପ୍ରତାପ ମାଝୀ, ପିତାମ୍ବର ପାଣ୍ଡେ, ଆସମନ ମାଳି, ବଳଭଦ୍ର ମାଝୀ, ପଦୁରାମ ଭତ୍ରା, ଅରକ୍ଷିତ ଧରୁଆ, ରଘୁନାଥ ସୋରୀ ଏବଂ ପିଣ୍ଟୁ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ରାଇଘର ବ୍ଲକରେ ମଧ ଜିଲା ଭିତ୍ତିକ ନିଯୁକ୍ତି ଦାବି ନେଇ ବସଷ୍ଟାଣ୍ଡ ହନୁମାନ ମନ୍ଦିର ନିକଟରେ ରାସ୍ତା ଅବରୋଧ କରାଯାଇଥିଲା । ଦୋକାନ ବଜାର, ସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା । ନିତିଆ ଗଣ୍ଡ, ଯତିନ୍ଦ୍ର ନାଥ ଗଣ୍ଡ, ଗୁପ୍ତେଶ୍ୱର ଝାଙ୍କର ଓ ଶିକ୍ଷିତ ବେକାର ଯୁବତୀ ଯୁବକ ଏଥିରେ ସାମିଲ ହୋଇଥିଲେ ।


ରାଇଘରଠାରେ ବନ୍ଦରେ ସାମିଲ ହୋଇଥିବା ଶିକ୍ଷିତ ଯୁବତୀ, ଯୁବକ ଓ ଅନ୍ୟମାନେ।

## ୧୧ ରେ ଅଙ୍ଗନୱାଡି ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ନବରଙ୍ଗପୁର,୮।୧(ବି.ପ୍ର.)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଜିଲା ଅଙ୍ଗନୱାଡି ସଂଘ ପକ୍ଷରୁ ଆସନ୍ତା ୧୧ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଓ ଜେଲଭରୋ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । କାର୍ଯ୍ୟରତ ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କରିବା, ସର୍ବନିମ୍ନ ୧୮ ହଜାର ଟଙ୍କା ମାସିକ ଦରମା ପ୍ରଦାନ, ଯୋଗ୍ୟତା ଭିତ୍ତିରେ ଶତ ପ୍ରତିଶତ ପଦୋନ୍ନତି ପ୍ରଭୃତି ଦାବିରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଜିଲା ଅଙ୍ଗନୱାଡି ସଂଘ ରାଜ୍ୟ ଉପସଭାନେତ୍ରୀ ସବିତା ନାୟକ ଓ ଭାରତୀୟ ମଜଦୂର ସଂଘର ଜିଲା ସମ୍ପାଦକ ପରମେଶ୍ୱର ବିଷୋୟୀ ସୂଚନା ଦେଇଛନ୍ତି ।

## ପ୍ରାଥମିକ ଶିକ୍ଷକ ସଂଘ ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଚାନ୍ଦିଲି(କୋଟପାଡ଼), ୮।୧(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସଂଘ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ପ୍ରଫୁଲ୍ଲ ପଟ୍ଟନାୟକଙ୍କ ଆବାହନରେ ଆୟୋଜିତ କାର୍ଯ୍ୟକ୍ରମରେ ମିଳିତ ପ୍ରାଥମିକ ସଂଘ ସଭାପତି ମୋହନ ପଟ୍ଟନାୟକ, ସମ୍ପାଦକ ସନ୍ତୋଷ ପାଢୀ, ସାଙ୍ଗଠନିକ ସମ୍ପାଦକ ପ୍ରଦୀପ ପ୍ରଦାନ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ଗୁପ୍ତେଶ୍ୱର ରାଓ ସଂଘ ପତାକା ଉତ୍ତୋଳନ କରିଥିଲେ। ଅତିଥିମାନେ ଦିବସର ଆଭିମୁଖ୍ୟ ସମ୍ବନ୍ଧରେ ଜଣାଇବା ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ସଂଘୀୟ ଭାବନାରେ ଉଦ୍‌ବୁଦ୍ଧ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ କରାଯାଉଛି। ସେ ସବୁ କାର୍ଯ୍ୟକ୍ରମରୁ ସେମାନଙ୍କୁ ବାଦ ଦେବାକୁ ସରକାରଙ୍କ ନିକଟରେ ବାଦ୍ ଦେବାକୁ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟ କରିବେ ବୋଲି କୋରାପୁଟ ଜିଲାପାଳ ଦେଇଥିବା ନିର୍ଦ୍ଦେଶକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏହି ନିୟମ କ'ଣ ପାଇଁ କେବଳ କୋରାପୁଟ ଜିଲାରେ ଲାଗୁ କରା ଯାଇଛି ବୋଲି ସଂଘ ପ୍ରଶ୍ନ କରିଛି। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଗୁପ୍ତେଶ୍ୱର ରାଓ, ପବିତ୍ର ନାୟକ, ବାଲାଜୀ ନାୟକ, କୈଳାଶ ବିଷୋଇ ପ୍ରମୁଖଙ୍କ ସମେତ ସିଆର୍‌ସିସି ଏବଂ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

■ ସଂଗ୍ରାମୀ ରବିସିଂ ମାଝି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# କୋଇଲାରୀ ଦଳ ବିଜୟୀ

ଡାବୁଗାଁ,୮।୧ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କୋଇଲାରୀ ଗ୍ରାମରେ ସଂଗ୍ରାମୀ ରବିସିଂ ମାଝୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଯାଇଛ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ କୋଇଲାରୀ ଦଳ ଓ ନଙ୍ଗଳଧରା ଦଳ ମଧରେ ଅନୁଷ୍ଠିତ ହୋଇଥିଲା । ଏଥିରେ କୋଇଲାରୀ ଦଳ ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲା । ୧୨୬ ରନର ବିଜୟ ଲକ୍ଷ୍ୟରେ ନଙ୍ଗଳଧରା ଦଳ ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। କୋଇଲାରୀ ଦଳ ୮ ରନରେ ବିଜୟୀ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ଭୁଜବଳ ମାଝୀ ଯୋଗ ଦେଇ ବିଜୟୀ କୋଇଲାରୀ ଦଳକୁ ୮ ହଜାର ୧ଟଙ୍କା ସହ ସିଲ ଓ ପରାଜିତ ଦଳକୁ ୬ ହଜାର ଟଙ୍କା ସହ ସିଲ ପ୍ରଦାନ କରିଥିଲେ । କୋଇଲାରୀ ଦଳର ସୁନାଧର ମାଝୀ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ବଂଶୀଧର ମାଝୀ, ବିଧାୟକ ପ୍ରତିନିଧି ଜି. ସାଇରାଜୁ, କୋଇଲାରୀ ପଞ୍ଚାୟତ ସରପଞ୍ଚ ଚନ୍ଦ୍ରୀ ଭତ୍ରା, ପ୍ରକାଶ ଚନ୍ଦ୍ର ପଣ୍ଡା, ଗୁପ୍ତ ବିଶୋୟୀ, ବାବି ଜେନା, ଆଶୁତୋଷ ଜେନା, ରାମେଶ୍ୱର ପାଣିଗ୍ରାହୀ, ରାମସିଂ ମାଝୀ, ଇଶ୍ୱର ମାଝୀ, ନିଧି ମାଝୀ, ଯୁଗୋଳ କଲାର, ଦୟାନିଧି କଲାର, ସାଧୁ ପନକା ଓ ସୋମନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଆମ୍ପାୟାର ଭାବେ ମୁନା ମାଝୀ ଓ ରାମଫୁଲ ଭତ୍ରା ମ୍ୟାଚ ପରିଚାଳନା କରିଥିଲେ । ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟିର ଲଳିତ ମାଝୀ, ଭକଚନ୍ଦ ମାଝୀ, ଦୁର୍ଜନ ମାଝୀ, କର୍ଣ୍ଣ କଲାର, ଅନିରୁଦ୍ଧ ମାଝୀ, ମନବୋଧ ବିନ୍ଧାଣି, ବଇଦୁ ଭତ୍ରା ଓ ରାଜମନ ଭତ୍ରା ପ୍ରମୁଖ ପରିଚାଳନା କରିଥିଲେ।


ବିଜୟୀ ଦଳ ସହ ଅତିଥିମାନେ ।

# ଅବ୍ୟବସ୍ଥାରେ ଚାଲିଛି ଛାତ୍ରୀନିବାସ

■ ଆରମ୍ଭ ହେବାର ୬ମାସ ପରେ ମଧ ପିଲାଙ୍କୁ ମିଳିନି ବେଡ୍
■ ନିମ୍ନମାନର ଖାଦ୍ୟ ମିଳୁଥିବା ଅଭିଯୋଗ
■ ଅବ୍ୟବସ୍ଥା ଯୋଗୁ ହଷ୍ଟେଲ ଖୋଲିବାର ୮ଦିନ ପରେ ବି ଆସି ନାହାନ୍ତି ଅଧା ଛାତ୍ରୀ

ଦଶମନ୍ତପୁର, ୮।୧(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରରେ ଗତ ଅଗଷ୍ଟ ମାସରେ ୧୧୦ ଶର୍ଯ୍ୟା ବିଶିଷ୍ଟ ଏକ ଛାତ୍ରୀନିବାସ ଖୋଲାଯାଇଛି। ହଷ୍ଟେଲ ଖୋଲିବାର ଦୀର୍ଘ ୬ମାସ ପରେ ମଧ ଛାତ୍ରୀମାନଙ୍କୁ ସମସ୍ତ ସୁବିଧା ମିଳି ପାରିନାହିଁ। ଛାତ୍ରୀମାନଙ୍କ ପାଇଁ ବେଡ୍‌ର ବ୍ୟବସ୍ଥା ନାହିଁ। ବାଧ ହୋଇ ପ୍ରବଳ ଥଣ୍ଡା ସତ୍ତ୍ୱେ ସେମାନେ ଚଟାଣରେ ପଟି ପକାଇ ଶୋଇବାକୁ ବାଧ ହେଉଛନ୍ତି। ହଷ୍ଟେଲ ଚାରି ପାଖରେ ପାଚେରି ନ ଥିବାରୁ ଅସାମାଜିକ ଲୋକ ସେଠାରେ ପ୍ରବେଶ କରନ୍ତି। ଫଳରେ ଛାତ୍ରୀମାନେ ନିଜକୁ ସୁରକ୍ଷିତ ମଣୁ ନ ଥିବା କହିଛନ୍ତି। ହଷ୍ଟେଲର ଅସୁରକ୍ଷିତ ପରିବେଶ ପାଇଁ ଗତ ୨ ତାରିଖରେ ଏହା ଖୋଲିବା ପରେ ମଧ ଅନେକ ଛାତ୍ରୀ ଏଠାକୁ ଆସି ନ ଥିଲେ। ୧୧୦ ଛାତ୍ରୀଙ୍କ ମଧରୁ ୮ ତାରିଖ ସୁଦ୍ଧା ମୋଟ ୫୬ଜଣ ଛାତ୍ରୀ ହଷ୍ଟେଲକୁ ଆସିଛନ୍ତି। ଛାତ୍ରୀମାନେ ହଷ୍ଟେଲକୁ କିଭଳି ଆସିବେ ସେଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଚର୍ଚ୍ଚା ହେଉଛି। ସେହିଭଳି ଏଠାରେ ଅତି ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ଅସୁରକ୍ଷିତ ପରିବେଶ ଓ ବିଭିନ୍ନ ସୁବିଧା ମିଳୁ ନ ଥିବାରୁ ହଷ୍ଟେଲକୁ ଆସୁନାହୁଁ ବୋଲି ଛାତ୍ରୀମାନେ କହିଛନ୍ତି। ଆମକୁ ସୁରକ୍ଷିତ ପରିବେଶ ଓ ସମସ୍ତ ସୁବିଧା ନ ମିଳିଲେ ହଷ୍ଟେଲ ଛାଡିବାକୁ ବାଧ ହେବୁ ବୋଲି ଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ସ୍ୱପ୍ନେଶ୍ୱର ନାୟକଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, 'ସରକାର ଛାତ୍ରୀମାନଙ୍କ ପାଇଁ ବେଡ୍ ଦେଇ ନାହାନ୍ତି। ପିଲା ପିଛା ମାତ୍ର ୮୦୦ଟଙ୍କା ମିଳୁଛି। ଏଥିରେ ଚଳାଇବା କଷ୍ଟକର। ବାକି କରି ମୁଁ ହଷ୍ଟେଲ ଚଳାଉଛି ବୋଲି ସେ କହିଛନ୍ତି। ହଷ୍ଟେଲରେ ରହିଥିବା ସମସ୍ୟା ସମାଧାନ ପାଇଁ ଡବ୍ଲ୍ୟୁଇଓ ହରିଶ୍ଚନ୍ଦ୍ର ଚୋର୍ଙ୍କରା ପ୍ରତିଶ୍ରୁତି ଦେଇଛନ୍ତି।


ଅଭିଯୋଗ ଜଣାଉଥିବା ଛାତ୍ରୀମାନେ ।








Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ